DHARITRI

ଭୁବନେଶ୍ୱର, ଗୁରୁବାର, ମେ' ୨୫/୨୦୨୩ (୧୮ ପୃଷ୍ଠା) Bhubaneswar, Thursday, May 25/2023 Page 18 ₹ 7.00

୪୯ଶ ଭାଗ ୧୭୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 179 ମୂଲ୍ୟ ₹୭/-



**ଜୁନ୍ ୯ରେ ଶାହିଦଙ୍କ 'ବ୍ଲଡି ଡାଡି'**

ବଲିଉଡ୍ ଅଭିନେତା ଶାହିଦ କପୁରଙ୍କ ଆଗାମୀ ଫିଲ୍ମ 'ବ୍ଲଡି ଡାଡି' ଆସନ୍ତା ଜୁନ୍ ୯ରେ ରିଲିଜ୍ ହେବ।

୧୨

୧୮

**ନବୀନଙ୍କ ପ୍ରଭାବୀ ବୋଲିଂ**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ବୁଧବାର ଅନୁଷ୍ଠିତ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଏଲିମିନେଟର ମ୍ୟାଚରେ ପ୍ରଭାବୀ ବୋଲିଂ କରିଛନ୍ତି ଲକ୍ଷ୍ମୌ ସୁପର ଜାଏଣ୍ଟ୍ସର ନବୀନ-ଉଲ-ହକ୍।



# ବଦଳିଲା ମାଟ୍ରିକ ପରୀକ୍ଷା ଢାଞ୍ଚା

- **ବର୍ଷରେ ଗୋଟିଏ ପରୀକ୍ଷା ଦେବେ ପରୀକ୍ଷାର୍ଥୀ**
- **ଉଠିଲା ସମ୍ମେଟିଭ ଆସେସ୍‌ମେଣ୍ଟ ବ୍ୟବସ୍ଥା**
- **ବୋର୍ଡ କରିବନି ୯ମ ଶ୍ରେଣୀ ପରୀକ୍ଷା, ପ୍ରଶ୍ନପତ୍ର ଯୋଗାଇବ**

**କଟକ ଅଫିସ,୨୪।୫**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଢାଞ୍ଚା ପୁଣି ପରିବର୍ତ୍ତନ କରାଯାଇଛି। ଚଳିତ ଶିକ୍ଷାବର୍ଷଠାରୁ ଦୁଇଟି ସମ୍ମେଟିଭ ପରୀକ୍ଷା ବଦଳରେ ବର୍ଷକୁ ଗୋଟିଏ ବୋର୍ଡ ପରୀକ୍ଷା ହେବ। ଅର୍ଥାତ୍ ମାଟ୍ରିକ ପରୀକ୍ଷାର୍ଥୀ ଗୋଟିଏ ଥରରେ ୬୦୦ ମାର୍କର ପରୀକ୍ଷା ଦେବେ। ଏହା ମାଧ୍ୟମା ପାଇଁ ମଧ୍ୟ ଲାଗୁହେବ। ଦଶମ ଶ୍ରେଣୀରେ ପିଲାମାନଙ୍କୁ ସମ୍ମେଟିଭ ଆସେସ୍‌ମେଣ୍ଟ-୧ ଏବଂ ସମ୍ମେଟିଭ ଆସେସ୍‌ମେଣ୍ଟ-୨ ପରୀକ୍ଷା ଦେବାକୁ ପଡ଼ିବନି। ବୋର୍ଡ ଉପସଭାପତି ନିହାର ରଞ୍ଜନ ମହାନ୍ତି କହିଛନ୍ତି, ଇଣ୍ଟରନାଲ ଆସେସ୍‌ମେଣ୍ଟରେ କୌଣସି ପରିବର୍ତ୍ତନ ହେବ ନାହିଁ। ଏଥିରେ ୪ଟି ଫର୍ମେଟିଭ ଆସେସ୍‌ମେଣ୍ଟ ରହିବ। ଏହାର ମାର୍କ ୪ଟି କ୍ୱାର୍ଟରରେ କରାଯିବ। ଏହାର ଫଳାଫଳର ୨୦ ପ୍ରତିଶତ ମାର୍କ ବାର୍ଷିକ ପରୀକ୍ଷାରେ ଯୋଡ଼ାହେବ। ଏଥିସହିତ ଆସ୍ୱେରେସନାଲ କମ୍ପୋନେଟକୁ ମିଶାଇ ପିଲାଙ୍କୁ ମାର୍କ ଦିଆଯିବ।

## ଜୁଲାଇ ୩ରୁ ସପ୍ଲିମେଣ୍ଟାରି ପରୀକ୍ଷା

**୨୬ରୁ ଫର୍ମପୂରଣ**

ଆସନ୍ତା ଜୁଲାଇ ୩ରୁ ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ମେ' ୨୬ରୁ ଜୁନ୍ ୧ ତାରିଖ ମଧ୍ୟରେ ଛାତ୍ରୀଛାତ୍ରମାନେ ଫର୍ମ ପୂରଣ କରିପାରିବେ। ଜୁଲାଇ ୩ରୁ ୮ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ମାଟ୍ରିକ ପରୀକ୍ଷାରେ ଫେଲ୍ କିମ୍ବା ଡ୍ରପ୍-ଆଉଟ୍ ରହିଥିବା ଛାତ୍ରୀଛାତ୍ରଙ୍କ ପାଇଁ ଏହି ପରୀକ୍ଷା ଅନୁଷ୍ଠିତ ହେବ।

ଏହି ମାର୍କ ସମୁଦାୟ ୬୦୦ ମାର୍କରେ ସାମିଲ ହେବ ବୋଲି ସେ କହିଛନ୍ତି।

ସେହିପରି ସମାନ ଢଙ୍ଗରେ ନବମ ଶ୍ରେଣୀ ପରୀକ୍ଷାରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ନବମ ଶ୍ରେଣୀର କୌଣସି ପରୀକ୍ଷା ବୋର୍ଡ ପକ୍ଷରୁ କରାଯିବ ନାହିଁ ବୋଲି ବୁଧବାର କଟକସ୍ଥିତ ବୋର୍ଡ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବୋର୍ଡ ସଭାପତି ରାମାଶିଷ ହାଜରା ସୂଚନା ଦେଇଛନ୍ତି। ସେ କହିଛନ୍ତି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅନୁମୋଦନକ୍ରମେ ☞ପୃଷ୍ଠା-୪



ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଉପଲକ୍ଷେ ବୁଧବାର ଝାଡୁଆପଡ଼ା ମନ୍ଦିର ସମ୍ମୁଖରେ ଆୟୋଜିତ ହଳଦୀ ମଖା ନୀତିରେ ସାମିଲ ହୋଇଥିବା ମହିଳା ଓ ଯୁବତୀ।

## ରାଜ୍ୟ ସଭା ସଦସ୍ୟଙ୍କ କାର୍ ଧକ୍କାରେ ସ୍କୁଟି ଆରୋହୀ ମୃତ

**ବଲାଙ୍ଗୀର ଅଫିସ/ପାଟଣାଗଡ଼, ୨୪।୫ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ଼-ତମିଆଁ ରାସ୍ତାର ତମିଆଁ ଛକ ନିକଟରେ ବୁଧବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶିଙ୍କ କାର୍ ଧକ୍କାରେ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଇନ୍ଦପୁର ଗ୍ରାମର ଟଙ୍କଧର ବିଶ୍ୱାଳ(୩୫)। ମିଳିଥିବା ସୂଚନା ଅନୁସାରେ, ସାଂସଦ ବିଶି ଇନୋଭା କାର (ଓଡି ୦୩ ଏକ୍ସ ୪୬୧୩)ରେ ପାଟଣାଗଡ଼ରୁ ଲରମ୍ଭା ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ସ୍କୁଟି (ଓଡି ୦୩ ଡି ୭୬୦୯) ସହ ☞ପୃଷ୍ଠା-୪

## ଖୁବ୍‌ଶୀଘ୍ର ବଣ୍ଟାଯିବ ୯ ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ

**ଭୁବନେଶ୍ୱର,୨୪।୫(ବ୍ୟୁରୋ)**

ଓଡ଼ିଶାକୁ ଆସିଥିବା ୯ ଲକ୍ଷ ପ୍ରଧାନମନ୍ତ୍ରୀ (ଗ୍ରାମୀଣ)ଆବାସ ଘର ଖୁବଶୀଘ୍ର ବଣ୍ଟାଯିବ। ବହୁ ଅଯୋଗ୍ୟ ହିତାଧିକାରୀ ଘର ପାଉଥିବା ନେଇ ବିଭିନ୍ନ ବର୍ଗରୁ ଅଭିଯୋଗ ଆସିବା ପରେ ସାଧାରଣ ଜନତାଙ୍କଠାରୁ ଅଭିଯୋଗ ମଗାଯାଇଥିଲା। ସେସବୁର ତର୍ଜମା କରାଯାଇଛି। ଖୁବଶୀଘ୍ର ରାଜ୍ୟକୁ ଆସିଥିବା ଆବାସ ଘର ଆବଣ୍ଟନ କରାଯିବ। ବିଭାଗୀୟ ସମୀକ୍ଷା ପରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରଦୀପ କୁମାର ଆମାତ ବୁଧବାର ଖବରଦାତାଙ୍କୁ ଏହି ସୂଚନା ଦେଇଛନ୍ତି। ରାଜ୍ୟର ସମସ୍ତ ବ୍ଲକରେ ଗ୍ରାମୀଣ ଇଣ୍ଡଷ୍ଟ୍ରିଆଲ୍ ପାର୍କ ସ୍ଥାପନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମିଶନ ମୋଡ୍‌ରେ ମାର୍କେଟିଂ ଲିଙ୍କେଜ୍ ସହିତ ଏହି ଗ୍ରାମୀଣ ଇଣ୍ଡଷ୍ଟ୍ରିଆଲ୍ ପାର୍କ ସ୍ଥାପନ ହେବ। ଆସନ୍ତା ୧ ବର୍ଷ ମଧ୍ୟରେ ସମସ୍ତ

### ସବୁ ବ୍ଲକରେ ହେବ ଗ୍ରାମୀଣ ଇଣ୍ଡଷ୍ଟ୍ରିଆଲ୍ ପାର୍କ

ବ୍ଲକରେ ମିଶନ୍ ଶକ୍ତି କାଫେ ନିର୍ମାଣ ଏବଂ କାର୍ଯ୍ୟକ୍ଷମ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ସ୍ଥାନରେ ଅବ୍ୟବହୃତ ହୋଇ ଖାଲି ପଡ଼ିଥିବା ସରକାରୀ ଅଟ୍ଟାଳିକାକୁ ୩ ମାସ ମଧ୍ୟରେ ସ୍ଥାନୀୟ ମିଶନ୍ ଶକ୍ତି ଗୋଷ୍ଠୀକୁ ହସ୍ତାନ୍ତର, ଓରମାସକୁ ଅଧିକ କ୍ରିୟାଶୀଳ, ସମସ୍ତ ଘରକୁ ପାନୀୟ ଜଳ ଯୋଗାଣକୁ ପ୍ରାଥମିକତା ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୬୧% ଗ୍ରାମୀଣ ପରିବାରକୁ ଟ୍ୟାପ୍ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇଛି। ସେହିପରି ୫୭ ହଜାର କୋଟି ଟଙ୍କା ବ୍ୟୟରେ ୨୦୬ଟି ମେଗା ପାନୀୟ ଜଳ ପ୍ରକଳ୍ପ ଓ ୧୩୦୦୦ ସିଙ୍ଗଲ ଭିଲେଜ ପାଇପ ଜଳ ଯୋଗାଣ ପ୍ରକଳ୍ପ ହାତକୁ ନିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ନୂଆ ପାର୍ଲାମେଣ୍ଟ ବିଲ୍ଡିଂ ଉଦ୍‌ଘାଟନକୁ ବର୍ଜନ କରିବେ ୧୯ ଦଳ



**ନୂଆଦିଲ୍ଲୀ,୨୪।୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୮ ତାରିଖରେ ପାର୍ଲାମେଣ୍ଟର ନୂଆ ବିଲ୍ଡିଂକୁ ଉଦ୍‌ଘାଟନ କରିବେ। ସଂସଦର ନୂଆ କୋଠାକୁ ପ୍ରଧାନମନ୍ତ୍ରୀଙ୍କ ପରିବର୍ତ୍ତେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରିବା ଉଚିତ ବୋଲି କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଦାବି କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ବିରୋଧ କରିବାକୁ ଯାଇ ବିପକ୍ଷର ୧୯ ଦଳ ଏହି କାର୍ଯ୍ୟକ୍ରମକୁ ବର୍ଜନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

ନବନିର୍ମିତ ସଂସଦ ବିଲ୍ଡିଂକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବାକୁ ଥିବାବେଳେ କଂଗ୍ରେସ, ବାମପନ୍ଥୀ (ସିପିଆଇ, ସିପିଆଇଏମ୍), ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏହାକୁ ବର୍ଜନ କରିବେ ବୋଲି ବୁଧବାର ଘୋଷଣା କରିଛନ୍ତି। ବିରୋଧୀଙ୍କ ମତରେ ଯେତେବେଳେ ଗଣତନ୍ତ୍ରର ଆତ୍ମାକୁ ଶୋଷି ନିଆଯାଇଛି, ସେତେବେଳେ ନୂଆ ବିଲ୍ଡିଂରେ କୌଣସି ମୂଲ୍ୟବୋଧ ଦେଖିବାକୁ ମିଳୁନାହିଁ। ରାଷ୍ଟ୍ରପତି କେବଳ ରାଷ୍ଟ୍ରମୁଖ୍ୟ ନୁହନ୍ତି, ସେ ସଂସଦର ଜଣେ ଅବିଚ୍ଛେଦ୍ୟ ଅଙ୍ଗ। ସେ ପାର୍ଲାମେଣ୍ଟ ଅଧିବେଶନ ଡାକିଥାଆନ୍ତି, ଉଦ୍‌ବୋଧନ ଦିଅନ୍ତି ଏବଂ ଭଙ୍ଗ ମଧ୍ୟ କରିଥାଆନ୍ତି। ଏନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, ପାର୍ଲାମେଣ୍ଟ ଅହଂକାରର ଇଟା ଉପରେ ନୁହେଁ, ବରଂ ସାମ୍ବିଧାନିକ ମୂଲ୍ୟବୋଧ ଉପରେ ନିର୍ମିତ। ରାଷ୍ଟ୍ରପତିଙ୍କୁ ଏହାର ଉଦ୍‌ଘାଟନ କରାଇ ନ ଦେବା ଏବଂ ଲୋକାର୍ପଣ ଉତ୍ସବକୁ ତାଙ୍କୁ ନିମନ୍ତ୍ରଣ ନ କରିବା ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦ ପ୍ରତି ଅପମାନ। ସେହିପରି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ୧୯ ବିରୋଧୀ ଦଳର ବର୍ଜନ ବିବୃତିକୁ ଟ୍ୟାଗ୍ କରି ଟୁଇଟ୍ କରିଛନ୍ତି, ଆମେ ପ୍ରଧାନମନ୍ତ୍ରୀଙ୍କ ସୌଧକୁ କାହିଁକି ଅମ୍ଳଜାନ ଦେବା। ପ୍ରଧାନମନ୍ତ୍ରୀଙ୍କ ଉଦ୍‌ଘାଟନକୁ ବର୍ଜନ କରିବା ନେଇ ମିଳିତ ବିବୃତି ଜାରି କରିଥିବା ଦଳଗୁଡ଼ିକ ହେଲେ, କଂଗ୍ରେସ, ଡିଏମ୍‌କେ, ଏଏପି, ଶିବସେନା(ୟୁବିଟି), ସମାଜବାଦୀ ପାର୍ଟି, ସିପିଆଇ, ସିପିଆଇଏମ୍, ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା, କେରଳ କଂଗ୍ରେସ-ମଣି, ବିଦ୍ୟୁତ୍‌ହାଲାଇ ଚିରୁଥେଗାଲ କଚ୍ଚି, ରାଷ୍ଟ୍ରୀୟ ଲୋକ ଦଳ, ଟିଏମ୍‌ସି, ସଂଯୁକ୍ତ ଜନତା ଦଳ, ଏନ୍‌ସିପି, ଆର୍‌ଜେଡି, ଆଇୟୁଏମ୍‌ଏଲ୍, ନ୍ୟାଶନାଲ କନ୍‌ଫରେନ୍ସ, ରିଭୋଲ୍ୟୁଶନାରି ☞ପୃଷ୍ଠା-୪

## ଯୋଗଦେବ ବିଜେଡି

**ଭୁବନେଶ୍ୱର,୨୪।୫(ବ୍ୟୁରୋ)**

ଆସନ୍ତା ୨୮ ତାରିଖରେ ନୂଆ ସଂସଦ ଭବନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମରେ ବିଜେଡି ଯୋଗଦେବ। ଏ ନେଇ ଦଳ ପକ୍ଷରୁ ବୁଧବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ବିଜେଡି ଜାତୀୟ ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ରାଷ୍ଟ୍ରପତି ହେଉଛନ୍ତି ଭାରତର ମୁଖ୍ୟ। ୧୪୦ କୋଟି ଲୋକଙ୍କର ପ୍ରତୀକ ହେଉଛି ପାର୍ଲାମେଣ୍ଟ। ଉଭୟ ଅନୁଷ୍ଠାନ ଭାରତୀୟ ଗଣତନ୍ତ୍ରର ପ୍ରତୀକ ଓ ସମ୍ବିଧାନ ରକ୍ଷକ। ଏହା ସବୁ ସମୟରେ ସୁରକ୍ଷିତ ରହିବା ଦରକାର। ଏହି ସାମ୍ବିଧାନିକ ପ୍ରତିଷ୍ଠାନ ସବୁ ପ୍ରସଙ୍ଗରୁ ଊର୍ଦ୍ଧ୍ୱରେ ବୋଲି ବିଜେଡି ବିଶ୍ୱାସ କରେ। ଏହି ପ୍ରସଙ୍ଗକୁ ପାର୍ଲାମେଣ୍ଟରେ ଯେକୌଣସି ସମୟରେ ଆଲୋଚନା କରାଯାଇପାରିବ। ଏହି ଦୃଷ୍ଟିରୁ ନୂତନ ସଂସଦ ଭବନ ଉଦ୍‌ଘାଟନ ଉତ୍ସବରେ ବିଜେଡି ଯୋଗଦେବ ବୋଲି ସସ୍ମିତ କହିଛନ୍ତି।

## ୨୭ରେ ନୀତି ଆୟୋଗ ବୈଠକରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୪।୫(ବ୍ୟୁରୋ)**

ଆସନ୍ତା ୨୭ ତାରିଖରେ ନୂଆଦିଲ୍ଲୀରେ ନୀତି ଆୟୋଗ ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବୈଠକରେ ଯୋଗଦେବାକୁ ଦିଲ୍ଲୀ ଗସ୍ତ କରିବେ। ବୈଠକରେ ସେ ପୁଣି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରସଙ୍ଗ ଉଠାଇବେ ବୋଲି ଜଣାପଡ଼ିଛି। ଏଥିସହ ରାଜ୍ୟକୁ ସ୍ୱତନ୍ତ୍ର ପ୍ୟାକେଜ, ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର(ଡିବିଟି), ସବୁ ପଞ୍ଚାୟତରେ ବ୍ୟାଙ୍କ ଖୋଲିବା ନେଇ ସେ ଦାବି କରିବେ। ରାଜ୍ୟରେ ଟେଲିକମ୍ୟୁନିକେଶନ ସମସ୍ୟା ରହିଛି। ଅନେକ ଗ୍ରାମରେ ମୋବାଇଲ ଟାୱାର ନ ଥିବାରୁ ଅନ୍‌ଲାଇନ ସେବା ଯୋଗାଇ ଦେବାରେ ସମସ୍ୟା ସୃଷ୍ଟି ହେଉଛି। ଗ୍ରାମାଞ୍ଚଳରେ ୩-ଜି କିମ୍ବା ୪-ଜି କରିବାକୁ ନବୀନ ନୀତି ଆୟୋଗ ବୈଠକରେ ଦାବି ଉଠାଇବେ। ରାଜ୍ୟ ସରକାର ଏ ନେଇ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଯୋଜନା ଓ ସଂଯୋଜନା ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ କହିଛନ୍ତି।

**ଆଜିର ସମ୍ପାଦକୀୟ**

ଧର୍ମଧାରାରେ ନାରୀ ଶକ୍ତି

# ଜିମ୍ବାୱେ ସବୁଠୁ ଦୁଃଖୀ ଦେଶ

**ୱାଶିଂଟନ୍,୨୪।୫**

ବିଶ୍ୱର ସବୁଠୁ ଦୁଃଖୀ ରାଷ୍ଟ୍ରଗୁଡ଼ିକୁ ନେଇ ହାଙ୍କେସ୍ ଆନୁଆଲ ମିଜରି ଇଣ୍ଡେକ୍ସ (ଏଚ୍‌ଏଏମ୍‌ଆଇ)୨୦୨୨ ତାଲିକା ପ୍ରକାଶ ପାଇଛି। ଉକ୍ତ ସୂଚକାଙ୍କ ଅନୁସାରେ ଜିମ୍ବାୱେ ହେଉଛି ସବୁଠୁ ଦୁର୍ଦ୍ଦଶାପୂର୍ଣ୍ଣ ରାଷ୍ଟ୍ର। ୧୫୭ଟି ଦେଶ ସମ୍ପର୍କରେ ବିଶ୍ଲେଷଣ କରାଯାଇ ଏହି ମିଜରି ଇଣ୍ଡେକ୍ସ ପ୍ରସ୍ତୁତ କରାଯାଇଛି। ଏକ ନିର୍ଦ୍ଦିଷ୍ଟ ବର୍ଷରେ ଦେଶର ବେରୋଜଗାରି, ମୁଦ୍ରାସ୍ଫୀତି ଏବଂ ଋଣ ବୋଝରୁ ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ବାର୍ଷିକ ପରିବର୍ତ୍ତନକୁ ଆଧାରକରି ବିଶିଷ୍ଟ ଅର୍ଥନୀତିଜ୍ଞ ଷ୍ଟିଭ୍ ହାଙ୍କେ ଏହି ସୂଚକାଙ୍କ ପ୍ରସ୍ତୁତ କରିଛନ୍ତି। ତାଲିକାର ଶୀର୍ଷରେ ଜିମ୍ବାୱେ ପରେ ଭେନିଜୁଏଲା, ସରିଆ, ଲେବାନନ୍, ସୁଦାନ ଭଳି ରାଷ୍ଟ୍ର ରହିଛନ୍ତି। ଟପ୍ ୧୫ ଦୁଃଖୀ ରାଷ୍ଟ୍ର ମଧ୍ୟରେ ଆର୍ଜେଣ୍ଟିନା, ୟେମେନ, ୟୁକ୍ରେନ୍, କ୍ୟୁବା,



ତୁର୍କୀ, ଶ୍ରୀଲଙ୍କା, ହାଇତି, ଆଙ୍ଗୋଲା, ଟୋଙ୍ଗାଓ ଘାନାକୁ ସ୍ଥାନ ମିଳିଛି। ସୂଚକାଙ୍କ ଅନୁସାରେ ଜିମ୍ବାୱେରେ ପୂର୍ବତନ ରାଷ୍ଟ୍ରପତି ଏମର୍ସନ ନାନ୍‌ଗାୱା ଏବଂ ତାଙ୍କ ନେତୃତ୍ୱାଧୀନ ଜେଡ୍‌ଏଏନ୍‌ୟୁ-ପିଏଫ୍ ଏକ ରାଜନୈତିକ ଦଳ ପରିବର୍ତ୍ତେ ପଲିଟିକାଲ ମାଫିଆ ଭାବେ କାର୍ଯ୍ୟ କରିଥାଏ। ଏହାର ନୀତିଗୁଡ଼ିକ ଦେଶ ପାଇଁ ବହୁ ଦୁର୍ଦ୍ଦଶା ଆଣିଦେଇଛି। ଗତବର୍ଷ ଜିମ୍ବାୱେରେ ବାର୍ଷିକ ମୁଦ୍ରାସ୍ଫୀତି ୨୪୩.୮%

### ୧୦୩ତମ ସ୍ଥାନରେ ଭାରତ

ଏବଂ ଲ୍ୟାଣ୍ଡିଂ ରେଟ୍ ୧୩୧.୮% ରହିଥିଲା। ଏହି ତାଲିକାର ୧୦୩ତମ ସ୍ଥାନରେ ଭାରତ ରହିଛି। ଭାରତରେ ବେକାରି ସମସ୍ୟାକୁ ଏଥିପାଇଁ ଦାୟୀ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଶ୍ୱର ସବୁଠୁ ସୁଖୀ ଦେଶ ଫିନ୍‌ଲାଣ୍ଡକୁ ମିଜରେବଲ ରାଷ୍ଟ୍ର ତାଲିକାରେ ୧୦୯ତମ ସ୍ଥାନ ମିଳିଛି। ସମ୍ପ୍ରତି ଆର୍ଥିକ ଓ ରାଜନୈତିକ ଅସ୍ଥିରତା ଦେଇ ଗତି କରୁଥିବା ପାକିସ୍ତାନ ବିଶ୍ୱର ୩୫ତମ ଦୁଃଖୀ ରାଷ୍ଟ୍ର ବୋଲି ଏଥିରେ ଦର୍ଶାଯାଇଛି। ସବା ତଳେ ଅର୍ଥାତ୍ ୧୫୭ତମ ସ୍ଥାନରେ ସୁଇଜରଲାଣ୍ଡ ରହିଛି। ଅନ୍ୟ କମ୍ ଦୁଃଖୀ ଦେଶଗୁଡ଼ିକ ହେଲା କୁଏତ୍(୧୫୬), ଆୟର୍ଲାଣ୍ଡ (୧୫୫), ଜାପାନ(୧୫୪), ମାଲେସିଆ(୧୫୩), ତାଇୱାନ୍ (୧୫୨) ଓ ଥାଇଲାଣ୍ଡ (୧୫୧)।

# ପ୍ରତି ପଞ୍ଚାୟତକୁ ଗଡ଼ିବ 'ମୋ ବସ୍'

- **ପ୍ରଥମ ପର୍ଯ୍ୟାୟରେ ୬ ଜିଲାରେ ଆରମ୍ଭ ହେବ**
- **ସ୍କ୍ରାପ୍ ହେବ ସରକାରଙ୍କ ୧୬୦୦ ଗାଡ଼ି**

**ଭୁବନେଶ୍ୱର, ୨୪।୫(ବ୍ୟୁରୋ)**

ରାଜ୍ୟର ପ୍ରତି ପଞ୍ଚାୟତକୁ ମୋ ବସ୍ ଗଡ଼ିବ। 'ଲକ୍ଷ୍ମୀ' ଯୋଜନାରେ ଗ୍ରାମାଞ୍ଚଳରେ ପରିବହନ ସୁବିଧା ମିଳିବ। ବ୍ଲକ୍ ସଦର ମହକୁମାରୁ ପ୍ରତି ପଞ୍ଚାୟତକୁ ମୋ ବସ୍ ସେବା ଚାଲିବ। ପ୍ରଥମ ପର୍ଯ୍ୟାୟରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ରାଜ୍ୟର ୬ ଜିଲାକୁ ହାତକୁ ନିଆଯାଇଛି। କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି, କଳାହାଣ୍ଡି ଓ ଗଜପତି ଜିଲାକୁ ପ୍ରଥମେ ଏହି ସୁବିଧା ଯୋଗାଇ ଦିଆଯିବ। ପରବର୍ତ୍ତୀ ସମୟରେ ରାଜ୍ୟର ଅନ୍ୟ ସବୁ ପଞ୍ଚାୟତକୁ ମୋ ବସ୍ ଚାଲିବ। ଏନେଇ ବାଣିଜ୍ୟ ଓ ପରିବହନ ସଚିବ ଉଷା ପାଢ଼ୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟର ଏମିତି ଅନେକ ଅଞ୍ଚଳ ରହିଛି ଯେଉଁଠିକୁ ଯୋଗାଯୋଗ ବ୍ୟବସ୍ଥା ନାହିଁ। ସେହି ଅଞ୍ଚଳଗୁଡ଼ିକୁ କୌଣସି ସରକାରୀ ନା ଘରୋଇ ଗାଡ଼ି ଚାଲୁ ନ ଥିବାରୁ ଲୋକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଯଥାରେ ଖର୍ଚ୍ଚାନ୍ତ ହେଉଛନ୍ତି। ଏହାକୁ ନେଇ ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିବା ଲକ୍ଷ୍ୟ କରାଯାଉଛି। ଏବେ ସେହି ☞ପୃଷ୍ଠା-୪

# ଏକତାର ବାର୍ତ୍ତା ଦେଉଛି ଶୀତଳଷଷ୍ଠୀ

ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା କେଉଁ ଆବହମାନ କାଳରୁ ହୋଇଆସୁଛି। ଶିବ ବିବାହ ପରମ୍ପରା ଓଡ଼ିଶାର ପୁରୀ ଜିଲା ବ୍ରାହ୍ମଣ ଶାସନରୁ ଆସିଥିବା ଶୁଣାଯାଏ। ଏହି ଜିଲାର ବ୍ରାହ୍ମଣମାନେ ସମ୍ବଲପୁରରେ ବସତି ସ୍ଥାପନକରି ଶୀତଳଷଷ୍ଠୀ ପରମ୍ପରା ଆରମ୍ଭ କରିଥିଲେ। ଏହା ଜାତି,ଧର୍ମ,ବର୍ଣ୍ଣ ନିର୍ବିଶେଷରେ ସବୁ ବର୍ଗକୁ ଆପଣାଇ ଏକତାର ବାର୍ତ୍ତା ଦେଇଆସୁଛି। ଏହାର ବିଶେଷତ୍ୱ ହେଉଛି ଦେବଦମ୍ପତିଙ୍କ ବିବାହ। ଜଗଜ୍ଜନନୀ ମାତା ପାର୍ବତୀ ଓ ଦେବଦେବ ମହାଦେବଙ୍କୁ ପରିବାରର ସଦସ୍ୟ ଭାବେ ଗ୍ରହଣକରି ବିବାହ ଉତ୍ସବ ହେଉଛି। ଅଞ୍ଚଳର ଲୋକାଚାର ସହ ଶିବ ବିବାହର ସମନ୍ୱୟ ହୋଇଛି। ଏହି ସମନ୍ୱୟରୁ ଜନ୍ମ ନେଇଛି ଶୀତଳଷଷ୍ଠୀ ଯାତ୍ରା ପରମ୍ପରା। ପ୍ରାୟ ୧ମାସ ପୂର୍ବରୁ ଯାତ୍ରାର ବିଭିନ୍ନ କାର୍ଯ୍ୟ ହୋଇଥାଏ। ତେଣୁ ଲୋକ ସଂସ୍କୃତି ଓ ଧର୍ମଧାରା ସହ ପର୍ବର ବିଶେଷତ୍ୱ ରହିଛି।

ମଣିଷର ଚାଲିଚଳନକୁ ନେଇ ଗଢ଼ିଉଠିଛି ସଂସ୍କୃତି। ସଭ୍ୟତା ଅଙ୍ଗ ହୋଇଥିବା ବେଳେ ସଂସ୍କୃତି ହେଉଛି ଆତ୍ମା। ସଂସ୍କୃତିର ଅଭ୍ୟୁଦୟ ପ୍ରାଣବନ୍ତ ହୋଇଥାଏ ତା'ର ଜୀବନଧାରା ଓ ଜୀବନାଦର୍ଶ। ସେହି ଜୀବନଧାରା ଓ ଆଦର୍ଶ ପାଲଟିଯାଏ ଜୀବନ ଚେତନା। ସାଂସ୍କୃତିକ ଅନ୍ତରୀଣ ଧାରାର ବହିର୍ମୁଖୀ ପ୍ରକାଶ ଘଟେ ସମାଜ ଜୀବନର ପର୍ବପର୍ବାଣି, ଧାର୍ମିକ ଉପଚାର ଓ ଲୋକ ଉତ୍ସବ ଭାବରେ। ବିଭିନ୍ନ ଯାନିଯାତ୍ରା ଜନ୍ମ ନେଇଛି ସାମାଜିକ ଚଳଣି, ଧାର୍ମିକ ଭାବନା, ସମୟ, ଋତୁଭିତ୍ତିକ ବିବର୍ତ୍ତନବାଦକୁ ଆଧାରକରି।


ଜାଗେଶ୍ୱର ବାବାଙ୍କୁ ତୈଳାଭିଷେକ କରାଯାଉଛି।


ଗୋଲବଜାର ନିକଟ କନ୍ୟା ମାତାପିତାଙ୍କ ବାସଭବନରେ ଗଇଁଠାଳ ଫିଟା ନୀତି ପରେ ଶିବପାର୍ବତୀଙ୍କୁ ମନ୍ଦିର ନିଆଯାଉଛି।

ନିର୍ମଳ ଆନନ୍ଦ, ବର୍ଣ୍ଣଧାର୍ମିକ, ଆଧାତ୍ମିକ ଭାବନା, ଭାଷା, ସାଙ୍ଗଠନିକ, ସାମ୍ପ୍ରତିକ ସଦ୍‌ଭାବ ଓ ମାନବୀୟ ସଂସ୍କୃତି ହେଉଛି ପ୍ରତିଟି ଲୋକ ଉତ୍ସବର ମହାନ୍ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏହି କ୍ରମରେ ପ୍ରସିଦ୍ଧ ସମ୍ବଲପୁର ଶୀତଳଷଷ୍ଠୀ ଏକ ଲୋକ ଉତ୍ସବ।

## ଶୀତଳଷଷ୍ଠୀ ନାମକରଣ

ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ପ୍ରସିଦ୍ଧ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ହୋଇଥାଏ। ଏହି ପର୍ବରେ ଶିବପାର୍ବତୀ ଆରାଧ୍ୟ ଦେବଦେବୀ ଅଟନ୍ତି। ତେଣୁ ଦେବୀ ପାର୍ବତୀଙ୍କୁ ଷଷ୍ଠୀଦେବୀ ବୋଲି କୁହାଯାଇଥାଏ। ଏହି ବ୍ରତକୁ ଭକ୍ତି, ବିଶ୍ୱାସ, ନିଷ୍ଠାର ସହ ପାଳନକଲେ ଶାନ୍ତି ଓ ଯଶଖ୍ୟାତି ବୃଦ୍ଧି ହୋଇଥାଏ। ଅଜ୍ଞାନ ଦୂରୀଭୂତ ହୋଇ ସତ୍ୟର ଆଲୋକରେ ଜୀବଜଗତ ଆଲୋକିତ ହୋଇଥାଏ। ଅପୁତ୍ରିକର ପୁତ୍ର ପ୍ରାପ୍ତି ଓ ଭକ୍ତଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ଜ୍ୟେଷ୍ଠ ଓ ବୈଶାଖ ମାସ ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ରତାପରେ ଜୀବଜଗତ ଉଷ୍ଣ ବାତାବରଣରେ ରହିଥାନ୍ତି। ପ୍ରାଣିଜଗତକୁ ଶୀତଳତା ପ୍ରଦାନ କରିବାକୁ ଦେବଦେବୀ ଧରାପୃଷ୍ଠକୁ ଅବତରଣ କରିଥାନ୍ତି। ଏହି ସମୟରେ ଦେବରାଜ ଇନ୍ଦ୍ର ଓ ଦେବତାମାନେ ଦେବଦମ୍ପତିଙ୍କ ଶୋଭାଯାତ୍ରାରେ ପୁଷ୍ପବୃଷ୍ଟି କରିଥାନ୍ତି। ପୁଷ୍ପରୂପକ ବାରି ଧରାପୃଷ୍ଠକୁ ଶୀତଳ କରିଥାଏ।

## ଶିବପାର୍ବତୀଙ୍କ ବଂଶଧର

ଶାସ୍ତ୍ର ଅନୁସାରେ ମହାଦେବଙ୍କ ପିତା ଦେବକଣ୍ଠ, ପିତାମହ ରୁଦ୍ରକଣ୍ଠ, ପ୍ରପିତାମହ ନୀଳକଣ୍ଠ, ଗୋତ୍ର ଶିଳ୍ପାମ୍ବର, ପ୍ରବର ଆତ୍ମଲିଙ୍ଗ, ଶାଖା ପରମାହଂସ ରହିଛି। ସେହିପରି ଜଗଜ୍ଜନନୀ ମାତା ପାର୍ବତୀଙ୍କ ପିତା ହିମାଳୟ, ପିତାମହ କାଶ୍ୟପ, ପ୍ରପିତାମହ ମରିଚି, ଗୋତ୍ର ସ୍ୱୟଂମ୍ଭୁ, ପ୍ରବର ଚତୁର୍ମୁଖ ଓ ଶାଖା ଋକ୍‌ବେଦ। ଦେବଦମ୍ପତିଙ୍କ ଏହି ବଂଶ ପରମ୍ପରାକୁ ନେଇ ପଣ୍ଡିତମାନେ ମହାବାକ୍ୟ ଉଚ୍ଚାରଣ କରିଥାନ୍ତି। ଏହାପରେ ବେଲପତ୍ରରେ ହସ୍ତବନ୍ଧନ ହୋଇଥାଏ।

## ଲୋକାଚାରରେ ଦେବଦମ୍ପତିଙ୍କ ବିବାହ

ଶିବପାର୍ବତୀଙ୍କ ବିବାହ ପରମ୍ପରା ଓ ରୀତିନୀତି ସହ ଲୋକାଚାରରେ ହୋଇଆସୁଛି। ଦେବଦମ୍ପତିଙ୍କ ବଂଶ ପରମ୍ପରାକୁ ଉଦ୍ଧୃତକରି ପଣ୍ଡିତମାନେ ମହାବାକ୍ୟ ଉଚ୍ଚାରଣ କରିଥାନ୍ତି। ବରଯାତ୍ରୀ ଲଗ୍ନ ଦିନ ସକାଳେ ଶୈବପୀଠରେ ରୁଦ୍ରାଭିଷେକ ଓ ଶିବାଭିଷେକ କରାଯାଇଥାଏ। ଏତଦ୍‌ବ୍ୟତୀତ ଶିବପାର୍ବତୀ କଙ୍କଣ ସୂତ୍ର ଧାରଣ କରିଥାନ୍ତି। ସନ୍ଧ୍ୟାରେ ଶିବଙ୍କୁ ବରବେଶରେ ସଜ୍ଜିତ କରାଯାଇଥାଏ। ଅପରପକ୍ଷେ କନ୍ୟା ମାତାପିତାଙ୍କ ପରିବାର ପାର୍ବତୀଙ୍କୁ କନ୍ୟାବେଶରେ ସୁନା, ରୁପା ଅଳଙ୍କାରରେ ଆଭୂଷଣ କରିଥାନ୍ତି। ଜ୍ୟେଷ୍ଠ ଶୁକ୍ଳପକ୍ଷ ପଞ୍ଚମୀ ତିଥି ମଧ୍ୟରାତ୍ରରେ ଶହେ ଆଠ ଦୀପ ମହା ଆଳତି ହୋଇଥାଏ। ପରେ ଶିବ ଭକ୍ତଙ୍କ କାନ୍ଧରେ ବରାତିରେ ବାହାରିଥାନ୍ତି। ତାଙ୍କ ସହ ଭକ୍ତମାନେ ବିଭିନ୍ନ ଦେବଦେବୀ ବେଶରେ ସାମିଲ ହୋଇଥାନ୍ତି। କନ୍ୟାପକ୍ଷ ବରଯାତ୍ରୀଙ୍କୁ ଭବ୍ୟ ସ୍ୱାଗତ କରିଥାନ୍ତି। ରୀତି ଅନୁସାରେ ବାଟବରଣ, ଗାଲସେକା, କୁମ୍ଭ ଦର୍ଶନ, ଲବଣ ଚାମରି ହୋଇଥାଏ। ଏହାପରେ ପୁଣି ଶହେଆଠ ଦୀପ ଆଳତି ସହ ବର ବେଦୀ ଆନାୟନ, ରୂପବୈଦୀୟ ସ୍ୱସ୍ତିବାଚନ, ସତଅର୍ଘ୍ୟ, ଇନ୍ଦ୍ରିୟ ସ୍ପର୍ଶ, କନ୍ୟା ଆଗମନ, ଅଗ୍ନିସ୍ଥାପନ, ବେଦଆଜ୍ଞା, ଲଗ୍ନବିଶୁଦ୍ଧି, ମହାବାକ୍ୟ, ହସ୍ତବନ୍ଧନ, ପାର୍ଶ୍ୱ ପରିବର୍ତ୍ତନ, ହୋମ, ଲଜାହୋମ, ସପ୍ତପଦୀ, ଶିଳାରୋହଣ, ସିନ୍ଦୂର ମଖା, ଓଢ଼ଣା ଦିଆ, ମାର୍ଜନ, ଭସ୍ମଗ୍ରହଣ କରାଯାଇଥାଏ। ଏଥିସହ ବିଶ୍ୱଶାନ୍ତି ସକାଶେ ଦେବଦମ୍ପତିଙ୍କ ବନ୍ଦାପନା, ଆରତି, ପୁଷ୍ପାଞ୍ଜଳି, ସମ୍ରୁଦି ଭେଟ, କ୍ଷମା ପ୍ରାର୍ଥନା ଓ ଶାନ୍ତିପାଠ ହୋଇଥାଏ। ଏହି ପରମ୍ପରା ୧୬୭୮ମସିହାରୁ ନିରବଚ୍ଛିନ୍ନ ଭାବେ ଚାଲିଆସିଛି।

– ପ୍ରସ୍ତୁତି: ସମ୍ବଲପୁର (ବ୍ୟୁରୋ)













Govt. of Uttarakhand
75 Azadi Ka Amrit Mahotsav
G20
भारत 2023 INDIA
वसुधैव कुटुम्बकम्
ONE EARTH • ONE FAMILY • ONE FUTURE
"India's G20 agenda will be inclusive, ambitious, action-oriented and decisive. Let us work together to shape a new paradigm of human-centric globalisation."
Narendra Modi
Prime Minister
Pushkar Singh Dhami
Chief Minister, Uttarakhand
A Warm Welcome & Greetings
to the G-20 Delegates at
Devbhoomi Uttarakhand
Anti Corruption Working Group, (Second Meeting)
25-27 May, 2023 | Narendra Nagar, Rishikesh
Issued in Public Interest by Information & Public Relations Department, Uttarakhand
www.uttarainformation.gov.in | DIPRUK | UttarakhandDIPR | UttarakhandDIPR

**ଆଜିର ମନ୍ତବ୍ୟ**

ଆମକୁ ନୁହେଁ, ବରଂ କେନ୍ଦ୍ରକୁ ବିରୋଧୀ କୁହାଯିବା ଉଚିତ। କାରଣ ଗଣତନ୍ତ୍ର ଓ ସମ୍ବିଧାନକୁ କେନ୍ଦ୍ର ବିରୋଧ କରିଆସୁଛି।
**-ଉଦ୍ଧବ ଠାକ୍‌ରେ, ଶିବସେନା (ୟୁବିଟି) ଅଧ୍ୟକ୍ଷ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗାଁ ଚାରିପାଖେ ବୁଲି ଆଇଲି,**
**କେହି ନ ବୋଇଲା ବସ ବୋଲି ।**

ଯେଉଁଠି ଆଦର ଅଭ୍ୟର୍ଥନା ନ ଥାଏ ସେଠି ସମ୍ପର୍କ ପାଣିଚିଆ ବା ମୂଲ୍ୟହୀନ ଲାଗିଥାଏ। ସମ୍ପର୍କର ରଙ୍ଗ ଯେତେବେଳେ ଫିକା ହୋଇଯାଏ ସେତେବେଳେ ମନର ସରାଗ ଆପେ ଆପେ ମଉଳିଯାଏ। ଆନ୍ତରିକତାବିହୀନ ସମ୍ପର୍କକୁ ନେଇ ମନରେ ସୃଷ୍ଟି ହେଉଥିବା ହତାଶାଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗୁଞ୍ଜି ପାଣିରେ ପଡ଼ିଲେ**
**ଲାହା ଯାଏ ନାହିଁ ।**

ଯାହା ପାଖରେ ଗୁଣ ବା ପ୍ରତିଭା ରହିଥାଏ ତାହା ଦିନେନା ଦିନେ ବିକଶିତ ହୋଇଥାଏ। ପ୍ରତିକୂଳ ପରିସ୍ଥିତି ପ୍ରକୃତ ଗୁଣୀ ଲୋକର ପ୍ରତିଭାକୁ ମଳିନ କରିପାରି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ଫୌଜଦାରି ମାମଲା ବିଚାରାଧୀନ ଥିଲେ ମିଳିବନି ପଦୋନ୍ନତି: ହାଇକୋର୍ଟ

**କଟକ ଅଫିସ,୨୪।୫**

କୌଣସି ସରକାରୀ ଅଧିକାରୀ ବା କର୍ମଚାରୀଙ୍କ ବିରୋଧରେ ଭିଜିଲାନ୍ସ ବା ଅନ୍ୟ ଫୌଜଦାରି ମାମଲା ବିଚାରାଧୀନ ଥିଲେ ତାଙ୍କୁ ନିୟମିତ ବା ଅସ୍ଥାୟୀ ପଦୋନ୍ନତି ଦିଆଯାଇପାରିବ ନାହିଁ। ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଗୌରୀଶଙ୍କର ଶତପଥୀଙ୍କ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ଆବେଦନର ଶୁଣାଣି କରି ଏପରି ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ପୂର୍ବରୁ ହାଇକୋର୍ଟର ଜଣିକିଆ ବିଚାରପତି ଏଭଳି ମାମଲାର ଶୁଣାଣି କରି ଫୌଜଦାରି ମାମଲା ବିଚାରାଧୀନ ଥିଲେ ତାହା ସରକାରୀ ଅଧିକାରୀ ବା କର୍ମଚାରୀଙ୍କ ପଦୋନ୍ନତିରେ ବାଧକ ହେବ ନାହିଁ ବୋଲି ରାୟ ଦେଇଥିଲେ। ଫୌଜଦାରି ମାମଲା ବିଚାରାଧୀନ ଥିବା ସରକାରୀ କର୍ମଚାରୀଙ୍କୁ ପଦୋନ୍ନତି ପ୍ରଦାନ କରିବାକୁ ଜଣିକିଆ ବିଚାରପତିଙ୍କ ଖଣ୍ଡପୀଠ ଏକାଧିକ ମାମଲାର ଶୁଣାଣି କରି ଏଭଳି ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଏପରି କେତେକ କର୍ମଚାରୀଙ୍କୁ ଆଡ୍ ହକ୍ ପଦୋନ୍ନତି ପ୍ରଦାନ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଜଣିକିଆ ବିଚାରପତିଙ୍କ ଏହି ରାୟକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର ହାଇକୋର୍ଟର ଦୁଇଜଣିଆ ଖଣ୍ଡପୀଠରେ ରିଟ୍ ଅପିଲ ଦାୟର କରିଥିଲେ। ଦୁଇଜଣିଆ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ପକ୍ଷରୁ ଦାୟର ୪୬ଟି ରିଟ୍ ଅପିଲର ଏକତ୍ର ଶୁଣାଣି କରିଥିଲେ। ଏଥିସହ ପୂର୍ବରୁ ଜଣିକିଆ ବିଚାରପତି ପ୍ରଦାନ କରିଥିବା ନିର୍ଦ୍ଦେଶକୁ ରଦ୍ଦ କରିଛନ୍ତି। ଦୁଇଜଣିଆ ଖଣ୍ଡପୀଠ କହିଛନ୍ତି ଯେ, ବିଚାରାଧୀନ ଫୌଜଦାରି ମାମଲାର ଫଳାଫଳ ଉପରେ ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ପଦୋନ୍ନତି ପ୍ରସଙ୍ଗ ନିର୍ଭର କରିଥାଏ। ଯଦି ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଥିବା ଫୌଜଦାରି ମାମଲାର ରାୟ ତାଙ୍କ ସପକ୍ଷରେ ଯାଏ ଓ ତାଙ୍କ ବିରୋଧରେ ରହିଥିବା ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାରୁ ସେ ଦୋଷମୁକ୍ତ ହୁଅନ୍ତି ତେବେ ତାଙ୍କୁ ପଦୋନ୍ନତି ମିଳିପାରିବ। ଯଦି ଫୌଜଦାରି ମାମଲାର ରାୟ ପ୍ରକାଶ ବେଳକୁ ସଂପୃକ୍ତ କର୍ମଚାରୀ ଅବସର ନେଇସାରିଥିବେ ତେବେ ପଦୋନ୍ନତି ସମୟର ସମସ୍ତ ପ୍ରାପ୍ୟକୁ ହିସାବ କରାଯାଇ ତାଙ୍କ ପେନସନ୍ ଧାର୍ଯ୍ୟ କରାଯିବ ବୋଲି ହାଇକୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ଏଜିଏ ଏମ. କେ. ଖୁଣ୍ଟିଆ ମାମଲା ପରିଚାଳନା କରୁଥିଲେ।

# ଟ୍ରେନ ଉପରେ ପଡ଼ିଲା ଗଛ



**ରାୟଗଡ଼ା,୨୪।୫(ସ୍ୱ.ପ୍ର.)**

ବିଶାଖାପାଟଣାଠାରୁ କୋରାପୁଟ ଯାଉଥିବା ବିଶାଖାପାଟଣା-କୋରାପୁଟ ଟ୍ରେନ ନଂ.୦୮୫୪୬ ସିଙ୍ଗାପୁର ରୋଡ଼ଠାରେ କାଳ ବୈଶାଖି ଯୋଗୁ ଗଛ ପଡ଼ି ଯିବାରୁ ପ୍ରାୟ ୨ ଅଟକି ରହିଥିଲା। ରାୟଗଡ଼ାଠାରୁ ବୁଧବାର ଅପରାହ୍ନ ପ୍ରାୟ ୨ଟାରେ ଛାଡ଼ିବା ପରେ ୨.୨୨ମିନିଟ ସମୟରେ ଟ୍ରେନ ରାୟଗଡ଼ା-ସିଙ୍ଗାପୁର ରୋଡ଼ ମଧ୍ୟରେ ଯାଉଥିବା ବେଳେ କାଳ ବୈଶାଖି ଯୋଗୁ ଏକ ଗଛ ପଡ଼ିଯାଇଥିଲା। ଏଣୁ ଲୋକୋ ପାଇଲଟ ସଙ୍ଗେ ସଙ୍ଗେ ଜରୁରୀକାଳିନ ବ୍ରେକ୍ ଦେଇ ଅଟକାଇ ଥିଲେ। ଏହି ଗଛ ଭାଙ୍ଗି ପଡ଼ିଯିବାରୁ ଟ୍ରେନଟି ସେଠାରେ ପ୍ରାୟ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅଟକି ରହିଥିଲା। ଖବର ପାଇ ବିଭାଗୀୟ କର୍ମଚାରୀ ପହଞ୍ଚି ଗଛଗୁଡ଼ିକ ସଫା କରିବା ପରେ ୫ଟାରେ ଟ୍ରେନ ସେଠାରୁ କୋରାପୁଟ ଅଭିମୁଖେ ଛାଡ଼ିଥିଲା। ତେବେ ଏଥିରେ କୌଣସି କ୍ଷୟକ୍ଷତି ହୋଇନଥିବା ରାୟଗଡ଼ା ଷ୍ଟେଶନ ମ୍ୟାନେଜର ପରମାନନ୍ଦ ପିଡ଼ିକା ସୂଚନା ଦେଇଛନ୍ତି। ସେହିଭଳି ରାୟଗଡ଼ାଠାରୁ ମାତ୍ର ୫କି.ମି.ଦୂର ହାଲୁଆ ନିକଟରେ ୩୨୬ନଂ ଜାତୀୟ ରାଜପଥରେ ଗଛଗୁଡ଼ିକ ଭାଙ୍ଗ ପଡ଼ିଥିବାରୁ ରାସ୍ତା ଅବରୋଧ ହୋଇ ରହିଛି।

# ପେପରଲେସ୍ ଡିଏଲ୍, ଆର୍‌ସିରେ ଓଡ଼ିଶା ପ୍ରଥମ

**ବାଣିଜ୍ୟ ଓ ପରିବହନ ବିଭାଗ ସମୀକ୍ଷା**

**ସବୁ ବ୍ଲକରେ ହେବ ବସ୍‌ଷ୍ଟାଣ୍ଡ**

**ଭୁବନେଶ୍ୱର,୨୪।୫(ବ୍ୟୁରୋ)**

୫-ଟି ପଦକ୍ଷେପ ସ୍ୱରୂପ ଆବେଦନକାରୀଙ୍କୁ ଡିଏଲ୍ ଓ ଆର୍‌ସି ପ୍ରଦାନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ପେପରଲେସ୍(କାଗଜବିହୀନ) ଓ ଅସୁବିଧାମୁକ୍ତ କରିବା ଦିଗରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ। ୨୦୧୯ ସେପ୍ଟେମ୍ବର ୨୬ରେ ମୁଖ୍ୟମନ୍ତ୍ରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ଗୁଡ଼ିକୁ ଦଲାଲମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟଗୁଡ଼ିକରେ ସୂଚନା କିଓସ୍କୋ ଓ ସ୍ମାର୍ଟ କ୍ୟୁ ପରିଚାଳନା ବ୍ୟବସ୍ଥା(ଏସ୍‌କ୍ୟୁଏମ୍‌ଏସ୍) ସ୍ଥାପନ ଜରିଆରେ କାର୍ଯ୍ୟାଳୟକୁ ଆସୁଥିବା ବ୍ୟକ୍ତିବିଶେଷଙ୍କ ମୂଲ୍ୟବାନ ସମୟ ରକ୍ଷା ହେବା ସହ ସେମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ହୋଇପାରୁଛି ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରିଛନ୍ତି। ସମୀକ୍ଷା ପରେ ବୁଧବାର ଗୀତଗୋବିନ୍ଦ ସଦନଠାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, ଓଡ଼ିଶା ଲୋକସେବା ଅଧିକାର ଆଇନ(ଓଆର୍‌ଟିପିଏସ୍) ଅଧୀନରେ ବିଜ୍ଞାପିତ ୩୨ଟି ସେବା ମଧ୍ୟରୁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ୨୦୨୨ ସୁଦ୍ଧା ୩୧ଟି ସେବା ଅନ୍‌ଲାଇନରେ ଯୋଗାଇ ଦିଆଯାଉଛି। ଏହି ସେବାଗୁଡ଼ିକୁ ନାଗରିକଙ୍କ ପାଇଁ 'ଭିଜିଟ୍-ଲେସ୍'କରିବା ଦିଗରେ ଅଧିକ ପଦକ୍ଷେପ ନିଆଯାଉଛି। ଭାରିଯାନ ଚାଳକମାନଙ୍କୁ ଅଧିକ ଦକ୍ଷ କରିବା ଉଦ୍ଦେଶ୍ୟରେ ଯାଜପୁର ଛତିଆସ୍ଥିତ ଭାରିଯାନ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଏକ ରିଫ୍ରେଶର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏପ୍ରିଲ ମାସରେ ଭାରିଯାନ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ପ୍ରାୟ ୧,୬୯୮ ଡ୍ରାଇଭରଙ୍କୁ ତାଲିମ ଦିଆଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୧,୯୦୭ ଜଣ ପ୍ରଥମ ପ୍ରତିକ୍ରିୟାକାରୀଙ୍କୁ ତାଲିମ ଦିଆଯାଇଛି। ବିଜୁ ପଟ୍ଟନାୟକ ବିମାନବନ୍ଦର ନାମରେ ୧୯୬୨ରୁ ମାତ୍ର ଗୋଟିଏ ବିମାନ ବନ୍ଦର ଥିଲା। ବହୁଦାବିପରେ ୨୦୧୩ରେ ଏହା ଅନ୍ତର୍ଜାତୀୟ ବିମାନବନ୍ଦରରେ ପରିଣତ ହୋଇଥିଲା। ଏବେ ଓଡ଼ିଶାରେ ଏକାଧିକ ଏୟାରଷ୍ଟ୍ରିପ୍ ରହିଛି। ଆଞ୍ଚଳିକ ଓ ଆନ୍ତଃରାଜ୍ୟ ବିମାନ ଯୋଗାଯୋଗ ବ୍ୟବସ୍ଥାର ଅଭିବୃଦ୍ଧି ଏବଂ ଏହି ସମ୍ପଦକୁ ଓଡ଼ିଆ ଯୁବତୀଯୁବକଙ୍କ ବୃତ୍ତିଗତ ଦକ୍ଷତା ପାଇଁ ବ୍ୟବହାର କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏୟାରଷ୍ଟ୍ରିପ୍‌ଗୁଡ଼ିକର ପୁନରୁଦ୍ଧାର ପାଇଁ ଆଗେଇ ଆସିଛନ୍ତି। ୨୦୦୪ରେ ଓଡ଼ିଶା ବନ୍ଦର ନୀତିରେ ୧୪ଟି ସମ୍ଭାବ୍ୟ ସ୍ଥାନକୁ ଅଣ-ପ୍ରମୁଖ ବନ୍ଦର ଭାବେ ଚିହ୍ନଟ କରାଯାଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୨ରେ ଓଡ଼ିଶା ବନ୍ଦର ନୀତି-୨୦୨୨ର ଶୁଭାରମ୍ଭ କରାଯାଇଥିଲା, ଯେଉଁଥିରେ କ୍ୟାପ୍ଟିଭ୍ ଜେଟି, ଅଣ-ପ୍ରମୁଖ ବନ୍ଦର ଏବଂ ଅଣ-ଜାତୀୟକରଣ ଆଭ୍ୟନ୍ତରୀଣ ଜଳପଥର ବିକାଶଭଳି କ୍ଷେତ୍ର ସାମିଲ ଥିଲା । ବ୍ଲକସ୍ତରରେ ୫୫ଟି ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୭୦ଟି ନୂଆ ସ୍ଥାନ ଚିହ୍ନଟ କରାଯାଇଛି । ନାଗରିକମାନଙ୍କୁ ସୁବିଧାପ୍ରଦାନ କରିବା ପାଇଁ ଆରଟିଓଗୁଡ଼ିକର ଅନ୍‌ଲାଇନ୍ ସେବା ଯୋଗାଣ ପ୍ଲାଟ୍‌ଫର୍ମକୁ ସୁଦୃଢ଼ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଓ ବିଭାଗୀୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।



ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଓ ସଚିବ ଉଷା ପାଢ଼ୀ।

# ହସ୍ତତନ୍ତ ଉତ୍ପାଦନ, କାରବାର ବୃଦ୍ଧି ପାଇଛି

**ଭୁବନେଶ୍ୱର,୨୪।୫(ବ୍ୟୁରୋ)**

ରାଜ୍ୟରେ ହସ୍ତତନ୍ତ ଉତ୍ପାଦନ ୪୧୦.୩୭ କୋଟି ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ହସ୍ତଶିଳ୍ପର ବାର୍ଷିକ କାରବାର ୧୪୫.୩୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ୨୦୨୩ରେ ବିଭାଗ ଦ୍ୱାରା ରୂପାନ୍ତରିତ ଦେୟ ବାବଦକୁ ବୁଣାକାରମାନଙ୍କୁ ୧୪୬.୪୦କୋଟି ଟଙ୍କା ପ୍ରଦାନ କରାଯାଇଛି । ବୟନିକାର ବାର୍ଷିକ କାରବାର ୧୬୨.୧୪ କୋଟି ଟଙ୍କା ହୋଇଥିବାବେଳେ ସମ୍ବଲପୁରୀ ବସ୍ତ୍ରାଳୟ ୭୧.୨୪ କୋଟି ଟଙ୍କା, ଉତ୍କଳିକା ୧୭.୭୯କୋଟି ଟଙ୍କା ଓ ଅମ୍ଳାନ ୪.୪୬ କୋଟି ଟଙ୍କା ବାର୍ଷିକ କାରବାର କରିଛି । ୯ଟି ହସ୍ତତନ୍ତ ଓ ୩ଟି ହସ୍ତଶିଳ୍ପ ଉତ୍ପାଦ ଜିଆଇ ଟ୍ୟାଗ୍ ପାଇଛନ୍ତି । ଆଉ ୫ଟି ହସ୍ତଶିଳ୍ପକୁ ଜିଆଇ ଟ୍ୟାଗ୍ ମିଳିବା ନିମନ୍ତେ ବିଭାଗ ପକ୍ଷରୁ ଆବେଦନ କରାଯାଇଛି। ୧୮,୬୧୧ ରେଶମ ଚାଷୀ ସମବାୟ ସମିତିର ସଦସ୍ୟ ଭାବେ ଅନ୍ତର୍ଭୁକ୍ତ ହୋଇଛନ୍ତି। ସେହିପରି ଟସର ସିଲ୍‌କ ଉତ୍ପାଦନ ୧୨୯.୦୯ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଛି ବୋଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କାର୍ଯ୍ୟାବଳୀ ସମୀକ୍ଷା କରିଛନ୍ତି । ସମୀକ୍ଷା ପରେ ମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ କୃଷି ପରେ ବୟନ, ହସ୍ତତନ୍ତର ଉନ୍ନତି ପାଇଁ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ବିଭାଗର ପ୍ରୋତ୍ସାହନ ଯୋଗୁ ବୁଣାକାରଙ୍କ ବାର୍ଷିକ ମୁଣ୍ଡପିଛା ଆୟ ୫୮ ହଜାର ୮୫ ଟଙ୍କା ହୋଇପାରିଛି । ସାମାଜିକ ସୁରକ୍ଷା ଯୋଜନାରେ ୧୪୪୭ ଜଣ ବୁଣାକାର ସାମିଲ ହୋଇଛନ୍ତି । ବିଭାଗର ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ସୂଚନା ଦେଇ ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମହିଳାମାନଙ୍କୁ ସଶକ୍ତ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ୬୦,୭୭୩ ମହିଳା ବୁଣାକାର୨୦୫୫ଟି ତନ୍ତକୁ ସ୍ୱତନ୍ତ୍ର ରୂପେ ଉପଯୋଗ କରି ଆର୍ଥିକ ଦୃଷ୍ଟିରୁ ସଶକ୍ତ ହୋଇପାରିଛନ୍ତି । ୬୫୮ଟି ହସ୍ତତନ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ଅଧୀନରେ ୭୭୩୭ ମହିଳା ବୟନ କାର୍ଯ୍ୟରେ ଅଂଶଗ୍ରହଣ କରିପାରିଛନ୍ତି । ସେହିଭଳି ହସ୍ତଶିଳ୍ପ କ୍ଷେତ୍ରରେ ୮୯,୫୫୬ ମହିଳା ହସ୍ତଶିଳ୍ପୀ ରାଜ୍ୟରେ କାର୍ଯ୍ୟରତ । ୯୩୯ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ହସ୍ତଶିଳ୍ପ ପ୍ରସ୍ତୁତ କରି ଆର୍ଥିକ ଦୃଷ୍ଟିରୁ କ୍ଷମତାପନ୍ନ ହୋଇଛନ୍ତି । ୨୦୨୧ରୁ ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନା କାର୍ଯ୍ୟକାରୀ କରାଯାଉଛି। ବୁଣାକାରମାନଙ୍କୁ ବୈଦ୍ୟୁତିକ ପଙ୍ଖା, ବଲ୍‌ବ ଓ ଇନ୍‌ଭର୍ଟର ଯୋଗାଇ ଦିଆଯାଉଛି। ୯୦୪୧ ଜଣ ବୁଣାକାର ଏହି ଯୋଜନାରେ ଲାଭ ପାଇପାରିଛନ୍ତି ବୋଲି ସେ କହିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ୫୭,୭୨୭ କାରିଗରଙ୍କୁ ଦକ୍ଷତା ତାଲିମ ଦିଆଯାଇଛି। ଶିଳ୍ପୀ ଉନ୍ନତି ଯୋଜନାରେ ହସ୍ତଶିଳ୍ପ ୟୁନିଟ୍ ସ୍ଥାପନ ପାଇଁ ବ୍ୟାଙ୍କ ଋଣ ନେବା ପାଇଁ ୨୦% ମାର୍ଜିନ୍ ରାଶି ସହାୟତା ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଯୋଗାଇ ଦିଆଯାଇଛି । ୨୦୦୦ରୁ ବର୍ତ୍ତମାନ ସୁଦ୍ଧା ୧୩,୬୧୮ ହସ୍ତଶିଳ୍ପ କାରିଗର ଏହି ଯୋଜନାରୁ ଲାଭ ଉଠାଇଛନ୍ତି। ରାଜ୍ୟର ଟସର ସିଲ୍‌କ ପାର୍କ ମଡେଲକୁ ଜାତୀୟ ସ୍ୱୀକୃତି ମିଳିଛି । ବିଭାଗୀୟ ସଚିବ ପାୱାର ପଏଣ୍ଟ ମାଧ୍ୟମରେ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ କ୍ଷେତ୍ରରେ କାର୍ଯ୍ୟ କରୁଥିବା କାରିଗରମାନଙ୍କ ସାମାଜିକ, ଆର୍ଥିକ ଉନ୍ନତିର ଏକ ସ୍ପଷ୍ଟ ଚିତ୍ର ଉପସ୍ଥାପନ କରିଥିଲେ ।



ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁ ଓ ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ।

## ପ୍ରଥମ ପୃଷ୍ଠାରୁ...

### ବଦଳିଲା ମାଟ୍ରିକ ...

ନବମ ଓ ଦଶମ ଶ୍ରେଣୀ ପରୀକ୍ଷା ପଦ୍ଧତିରେ ପରିବର୍ତ୍ତନ ଆଣିଛୁ। ଅଭ୍ୟାସ ପାଇଁ ପୂର୍ବରୁ ଯେଉଁଭଳି ଛାତ୍ରୀଛାତ୍ରମାନେ ଷଡ଼ମାସିକ ପରୀକ୍ଷା ଦେଉଥିଲେ, ସେହି ପ୍ରକ୍ରିୟା ଜାରି ରହିବ। ସେହିପରି ନବମ ଶ୍ରେଣୀରେ ଆଉ ସମ୍ମେଟିଭ୍ ପରୀକ୍ଷା ହେବନାହିଁ। କେବଳ ବାର୍ଷିକ ପରୀକ୍ଷା ହେବ। ସେଥିପାଇଁ ବୋର୍ଡ ପ୍ରଶ୍ନପତ୍ର ଯୋଗାଇଦେବ। ପ୍ରଶ୍ନପତ୍ରଗୁଡ଼ିକ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ନିକଟକୁ ପଠାଯିବ। ତା’ପରେ ସେଠାରୁ ସ୍କୁଲକୁ ପ୍ରଶ୍ନପତ୍ର ଯିବ। ସ୍କୁଲ ପରୀକ୍ଷା ପରିଚାଳନା କରିବ ଓ ଖାତା ମୂଲ୍ୟାୟନ କରି ପରୀକ୍ଷାଫଳ ପ୍ରକାଶ କରିବ ବୋଲି ବୋର୍ଡ ସଭାପତି କହିଛନ୍ତି। ବାରମ୍ବାର ପରୀକ୍ଷା ଢାଞ୍ଚା ପରିବର୍ତ୍ତନକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ଏନେଇ ବୋର୍ଡ ଉପସଭାପତି ମହାନ୍ତି କହିଛନ୍ତି ଯେ, କୋଭିଡ୍ ସମୟରେ ଗୋଟିଏ ବର୍ଷ ମାଟ୍ରିକ୍ ପରୀକ୍ଷା ହୋଇପାରି ନ ଥିଲା। ତେଣୁ ବୋର୍ଡ ପକ୍ଷରୁ ନବମ ଏବଂ ଦଶମ ଶ୍ରେଣୀ ପାଇଁ ଦୁଇଟି ସମ୍ମେଟିଭ ଆସେସ୍‌ମେଣ୍ଟ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହା ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ଉପରେ ଚାପ ସୃଷ୍ଟି କରିଥିଲା। ବର୍ତ୍ତମାନ କୋଭିଡ୍ ପ୍ରକୋପ ନ ଥିବାରୁ ପୂର୍ବଭଳି ଗୋଟିଏ ଥର ବାର୍ଷିକ ପରୀକ୍ଷା କରାଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ମହାନ୍ତି କହିଛନ୍ତି।

### ପ୍ରତି ପଞ୍ଚାୟତକୁ ଗଡ଼ିବ ...

ଅଞ୍ଚଳବାସୀଙ୍କ ପୂର୍ବ ଭଳି ଆଉ ଦୁଃଖ ରହିବ ନାହିଁ। କାରଣ ପ୍ରତ୍ୟେକ ଗାଁରେ ରାଜ୍ୟ ସରକାର ମୋ ବସ୍ ସେବା ଯୋଗାଇଦେବା ଲାଗି ନିଷ୍ପତ୍ତି ନେଇଛନ୍ତି। ସେହିପରି ସ୍କ୍ରାପିଂ ପଲିସି ନେଇ ସଚିବ ପାଢ଼ୀ କହିଛନ୍ତି, ରାଜ୍ୟ ସରକାରଙ୍କ ୧୬୦୦ ଗାଡ଼ି ସ୍କ୍ରାପ୍ କରାଯିବ। କେନ୍ଦ୍ର ସରକାରଙ୍କ ସ୍କ୍ରାପ୍ ସେଣ୍ଟର ଓ ଏମ୍‌ଏସ୍‌ଟିସି ଦ୍ୱାରା ସବୁ ସରକାରୀ ଗାଡ଼ିକୁ ସ୍କ୍ରାପ୍ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ଏଥିଲାଗି ଭାରତ ସରକାରଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ମଧ୍ୟ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଧୀରେ ଧୀରେ ସରକାରଙ୍କ ପାଖରେ ଥିବା ସମସ୍ତ ୧୫ ବର୍ଷ ପୁରୁଣା ସରକାରୀ ଗାଡ଼ି ସ୍କ୍ରାପ୍ କରାଯାଉଛି ବୋଲି ପାଢ଼ୀ କହିଛନ୍ତି।

### ନୂଆ ପାର୍ଲାମେଣ୍ଟ ...

ସୋସିଆଲିଷ୍ଟ ପାର୍ଟି ଏବଂ ମାରୁମାଲାର୍ଚି ଦ୍ରାବିଡ ମୁନେତ୍ରା କାଜାଗାମ୍। ବିରୋଧୀଙ୍କ ନିଷ୍ପତ୍ତିକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ନିଜ ପ୍ରତିକ୍ରିୟାରେ କହିଛନ୍ତି, ସେମାନେ ନିଜ ଜ୍ଞାନ ଅନୁସାରେ ମନ୍ତବ୍ୟ ଦେଉଛନ୍ତି। କିନ୍ତୁ ତାମିଲନାଡୁରୁ ଅଣାଯାଇଥିବା ଐତିହାସିକ 'ସେନ୍‌ଗୋଲ'(ସାର୍ବଭୌମତ୍ୱର ପ୍ରତୀକ ରାଜଦଣ୍ଡ)କୁ ନେଇ ସେମାନେ ରାଜନୀତି କରିବା ଦୁର୍ଭାଗ୍ୟଜନକ। ବ୍ରିଟିଶ ସରକାର କ୍ଷମତା ହସ୍ତାନ୍ତର ବେଳେ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କୁ ଏହି 'ସେନ୍‌ଗୋଲ' ପ୍ରଦାନ କରିଥିଲେ। ସଂସଦର ନୂଆ କମ୍ପ୍ଲେକ୍ସରେ ଏହାକୁ ସ୍ଥାପନ କରାଯିବ। ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ବିରୋଧୀଙ୍କ ବର୍ଜନ ଆହ୍ୱାନକୁ ଦୁର୍ଭାଗ୍ୟଜନକ କହି ନିଜ ଆଭିମୁଖ୍ୟର ପୁନର୍ବିଚାର କରିବାକୁ ପରାମର୍ଶ ଦେଇଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ପାର୍ଲାମେଣ୍ଟ ହାଉସ୍ ଆନେକ୍ସକୁ ଉଦ୍‌ଘାଟନ କରିଥିବାବେଳେ ତାଙ୍କ ଉତ୍ତରାଧିକାରୀ ରାଜୀବ ଗାନ୍ଧୀ ୧୯୮୭ରେ ନିର୍ମିତ ପାର୍ଲାମେଣ୍ଟ ଲାଇବ୍ରେରି ବିଲ୍ଡିଂର ଶିଳାନ୍ୟାସ କରିଥିଲେ। କଂଗ୍ରେସର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ମଧ୍ୟ ଅନେକ ଲେଜିସ୍‌ଲେଟିଭ୍ ବିଲ୍ଡିଂକୁ ଉଦ୍‌ଘାଟନ କରିଥିଲେ। ମୋଦି ଉଦ୍‌ଘାଟନ କରିବାରେ ଅସୁବିଧା କ'ଣ ବୋଲି ଭାଜପା ନେତା ଟେହସିନ ପୁନାୱାଲା ପ୍ରଶ୍ନ କରିଛନ୍ତି।

### ରାଜ୍ୟ ସଭା ସଦସ୍ୟଙ୍କ...

ଧକ୍କା ହୋଇଥିଲା। ସ୍କୁଟିରେ ଥିବା ଟଙ୍କଧର ଗୁରୁତର ଆହତ ହୋଇଥିଲେ। ପୋଲିସ ଘଟଣାସ୍ଥଳରୁ ଆହତ ଟଙ୍କଧରଙ୍କୁ ପାଟଣାଗଡ଼ ଉପଖଣ୍ଡ ହସ୍ପିଟାଲ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁର୍ଘଟଣା ଘଟିବା ପରେ ଲରମ୍ବା ପୋଲିସ କାର ଏବଂ ସ୍କୁଟିକୁ ଥାନାକୁ ନେଇଛି। ଦୁର୍ଘଟଣା ସମୟରେ ସାଂସଦ ବିଶି କାରରେ ବସିଥିଲେ ବୋଲି ପ୍ରଚାର ହେଉଥିବାବେଳେ ସେ ଏହାକୁ ଖଣ୍ଡନ କରିଛନ୍ତି। ଦୁର୍ଘଟଣା ସମୟରେ ସେ ଉକ୍ତ ଗାଡ଼ିରେ ନ ଥିଲେ। ସେତିକିବେଳେ ସେ ତାଙ୍କ ପାଟଣାଗଡ଼ସ୍ଥିତ ଘରେ ରହିଥିଲେ ଏବଂ କାର ତାଙ୍କ ଗାଁ କୁତୁର୍ଲା ଅଭିମୁଖେ ଯାଉଥିଲା ବୋଲି ବିଶି କହିଛନ୍ତି। ଏହି ଦୁର୍ଘଟଣାକୁ ନେଇ ସେ ମର୍ମାହତ ଏବଂ ଦୁଃଖିତ ବୋଲି କହିବା ସହ ମୃତ ଟଙ୍କଧର ତାଙ୍କର ଜଣେ ସମ୍ପର୍କୀୟ ପୁତୁରା ହେବେ ବୋଲି କହିଛନ୍ତି। ଅପରାହ୍ନରେ ବିଶି ଇନ୍ଦପୁରରେ ପହଞ୍ଚି ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିବା କହିଛନ୍ତି। ରେଡ୍‌କ୍ରସ ତରଫରୁ ମୃତକଙ୍କ ପରିବାରକୁ ପାଟଣାଗଡ଼ ପ୍ରଶାସନ ୩୦ ହଜାର ଟଙ୍କା ସହାୟତା ଦେଇଥିବା ତହସିଲଦାର ଲକ୍ଷ୍ମଣ ମାଝି ସୂଚନା ଦେଇଛନ୍ତି । ଲରମ୍ବା ଥାନା ପୋଲିସର ପ୍ରତିକ୍ରିୟା ମିଳିପାରି ନାହିଁ।



ଦୁର୍ଘଟଣା ଘଟାଇଥିବା ରାଜ୍ୟ ସଭା ସଦସ୍ୟଙ୍କ ଇନୋଭା କାର୍। ଦୁର୍ଘଟଣାଗ୍ରସ୍ତ ସ୍କୁଟି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଅଶ୍ୱିନୀ ନକ୍ଷତ୍ର ସକାଶେ ଅପ୍ରିୟ ସତ୍ୟ ଭାଷଣ ପ୍ରତ୍ୟେକ ସ୍ତରରେ ସମସ୍ୟା ସୃଷ୍ଟି କରିପାରେ। ଦ୍ୱିଜା ବିଚାରବୁଦ୍ଧି ପ୍ରୟୋଗ କରି ସମସ୍ୟାର ସମାଧାନ କରିପାରିବେ। ସାମାଜିକ ସ୍ତରରେ ଦକ୍ଷତାର ମୂଲ୍ୟାୟନ ସାଙ୍ଗକୁ ପୁରସ୍କୃତ ହୋଇପାରନ୍ତି। ଅଫିସ୍ କାମରେ ସାମୟିକ ଭୁଲ୍ ବୁଝାମଣା ଯୋଗୁ ମାନସିକ ସ୍ଥିରତା ରହିନପାରେ।

**ବୃଷ** – ରୋହିଣୀ ନକ୍ଷତ୍ରର ଅର୍ଥନୈତିକ ଅଭିବୃଦ୍ଧି କାରଣରୁ ମନ ପ୍ରଫୁଲ୍ଲ ରହିବ। କିନ୍ତୁ କୃତ୍ତିକା ନକ୍ଷତ୍ରର ସମସ୍ୟା ପୂର୍ବପରି ରହିବ, ତଥାପି ଭୟ କରିବାର କୌଣସି କାରଣ ନାହିଁ। କୌଣସି ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହୋଇପାରନ୍ତି, ଯାହାଫଳରେ କାମଟି ଅପୂର୍ଣ୍ଣ ରହିଯିବ। ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ମିଥୁନ** – ଯେତେ ରାଗିଥିଲେ ମଧ୍ୟ ଟିକିଏ ଫୁସୁଲା ଫୁସୁଲି କଥାରେ ମନ ପୂରା ବଦଳିଯିବ। ଏହି ସୁଯୋଗ ନେଇ ମୃଗଶିରା ନକ୍ଷତ୍ର ଆତ୍ମୀୟମାନେ ଫାଇଦା ପାଇଁ ଫନ୍ଦିଫିକର କରିବେ। ଆରଦ୍ରା ନକ୍ଷତ୍ର କର୍ମକ୍ଷେତ୍ରରେ ନିଜକୁ ଅନ୍ୟମାନଙ୍କ ସହ ତୁଳନା କରି ମନ ଊଣା କରିପାରନ୍ତି। ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପାରେ।

**କର୍କଟ** – ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ରଙ୍କ ଲାଗି ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ଅଶ୍ଳେଷା ନକ୍ଷତ୍ର ଆର୍ଥିକ ଅନଟନ ଲାଗିରହିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବେ। କିନ୍ତୁ ପୁନର୍ବସୁ ସକାଶେ ଆଜିର ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିବେ। ବ୍ୟବସାୟରେ ଲାଭ ମିଳିବ, ମାତ୍ର ନିଜ ଅବହେଳାରୁ ଅନ୍ୟବାଟରେ ବ୍ୟୟ ହେବ।

**ସିଂହ** – ଆଜିର କାମ ଯଥାରୀତି ସମ୍ପନ୍ନ କରିବାରେ ଅସୁବିଧା ହେବନାହିଁ। ମଘା ନକ୍ଷତ୍ର ପାଖପଡ଼ୋଶୀଙ୍କ କୁଟିଳ କଥାକୁ ଠିକ୍ ଭାବେ ବୁଝିପାରିବେନି। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ସକାଶେ ଯୋଜନା, ଜମିଜମା, ଯାନ୍ତ୍ରିକ କାରବାର, ଯାନବାହନ କ୍ରୟ ବିକ୍ରୟରେ ଅଗ୍ରଗତି ହେବ। ପାରିବାରିକ କ୍ଷେତ୍ରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇବ।

**କନ୍ୟା** – ହସ୍ତା ନକ୍ଷତ୍ରର ପ୍ରତ୍ୟେକ କାମ ପ୍ରତିବନ୍ଧକ ମଧ୍ୟରେ ଅଟକି ରହିବ। ଏଣେ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡ଼ିବେ। ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ରଜାତ ବ୍ୟକ୍ତିମାନଙ୍କର ନୂତନ କର୍ମସଂସ୍ଥାନ ପାଇଁ ମନ ବଳିପାରେ। ସାଧାରଣ କଥାରେ ପ୍ରିୟ ବ୍ୟକ୍ତିଟି ସହ ସମ୍ପର୍କହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

**ତୁଳା** – ଆଜିର କର୍ମକ୍ଷେତ୍ର ଓ ପାରିବାରିକ ଜୀବନ ବିଶାଖା ନକ୍ଷତ୍ର ସକାଶେ ପ୍ରୀତିପ୍ରଦ ରହିବ। ଆତ୍ମୀୟସ୍ୱଜନ ତଥା ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ଚିତ୍ରା ନକ୍ଷତ୍ର ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ। ଧର୍ମକାର୍ଯ୍ୟ କରିବା ସାଙ୍ଗକୁ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ବିଛା** – ପ୍ରତ୍ୟେକ କାର୍ଯ୍ୟ ମନ୍ଥର ଗତିରେ ଚାଲିବା କାରଣରୁ ସାମୟିକ ଅନୁଚିନ୍ତା କରିପାରନ୍ତି। ଅନୁରାଧା ନକ୍ଷତ୍ରର ପ୍ରିୟ ବ୍ୟକ୍ତିଟିର ଛଳନା ଓ ପ୍ରତାରଣାପୂର୍ଣ୍ଣ କଥାରେ ମନରୁ ସରସତା ଉଭେଇଯିବ। ଜ୍ୟେଷ୍ଠା ନକ୍ଷତ୍ରର ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହୋଇପାରେ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି।

**ଧନୁ** – ସମସ୍ୟା ଅପରିବର୍ତ୍ତିତ ରହିଥିଲେ ମଧ୍ୟ କିଛିଟା ଲାଘବ ହେବାର ଅନୁଭବ କରିବେ। ଉତ୍ତରାଷାଢ଼ା ନକ୍ଷତ୍ରର ପରିସ୍ଥିତିର ମୁକାବିଲା କରନ୍ତୁ, ଅବଶ୍ୟ ସଫଳତା ହାସଲ କରିପାରିବେ। ମୂଳା ନକ୍ଷତ୍ର ସକାଶେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖୋଜ ଖବର, ନୂତନ ଚୁକ୍ତିପତ୍ର ସ୍ୱାକ୍ଷର, ନୂତନ ସ୍ଥାନକୁ ଯାତ୍ରା କରିପାରନ୍ତି।

**ମକର** – ଶ୍ରବଣା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ସୁଧୁରିବାରେ ଲାଗିବ। କିନ୍ତୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ଧନିଷ୍ଠା ନକ୍ଷତ୍ର ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ବିଚାରବୁଦ୍ଧି ହରାଇ ପ୍ରେମ ଫାଶରେ ଆବଦ୍ଧ ହୋଇପାରନ୍ତି।

**କୁମ୍ଭ** – ବନ୍ଧୁଙ୍କ ସହ ଆଲୋଚନା, ପିଲାଙ୍କ କୃତିତ୍ୱ, କଳା, ସାହିତ୍ୟାଦିରୁ ସମ୍ମାନ ଆଜି ପାଇଁ ସୁଖଦ ଖବର ହୋଇପାରେ। ପୂର୍ବଭାଦ୍ରବ ନକ୍ଷତ୍ରର ଆଜିର ପାରିଶ୍ରମିକ ମନଲାଖି ହେବନାହିଁ। ଧନିଷ୍ଠା ନକ୍ଷତ୍ରର ପିଲାମାନଙ୍କ ପଢ଼ାସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ବାରମ୍ବାର ପୁରୁଣା କଥାକୁ ଆଲୋଚନା କରିବା ଠିକ୍ ହେବନି।

**ମୀନ** – ରେବତୀ ନକ୍ଷତ୍ରର ପାରିବାରିକ ଜୀବନ ସୁଖ ସନ୍ତୋଷରେ ଅତିବାହିତ ହେବ। ଉତ୍ତରଭାଦ୍ରବ ନକ୍ଷତ୍ର ସକାଶେ କର୍ମକ୍ଷେତ୍ର ମଧ୍ୟ ତଦନୁରୂପେ ପ୍ରୀତିଦାୟକ ହେବ। ଘର ପାଇଁ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଆନୁଷ୍ଠାନିକ କାର୍ଯ୍ୟ ଅଥବା ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

ଆଜି ଜ୍ୟେଷ୍ଠମାସ ଶୁକ୍ଲପକ୍ଷର ଶୀତଳଷଷ୍ଠୀ ଗୁରୁବାର, ମେ’ ୨୫ ତାରିଖ, ଭଜନ ସମ୍ରାଟ୍ ଭିକାରୀ ବଳଙ୍କ ଜୟନ୍ତୀ, ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓଙ୍କ ତିରୋଧାନ ଦିବସ, ଗୁରୁ ଅର୍ଜୁନ ଦେବ ପୁଣ୍ୟ ଦିବସ, ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୧୨ମି. ଗତେ ଘ.୦୬।୦୪ମି. ମଧ୍ୟେ, ଘ.୦୯।୩୩ମି. ଗତେ ଘ.୧୧।୧୭ମି. ମଧ୍ୟେ ଶୁଦ୍ଧ ଶୁଭବେଳା।। ଦିବା ଘ.୦୧।୨୧ମି. ଗତେ ଘ.୦୨।୫୯ମି. ମଧ୍ୟେ ରାହୁକାଳ।

# ଆଞ୍ଚଳିକ, ରାଜ୍ୟ ବାହାର କଳାକାରଙ୍କ ମିଳନ

ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଏକ ଅନନ୍ୟ ପରମ୍ପରା। ଏହି ଯାତ୍ରାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଲୋକବାଦ୍ୟ, ଲୋକନୃତ୍ୟ, ଲୋକଗୀତ କଳାକାରଙ୍କ ସମାଗମ ହୋଇଥାଏ। ଆଧୁନିକ ନୃତ୍ୟଶିଳ୍ପୀ ଓ କଣ୍ଠଶିଳ୍ପୀ ସେମାନଙ୍କ ଯାଦୁରେ ଦର୍ଶକଙ୍କୁ ବିମୋହିତ କରିଥାନ୍ତି। ବିଭିନ୍ନ ଯାତ୍ରା କମିଟିକୁ ଆସିଥିବା କଳାକାରଙ୍କ ସଂଖ୍ୟା ଚଳିତବର୍ଷ ୧୦ ହଜାରରୁ ଅଧିକ ହେବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି। ନନ୍ଦପଡ଼ା ଯାତ୍ରା କମିଟିରେ ପ୍ରାୟ ୩ ହଜାର, ଝାଡ୍ତୁଆପଡ଼ାରେ ୨ ହଜାର, ମୁଦିପଡ଼ାରେ ୨୨ଶହ, ବଡ଼ବଜାରରେ ୧୨ଶହ, ଠାକୁରପଡ଼ାରେ ୮ଶହ, ବାଲିବନ୍ଧାରେ ୨ଶହ କଳାକାର ଆସିଛନ୍ତି। ଏତଦ୍‌ବ୍ୟତୀତ ବୁଢ଼ାରଜା, ସାକ୍ଷୀପଡ଼ା, ସାଲିହାବଗିଚା, ଦୁର୍ଗାପାଲି ଗୁଡ଼େଶ୍ୱର ବାବା, ମାନେଶ୍ୱର ମାନଧାତା ବାବା, ଫାଟକ ଯାତ୍ରାରେ ପ୍ରାୟ ୪ ହଜାର କଳାକାର ନୃତ୍ୟ ପରିବେଷଣ ପାଇଁ ସମାଗମ ହୋଇଛନ୍ତି। ମହାଦେବଙ୍କ ବରାତି ଏବଂ ଶିବ ଓ ପାର୍ବତୀଙ୍କ ନଗର ପରିକ୍ରମାରେ ଦୁଲ୍‌ଦୁଲି, ସମ୍ପ୍ରଦା, କସରତ୍, ଦଣ୍ଡନାଚ, ଘୁମୁରା, ମେଢ଼ନାଚ, କଳଙ୍ଗି, ଆଦିବାସୀ ନୃତ୍ୟ, ଝାଞ୍ଜି, ବାଡ଼ିନାଚ, ଛଉନାଚ, ପୁତୁଲା ନାଚ, ବ୍ଲାକ୍ କୋବ୍ରା, ଭାଙ୍ଗଡା, ବିହୁ, ଧମାଲ୍ ବଜା, କାଠିନାଚ, ପାଇକ ଆଖଡ଼ା, ସବର ନାଚ ଓ ସଂକୀର୍ତ୍ତନ, ଗୌରବାଡି, କରମା ନାଚ, ଯୋଡ଼ି ଶଙ୍ଖ ଓ ଦଶାବତାର ଏବଂ ଆଧୁନିକ ନୃତ୍ୟ ସାମିଲ ହୋଇଛି। ଏହା ବ୍ୟତୀତ ଅର୍କେଷ୍ଟ୍ରା ଦଳ ରହିଛନ୍ତି। ସେହିପରି ନନ୍ଦପଡ଼ା ଓ ଝାଡ୍ତୁଆପଡ଼ା ଯାତ୍ରା କମିଟି ବ୍ୟତୀତ ଅନ୍ୟ ଯାତ୍ରାରେ କିନ୍ନରଙ୍କ ନୃତ୍ୟ ଛଟା ଦେଖିବାକୁ ମିଳିଛି। ତେଣୁ ସମ୍ବଲପୁର ଶୀତଳଷଷ୍ଠୀ କଳାକାରଙ୍କ ମହାମିଳନ କହିଲେ ଅତ୍ୟୁକ୍ତି ହେବ ନାହିଁ। ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟତୀତ ସେମାନେ ପରସ୍ପର ମଧ୍ୟରେ ନିଜ ଅଞ୍ଚଳର ନୃତ୍ୟଗୀତ ବିଷୟରେ ଆଲୋଚନା କରିଥାନ୍ତି। ଏଥିସହ ଭାବର ଆଦାନପ୍ରଦାନ କରନ୍ତି। ଏହା ପ୍ରାୟ ୨୪ଘଣ୍ଟା ଧରି ଚାଲିଥାଏ। କଷ୍ଟସାଧ୍ୟ ହୋଇଥିଲେ ମଧ୍ୟ କଳାକାରମାନେ ଉତ୍ସାହ ସହିତ ପରିବେଷଣ କରିଥାନ୍ତି। ହରିୟାଣାର ଅଘୋରି ନୃତ୍ୟ, ମଧ୍ୟପ୍ରଦେଶ ଉଦଜେନର ଭସ୍ମରେମୟା, କେରଳର କଭାଡି ନୃତ୍ୟ, ମହାରାଷ୍ଟ୍ରର ଢୋଲବାଜା, ରାୟପୁରର ଧମାଲ ବାଦ୍ୟ ଓ ଓଡ଼ିଶାର ଓଡ଼ିଶୀନୃତ୍ୟ ବିଭିନ୍ନ ଯାତ୍ରା କମିଟିର ମୁଖ୍ୟ ଆକର୍ଷଣ ରହିଛି।



ଲୋକନାଥ ବାବାଙ୍କ ତୈଳାଭିଷେକ ପରେ ଶ୍ରଦ୍ଧାଳୁମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।




# ଦେବଦମ୍ପତିଙ୍କ ବିବାହରେ ହଳଦୀ ଖେଳ

**ସମ୍ବଲପୁର,୨୪।୫(ବ୍ୟୁରୋ)**

ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାରେ ଦେବ ଦମ୍ପତିଙ୍କ ବିବାହ ପାଇଁ ହଳଦୀ ଖେଳ ପରମ୍ପରା ଅନୁଷ୍ଠିତ ହୋଇଛି। କନ୍ୟା ପକ୍ଷ ମାତା ପାର୍ବତୀଙ୍କୁ ମନ୍ଦିରରୁ ଶୋଭାଯାତ୍ରାରେ ନିଜ ଘରକୁ ନେବା ପରେ ଏହି ଖେଳ ଆରମ୍ଭ ହୋଇଥିଲା। କନ୍ୟା ଘରେ ରୀତିନୀତି ଅନୁସାରେ ଗଇଁଠାଳ ଫିଟା ନୀତି ହୋଇଥିଲା। ବିବାହରେ ଯୋଗଦାନ କରିଥିବା ପରିବାର ପରିଜନ ସମସ୍ତେ ହଳଦୀ ଖେଳି ମଜା ନେଇଥିଲେ। ଏହି ଅବସରରେ ନାଚ, ଗୀତ ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟପଟେ କନ୍ୟା ପିତାମାତାଙ୍କ ଘରକୁ ମାମୁଁ ଘରୁ ମଉଳା ଭାର ମଧ୍ୟ ଆସିଥିଲା। ଝାଡ୍ତୁଆପଡା ଲୋକନାଥ ବାବା ଓ ମୁଦିପଡାର ଜାଗେଶ୍ୱର ବାବାଙ୍କୁ ପଡାର ମହିଳାମାନେ ତେଲ ହଳଦୀ ଲଗାଇ ପାର୍ବତୀଙ୍କ ଗନସନ କରିଥିଲେ। ଢୋଲ ବାଜା ନାଚ ସହ ମହିଳାମାନେ ହଳଦୀ ପର୍ବ ବେଶ ଧୁମଧାମରେ ପାଳନ କରିଥିଲେ। ସେହିପରି ସହର ନନ୍ଦପଡାର ବାଲୁଙ୍କେଶ୍ୱର ବାବା, ବଡବଜାର ଶୀତଳେଶ୍ୱର ବାବା, ଦୁର୍ଗାପାଲି ଗୁଡେଶ୍ୱର ବାବାଙ୍କ କନ୍ୟା ମାତା ପାର୍ବତୀଙ୍କ ଘରେ ତେଲ ହଳଦି ଖେଳ ହୋଇଥିଲା। ସନ୍ଧ୍ୟାରେ ମହାଦେବ ବର ବେଶରେ ସଜେଇ ହୋଇ ରଙ୍ଗୀନ ଆଲୁଅ ଓ ବାଜା ରୋଷଣୀରେ ଶୋଭାଯାତ୍ରାରେ ବାହାରିଥିଲେ। ପାର୍ବତୀ ଓ ମହାଦେବଙ୍କ ବିବାହ ଉତ୍ସବ ପରେ ଦେବଦମ୍ପତିଙ୍କ ଯୁଗଳ ବେଶ ଦର୍ଶନ ପାଇଁ ସହରବାସୀ ଅପେକ୍ଷା କରିଛନ୍ତି।



ମୁଦିପଡ଼ାରେ ହଳଦୀ ନୀତି ପରେ ସେଲ୍‌ଫି ନେଉଛନ୍ତି ମହିଳାମାନେ।







# ବିଶେଶ୍ୱର ବାବାଙ୍କ ବରାତି ଶୋଭାଯାତ୍ରା

**ବିନିକା,୨୪।୫ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ସହର ଶୀତଳଷଷ୍ଠୀ ଯାତ୍ରା ପାଇଁ ଉତ୍ସବ ମୁଖର ହୋଇଉଠିଛି। ଷଷ୍ଠ ବର୍ଷରେ ପଦାର୍ପଣ କରିଥିବା ଏହି ଯାତ୍ରା ଚଳିତବର୍ଷ ଧୂମଧାମରେ ପାଳିତ ହେଉଛି। ପତରପେଣ୍ଡୀ ନିବନ୍ଧ ଓ ଦେବ ନିମନ୍ତ୍ରଣ ନୀତି ପରେ ବୁଧବାର ରାତିରେ ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଛି। ଏଥିପାଇଁ ଯାତ୍ରା କମିଟି ତରଫରୁ ସଭାପତି ପୂର୍ଣ୍ଣଚନ୍ଦ୍ର ମେହେର, କାର୍ଯ୍ୟକାରୀ ସଭାପତି ଅଜିତ ସାମନ୍ତରାୟ, ସମ୍ପାଦକ ଚରଣ ମେହେର, ସହ ସମ୍ପାଦକ ସମ୍ବିତ ନେପାକଙ୍କ ନେତୃତ୍ୱରେ କମିଟି କର୍ମକର୍ତ୍ତା ଓ ଭକ୍ତମାନେ ପ୍ରଭୁଙ୍କୁ ବର ବେଶରେ ସଜାଇଥିଲେ। ପରେ ବରାତି ଶୋଭାଯାତ୍ରାରେ ମହାଦେବ ବିଜେ କରିଥିଲେ। ଏହି ଶୋଭାଯାତ୍ରାରେ ସହରର ବିଭିନ୍ନ ଦେବାଦେବୀ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ଭକ୍ତଙ୍କ ଜୟ ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା। ରାସ୍ତାରେ ଶ୍ରଦ୍ଧାଳୁମାନେ ମହାଦେବଙ୍କ ଦର୍ଶନ କରିବାର ସୁଯୋଗ ପାଇଥିଲେ। ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡ ଦୁର୍ଗାପୂଜା ମଣ୍ଡପ ନିକଟରେ ବରାତ ପହଞ୍ଚିବା ପରେ କନ୍ୟାପକ୍ଷ ତରଫରୁ ମଙ୍ଗଳନ, ଅଳଙ୍କାର ଧାରଣ କରାଯିବା ପରେ ଦେବୀ ପାର୍ବତୀଙ୍କ ମାମୁଁ ମାଇଁ ବିଶେଶ୍ୱର ବାବାଙ୍କୁ ବର ରୂପରେ ନିମନ୍ତ୍ରଣ କରି ବେଦୀ ସ୍ଥଳକୁ ପାଛୋଟି ଆଣିଥିଲେ। ବିଳମ୍ବିତ ରାତ୍ରିରେ ପୂଜକ ଉମାବଲ୍ଲଭ ଷଡ଼ଙ୍ଗୀଙ୍କ ଦ୍ୱାରା ପୂଜାର୍ଚ୍ଚନା ଓ ମନ୍ତ୍ରପାଠ ପରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଦେବ ବିବାହକୁ ଦେଖିବା ପାଇଁ ଭକ୍ତମାନଙ୍କ ଭିଡ ଜମିଥିଲା। ଏଥର ପ୍ରଭୁ ବିଶେଶ୍ୱର ବାବାଙ୍କ ମାତା ପିତା ଭାବେ ଶିକ୍ଷକ ଅନନ୍ତ ପଣ୍ଡା ଓ ତାଙ୍କ ସ୍ତ୍ରୀ ପ୍ରଭାସିନୀ ପଣ୍ଡା,ପାର୍ବତୀ ଦେବୀଙ୍କ ମାତା ପିତା ଭାବେ ପ୍ରକାଶ ଅଗ୍ରୱାଲ ଓ ତାଙ୍କ ସ୍ତ୍ରୀ ଜିତୁ ଅଗ୍ରୱାଲ ଦାୟିତ୍ୱ ତୁଲାଇଥିଲେ।






ତୁମେ ଯଦି ପୃଥିବୀରେ ଶାନ୍ତି ପ୍ରତିଷ୍ଠିତ ହେଉ ବୋଲି ଚାହୁଁଥାଅ- ତେବେ ଆଗ ନିଜ ହୃଦୟରେ ଶାନ୍ତି ସ୍ଥାପନ କର। ... ଜଣେ ତା'ର ପ୍ରଗାଢ ନିଦ୍ରାରୁ ଜାଗି ଉଠିପାରେ। କିନ୍ତୁ ଥରେ ପ୍ରଗାଢ ଶାନ୍ତି ତୁମ ଭିତରେ ସ୍ଥାପିତ ହେଲେ- ତାହା ଆଉ ଭାଙ୍ଗେ ନାହିଁ। **-ଶ୍ରୀମା**

# ଧର୍ମଧାରାରେ ନାରୀ ଶକ୍ତି



ଦେବଦତ୍ତ ପଟ୍ଟନାୟକ

ଧର୍ମ ମୁଖ୍ୟତଃ ପୁରୁଷଙ୍କର, ପୁରୁଷଙ୍କ ପାଇଁ ଓ ପୁରୁଷଙ୍କ ଦ୍ୱାରା ଏକ ସୃଷ୍ଟି ଭାବେ ରହିଆସିଛି। ଧର୍ମ କ୍ଷେତ୍ରରେ ପୁରୁଷମାନେ ସବୁବେଳେ ନାରୀମାନଙ୍କୁ କ୍ଷମତା ପ୍ରଦାନରେ ବାଧା ଦେଇଆସିଛନ୍ତି। ଆବ୍ରାହାମିକ ଧର୍ମରେ ଦିବ୍ୟ ପୁରୁଷ ଆବ୍ରାହମଙ୍କୁ ଜଣେ ବୃଦ୍ଧ ଭାବେ ଦେଖାଯାଏ। ଆବ୍ରାହମଙ୍କ ଭଳି ଯିଶୁ ଓ ମହମ୍ମଦ ମଧ୍ୟ ପୁରୁଷ। ମୋସେସ୍ ବି ପୁରୁଷ। ବୌଦ୍ଧଧର୍ମରେ ବୁଦ୍ଧଙ୍କ ନିର୍ବାଣ ପରେ ୧୦୦୦ ବର୍ଷ ଯାଏ କୌଣସି ମହିଳା ବୁଦ୍ଧଙ୍କ ସମ୍ପର୍କରେ କିଛି ସୂଚନା ନାହିଁ। ବୁଦ୍ଧଙ୍କ ପୂର୍ବଜନ୍ମ କଥା ଜତକା କାହାଣୀରେ ବର୍ଣ୍ଣନା କରାଯାଇଛି। ସେ ପ୍ରାଣୀ, ଉଦ୍ଭିଦ ଓ ମଣିଷ ରୂପରେ ଜନ୍ମ ନେଇଥିବା ଏଥିରେ କୁହାଯାଇଛି। ହେଲେ ମହିଳା ରୂପରେ କେଉଁଠି ଜନ୍ମ ନେଇଥିବା କୁହାଯାଇନାହିଁ।

କିନ୍ତୁ ପାଖାପାଖି ୧୫୦୦ ବର୍ଷ ପୂର୍ବେ ଖ୍ରୀଷ୍ଟ ଓ ବୌଦ୍ଧ ଧର୍ମରେ ନାରୀତ୍ୱ ଥିଲା ଏକ ପ୍ରମୁଖ ଶକ୍ତି। ପଞ୍ଚମ ଶତାବ୍ଦୀର ରୋମରେ ସମ୍ରାଜ୍ଞୀ ପୁଲଚେରିଆ ଖ୍ରୀଷ୍ଟଧର୍ମରେ ମଦର ମେରୀଙ୍କୁ ପ୍ରମୁଖ ବ୍ୟକ୍ତିତ୍ୱ ଭାବେ ଗଢ଼ି ତୋଳିଥିଲେ। ପୁଲଚେରିଆ ରାଜ ପରିବାରର ସଦସ୍ୟ ଥିଲେ ଏବଂ ତାଙ୍କ ଜେଜେବାପା ରୋମ ସାମ୍ରାଜ୍ୟରେ ଖ୍ରୀଷ୍ଟ ଧର୍ମକୁ ରାଜ୍ୟରେ ପ୍ରତିଷ୍ଠା କରିବାରେ ମୁଖ୍ୟ ଭୂମିକା ନେଇଥିଲେ। ପୁଲଚେରିଆ ଥିଲେ ପରିବାରରେ ସବୁଠୁ ବଡ଼ ଝିଅ ଏବଂ ସେ ତାଙ୍କ ଭାଇଙ୍କ ସହ ମିଶି ରାଜ୍ୟ ଶାସନ କରିଥିଲେ। ସେ ଜଣେ ନନ୍ ବା ପାଦ୍ରୀ ଥିଲେ। ଏକ ପୁରୁଷ ପ୍ରାଧାନ୍ୟ ସମାଜରେ ଜଣେ ନନ୍ ଭାବେ ରହି ସାଧାରଣରେ କୁମାରୀତ୍ୱ ସ୍ଥାପିତ ଓ ସୁଦୃଢ କରିବା ହେଉଛି ଶକ୍ତି ଲାଭର ଏକମାତ୍ର ଉପାୟ ବୋଲି ସେ ଉପଲବ୍ଧି କରିଥିଲେ। ଯେତେବେଳେ ତାଙ୍କ ଭାଇ ବିବାହ କଲେ ସେ ନନ୍‌ମାନେ ରହୁଥିବା ଆଶ୍ରୟସ୍ଥଳୀକୁ ଚାଲିଯାଇଥିଲେ ଏବଂ ରାଜକୀୟ କାର୍ଯ୍ୟରୁ ନିଜକୁ ଦୂରେଇ ରଖିଥିଲେ। ତାଙ୍କ ଭାଇଙ୍କ ସ୍ତ୍ରୀଙ୍କ ଦ୍ୱାରା ନିଯୁକ୍ତ ନୂଆ ଧର୍ମାଧ୍ୟକ୍ଷ କୁମାରୀ ମେରୀଙ୍କୁ ଈଶ୍ୱରଙ୍କ ମା' ଭାବେ ମାନିବା ସିଦ୍ଧାନ୍ତକୁ ଚ୍ୟାଲେଞ୍ଜ କରିଥିଲେ, ଯାହା ଥିଲା ସାର୍ବଜନୀନ ଓ ଆଧ୍ୟାତ୍ମିକ ସ୍ତରରେ ମହିଳାଙ୍କ ଭୂମିକା ଉପରେ ଏକ ଆକ୍ରମଣ। ଧର୍ମାଧ୍ୟକ୍ଷ ନିଯୁକ୍ତ ପରେ ପୁଲଚେରିଆ ତାଙ୍କ ଏକାନ୍ତବାସରୁ ବାହାରକୁ ଆସିଲେ ଏବଂ ତାଙ୍କ ଭାଇଙ୍କୁ ଇଫେସସ୍‌ରେ ପରିଷଦ ଗଠନ କରିବାକୁ ବାଧ୍ୟ କଲେ ଏବଂ ଏକ ଜୋରଦାର ବିତର୍କ ପରେ କୁମାରୀ ମେରୀ ପ୍ରକୃତରେ ଈଶ୍ୱରଙ୍କ ମା' ବୋଲି ସାଧାରଣରେ ଘୋଷଣା କରାଗଲା। ତାଙ୍କ ଭାଇଙ୍କ ମୃତ୍ୟୁ ପରେ ପୁଲଚେରିଆ ଜଣେ ଶକ୍ତିଶାଳୀ ସେନାଧ୍ୟକ୍ଷଙ୍କୁ ବିବାହ କରିବାକୁ ବାଧ୍ୟ ହେଲେ। କିନ୍ତୁ ବିବାହ ପରେ ତାଙ୍କ କୁମାରୀତ୍ୱକୁ ସମ୍ମାନ ଜଣାଇବା ଲାଗି ସେ ତାଙ୍କ ସ୍ୱାମୀଙ୍କୁ କହିଥିଲେ। ପୁଲଚେରିଆଙ୍କ ମୃତ୍ୟୁ ହେବା ଯାଏ ଦୁହେଁ ମିଶି ସାମ୍ରାଜ୍ୟ ଶାସନ କରିଥିଲେ। ସେହି ସମୟର ମଦର ମେରୀଙ୍କ ବହୁ ଛବି ଦେଖିବାକୁ ମିଳେ ଏବଂ ଆଶ୍ଚର୍ଯ୍ୟର କଥା ଯେ, ଛବିଗୁଡ଼ିକର ମୁଖ ପୁଲଚେରିଆଙ୍କ ସହ ସାମଞ୍ଜସ୍ୟ ରହିଛି। ରାଜା ପର୍ସିଆ ରାଜାଙ୍କୁ ହରାଇଲା ପରେ ସଫଳତାର ସବୁ ଶ୍ରେୟ କୁମାରୀ ମେରି ଏବଂ ତାଙ୍କ କୁମାରୀ ସମ୍ରାଜ୍ଞୀଙ୍କୁ ଦେଇଥିଲେ।



ଏହି ସମାନ ସମୟରେ ଚାଇନା ଏବଂ ତିବ୍ବତରେ ଏକା ପ୍ରକାର ଘଟଣା ସାମ୍ନାକୁ ଆସିଥିଲା। ଆମେ ଚାଇନାର ସମ୍ରାଜ୍ଞୀ ଉଙ୍କ କାହାଣୀ ଜାଣୁ। ସେ ଚାଇନା ରାଜ ପରିବାରକୁ ଜଣେ ରକ୍ଷିତା ଭାବେ ପ୍ରବେଶ କରିଥିଲେ ଏବଂ ସମ୍ରାଟଙ୍କ ପୁତ୍ର ସନ୍ତାନ ଜନକ ହୋଇ ସମ୍ରାଜ୍ଞୀ ହୋଇପାରିଥିଲେ। ସେ କ୍ଷମତାଶାଳୀ ହେବାପରେ ମୁଖ୍ୟ ଶାସକ ହୋଇଥିଲେ। ରାଜା ଓ ମହାରାଣୀ ଉଭୟଙ୍କୁ ଦୁଇ ସନ୍ଥ କୁହାଯାଉଥିବାର ପ୍ରମାଣ ବି ଅନେକ ରାଜ ଦସ୍ତାବିଜରୁ ମିଳେ। ଏହା ବ୍ୟତୀତ ଚାଇନା ପରମ୍ପରାରେ କନ୍‌ଫ୍ୟୁସିଆଜିମ୍ (ଚାଇନାର ପୁରାତନ ଧର୍ମୀୟ ବିଶ୍ୱାସ)ର ସ୍ୱୀକୃତ ଧର୍ମ ଥିଲା ଅତି ପୁରୁଷପ୍ରାଧାନ୍ୟ। ଏହାର ଏକ ଲୋକଉକ୍ତିରେ ଜଣେ ସମ୍ରାଜ୍ଞୀଙ୍କ ସମ୍ପର୍କିତ ବିଚାରଧାରା ଦେଖିବାକୁ ମିଳେ। ଏହା କହେ, ଗୋଟିଏ ମୃଗୀ ଭୋର୍‌ରେ ଗଞ୍ଜା ଭଳି ରାବିବ ବୋଲି କଳ୍ପନା କରିବା ଯାହା ଜଣେ ସମ୍ରାଜ୍ଞୀ ହେଉଛନ୍ତି ସେୟା। ତେବେ ସବୁଠୁ ଆଧ୍ୟାତ୍ମିକ ହେଉଛି ତାଓଇଷ୍ଟ ପରମ୍ପରା। ଏହା ଗ୍ରାମୀଣ କ୍ଷେତ୍ରରେ କୃଷକମାନଙ୍କ ମଧ୍ୟରେ ଲୋକପ୍ରିୟ ଥିଲା। ଏହି ଧର୍ମରେ ବିଶ୍ୱାସ ଥିଲା , ସ୍ୱର୍ଗ ହେଉଛି ପୁରୁଷ ଓ ପୃଥିବୀ ହେଉଛି ନାରୀ ଏବଂ ଏହି ଦୁହିଁଙ୍କ ମିଳନରେ ବିଶ୍ୱ ସୃଷ୍ଟି ହୋଇଛି। ଉକ୍ତ ସିଦ୍ଧାନ୍ତ ୟାଙ୍ଗ ଓ ୟିନ୍ ଭାବେ ଜଣାଶୁଣା। ପରମ୍ପରା ଅନୁଯାୟୀ, ସବୁଠୁ ଉଚ୍ଚ ଶିଖରରେ ସ୍ୱର୍ଗର ଜାଡେ ଫାଦରଙ୍କୁ ବଳି ସମର୍ପଣ କରାଯାଉଥିଲା। ପରେ ଦ୍ୱିତୀୟ ଉଚ୍ଚ ଶିଖରରେ ସ୍ୱର୍ଗର ମହିଳା ମୁଖ୍ୟ ବା ଜାଡେ ମଦରଙ୍କୁ ବଳି ଦିଆଯାଉଥିଲା। ଉଭୟ ପ୍ରକାର ବଳି ସମ୍ରାଟଙ୍କ ଦ୍ୱାରା ଦିଆଯାଉଥିଲା। ସମ୍ରାଜ୍ଞୀ ଉ ତାଙ୍କ ସ୍ୱାମୀଙ୍କୁ ବୁଝାଇଲେ ଯେ, ଯେହେତୁ ଜାଡେ ମଦର ଜଣେ ମହିଳା ସେଥିପାଇଁ ସେ ବଳି ଦେବାରେ ଭାଗ ନେବା ଉଚିତ। ମହାରାଣୀ ବଳି କାର୍ଯ୍ୟକ୍ରମରେ ଭାଗନେଲେ। ସଂଯୋଗବଶତଃ ପୂର୍ବ ଥର ମହାରାଜା ପାହାଡ଼ ଚଢିବାକୁ ଅସମର୍ଥ ଥିଲେ , କିନ୍ତୁ ରାଣୀ ବଳି କାର୍ଯ୍ୟରେ ଭାଗନେବା ପରେ ତାଙ୍କ ସହ ରାଜା ପାହାଡ଼ ଚଢିବାକୁ ସକ୍ଷମ ହେଲେ। ଏହା ପ୍ରମାଣ କଲା , ଜାଡେ ଫାଦର ଓ ମଦର ବଳି ପ୍ରଦାନରେ ସମ୍ରାଜ୍ଞୀଙ୍କ ଯୋଗଦେବାକୁ ସ୍ୱୀକାର କରିଥିଲେ। ସେଥିପାଇଁ ଉ ଚାଇନାର ଆଭିଜାତ୍ୟରେ ଜଣେ କ୍ଷମତାଶାଳୀ ଶକ୍ତି ହୋଇଗଲେ। ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ସାମ୍ରାଜ୍ୟ ଦାୟିତ୍ୱ ହାତକୁ ନେଲେ। ତାଙ୍କ ସମୟରେ ସେ ମହାଯାନ ବୌଦ୍ଧଧର୍ମ ସାମିଲ କରି ନିଜ ଅଧିକାର ସାବ୍ୟସ୍ତ କରିଥିଲେ। ଏହାସହ ବୋଧିସତ୍ତ୍ୱ, ଅଭଟିଲୋକେଶ୍ୱରଙ୍କ ନାରୀ ସ୍ୱରୂପ କଓ୍ୱାନ ୟିନ୍ ବିଚାରଧାରାକୁ ଲୋକପ୍ରିୟ କରାଇଥିଲେ। ଚାଇନାର ସବୁଆଡେ ଗୁମ୍ଫା ଓ ସରକାରୀ ବିଲ୍ଡିଂଗୁଡ଼ିକରେ ମହିଳା ବୌଦ୍ଧ ଦିବ୍ୟ ଚରିତ୍ରମାନଙ୍କର କରୁଣାଶୀଳ ବିରାଟକାୟ ମୂର୍ତ୍ତି ଓ ଛବିଗୁଡ଼ିକ କରାଯାଇଥିଲା। ସେଥିମଧ୍ୟରୁ କେତେକରେ କିଛି ଅଂଶ ମହିଳା କିମ୍ବା ପୁରୁଷ ଭଳି ପ୍ରତୀୟମାନ ହେଉଥିବାବେଳେ ଅନ୍ୟଗୁଡ଼ିକ ସମ୍ପୂର୍ଣ୍ଣ ମହିଳା ଭାବେ ଦୃଶ୍ୟମାନ।

ନାରୀ ସ୍ୱରୂପର ମଡେଲ ପୁଲଚେରିଆଙ୍କ ଘଟଣାରେ ଯାହା ଥିଲା ସାମ୍ରାଜ୍ଞୀ ଉଙ୍କ କ୍ଷେତ୍ରରେ ବି ସେୟା ଥିଲା। ପାଖାପାଖି ସେହି ସମୟରେ ତିବ୍ବତର ରାଜା ଚାଇନାର ଜଣେ ଓ ନେପାଳର ଜଣେ ରାଜକୁମାରୀଙ୍କୁ ବିବାହ କରିଥିଲେ। ସେହି ଦୁଇ ରାଣୀ ତିବ୍ବତରେ ବୌଦ୍ଧଧର୍ମ ପ୍ରତିଷ୍ଠା କରିବାରେ ସାହାଯ୍ୟ କରିଥିଲେ। କିନ୍ତୁ ଏହି ବୌଦ୍ଧଧର୍ମ ଥିଲା ଭିନ୍ନ। ଏଠାରେ ବୁଦ୍ଧଙ୍କ ନାରୀ ଶକ୍ତି ତାରାଙ୍କୁ ଜ୍ଞାନ ଭାବେ ଦେଖାଯାଏ, ଯାହା ବୁଦ୍ଧଙ୍କ କରୁଣାର ଅନୁପୂରକ ଥିଲେ। ଏହି ଦୁଇ ରାଣୀଙ୍କ ପ୍ରଭାବ ଏଭଳି ଥିଲା ଯେ, ଚାଇନାର ସ୍ତ୍ରୀ ଶ୍ୱେତ ତାରା ଭାବେ ଏବଂ ନେପାଳର ସ୍ତ୍ରୀ ସବୁଜ ତାରା ଭାବେ ପରିଚିତ ହୋଇଗଲେ। ଏହା ଥିଲା ବଜ୍ରାୟନ ବୌଦ୍ଧଧର୍ମ, ଯେଉଁଥିରେ ମୁଖ୍ୟ ଶକ୍ତି ଥିଲେ ନାରୀ। ଏହିଭଳି ରୋମ ସାମ୍ରାଜ୍ୟ, ଚାଇନା ଓ ତିବ୍ବତରେ ଯେତେବେଳେ କେବଳ ନାରୀମାନେ କ୍ଷମତାଶାଳୀ ଥିଲେ ସେତେବେଳେ ପୁରୁଷପ୍ରାଧାନ୍ୟ ଧର୍ମଗୁଡ଼ିକ ମହିଳା ଦିବ୍ୟ ଚରିତ୍ର ପାଇଁ ଜାଗା ସୃଷ୍ଟି କରିପାରିଥିଲା। ଏହା ସେତେବେଳେ ଥିଲା ଏବଂ ଏବେଯାଏ ଚାଲିଛି।

-devduttofficial@gmail.com

## ଏଇ ଭାରତରେ

ସ୍କୁଲରେ ଶିକ୍ଷାଦାନ ସହ ସେଠାରେ ଏକ ମିନି ଜଙ୍ଗଲ କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଛନ୍ତି କେରଳର ଶିକ୍ଷକ ରଫି ରାମନାଥ। ଆଲପୁଝା ଜିଲାର ବିଜ୍ଞାନ ବିଳାସିନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସେ ଶିକ୍ଷକ ଅଛନ୍ତି। ସେ ଏହି ସ୍କୁଲରେ ନିଜ ଉଦ୍ୟମରେ କରିଥିବା ମିନି ଜଙ୍ଗଲରେ ୧୧୨ କିସମର ୪୫୦ ଗଛ ଲଗାଇଛନ୍ତି। ସେ ମଧ୍ୟ ସ୍କୁଲ ପରିସରରେ ୧୫୦ ପ୍ରକାର ଔଷଧୀୟ ଗଛଥିବା ବଗିଚା କରିଛନ୍ତି। ଏଥିପାଇଁ ବନ ବିଭାଗ ତାଙ୍କୁ ୫୦ ପ୍ରକାର ଗଛ ଯୋଗାଇ ଦେଇଛି। ସ୍କୁଲରେ ସଫଳତାର ସହ ଜଙ୍ଗଲ ଓ ବଗିଚା କରିବା ପରେ ରଫି ଅନ୍ୟ ସ୍କୁଲ, ସରକାରୀ ଅଫିସ ଏବଂ ଧର୍ମସ୍ଥଳୀଗୁଡ଼ିକରେ ଫଳ ବଗିଚା, ପ୍ରଜାପତି ବଗିଚା ଏବଂ ନକ୍ଷତ୍ର ବନ (ବିଭିନ୍ନ ନକ୍ଷତ୍ର ନାମରେ) କରୁଛନ୍ତି। ଏଥିପାଇଁ ସେ ସ୍କୁଲ ସମୟ ପରେ ନିୟମିତ ଭାବେ ସମୟ ଦେଉଛନ୍ତି। ବନ ବିଭାଗ ସହଯୋଗ ଓ ଲୋକଙ୍କ ଅନୁଦାନରେ ସେ ଏଭଳି କାର୍ଯ୍ୟ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ମେ ୧୯୯୮

- ତମାଖୁମୁକ୍ତ ସମାଜ ଗଠନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ଡଃ ହର୍ଷବର୍ଦ୍ଧନ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ମହାନିର୍ଦ୍ଦେଶକଙ୍କ ପଦବୀ ପାଇବା ଲାଗି ମନୋନୀତ।
- ରାଜସ୍ଥାନର ରାଜ୍ୟପାଳ, ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବୀଣ ରାଜନୀତିଜ୍ଞ ଦରବାରା ସିଂଙ୍କ ୭୧ ବର୍ଷ ବୟସରେ ପରଲୋକ।
- ୩୮ ଜଣ ଯାତ୍ରୀଙ୍କୁ ନେଇ କରାଚୀ ଅଭିମୁଖେ ଯାତ୍ରା କରୁଥିବା ପାକିସ୍ତାନ ଅନ୍ତର୍ଜାତୀୟ ଏୟାରଲାଇନ୍ସର ଏକ ବିମାନକୁ ମଝି ଆକାଶରୁ ଅପହରଣ କରି ନିଆଯାଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 7 | | | | 2 |
| 8 | 6 | | | 3 | | | | |
| | | 7 | | | 5 | | | |
| | 8 | | 3 | | | 6 | | 9 |
| | | 9 | 4 | | 7 | | | |
| | | 1 | | 9 | | 4 | 8 | |
| | | | | | | 8 | 1 | |
| 7 | | | 1 | | 3 | | | |
| | 3 | | | 6 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 6 | 3 | 4 | 8 | 1 | 9 | 2 |
| 4 | 3 | 1 | 9 | 7 | 2 | 6 | 5 | 8 |
| 8 | 9 | 2 | 6 | 1 | 5 | 7 | 3 | 4 |
| 7 | 1 | 3 | 5 | 2 | 9 | 8 | 4 | 6 |
| 6 | 4 | 5 | 8 | 3 | 7 | 2 | 1 | 9 |
| 2 | 8 | 9 | 4 | 6 | 1 | 3 | 7 | 5 |
| 9 | 6 | 8 | 1 | 5 | 3 | 4 | 2 | 7 |
| 3 | 2 | 4 | 7 | 9 | 6 | 5 | 8 | 1 |
| 1 | 5 | 7 | 2 | 8 | 4 | 9 | 6 | 3 |

ଗତକାଲିର ଉତ୍ତର

# ୨୦୦୦ ଟଙ୍କିଆ ପ୍ରତ୍ୟାହାର କାହିଁକି



ଶକ୍ତି ରଞ୍ଜନ ଦାଶ

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ୨୦୦୦ ଟଙ୍କା ମୂଲ୍ୟର ନୋଟ୍‌କୁ ସଞ୍ଚରଣରୁ ପ୍ରତ୍ୟାହାର କରିବା ନିଷ୍ପତ୍ତି ଜନମାନସରେ ଅନେକ କଳ୍ପନାଜଳ୍ପନା ସୃଷ୍ଟି କରିଛି। କିନ୍ତୁ ବିଦ୍ୟମାନ ନୋଟ୍‌ଗୁଡ଼ିକ ଆଇନଗତ ଟେଣ୍ଡର ଜାରି ରହିବ ବୋଲି ଆର୍‌ବିଆଇ ଘୋଷଣା କରିଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ଜନସାଧାରଣଙ୍କୁ ୨୦୦୦ ଟଙ୍କିଆ ନୋଟ୍ ବ୍ୟାଙ୍କରେ ଜମା କରିବାକୁ ପରାମର୍ଶ ଦେଇଛନ୍ତି, ଯାହା ଛଅ ବର୍ଷ ପୂର୍ବେ ପ୍ରଚଳନ କରାଯାଇଥିଲା। ୨୦୦୦ ଟଙ୍କିଆ ନୋଟ୍ ନଭେମ୍ବର ୮, ୨୦୧୬ରେ ଆର୍‌ବିଆଇ ଅଧିନିୟମ ୧୯୩୪ର ଧାରା ୨୪(୧) ଅନୁଯାୟୀ ପ୍ରଚଳିତ ହୋଇଥିଲା। ମୁଖ୍ୟତଃ ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟ୍‌ର ଆଇନଗତ ଟେଣ୍ଡର ସ୍ଥିତି ପ୍ରତ୍ୟାହାର ପରେ ଅର୍ଥନୀତିର ମୁଦ୍ରା ଆବଶ୍ୟକତାକୁ ଶୀଘ୍ର ପୂରଣ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଥିଲା। ପରେ ପରେ ଅନ୍ୟ ମୂଲ୍ୟର ନୋଟ୍ ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ ହେବା ଦେଖି ୨୦୧୮-୧୯ ମସିହାରେ କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ୨୦୦୦ ଟଙ୍କିଆ ନୋଟ୍ ଛାପିବା ବନ୍ଦ କରିବା ନିଷ୍ପତ୍ତି ନିଆଗଲା। ସୂତ୍ର ଅନୁଯାୟୀ, ମାର୍ଚ୍ଚ ୨୦୧୭ ପୂର୍ବରୁ ଆର୍‌ବିଆଇ ଦ୍ୱାରା ୨୦୦୦ ଟଙ୍କା ମୂଲ୍ୟର ଅଧିକାଂଶ ନୋଟ୍ ଜାରି କରାଯାଇଥିଲା ; ଏହି ନୋଟ୍‌ଗୁଡ଼ିକ ବର୍ତ୍ତମାନ ସେମାନଙ୍କର ଆନୁମାନିକ ଜୀବନକାଳ ୪-୫ ବର୍ଷର ଶେଷରେ ଅଛି। ସାଧାରଣତଃ ଗୋଟିଏ ନୋଟ୍‌କୁ ତା'ର ୫ ବର୍ଷ ଅବଧି ପରେ ଆଉ କାରବାରରେ ବ୍ୟବହାର କରାଯାଏନାହିଁ; ଏହା ବ୍ୟତୀତ ମୁଦ୍ରା ଆବଶ୍ୟକତା ପୂରଣ କରିବା ପାଇଁ ଅନ୍ୟ ନୋଟ୍‌ଗୁଡ଼ିକ ପର୍ଯ୍ୟାପ୍ତ ପରିମାଣରେ ଗଚ୍ଛିତ ଅଛି। ତେଣୁ ଉପରୋକ୍ତ କାରଣକୁ ଦୃଷ୍ଟିରେ ରଖି ଓ ଭାରତୀୟ ରିଜର୍ଭ ବ୍ୟାଙ୍କର 'କ୍ଲିନ୍ ନୋଟ୍ ପଲିସି' ଅନୁଯାୟୀ ୨୦୦୦ ଟଙ୍କା ମୂଲ୍ୟର ନୋଟ୍‌କୁ ପ୍ରଚାରରୁ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନିଆଯାଇଛି। ତେବେ ମନରେ ପ୍ରଶ୍ନ ଉଠେ, ଏହି ''କ୍ଲିନ୍ ନୋଟ୍ ପଲିସି'' କ'ଣ? ଏହା କିପରି ଏକ ନୋଟ୍‌ର କାରବାରକୁ ନିର୍ଦ୍ଧାରିତ କରୁଛି? ଚାଲନ୍ତୁ ଏହା ଉପରେ ଟିକେ ଦୃଷ୍ଟି ନିକ୍ଷେପ କରିବା। 'କ୍ଲିନ୍ ନୋଟ୍ ପଲିସି' ଏକ ନୀତି, ଯାହା ଜନସାଧାରଣଙ୍କୁ ଉତ୍ତମ ସୁରକ୍ଷା ବୈଶିଷ୍ଟ୍ୟ ସହିତ ଭଲ-ଗୁଣାତ୍ମକ ମୁଦ୍ରା ନୋଟ୍ ଦେବାରେ ସହାୟତା କରିଥାଏ। ପୂର୍ବରୁ ମଧ୍ୟ ଆର୍‌ବିଆଇ ଏଭଳି ପଦକ୍ଷେପ ନେଇଛନ୍ତି। ୨୦୦୫ ମସିହା ପୂର୍ବରୁ ମୁଦ୍ରିତ ନୋଟ୍ ତୁଳନାରେ କମ୍ ସୁରକ୍ଷା ବୈଶିଷ୍ଟ୍ୟ ଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଜାନୁୟାରୀ ୨୦୧୪ରେ ତତ୍କାଳୀନ ୟୁପିଏ ସରକାରଙ୍କ ଅଧୀନରେ, ଆର୍‌ବିଆଇ ୨୦୦୫ ପୂର୍ବରୁ ଜାରି କରାଯାଇଥିବା ସମସ୍ତ ନୋଟ୍ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ପୁରୁଣା ନୋଟ୍ ବ୍ୟବହାର ପାଇଁ ମାର୍ଚ୍ଚ ୩୧, ୨୦୧୪ ପର୍ଯ୍ୟନ୍ତ ଏକ ସୀମାରେଖା ସ୍ଥିର କରାଯାଇଥିଲା ଏବଂ ଜନସାଧାରଣଙ୍କୁ ଏପ୍ରିଲ ୧ରୁ ବ୍ୟାଙ୍କ ନିକଟକୁ ଯାଇ ସେହି ନୋଟ୍‌ଗୁଡ଼ିକୁ ବିନିମୟ କରିବାକୁ ପରାମର୍ଶ ଦିଆଯାଇଥିଲା। ତଥାପି, ୨୦୦୫ ପୂର୍ବରୁ ଦିଆଯାଇଥିବା ନୋଟ୍‌ଗୁଡ଼ିକର ଆଇନଗତ ଟେଣ୍ଡର ଜାରି ରହିଛି। ତେଣୁ ଏହି ନୋଟ୍ ପ୍ରତ୍ୟାହାର କିଛି ନୂଆକଥା ନୁହେଁ, ଏହା ଆର୍ଥିକ ନୀତିର ଏକ ଅଂଶ। ସମୟର ଆବଶ୍ୟକ ଅନୁସାରେ କେନ୍ଦ୍ରୀୟ ବ୍ୟାଙ୍କଙ୍କୁ ଏପରି ନିଷ୍ପତ୍ତି ନେବାକୁ ପଡ଼େ।

ଯଦି ଆମେ ବର୍ତ୍ତମାନ ସଞ୍ଚରଣରେ ୨୦୦୦ ଟଙ୍କିଆ ନୋଟ୍‌ର ମୂଲ୍ୟ ଜାଣିବାକୁ ଚାହିଁବା ତେବେ



ତଥ୍ୟକୁ ଦେଖିଲେ ବୁଝିପାରିବା ଯେ ଏହି ୨୦୦୦ ଟଙ୍କିଆ ନୋଟ୍ ମୂଲ୍ୟର ପ୍ରାୟ ୮୯% ମାର୍ଚ୍ଚ ୨୦୧୭ ପୂର୍ବରୁ ଜାରି କରାଯାଇଥିଲା। ସଞ୍ଚରଣରେ ଏହି ନୋଟ୍‌ଗୁଡ଼ିକର ମୋଟ୍ ମୂଲ୍ୟ ୩୧ ମାର୍ଚ୍ଚ ୨୦୧୮ ସୁଦ୍ଧା ୬.୭୩ ଲକ୍ଷ କୋଟି(୩୭.୩% ନୋଟ୍‌ର ସଞ୍ଚରଣ)ରୁ ୩.୬୨ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି, ଯାହା ମାର୍ଚ୍ଚ ୩୧, ୨୦୨୩ରେ କେବଳ ୧୦.୮% ନୋଟ୍ ଅଟେ। ଆର୍‌ବିଆଇଙ୍କ ନିର୍ଦ୍ଦେଶ ଅନୁସାରେ ଏହି ପରିସ୍ଥିତିରେ ବ୍ୟାଙ୍କଗୁଡ଼ିକ ୨୦୦୦ ଟଙ୍କିଆ ନୋଟ୍ ଜାରି କରିବା ବନ୍ଦ କରିଛନ୍ତି ଏବଂ ଏଟିଏମ୍‌ରୁ ମଧ୍ୟ ୨୦୦୦ ଟଙ୍କିଆ ନୋଟ୍ କଢ଼ାଯାଇଛି। କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ଜନସାଧାରଣ ସେମାନଙ୍କ କାରବାର ପାଇଁ ନିଜ ପାଖରେ ଥିବା ୨୦୦୦ ଟଙ୍କିଆ ନୋଟ୍ ବ୍ୟବହାର ଜାରି ରଖିପାରିବେ ଏବଂ ନେଣଦେଣ ମଧ୍ୟ କରିପାରିବେ। ଆର୍‌ବିଆଇଙ୍କ ସରକାରୀ ବିଜ୍ଞପ୍ତି ଅନୁସାରେ ଜନସାଧାରଣଙ୍କୁ ସେପ୍ଟେମ୍ବର ୩୦, ୨୦୨୩ କିମ୍ବା ଏହା ପୂର୍ବରୁ ଏହି ନୋଟ୍‌ଗୁଡ଼ିକୁ ବ୍ୟାଙ୍କରେ ଜମା କିମ୍ବା ବିନିମୟ କରିବାକୁ ଉତ୍ସାହିତ କରାଯାଇଛି। ତେବେ ପ୍ରଶ୍ନ ଉଠେ, କ'ଣ ସେପ୍ଟେମ୍ବର ୩୦ ଭିତରେ ବ୍ୟାଙ୍କରେ ଜମା କରିବା ବାଧ୍ୟତାମୂଳକ? ଯଦି ଜଣେ ଜମା କରି ନ ପାରେ ତେବେ ଏହା କ'ଣ ଦଣ୍ଡନୀୟ? ସେପ୍ଟେମ୍ବର ୩୦ ପରେ କ'ଣ ହେବ? କିନ୍ତୁ ଆର୍‌ବିଆଇ ଏହାର ବିଜ୍ଞପ୍ତିରେ ସେପ୍ଟେମ୍ବର ୩୦ ପରେ ଏହି ନୋଟ୍‌ଗୁଡ଼ିକର ସ୍ଥିତି ସମ୍ବନ୍ଧରେ କୌଣସି ସ୍ପଷ୍ଟୀକରଣ ଦେଇନାହାନ୍ତି। ପୁନଶ୍ଚ ପ୍ରଶ୍ନ ଉଠେ, ଜଣେ କେତେ ଟଙ୍କା ବିନିମୟ କିମ୍ବା ଜମା କରିପାରିବେ ତାହାର ଏକ ସୀମା ଅଛି କି? ବିଜ୍ଞପ୍ତି ଅନୁଯାୟୀ ଜଣେ ଏକ ସମୟରେ ୨୦,୦୦୦ ଟଙ୍କା ସୀମା ପର୍ଯ୍ୟନ୍ତ ୨୦୦୦ ଟଙ୍କିଆ ନୋଟ୍ ବିନିମୟ କରିପାରିବେ। ଏହାପାଇଁ ନିଜର ଖାତା ଥିବା ବ୍ୟାଙ୍କକୁ ଯିବା ବାଧ୍ୟତାମୂଳକ ନୁହେଁ, ଜଣେ ଅଣଖାତାଧାରୀ ମଧ୍ୟ ଯେକୌଣସି ବ୍ୟାଙ୍କ ଶାଖାରେ ଏକ ସମୟରେ ୨୦,୦୦୦ ଟଙ୍କା ସୀମା ପର୍ଯ୍ୟନ୍ତ ୨୦୦୦ ଟଙ୍କିଆ ନୋଟ୍ ବିନିମୟ କରିପାରିବେ। ଜଣେ ବ୍ୟାଙ୍କ ଖାତାଧାରୀ ଚାହିଁଲେ ମଧ୍ୟ ପ୍ରତିଦିନ ୪୦୦୦ ଟଙ୍କା ସୀମା ପର୍ଯ୍ୟନ୍ତ ବ୍ୟବସାୟୀଙ୍କ ମାଧ୍ୟମରେ ୨୦୦୦ ଟଙ୍କିଆ ନୋଟ୍ ବିନିମୟ କରିପାରିବେ। ଯଦି କୌଣସି ବ୍ୟକ୍ତି ପାଖରେ ବହୁତ ସଂଖ୍ୟାରେ ୨୦୦୦ ଟଙ୍କିଆ ନୋଟ୍ ଥାଏ ତେବେ କ'ଣ ହେବ? ବାସ୍ତବରେ, ଜଣେ ବ୍ୟକ୍ତଙ୍କ ନିକଟରେ ଅଧିକ ପରିମାଣରେ ୨୦୦୦ ଟଙ୍କିଆ ନୋଟ ଥିଲେ ସେ ଏହି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ୨୦,୦୦୦ ଟଙ୍କା ପ୍ୟାକେଟରେ ଏକାଧିକ ବ୍ୟାଙ୍କରେ ବିନିମୟ ଖୋଜିପାରେ। ତେବେ ଏହା କାର୍ଯ୍ୟକାରୀ ଏଜେନ୍ସି ଏବଂ ଆୟକର ବିଭାଗର ଦୃଷ୍ଟି ଆକର୍ଷଣ କରିବ ବୋଲି ଆଶା କରାଯାଉଛି। ୨୦୦୦ ନୋଟ୍‌ରେ ବିପୁଳ ପରିମାଣର ଟଙ୍କା ଧରିଥିବା ବ୍ୟକ୍ତିଙ୍କୁ ସେମାନଙ୍କ ଟଙ୍କା ବିନିମୟ କରିବା କଷ୍ଟକର ହୋଇପାରେ । ତେବେ କିଛି ଲୋକ ଭାବିପାରନ୍ତି, ଏହି ପରିସ୍ଥିତି କ'ଣ ୨୦୧୬ର ବିମୁଦ୍ରୀକରଣ ବିଶୃଙ୍ଖଳାକୁ ପୁନରାବୃତ୍ତି କରିବ କି? ଅର୍ଥନୀତିଜ୍ଞଙ୍କ ମତ ଅନୁସାରେ ବ୍ୟାଙ୍କ ଶାଖାଗୁଡ଼ିକରେ ଏଥର ୨୦୧୬ ପରି ବିଶୃଙ୍ଖଳା ଏବଂ ଲମ୍ବାଧାଡ଼ି ଦେଖିବାର ସମ୍ଭାବନା ନାହିଁ।

ଯଦି ଆମେ ସାମ୍ପ୍ରତିକ ପରିସ୍ଥିତିରେ ବଜାରରେ ୨୦୦୦ ଟଙ୍କିଆ ନୋଟ୍‌ର କାରବାରକୁ ଦେଖିବା ତେବେ ଅନୁଭବ କରିପାରିବା ଗୋଟିଏ ସାଧାରଣ ବ୍ୟକ୍ତିଙ୍କୁ ବା ଖୁଚୁରା ବ୍ୟବସାୟୀଙ୍କୁ ଏହି ୨୦୦୦ ଟଙ୍କିଆ ନୋଟ୍‌ର ବିନିମୟରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା ଏବଂ ଅନେକଙ୍କ ମତରେ ଏହି ନୋଟ୍ ମଧ୍ୟ କଳାଧନକୁ ପ୍ରୋତ୍ସାହିତ କରୁଥିଲା।

**ସହକାରୀ ପ୍ରଫେସର,**
**ବାଣିଜ୍ୟ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**
dsakti534@gmail.com

# ମାଗି ଓଳିକି



ସ୍ମିତା ପଣ୍ଡା

ସୋସିଆଲ ମିଡିଆରେ 'ବିମାନରେ ଠାକୁର' ଶିରୋନାମାରେ ପୋଷ୍ଟଟିଏ ହୋଇଥାଏ। ମୁଁ ଖୁବ୍ ଆଗ୍ରହର ସହ ପୋଷ୍ଟ ହୋଇଥିବା ଫଟୋ ସବୁ ଦେଖି ଚାଲିଥିଲି। ଅନେକ ଫଟୋ ମଧ୍ୟରୁ କେବଳ ଗୋଟିଏ ଫଟୋରେ ଜଣେ ବ୍ୟକ୍ତି ନିଜର ସେଲ୍‌ଫି ସହ ଠାକୁରଙ୍କ ଫଟୋଟିଏ କିଛି ଦୂରରୁ ଉତ୍ତୋଳନ କରିଥିଲେ। ଯେଉଁ ଫଟୋଟିରେ କି ଖୁବ୍ ଅଳ୍ପ ଭାଗରେ ଠାକୁର ଓ ବହୁ ଭାଗରେ ଭଦ୍ରବ୍ୟକ୍ତିଙ୍କର ନିଜର ପ୍ରତିଛବି ରହିଥିଲା। ଅନ୍ୟ ସବୁରେ କେବଳ ବିଭିନ୍ନ ଭଙ୍ଗୀରେ ଉଠାଯାଇଥିବା ନିଜର ଫଟୋଗୁଡ଼ିକ ପୋଷ୍ଟ କରାଯାଇଥିଲା। ଠାକୁରଙ୍କର ଆଉ କୌଣସି ଫଟୋ ନ ପାଇ ମୁଁ ଯେତେବେଳେ ସେହି ପୋଷ୍ଟରୁ ପଛକୁ ହଟିବାକୁ ଆରମ୍ଭ କଲି ଫଟୋ ତଳେ ଦିଆଯାଇଥିବା କିଛି ମନ୍ତବ୍ୟ ତଳେ ମୋର ଦୃଷ୍ଟିପଡ଼ିଲା। ପ୍ରାୟ ଅଧିକାଂଶ ମନ୍ତବ୍ୟ ତଳେ ଫଟୋରେ ଥିବା ବ୍ୟକ୍ତିଙ୍କର ପୋଷାକ ଓ ସୌନ୍ଦର୍ଯ୍ୟକୁ ନେଇ ବିଭିନ୍ନ ମତାମତ ଦିଆଯାଇଥିଲା। ଯଦିଓ ପୋଷ୍ଟ ହୋଇଥିବା ଶୀର୍ଷକକୁ ଦେଖିଲେ ଲାଗୁଥିଲା ଠାକୁରଙ୍କ ଅନେକଗୁଡ଼ିଏ ଫଟୋ ଦେଖିବାକୁ ମିଳିବ, ବାସ୍ତବରେ ସେମିତି କିଛି ନ ଥିଲା। ବରଂ ଏହା ନିଜ ପ୍ରତିଛବି ଓ ପୋଷାକର ପ୍ରଚାର ହିଁ ଥିଲା। ଓଡ଼ିଆରେ ଢଗଟିଏ ଅଛି, 'ମାଗି ଓଳିକି ଯାଚି କଲ୍ୟାଣ'।

ବର୍ତ୍ତମାନ ବହୁଳ ଭାବରେ ଏହା ହିଁ ଚାଲିଛି। ନିଜର ପ୍ରଶଂସା ଗୋଟେଇବାରେ ଅନେକ ବ୍ୟସ୍ତ। 'ଆସ! ମତେ ପ୍ରଶଂସା କର' ଏହା ହିଁ ଅନେକାଂଶରେ ମନର ଭାବନା ପାଲଟି ସାରିଛି। ଏଠି ଡାକ୍ତରଖାନାରେ ଜନ୍ମ ହେବା ଶିଶୁଠାରୁ ଆରମ୍ଭ କରି ମଣିଷର ବିଭିନ୍ନ ଅବସ୍ଥାର ଫଟୋ ପ୍ରଦର୍ଶନ କରିବା ଏକ ସଉକ ପାଲଟି ଯାଇଛି। କାହାର ଫଟୋ, ଭିଡିଓ କି ଲେଖା ତଳେ ମନ୍ତବ୍ୟ ନ ଆସିଲେ କିଏ ଅଭିମାନ କଲାଣି ତ କିଏ ମନ୍ତବ୍ୟ ଦେଇ ଝଗଡ଼ା କରିବାକୁ ଆଗେଇ ଆସିଲାଣି। ଆଉ କିଛି ମନେଇବାରେ, ବୁଝାଇବାରେ, ଉସୁକାଇବାରେ ବ୍ୟସ୍ତ ରହିଲେଣି। ମନ କିନ୍ତୁ ମାନୁନି । ମୁଁ ପ୍ରଶଂସା କରୁଥିବା ଲୋକଟି ମତେ କାହିଁକି ପ୍ରଶଂସା ନ କରିବ? ଏଇ କଥା ମନକୁ ବିଚଳିତ କରୁଛି। କିନ୍ତୁ ଆମକୁ ବୁଝିବାକୁ ହେ ଯେ ଜଣକୁ ଭଲ ଲାଗିଲେ ହିଁ ଜଣେ ପ୍ରଶଂସା କରିବ। ଭଲ ନ ଲାଗିଲେ କାହିଁକି ବା କରିବ? ଆଉ କିଛି ଜାଗାରେ ଦେଖାଯାଏ ଯେ କିଛି ମତାମତ, ପ୍ରଶଂସା ଏମିତି ହିଁ ଅନ୍ୟକୁ ଖୁସି କରିବାକୁ ହିଁ କେବଳ ଲେଖାଯାଇଥାଏ।

ଯେଉଁମାନଙ୍କ କୃତି ଆମକୁ ଭଲ ଲାଗେ ସେମାନଙ୍କୁ ଯେ ଆମେ ପ୍ରଶଂସା କରି କିଛି ପୋଷ୍ଟ କରିବା, ମତାମତ ଦେବା ଏମିତି କିଛି ମାନେ ନାହିଁ। ଅନେକ କୃତି ଅଛି ଯାହା ଆମ ମାନସପଟରେ ଦୀର୍ଘଦିନ ଧରି ବସା ବାନ୍ଧି ରହେ, ଆମକୁ ପ୍ରେରଣା ଦିଏ। ଅବଶ୍ୟ କଥା ପ୍ରସଙ୍ଗରେ କେବେ କେଉଁଠି ଆଲୋଚନା ହେଲେ ଆମେ ସେଇ ସବୁକୁ ଉଦାହରଣ ମାଧ୍ୟମରେ ଉପସ୍ଥାପିତ କରୁ। ତାହା ହିଁ ସେ ସ୍ରଷ୍ଟାଙ୍କୁ ପ୍ରକୃତ ଉପହାର, ଯଥାର୍ଥ ପ୍ରଶଂସା। 'କାନି ସୁନ୍ଦର କୁଞ୍ଚ ସୁନ୍ଦର' ବ୍ୟବହାରରେ ଜ୍ଞାନୀ ଲୋକଟିଏ କେବେହେଲେ ଖୁସି ହୁଏନାହିଁ। ନିଜର ପ୍ରଶଂସା ନିଜେ କରିବା ଓ କରାଇବା କେବେ କାହାକୁ ଭଲ ଲାଗେ ନାହିଁ। ହୁଏତ ପ୍ରଶଂସା କରୁଥିବା ଲୋକଟି ତମ ଆଗରେ ପ୍ରଶଂସା କରିପାରେ କିନ୍ତୁ ପଛରେ ସେ ସମାଲୋଚନା ହିଁ କରିବ। ପୁଣି ନିଜର ଆତ୍ମପ୍ରଚାର ପାଇଁ ଅନ୍ୟକୁ ବ୍ୟବହାର କରିବା କେତେଦୂର ଯଥାର୍ଥ?

ପ୍ରତିଭାର ପ୍ରଦର୍ଶନ ପାଇଁ ଏକ କ୍ଷେତ୍ରର ଆବଶ୍ୟକତା ରହିଛି, କିନ୍ତୁ ସେ କ୍ଷେତ୍ରର ଅପବ୍ୟବହାର କେବେ ବି ଠିକ୍ ନୁହେଁ। କେବେ କେବେ ନିଜର କିମ୍ବା ପରିବାରବର୍ଗଙ୍କର ଫଟୋ କିମ୍ବା ଭିଡିଓ ସବୁ ବାରମ୍ବାର ପୋଷ୍ଟ କରାଯାଇ ପ୍ରଶଂସା କରିବାକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଆବେଦନ କରାଯାଇଥାଏ। ପ୍ରତ୍ୟେକ ମଣିଷ ମନରେ ଏକ ଭାବନା ଥାଏ ଯେ, ସମସ୍ତେ ତା'କୁ ପ୍ରଶଂସା କରନ୍ତୁ, ଭଲ ବୋଲି କହନ୍ତୁ । କେହି ନିଜର ଖରାପ ଗୁଣ ଶୁଣିବାକୁ ଭଲ ପାଆନ୍ତି ନାହିଁ। ନିଜକୁ ଭଲ ବୋଲି ଭାବିବା ଦ୍ୱାରା ମନ ମଧ୍ୟରେ ଏକ ସକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ। କିନ୍ତୁ ନିଜକୁ ଭଲ ବୋଲି କୁହାଇବା ବା ସେପରି କିଛି କାର୍ଯ୍ୟ କରାଇବା କେବେହେଲେ ଏକ ଉତ୍ତମ ମାନସିକତାର ଲକ୍ଷଣ ନୁହେଁ। ପ୍ରଶଂସା, ପୁରସ୍କାର ଏସବୁ ମାଗି କରି ଅଣାଯାଏ ନାହିଁ। ନିଜେ ନିଜକୁ ଯେତେ ପ୍ରସାର ପ୍ରଚାର କରାଇଲେ ମଧ୍ୟ ଦକ୍ଷତା ବିହୀନ ଜୀବନ ବେଶି ସମୟ ଭିଡ଼ ମଧ୍ୟରେ ତିଷ୍ଠି ରହିପାରେନାହିଁ। ଉପଯୁକ୍ତ ସ୍ଥାନରେ ନିଜକୁ ଠିକ୍ ଢଙ୍ଗରେ ଉପସ୍ଥାପିତ କରିବା ହିଁ ବିଦ୍ୱାନମାନଙ୍କର କାର୍ଯ୍ୟ।

**ନରସିଂହପୁର, କଟକ**
ମୋ-୭୦୦୮୨୪୩୬୭୨

## ପାଠକ ଶ୍ରେଷ୍ଠ ବିଚାରକ

### ବେ-ବନ୍ଦୋବସ୍ତି ଫଇସଲା ସରଳ ହେଉ

ମହାଶୟ,

ବେ-ବନ୍ଦୋବସ୍ତି ଜମିଜମାର ଫଇସଲା ପାଇଁ ସରକାର ଡିସେମ୍ବର-୨୦୨୩ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହ ଏଭଳି କଠୋର ସର୍ତ୍ତ ରଖିଛନ୍ତି ଯେ ୧୯୮୩-୮୪,୧୯୭୬-୭୭ ଓ ୧୯୨୬-୨୭ ର ହାଲ-ଶାବକ ମେଲକ, ୟାଦସ୍ତ ଓ ପାର୍ଚ୍ଚା ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟାଳୟରୁ ସଂଗ୍ରହ କରି ତହସିଲଦାରଙ୍କ ପାଖରେ ଦାଖଲ କରିବାକୁ ପଡିବ। ନଚେତ୍ ସମୟସୀମା ଗଡ଼ିଗଲେ ଏହା ସରକାରୀ ଖାତାକୁ ଚାଲିଯିବ । ଏହି କାଗଜାତଗୁଡ଼ିକୁ ପାଇବା ପାଇଁ ଲୋକମାନେ ଅକଥନୀୟ ଯନ୍ତ୍ରଣା ପାଉଛନ୍ତି। ଦୂର ଦୂରାନ୍ତରୁ ଦୌଡ଼ି ଦୌଡ଼ି ମଧ୍ୟ କାଗଜ ମିଳିପାରୁ ନାହିଁ । ଯେଉଁମାନଙ୍କର ବେ-ବନ୍ଦୋବସ୍ତ ପଟ୍ଟାରେ ନାଁ ଅଛି ସ୍ୱତଃ ସେଇମାନଙ୍କ ନାଁରେ ସ୍ଥିତିବାନ ରେକର୍ଡ ହେବା କଥା। ନତୁବା ହାଲ-ଶାବକ ମେଳକ, ୟାଦସ୍ତ ଓ ପାର୍ଚ୍ଚା ବିଭାଗ ସ୍ତରରେ ଅଣାଯାଇ ମାମଲା ଫଇସଲା ହେବା କଥା। ଲୋକେ କାହିଁକି ଖର୍ଚ୍ଚାନ୍ତ ହୋଇ କଷ୍ଟ ସହିବେ? ଏଣୁ ସରକାର ସାନି ନିର୍ଦ୍ଦେଶନାମା ଜାରି କରି କାଗଜାତ ବିଭାଗ ସ୍ତରରେ ମଗେଇ ଫଇସଲା କରନ୍ତୁ ଓ ଏହି ପ୍ରକ୍ରିୟା ଶେଷ ହେବା ଯାଏ ତାରିଖ ଗଡେଇ ଚାଲନ୍ତୁ। ଏହାଦ୍ୱାରା ସମସ୍ତେ ଉପକୃତ ହୋଇପାରିବେ।

**-ମହେନ୍ଦ୍ର ତ୍ରିପାଠୀ, ସାଧନା ସଦନ, ତ୍ରିଲୋଚନପୁର, ଡେଲାଙ୍ଗ**

## ଚିରନ୍ତନୀ

ପରୁଷର ସ୍ୱର୍ଗ ତୁମେ, ଧର୍ମ ତପ
ରମଣୀର ପ୍ରେମ
ସବୁ ବନ୍ଧନର ଗ୍ରନ୍ଥି ହେ ଅସ୍ଥିର
ହେ ଅମୂଲ୍ୟ ହେମ!

-(ସୁନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ବେଙ୍ଗାଲୁରୁ ବିଧାନସୌଧଠାରେ କଂଗ୍ରେସ ବିଧାୟକ ଦଳ ବୈଠକରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଓ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର।

# ଲୋକ ସଭା ବାଚସ୍ପତି ନୂଆ ସଂସଦ ଭବନ ଉଦ୍‌ଘାଟନ କରନ୍ତୁ: ଓୱାଇସି

ନୂଆଦିଲ୍ଲୀ,୨୪।୫

ନୂତନ ସଂସଦ ଭବନର ଉଦ୍‌ଘାଟନକୁ ନେଇ ରାଜନୈତିକ ମାହୋଲ ସରଗରମ ହୋଇଉଠିଛି। ଏହାକୁ ନେଇ ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସଦୁଦ୍ଦିନ ଓୱାଇସି ଏକ ନୂଆ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତ, ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତି ନୂତନ ସଂସଦ ଗୃହର ଉଦଘାଟନ କରିବା ଉଚିତ ନୁହେଁ। କାରଣ ଏ ଦୁହେଁ କାର୍ଯ୍ୟନିର୍ବାହୀର ଏକ ଅଂଶ, ତେଣୁ ଲୋକ ସଭା ବାଚସ୍ପତି ନୂତନ ସଂସଦ ଗୃହର ଉଦ୍‌ଘାଟନ କରିବା ଆବଶ୍ୟକ।



ଅସଦୁଦ୍ଦିନ ଓୱାଇସି

ଯଦି ପ୍ରଧାନମନ୍ତ୍ରୀ ନୂତନ ସଂସଦ ଗୃହର ଉଦଘାଟନ କରନ୍ତି, ତେବେ ଆମେ ସେହି କାର୍ଯ୍ୟକ୍ରମରେ ଯୋଗଦେବୁ ନାହିଁ। ବାଚସ୍ପତି ଉଦଘାଟନ କଲେ ଏଆଇଏମ୍‌ଆଇଏମ୍ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବ ବୋଲି ଓୱାଇସି ସ୍ପଷ୍ଟ କରିଛନ୍ତି। ଏଥିସହ ନୂତନ ସଂସଦ ଭବନର ପ୍ରସ୍ତାବ ସମ୍ପର୍କରେ ସେ କହିଛନ୍ତି, ୨୦୧୯ ଲୋକସଭା ନିର୍ବାଚନ ପରେ ପ୍ରଧାନମନ୍ତ୍ରୀ ଏକ ସର୍ବଦଳୀୟ ବୈଠକ ଡାକିଥିଲେ। ଏହି ବୈଠକର ଏଜେଣ୍ଡା ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ ଥିଲା। ପ୍ରାୟ ସମସ୍ତ ଦଳ ଏଥିରେ ସହମତ ହୋଇଥିଲେ। ଯଦିଓ ମୁଁ ଏବଂ ସୀତାରାମ ୟେଚୁରୀ ଏହାକୁ ବିରୋଧ କରିଥିଲୁ। ମୁଁ ଏକ ନୂତନ ଲୋକ ସଭା ଗଠନ କରିବାକୁ ପ୍ରସ୍ତାବ ଦେଇଥିଲି। ତେବେ ସଂସଦ ଗୃହର ଉଦ୍‌ଘାଟନୀ ସମାରୋହ ନେଇ କୌଣସି ବିରୋଧୀ ଦଳ ଆମ ସହ ଯୋଗାଯୋଗ କରି ନାହାନ୍ତି। ଅପରପକ୍ଷେ ପ୍ରଧାନମନ୍ତ୍ରୀ ଚାହୁଁଛନ୍ତ କେବଳ ତାଙ୍କ ଦଳ ହିଁ ସମଗ୍ର ଦେଶରେ ରହୁ। ନୂତନ ସଂସଦ ଭବନର ଆବଶ୍ୟକତାକୁ ଅସ୍ୱୀକାର କରାଯାଇପାରିବ ନାହିଁ, କାରଣ ବର୍ତ୍ତମାନର ସଂସଦ ଭବନରେ ଅଗ୍ନିଶମ ବିଭାଗର ଏନଓସି ନ ଥିବା ଓୱାଇସି କହିଛନ୍ତି।

# 'ସାମାଜିକ ସୁରକ୍ଷା ଭତ୍ତା ନଗଦ ନୁହେଁ, ଡିବିଟି ଆକାରରେ ଦେବାକୁ ଅନୁରୋଧ'

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

## ଧର୍ମେନ୍ଦ୍ରଙ୍କୁ ବାସ୍ତବ ସ୍ଥିତି ବିଷୟରେ ଜଣାନାହିଁ: ବିଜେଡି

ଭୁବନେଶ୍ୱର,୨୪।୫(ବ୍ୟୁରୋ)

ଓଡ଼ିଶା ସରକାରଙ୍କ ଦ୍ୱାରା ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ସାମାଜିକ ସୁରକ୍ଷା ଭତ୍ତାକୁ ଡିବିଟି ବଦଳରେ ନଗଦ ଅର୍ଥ ଆକାରରେ ଦେବାର ନିଷ୍ପତ୍ତି ଚିନ୍ତାଜନକ। ତେଣୁ ସ୍ୱଚ୍ଛତା ବଜାୟ ରଖିବା ତଥା ଭ୍ରଷ୍ଟାଚାର ଦୂରକରିବାର ପ୍ରତିବଦ୍ଧତାକୁ ଧ୍ୟାନରେ ରଖି ଏହି ନିଷ୍ପତ୍ତିର ପୁନର୍ବିଚାର କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବୁଧବାର ଚିଠି ମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି।

ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ନଗଦ ଅର୍ଥ ପ୍ରଦାନ ଜରିଆରେ ମଧ୍ୟସ୍ଥଙ୍କ ଦ୍ୱାରା ଦୁର୍ନୀତି, ହେରଫେର କାରଣରୁ ହିତାଧିକାରୀମାନେ ଅତୀତରେ ଶୋଷଣ ହେବାର ଅନେକ ନଜିର ରହିଛି। ରାଜ୍ୟ ସରକାରଙ୍କ ଦ୍ୱାରା ହିତାଧିକାରୀଙ୍କୁ ନଗଦ ଅର୍ଥ ପ୍ରଦାନ କରିବାର ନିଷ୍ପତ୍ତି ପୁଣି ଥରେ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ପ୍ରୋତ୍ସାହନ ଦେବ। ଏହି ସମସ୍ୟା ଆମ ବରିଷ୍ଠ ନାଗରିକଙ୍କ ଉପରେ ବୋଝ ସୃଷ୍ଟି କରିପାରେ। ତେଣୁ ଡିବିଟି ପ୍ରକ୍ରିୟା ମାଧ୍ୟମରେ ବରିଷ୍ଠ ନାଗରିକ, ବିଧବା ଏବଂ ଦିବ୍ୟାଙ୍ଗଙ୍କୁ ଭତ୍ତା ସହାୟତା ପ୍ରଦାନ କରାଯାଉ। ଜନଧନ ଯୋଜନା ଏହାର ଏକ ଉତ୍କୃଷ୍ଟ ଉଦାହରଣ। ଏନ୍‌ଏସ୍‌ଏପି ଅନ୍ତର୍ଗତ ଭାରତ ସରକାରଙ୍କ ପ୍ରାୟ ୨.୯୯ କୋଟି ହିତାଧିକାରୀ ବିଶେଷ ଭାବେ ବରିଷ୍ଠ, ବିଧବା ଏବଂ ଦିବ୍ୟାଙ୍ଗମାନେ ମାସିକ ଭତ୍ତା ପାଉଛନ୍ତି। ଓଡ଼ିଶାରେ ମଧ୍ୟ ୨୦ ଲକ୍ଷ ୯୫ ହଜାର ୬୯୫ ହିତାଧିକାରୀଙ୍କୁ ଡିବିଟି ମାଧ୍ୟମରେ ସହାୟତା ପ୍ରଦାନ କରାଯାଉଛି। ଡିବିଟି ବ୍ୟବସ୍ଥା ଯୋଗୁ ରାଜକୋଷକୁ ସହାୟକ ହେବା ସହ ନକଲି କିମ୍ବା ଭୂତ ହିତାଧିକାରୀ ବାଦ୍ ପଡ଼ିଛନ୍ତି ଏବଂ ମଧ୍ୟସ୍ଥଙ୍କ ଆବଶ୍ୟକତା ମଧ୍ୟ ହ୍ରାସ ପାଇଛି।

ଓଡ଼ିଶା ମଧ୍ୟ କେନ୍ଦ୍ରୀୟ ଏବଂ ରାଜ୍ୟ ଯୋଜନାରେ ଡିବିଟି ବ୍ୟବସ୍ଥା ଆପଣାଇଛି। ଓଡ଼ିଶା ୨୦୨୨-୨୩ ଆର୍ଥିକ ବର୍ଷରେ କେନ୍ଦ୍ର ଓ ରାଜ୍ୟ ଯୋଜନା ଅନ୍ତର୍ଗତ ୮,୧୩୫.୧୮ କୋଟି ଟଙ୍କା ହସ୍ତାନ୍ତର କରିଛି। ଏହିବର୍ଷ ୧.୯୫ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ଡିବିଟି ବ୍ୟବସ୍ଥା ଆପଣାଇବା ଦ୍ୱାରା ଭୂତ ଓ ନକଲି ହିତାଧିକାରୀ ବାଦ୍ ପଡ଼ିଥିଲେ। ଏହି କାରଣରୁ ୨୦୨୧-୨୨ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ୪୫୯.୯୬ କୋଟି ଟଙ୍କା ସଞ୍ଚୟ ହୋଇଛି। ୨୦୨୩ ଜାନୁୟାରୀ ସୁଦ୍ଧା ଓଡ଼ିଶାର ବିଭିନ୍ନ ବ୍ୟାଙ୍କରେ ୮୨ ହଜାର ୨୬୧ ସକ୍ରିୟ ବ୍ୟାଙ୍କ୍ ମିତ୍ର ମହଜୁଦ ଅଛନ୍ତି। ଏହା ବ୍ୟତୀତ ଓଡ଼ିଶାରେ ୮,୪୯୧ ପୋଷ୍ଟ ଅଫିସ ରହିଛି। ଏଥିରେ ଦୁର୍ଗମ ଏବଂ ଗ୍ରାମୀଣ ଅଞ୍ଚଳରେ ଆର୍ଥିକ ସେବା ପ୍ରଦାନ କରିବା ପାଇଁ ପ୍ରଶିକ୍ଷିତ କର୍ମଚାରୀ ଅଛନ୍ତି। ଓଡ଼ିଶାରେ ୬,୭୭୨ ଗ୍ରାମପଞ୍ଚାୟତକୁ ୨୨ ହଜାର ଜନସେବା କେନ୍ଦ୍ର ସେବା ପ୍ରଦାନ କରୁଛନ୍ତି। ଏ ଗୁଡିକ ଅଭିନବ ଉପାୟରେ ଅପହଞ୍ଚ ଲୋକଙ୍କୁ ସେବା ପ୍ରଦାନ କରିପାରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଧର୍ମେନ୍ଦ୍ରଙ୍କ ଚିଠିର ପ୍ରତିକ୍ରିୟାରେ ଟୁଇଟ୍ କରି ବିଜେଡି ଏମ୍‌ପି ସସ୍ମିତ ପାତ୍ର କହିଛନ୍ତି, ନଗଦ ବଦଳରେ ଡିବିଟି ମାଧ୍ୟମରେ ବୃଦ୍ଧ ଓ ଦିବ୍ୟାଙ୍ଗଙ୍କୁ ଭତ୍ତା ସହାୟତା ପହଞ୍ଚାଇବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ପରାମର୍ଶ ଆଶ୍ଚର୍ଯ୍ୟଜନକ। ଏହା ସ୍ପଷ୍ଟ କରୁଛି ଯେ, ବାସ୍ତବ ସ୍ଥିତି ବିଷୟରେ କେନ୍ଦ୍ରମନ୍ତ୍ରୀ ଅଜ୍ଞ ଅଛନ୍ତି। ବ୍ୟାଙ୍କିଙ୍ଗ୍ ସେବାର ଅଭାବ ଯୋଗୁ ବୃଦ୍ଧ ଓ ଦିବ୍ୟାଙ୍ଗମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ୫୦୦ ଟଙ୍କା ଭତ୍ତା ଲାଗି ସେମାନଙ୍କୁ ୨୦ରୁ ୩୦ କି.ମି. ଯାତ୍ରା କରିବାକୁ ପଡୁଛି। ତାକୁ ଆଣିବା ଲାଗି ୨୦୦ରୁ ୩୦୦ ଟଙ୍କା ଖର୍ଚ୍ଚ ହୋଇଯାଉଛି। ଭତ୍ତାକୁ ନଗଦ ଆକାରରେ ପ୍ରଦାନ କରିବା ବାସ୍ତବରେ ଦୀର୍ଘ ଦୂରତା ଯାତ୍ରା କରିବାର କଷ୍ଟକୁ ହ୍ରାସ କରିବ। କେନ୍ଦ୍ରମନ୍ତ୍ରୀଙ୍କ ଏଭଳି ଆଭିମୁଖ୍ୟ ଲକ୍ଷ ଲକ୍ଷ ବିଧବା, ଭିନ୍ନକ୍ଷମ ତଥା ବୃଦ୍ଧ ବ୍ୟକ୍ତିଙ୍କ ପ୍ରତି ଅନ୍ୟାୟ ବୋଲି ସସ୍ମିତ କହିଛନ୍ତି।

# ପଶ୍ଚିମ ଓଡ଼ିଶାର ୯ ଜିଲା ବୁଲିବାକୁ କହିଛନ୍ତି ମୁଖ୍ୟମନ୍ତ୍ରୀ: ସୁଶାନ୍ତ

- ସୁଶାନ୍ତଙ୍କୁ ନେଇ ଚାଲିଥିବା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ
- ସୁଶାନ୍ତ ରାଜନୈତିକ ଗଣିତଜ୍ଞ ନୁହନ୍ତି: ଭାଜପା

ଭୁବନେଶ୍ୱର, ୨୪।୫(ବ୍ୟୁରୋ)

ରାଜ୍ୟ ସରକାର ଗତ ୨୨ ତାରିଖରେ ମନ୍ତ୍ରିମଣ୍ଡଳ ଅଦଳବଦଳ କରିଥିଲେ। ପୂର୍ବତନ ବାଚସ୍ପତି ବିକ୍ରମ କେଶରୀ ଆରୁଖ, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଏବଂ ସାରଦା ନାୟକଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିଛି। ତେବେ ଏହି ୩ ନେତାଙ୍କ ନାମ ଘୋଷଣା ହେବା ପୂର୍ବରୁ ଆହୁରି ଅନେକ ନେତାଙ୍କ ନାମକୁ ନେଇ ଚର୍ଚ୍ଚା ହେଉଥିଲା। ପଶ୍ଚିମ ଓଡ଼ିଶାରୁ ବିଧାୟକ ସୁଶାନ୍ତ ସିଂଙ୍କୁ ମନ୍ତ୍ରୀ ପଦ ମିଳିବ ବୋଲି ତାଙ୍କ କର୍ମୀମାନେ ଆଶାବାନ୍ଧି ବସିଥିଲେ। ହେଲେ ସୁଶାନ୍ତଙ୍କୁ ମନ୍ତ୍ରୀ ପଦ ନ ମିଳିବା ନେଇ ତାଙ୍କ ସମର୍ଥକମାନେ ଅସନ୍ତୋଷ ଝାଡ଼ିବା ଆରମ୍ଭ କରିଦେଲେ। ଏହି ପ୍ରସଙ୍ଗ ରାଜ୍ୟ ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଲା। ହେଲେ ସୁଶାନ୍ତ ଏହି ଚର୍ଚ୍ଚାର ବୁଧବାର ପୂର୍ଣ୍ଣଚ୍ଛେଦ ପକାଇଛନ୍ତି।

ସେ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇ ସେ ମନ୍ତ୍ରୀ ରେସ୍‌ରେ ନ ଥିବା ଜଣାଇଥିଲେ। ନିର୍ଦ୍ଦିଷ୍ଟ ଏକ ଗଣମାଧ୍ୟମ ତାଙ୍କ ନାଁରେ ଓଲଟପାଲଟ କଥା ପ୍ରଚାର କରୁଛି। ସେ ଦିଲ୍ଲୀ ଯିବା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇଥିଲେ। ସେ ମନ୍ତ୍ରୀ ହେବା ପାଇଁ ଲବି କରି ନ ଥିଲେ। ଯଦି ମନ୍ତ୍ରୀ ହେବା ପାଇଁ ଲବି କରିଥାନ୍ତେ, ତା'ହେଲେ ୨୨ ତାରିଖରେ ଶପଥ ଗ୍ରହଣ ଥିବା ସତ୍ତ୍ୱେ ଦିଲ୍ଲୀ ଯାଇ ନ ଥାଆନ୍ତେ। କିଏ କ'ଣ ହେବ ପୂର୍ବରୁ ନିଷ୍ପତ୍ତି ହୋଇଥିଲା। ସେ ଦିଲ୍ଲୀରୁ ୨୦ ତାରିଖରେ ଫେରିଥିଲେ। ତାଙ୍କ କାର୍ଯ୍ୟକ୍ରମ ଥିବା ଯୋଗୁ ସେ ବରପାଲି ପଳାଇଥିଲେ। ମୁଖ୍ୟମନ୍ତ୍ରୀ ଡାକିବାରୁ ସେ ମଙ୍ଗଳବାର ଆସି ଭେଟିଥିଲେ। ଗଣମାଧ୍ୟମ ଖାଲି ଏପଟସେପଟ ପ୍ରଚାର କରୁଛି। ସେ ଆହୁରି କହିଛନ୍ତି, ପଶ୍ଚିମ ଓଡ଼ିଶା ଦାୟିତ୍ୱ ବୁଝିବା ନେଇ ମୁଖ୍ୟମନ୍ତ୍ରୀ ତାଙ୍କୁ କହିଛନ୍ତି। ସୁନ୍ଦରଗଡ଼ ଛାଡ଼ି ୯ ଜିଲା ବୁଲିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କେଉଁ ଜିଲାରେ ଦଳର କ'ଣ ଷ୍ଟାଟସ ଅଛି ତାହାର ରିପୋର୍ଟ ଦେବାକୁ ତାଙ୍କୁ କୁହାଯାଇଛି। ଦଳର ଷ୍ଟ୍ରାଟେଜି ଠିକ୍ ରହିଲେ ବିଜେଡି ୩୧ରୁ ଅଧିକ ଆସନ ଜିତିବା ସହ ଲୋକ ସଭାରେ ମଧ୍ୟ ୫ରୁ ୫ ଜିତିବ। ସମର୍ଥକ ଅସନ୍ତୋଷ ପ୍ରକାଶ କରିବା ସମ୍ପର୍କରେ ସୁଶାନ୍ତ କହିଛନ୍ତି, ଭାବପ୍ରବଣ ହୋଇ କେହି କିଛି କହି ଦେଇଥିଲେ। ସେମାନଙ୍କୁ ବୁଝାଇ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ତାଙ୍କ ଉପରେ ଅଛି। ମନ୍ତ୍ରୀ ନ ଥିଲେ ବି ତାଙ୍କର ଅଧିକ କାମ ହେଉଛି ବୋଲି ସେ କହିଛନ୍ତି।



ସୁଶାନ୍ତ ସିଂ

ତେବେ ପଶ୍ଚିମ ଓଡ଼ିଶାରେ ୩୧ ଆସନ ଜିତିବା କଥା ନେଇ ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ସମୟ କହିବ କିଏ କେତେ ଆସନ ଜିତିବ, କିଏ କେତେ ହାରିବ। ସେ ବାବଦରେ ସୁଶାନ୍ତ ସିଂ ଜ୍ୟୋତିର୍ବିଦ ହେବାର କୌଣସି ଆବଶ୍ୟକତା ନାହିଁ। ସେ ମନ୍ତ୍ରୀ ପଦ ନେଇ କିଛିଦିନ ତଳେ ମାନ ଅଭିମାନ କରିଥିଲେ। ସବୁ କଥା ବୋଧେ ତୁଟିଗଲା। ତେଣୁ ସେସବୁ ବିଷୟକୁ ମେକ୍‌ଅପ୍ କରିବା ଲାଗି ସେ ଏମିତି କଥା କହିଥିବେ। ସେ କଥାର କିଛି ବାସ୍ତବତା ନାହିଁ। ଯେତେବେଳେ ମାନ ଅଭିମାନ ମଣିଷର ତୁଟିଯାଏ ସେତେବେଳେ ସେ ତାଙ୍କ ପ୍ରଭୁଙ୍କ ପ୍ରତି ନିଜର ଆନ୍ତରିକତା ଦେଖାଇବାକୁ ଅଧିକା କଥା କୁହନ୍ତି। ସୁଶାନ୍ତ ସିଂ ବୋଧେ ସେହି ଧାରାରେ ଏଭଳି ଅବାନ୍ତର ମନ୍ତବ୍ୟ ଦେଇଛନ୍ତି। ସେ ଜଣେ ରାଜନୀତିକ ଗଣିତଜ୍ଞ ନୁହନ୍ତି ବୋଲି ପୃଥ୍ୱୀରାଜ କହିଛନ୍ତି।

# କଂଗ୍ରେସରୁ ନିଲମ୍ବିତ ହେଲେ ପୂର୍ବତନ ବିଧାୟକ

## ମହଙ୍ଗା ପଡ଼ିଲା ଦଳ ବିରୋଧୀ ମନ୍ତବ୍ୟ

ମୁମ୍ବାଇ,୨୪।୫: ଦଳ ବିରୋଧୀ ମନ୍ତବ୍ୟକୁ ନେଇ ମହାରାଷ୍ଟ୍ରର ପୂର୍ବତନ କଂଗ୍ରେସ ବିଧାୟକ ଆଶିଷ ଦେଶମୁଖଙ୍କୁ ଦଳରୁ୬ବର୍ଷପାଇଁନିଲମ୍ବିତକରାଯାଇଛି। କଟୋଲର ପୂର୍ବତନ ବିଧାୟକ ଆଶିଷ କହିଥିଲେ, କଂଗ୍ରେସ ନେତା ରାହୁଲ ଗାନ୍ଧୀ ତାଙ୍କ 'ମୋଦି ସରନେମ' ମନ୍ତବ୍ୟ ପାଇଁ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ଙ୍କୁ କ୍ଷମା ମାଗିବା ଆବଶ୍ୟକ। ଏଥିସହ ରାଜ୍ୟ କଂଗ୍ରେସ ସଭାପତି ନାନା ପାଟୋଲ ମୁଖ୍ୟମନ୍ତ୍ରୀଏକନାଥଶିନ୍ଦେଙ୍କସହମୁହାଁମୁହିଁହୋଇଥିବାସେଅଭିଯୋଗକରିଛନ୍ତି। ମହାରାଷ୍ଟ୍ରରୁ ଇମ୍ରାନ ପ୍ରତାପଗଡୀଙ୍କୁ ରାଜ୍ୟ ସଭାକୁ ପଠାଇବାକୁ ବିରୋଧ କରି ଆଶିଷ ୨୦୨୨ରେ ଦଳର ସାଧାରଣ ସମ୍ପାଦକ ପଦରୁ ଇସ୍ତଫା ଦେଇଥିଲେ। ନିକଟରେ ସେ ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କୁ ଭେଟିଥିଲେ। ଏହାକୁ ନେଇ ସେଠାକାର ରାଜନୈତିକ ପାଣିପାଗ ବେଶ ସରଗରମ ହୋଇଥିଲା।

CENTRAL UNIVERSITY OF ODISHA
(Established Under the Central Universities Act,2009)
NAD, Sunabeda, Dist-Koraput, Odisha. PIN-763004
Advertisement For Admission in UG / PG Programmes
Advertisement No. 05/2023 Date: 25-05-2023
The Central University of Odisha (CUO), established under the Central University Act 2009 to address the growing educational needs of the Country, is located in Koraput, one of the finest places in terms of tranquillity and weather throughout the year. As part of implementation of NEP-2020 creating inter-disciplinary academic initiatives including the community outreach programmes and industry academia interface, CUO is going to receive online application form for admission in 4 UG / PG Programmes [B.Sc. in Agriculture Science, B.Sc. in Animal Husbandry & Dairying, B.Sc. in Forest Management, and MBA (Logistics & Supply Chain Management)].
The date of receiving of online application form: 26-05-2023
For more details, please visit our website: https://cuo.ac.in/index.asp
Sd/- Controller of Examinations

GOVERNMENT OF INDIA
Ministry of Skill Development and Entrepreneurship
REGIONAL DIRECTORATE OF SKILL DEVELOPMENT & ENTREPRENEURSHIP, ODISHA
NSIC Building, 5th Floor, IDCO Plot No.06,
Manchesware Industrial Estate, Bhubaneswar, Odisha - 751010
Telephone No.: 0674-2974438/98 & 0674-2580444
ବିଜ୍ଞାପନ
ଆଞ୍ଚଳିକ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ଦକ୍ଷତା ବିକାଶ ଏବଂ ଉଦିମିତା ଆଞ୍ଚଳିକ ନିର୍ଦ୍ଦେଶାଳୟ ଓଡ଼ିଶାର ଅନୁଗୁଳ ଜିଲ୍ଲାର ଜନଶିକ୍ଷଣ ସଂସ୍ଥାନ ବଣ୍ଟନ ପାଇଁ ଯୋଗ୍ୟ ପ୍ରତିଷ୍ଠିତ ଅଣ-ସରକାରୀ ସଂଗଠନର ଆବେଦନକୁ ଆମନ୍ତ୍ରଣ କରିଥାଏ । ଇଚ୍ଛୁକ ଯୋଗ୍ୟ ଖ୍ୟାତିସମ୍ପନ୍ନ ଅଣ-ସରକାରୀ ସଂଗଠନଗୁଡିକ ସେମାନଙ୍କର ଆବେଦନ 30.05.2023 ସୁଦ୍ଧା ଦାଖଲ କରିପାରିବେ । ଅଧିକ ବିବରଣୀ ପାଇଁ ଦୟାକରି ଅଫିସିଆଲ୍ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: https://rdsdeodisha.dgt.gov.in.
Sd./- REGIONAL DIRECTOR

# ନୟାଗଡ଼ ଜିଲା ବିଜେଡି କମିଟି ପୁନର୍ଗଠିତ

## ରମେଶ ବେହେରା ସଭାପତି

ଭୁବନେଶ୍ୱର,୨୪।୫(ବ୍ୟୁରୋ)

ବିଜୁ ଜନତା ଦଳର ନୟାଗଡ଼ ଜିଲା କମିଟି ପୁନର୍ଗଠନ ହୋଇଛି। ନୂଆ କମିଟିରେ ରମେଶ ଚନ୍ଦ୍ର ବେହେରାଙ୍କୁ ଜିଲା ସଭାପତି ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଉପସଭାପତି ଭାବେ ପ୍ରସନ୍ନ ପ୍ରଧାନ, ପଦ୍ମ ଉଦୟଭାନୁ, ନିତ୍ୟାନନ୍ଦ ପ୍ରଧାନ, ସୂର୍ଯ୍ୟମଣି ଦାଶ, ଶେଷଦେବ ସ୍ୱାଇଁ, ଦିଲୀପ କୁମାର ଦଳବେହେରା, ନିରଞ୍ଜନ ବେହେରା, ଗୟାଧର ପରିଡ଼ା, କିଶୋର ଚନ୍ଦ୍ର ଦାଶ, ଉଲ୍ଲାସ ନାୟକ , ଗିରିଜାକାନ୍ତ ମହାପାତ୍ର ଏବଂ ପାଣ୍ଡବ ସେଠୀଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ୧୪ ଜଣଙ୍କୁ ସାଧାରଣ ସମ୍ପାଦକ, ୪୦ ଜଣଙ୍କୁ ସମ୍ପାଦକ, ୧୨ ଜଣଙ୍କୁ ସାମାଜିକ ଗଣମାଧ୍ୟମ କୋଅର୍ଡିନେଟର ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ୧୩ ଜଣଙ୍କୁ ଜିଲାର ବ୍ଲକ,ଏନ୍‌ଏସି ଓ ମ୍ୟୁନିସିପାଲିଟି ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ନୟାଗଡ଼ ବ୍ଲକ ସଭାପତି ଭାବେ ଅଜିତ ସାହୁଙ୍କୁ ମନୋନୀତ କରାଯାଇଥିବା ବେଳେ ଓଡ଼ଗାଁ ବ୍ଲକ ସଭାପତି ଭାବେ ସୂର୍ଯ୍ୟ ଚୌଧୁରୀ, ନୟାଗଡ଼ ମ୍ୟୁନିସିପାଲିଟି ସଭାପତି ଭାବେ ଅମୂଲ୍ୟ ମହାନ୍ତି, ଓଡ଼ଗାଁ ଏନ୍‌ଏସି ସଭାପତି ଭାବେ ପ୍ରଫୁଲ୍ଲ ଡାକୁଆ, ଭାପୁର ବ୍ଲକ ସଭାପତି ଭାବେ ଜିତେନ୍ଦ୍ର ରଣସିଂହ, ଖଣ୍ଡପଡା ବ୍ଲକ ସଭାପତି ଭାବେ ସୁଶାନ୍ତ ମିଶ୍ର, ଦଶପଲ୍ଲା ବ୍ଲକ ସଭାପତି ଭାବେ ସୁଦାମ ଚରଣ ନାୟକ, ନୂଆଗାଁ ବ୍ଲକ ସଭାପତି ଭାବେ ସନ୍ୟାସୀ ସାମଲଙ୍କୁ ମନୋନୀତ କରାଯାଇଛି। ସେହିପରି ଗଣିଆ ବ୍ଲକ ସଭାପତି ଭାବେ ସଦାଶିବ ମିଶ୍ର, ଦଶପଲ୍ଲା ଏନ୍‌ଏସି ସଭାପତି ଭାବେ ଅନିଲ ରାୟ, ଖଣ୍ଡପଡ଼ା ଏନ୍‌ଏସି ସଭାପତି ଭାବେ ସତ୍ୟ ନାରାୟଣ ବାରିକ, ରଣପୁର ବ୍ଲକ ସଭାପତି ଭାବେ ସଚ୍ଚିକାନ୍ତ ଷଡ଼ଙ୍ଗୀ ଏବଂ ରଣପୁର ଏନ୍‌ଏସି ସଭାପତି ଭାବେ ଲିଙ୍ଗରାଜ ନାୟକଙ୍କୁ ନିଯୁକ୍ତି ଦିଆଯାଇଛି।

## ନୂଆପଡ଼ାର ସରୋଜ, ଖରିଆରର ରାଜେଶ ବିଜେଡି ସମ୍ପାଦକ

ନୂଆପଡ଼ାର ସରୋଜ କୁମାର ସାହୁ ଏବଂ ଖରିଆର ରୋଡ୍‌ର ରାଜେଶ ନିଗମଙ୍କୁ ବିଜୁ ଜନତା ଦଳର ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ବୁଧବାର ବିଜୁଜନତାଦଳପକ୍ଷରୁପ୍ରେସ୍‌ଇସ୍ତାହାରଜରିଆରେଏହିସୂଚନାଦିଆଯାଇଛି।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
ମଧୁସୂଦନ ନଗର ଶାଖା
ପ୍ଲଟ୍ ନଂ.: ୨୬୯, ସଚିବାଳୟ ମାର୍ଗ, ମଧୁସୂଦନ ନଗର, ୟୁନିଟ୍ - ୪, ଭୁବନେଶ୍ୱର - ୭୫୧୦୨୨,
ଫୋନ୍ ନଂ.: ୦୬୭୪-୨୫୩୭୯୩୯,
ଇ-ମେଲ୍ : ubin0808954@unionbankofindia.bank
ଡିମାଣ୍ଡ ନୋଟିସ୍

ଆମର ମଧୁସୂଦନ ନଗର ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ

ଆମେ ନିମ୍ନଲିଖିତ ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ମଧୁସୂଦନ ନଗର ଶାଖାର ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ପ୍ରକାର / ଋଣ ପରିମାଣ | ଏନ୍‌ପିଏ ତାରିଖ/ ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସତ୍ୟଜିତ୍ ପଣ୍ଡା, ସା: ପ୍ଲଟ୍ ନଂ.: ୨୧୬୯(ଅଂଶ), କେଦାର ଗୌରୀ ରୋଡ, ଭୁବନେଶ୍ୱର - ୭୫୧୦୦୨ / କୋ-ଓବ୍ଲିଗାଣ୍ଟ/ ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଦେବବ୍ରତ ନାୟକ, ପିତା: ଶ୍ରୀ ବ୍ରହ୍ମାନନ୍ଦ ନାୟକ, ସା: ଗୀତା ନିବାସ, ରବି ଟକିଜ୍ ରୋଡ, ବ୍ରଜବନ୍ଧୁ କଲ୍ୟାଣ ମଣ୍ଡପ ନିକଟ, ଭୁବନେଶ୍ୱର - ୭୫୧୦୦୨, ୨) ଶ୍ରୀ ଲିଙ୍ଗରାଜ ରାଉତରାୟ, ପିତା: ଶ୍ରୀ ହୃଦାନନ୍ଦ ରାଉତରାୟ, ସା: ପ୍ଲଟ୍ ନଂ.: ୬୬୪/୪୨୩୨, ରାମେଶ୍ୱର ପାଟଣା, ଭୁବନେଶ୍ୱର - ୭୫୧୦୦୨ | ୧)ଗୃହ ଋଣ/ ଟ.୨୫,୦୦,୦୦୦/- ୨)ସମ୍ପତ୍ତି ମିଆଦୀ ଋଣ / ଟ.୩୭,୫୦,୦୦୦/- ସମୁଦାୟ: ଟ.୬୨,୫୦,୦୦୦/- | ୩୧.୦୩.୨୦୨୨ / ୨୩.୦୫.୨୦୨୩ / ୩୦.୦୪.୨୦୨୩ ସୁଦ୍ଧା ଟ.୪୮,୬୯,୯୬୩.୦୪ + ୦୧.୦୫.୨୦୨୩ ଠାରୁ ତତ୍‌ପରବର୍ତ୍ତୀ ସୁଧ ଏବଂ ଦେୟ | ଶ୍ରୀ ସତ୍ୟଜିତ୍ ପଣ୍ଡାଙ୍କ ନାମରେ ଥିବା ବାସୋପଯୋଗୀ ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୩୨, ରୟାଲ ରେସିଡେନ୍ସି, ପ୍ଲଟ୍ ନଂ.: ୮୭୭/୨୬୧୯ (ଜିଏ ପ୍ଲଟ୍ ନଂ.: ଏନ୍/୩-୭୧), ଖାତା ନଂ.: ୧୪୨୭(ଜିଏ), ମୌଜା: ଜୟଦେବ ବିହାର (ୟୁନିଟ୍-୧୬), ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୧୦୧୫ ଏବଂ ଏହାର ଚାରିପାର୍ଶ୍ୱରେ ଉତ୍ତର: ଫ୍ଲାଟ୍ ନଂ.: ୩୧, ଦକ୍ଷିଣ: ଖୋଲା ପ୍ୟାସେଜ୍, ପୂର୍ବ: ଖୋଲା ପ୍ୟାସେଜ୍, ପଶ୍ଚିମ: ଖୋଲା ପ୍ୟାସେଜ୍ |

ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟରେ ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପର ଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଉପରଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ ଆପଣଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ । ୧) ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁସାରେ ଆପଣ ଯଦି ସମସ୍ତ ଦେୟ ଏବଂ ତତ୍‌ସହିତ ଉପର ଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ୬୦ ଦିନ ମଧ୍ୟରେ ପୈଠ କରିବାକୁ ବିଫଳ ହୁଅନ୍ତି ଏବଂ ଯଦି ବ୍ୟାଙ୍କ ଏହି ଧାରାରେ ଥିବା ଏହାର ଅଧିକାରକୁ କାର୍ଯ୍ୟକାରୀ କରେ ଏବଂ ଏହି ବନ୍ଧକ ସମ୍ପତ୍ତି ବିକ୍ରୟ ପ୍ରକ୍ରିୟା ଦ୍ୱାରା ଦେୟ ପରିଶୋଧ ହୋଇନପାରେ ତେବେ ବଳକା ରାଶି ଆଦାୟ ପାଇଁ ଆମେ ଆପଣମାନଙ୍କ ବିରୁଦ୍ଧରେ ଆଇନ ଅଦାଲତ / ଋଣ ଆଦାୟ ପ୍ରାଧିକରଣରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ ହେବୁ । ୨) ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପାଇବା ଠାରୁ ଆପଣଙ୍କର ଆବଶ୍ୟକୀୟ ବ୍ୟବସାୟିକ କାରବାର ବ୍ୟତୀତ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। ସୂଚନାଯୋଗ୍ୟଯେ ଏହି ଧାରାରେ କୌଣସି ପ୍ରକାର ବ୍ୟତିକ୍ରମ କଲେ ଏହାର ପରିଣାମ ଭୟାବହ ହେବ। ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।

ସ୍ଥାନ : ଭୁବନେଶ୍ୱର
ତାରିଖ : ୨୪.୦୫.୨୦୨୩
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

SMiLE JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
- White Phenyle
- Black Phenyle
- Green Phenyle
- Liquid detergent
- Detergent Powder
- Packaging Materials
- Hand Wash
- Dish Wash
- Toilet Cleaner
- Glass Cleaner
- Sanitizer
- Agarbati
Free Training on all products
Other Chemicals
- Bleaching Powder
- Castic Soda
- HCL Acid
- Sulphuric Acid
- Alum
- Acetic Acid
- Dolomite Powder
- French chalk powder
Plot No.843, Palasuni, Bhubaneswar-751010
Mob.No.-9938069796, 9861049796





## ମାଛ ମାର୍କେଟରେ ଓଜନ, ମାପ ବିଭାଗର ଚଢ଼ାଉ

**ପାଣିକୋଇଲି,୨୪।୫(ଡି.ଏନ.ଏ.):** ଓଜନ ଓ ମାପ ବିଭାଗ ପକ୍ଷରୁ ବୁଧବାର ସକାଳେ ପାଣିକୋଇଲି ମାଛ ମାର୍କେଟରେ ଅଚାନକ ଚଢ଼ାଉ କରାଯାଇଛି। ଫଳରେ ଏହାକୁ ନେଇ ବ୍ୟବସାୟୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଅଧିକାରୀମାନେ ମାଛ ଓ ମାଂସ ମାର୍କେଟରେ ପହଞ୍ଚି କଣ୍ଟା ନବୀକରଣ କରାଯାଇ ନ ଥିବାରୁ ସମସ୍ତ ଦୋକାନୀଙ୍କ କଣ୍ଟାକୁ ଜବତ କରିଥିଲେ। ଫଳରେ ବ୍ୟବସାୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଗ୍ରାହକ ହନ୍ତସନ୍ତ ହୋଇଥିଲେ। ବିଭାଗ ପକ୍ଷରୁ ସମସ୍ତଙ୍କୁ କଣ୍ଟା ନବୀକରଣ ପାଇଁ ତାଗିତ କରାଯିବା ସହ ଛୋଟ କଣ୍ଟା ଏକ ହଜାର ଓ କମ୍ପ୍ୟୁଟର କଣ୍ଟା ବାବଦରେ ୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏନେଇ ମୋଟ୍ ୧୮ଟି ମାମଲା ରୁଜୁ ହେବା ସହ ୪୦,୫୦୦ ଟଙ୍କା ଆଦାୟ କରାଯାଇଥିଲା। ଚଢ଼ାଉରେ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ଭାସ୍କର ବେହେରା, ସହକାରୀ ଯୁଗ୍ମ ନିର୍ଦ୍ଦେଶକ ବିଷ୍ଣୁପଦ ରାଉଳ, ଇନ୍ସପେକ୍ଟର ଶର୍ମିଳା ଜେନା ଓ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

# ବେଆଇନ ପଥର ଖାଦାନରେ ଶ୍ରମିକ ମୃତ

**ଯାଜପୁର ଅଫିସ/ଚଢେଇଧରା/ଜେନାପୁର (ଡି.ଏନ.ଏ.),୨୪।୫**

- ଭିନ୍ନରୂପ ଦେବାକୁ ପ୍ରୟାସ
- ରହସ୍ୟ ଘେରରେ ଶ୍ରମିକମାନଙ୍କ ମୃତ୍ୟୁ

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ବେଆଇନ କଳାପଥର ଖାଦାନ ପାଇଁ କେବଳ ରାଜସ୍ୱ ଲୁଟ ହେଉନାହିଁ, ବରଂ ଶ୍ରମିକମାନଙ୍କ ଜୀବନ ମଧ୍ୟ ଯାଉଛି। ଏଭଳି ସମ୍ବେଦନଶୀଳ ଘଟଣାଗୁଡିକୁ ବିଭିନ୍ନ ସମୟରେ ଭିନ୍ନଭିନ୍ନ ରୂପ ଦେଇ ଲିଜ୍‌ଧାରୀମାନେ ଚାପି ଦେଉଛନ୍ତି। ଜେନାପୁର ଥାନା ଅନ୍ତର୍ଗତ ଡଙ୍କାରୀ ପାହାଡ଼ର ନିରଞ୍ଜନ ରାଉତଙ୍କ ଏକ ବେଆଇନ ଖାଦାନରେ ବୁଧବାର ପୂର୍ବାହ୍ନ ୧୧ଟା ସମୟରେ ଜଣେ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଆନ୍ଧ୍ରପ୍ରଦେଶ ଅନ୍ତପୁରମ ଜିଲା କଲ୍ୟାଣଦୁର୍ଗ ଅଞ୍ଚଳର ବୋୟା ଥିପେସ୍ୱନୀ (୫୨) ବୋଲି ସୂଚନା ମିଳିଛି । ଏହି ମୃତକ ଶ୍ରମିକ ୱାଗନ ବ୍ଲାଷ୍ଟିଂରେ ମେକାନିକ ଅପରେଟର ଭାବେ କାମ କରୁଥିଲେ। ବେଆଇନ ବ୍ଲାଷ୍ଟିଂରେ ତାଙ୍କ ମୃତ୍ୟୁ ହୋଇଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ଲିଜ୍‌ଧାରୀ ଓ ତାଙ୍କ ସମର୍ଥକମାନେ ଏହାକୁ ଲୁଚାଇବାକୁ ଯାଇ ଅଂଶୁଘାତରେ ଶ୍ରମିକଙ୍କ ମୃତ୍ୟୁ ହୋଇଛି ବୋଲି ସଫେଇ ଦେଉଥିବା ସୂଚନା ମିଳିଛି। ଜେନାପୁର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ପୋଲିସ କହିଛି।

ଟଙ୍କା ଏବଂ ପ୍ରଭାବଶାଳୀ ବ୍ୟକ୍ତିଙ୍କ କବ୍‌ଜାରେ ସଂରକ୍ଷିତ ଜଙ୍ଗଲର ଲଘୁ ଖଣିଜ ଦ୍ରବ୍ୟ ରହିଛି। ଯାଜପୁର ଜିଲା ଧର୍ମଶାଳା ବ୍ଲକ ତଥା ଜେନାପୁର ଥାନା ଅଞ୍ଚଳରେ ଥିବା ଶତାଧିକ ବେଆଇନ ଲଘୁ ଖଣିଜ ଦ୍ରବ୍ୟ ଖାଦାନରେ ଏହା ଜଳଜଳ ହୋଇ ଦିଶୁଛି । ପ୍ରଶାସନ ନିଜର ସ୍ୱାର୍ଥ ସାଧନ ପାଇଁ ବେଆଇନ ଖାଦାନ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଚୁପ୍ ବସିଛି । ବଳଙ୍ଗ ରାଜସ୍ୱ ନୀରିକ୍ଷକଙ୍କ ତଦନ୍ତ ରିପୋର୍ଟ ଆଧାରରେ ଧର୍ମଶାଳା ତହସିଲଦାର ଯାଜପୁର ଅତିରିକ୍ତ ଜିଲାପାଳ(ଏଡିଏମ୍)ଙ୍କୁ ଦେଇଥିବା ରିପୋର୍ଟରେ ବିଛାଖଣ୍ଡି, ଅଞ୍ଜିରା ଓ କୁସୁନପୁର ଆଦି ଜଙ୍ଗଲ କିସମ ମୌଜାର ୪୫୬.୩୪ ଏକର ଜମି କଳାପଥର ବ୍ୟବସାୟୀଙ୍କ କବ୍‌ଜାରେ ରହିଛି । ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ଜଙ୍ଗଲ ବିଭାଗର କଟକ ଡିଭିଜନ ଡିଏଫ୍ଓଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇଛି। କିନ୍ତୁ କେତେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହଯୋଗରେ ଏହି ବେଆଇନ କାରବାର ଚାଲିଥିବାରୁ ସାଧାରଣ ଗରିବ ଲୋକଙ୍କ ଜୀବନ ଯାଉଥିବା ମତପ୍ରକାଶ ପାଇଛି। ଏଇ ୭ ବର୍ଷ ମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ଜୀବନ ଗଲାଣି। ହେଲେ ମୃତକ ଶ୍ରମିକଙ୍କ ପରିବାର ଲୋକଙ୍କୁ କିଛି ପ୍ରଲୋଭନ ଦେଇ ଘଟଣାଗୁଡିକୁ ଚାପି ଦେବାରେ ସଫଳ ହେଉଛନ୍ତି। ୨୦୨୦ ଅକ୍ଟୋବରରେ ପଥର ଖାଦାନ ଓ କମ୍ପ୍ରେସର ମାଲିକ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରି ଗମ୍ଭାରିଆ ଗ୍ରାମର ମୃତ ଶ୍ରମିକ ମଦନ ବାର୍ଲାଙ୍କ ମୃତଦେହକୁ ବିଛାଖଣ୍ଡି ନିକଟ ଏକ କାଜୁ ବଗିଚାରେ ପୋଡ଼ି ଦେଇଥିଲେ। ଜେନାପୁର ଥାନା ପୋଲିସ ଏହି ଘଟଣା ସଂକ୍ରାନ୍ତରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ନିଜ ତରଫରୁ ଏକ ମାମଲା(ନଂ.୩୧୮/୨୬।୯।୨୦୨୦) ରୁଜୁ କରି ଧାରା ୨୮୭/୩/୩୩୭/୩ ୦୪(ଏ)/୨୦୧/୧୭୬/୩୭୯/୫୧ ୧/୩୪ ଆଇପିସି/୨୧ ଏମଏମଡିଆର ଆକ୍ଟରେ ବେଆଇନ ପଥର ଖାଦାନର ମାଲିକ ଅଞ୍ଚଳ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୂର୍ବରୁ ଏକାଧିକ ମୃତକ ଶ୍ରମିକଙ୍କ ରହସ୍ୟ ଏଯାଏ ପର୍ଦ୍ଦାଫାସ ହୋଇ ପାରିନାହିଁ। ଏ ସଂକ୍ରାନ୍ତରେ ଚଢେଇଧରା ଫାଣ୍ଡି ଅଧିକାରୀ ବାସୁଦେବ ପରିଡ଼ା କହିଛନ୍ତି ପୋଷ୍ଟମର୍ଟମ ରିପୋର୍ଟ ଆସିଲା ପରେ ମୃତ୍ୟୁର ବାସ୍ତବ କାରଣ ଜଣାପଡିବ। ଏବେ ତଦନ୍ତ ଚାଲିଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ରାଜାରାମ


@ ଆଦର୍ଶ


@ ସୁଭାଶିଷ


@ ଫିଲମାନ


@ ବିଶ୍ୱଭୂଷଣ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଲୁଗା ଦୋକାନ, ଇଲେକ୍ଟ୍ରୋନିକ୍ସ ଷ୍ଟୋର ଜଳିଗଲା


ନିଆଁ ଲାଗି ପୋଡ଼ି ଯାଇଥିବା ଲୁଗା ଦୋକାନ।

**ଆଳି,୨୪।୫(ଡି.ଏନ୍.ଏ.)**

## ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସମ୍ପତ୍ତି ପୋଡ଼ି ପାଉଁଶ

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଞ୍ଚଳରେ ବୁଧବାର ସକାଳୁ ଏକ ବଡ଼ ଧରଣର ଅଗ୍ନିକାଣ୍ଡ ଘଟି ପ୍ରାୟ ୭୦ ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଆଳି ରିଲାଏନ୍ସ ମାର୍ଟ ଉପର ମହଲାରେ ଥିବା ନିୟୁ ଟ୍ରେଣ୍ଡ ଲୁଗା ଦୋକାନ ସହିତ ତାରିଣୀ ଏଣ୍ଟର ପ୍ରାଇଜର୍ସ ଆଣ୍ଡ ଇଲେକ୍ଟ୍ରୋନିକ୍ସ ଦୋକାନର ଷ୍ଟକ୍ ରୁମ୍‌ରେ ଏହି ନିଆଁ ଲାଗି ଦୋକାନରେ ଥିବା ସମସ୍ତ ସାମଗ୍ରୀ ଜଳିଯାଇଛି।

ମିଳିଥିବା ସୂଚନା ମୁତାବକ, ସକାଳେ କଟକ-ଚାନ୍ଦବାଲି ରାସ୍ତାର ଆଳି ପୋଷ୍ଟ ଅଫିସ ନିକଟବର୍ତ୍ତୀ ହାରାମଣି ଭବନର ଦ୍ୱିତୀୟ ମହଲାରେ ଗିରିବନ୍ଧ ଗ୍ରାମର ରଞ୍ଜିତ ବେହେରାଙ୍କର ନିୟୁ ଟ୍ରେଣ୍ଡ ନାମକ ଏକ ଲୁଗା ଦୋକାନ ରହିଛି। ମଙ୍ଗଳବାର ରାତିରେ ସେ କଲିକତାକୁ ଦୋକାନ ମାଲ ଆଣିବାକୁ ଯାଇଥିବା ବେଳେ କର୍ମଚାରୀମାନେ ପ୍ରାୟ ୯ଟାରେ ଦୋକାନ ବନ୍ଦ କରି ଯାଇଥିଲେ। କିନ୍ତୁ ବୁଧବାର ସକାଳ ୫ଟା ୪୦ ମିନିଟ୍‌ରେ ଦୋକାନ ତଳେ ଥିବା ରିଲାଏନ୍ସ ମାର୍ଟରେ କର୍ମଚାରୀମାନେ ମଲ୍ ଖୋଲିବାକୁ ଆସିଥିଲେ। ଏହି ସମୟରେ ଉପର ଦୋକାନରୁ ନିଆଁ ବାହାରୁଥିବା ଦେଖି ସେମାନେ ଲୁଗା ଦୋକାନ ମାଲିକଙ୍କ ସହ ଯୋଗାଯୋଗ କରି ନ ପାରି ବିଦ୍ୟୁତ କର୍ମଚାରୀ ଓ ତାରିଣୀ ଇଲେକ୍ଟ୍ରୋନିକ୍ସର ମାଲିକ ଚିନ୍ମୟ ରାଉତଙ୍କୁ ଫୋନ କରି ଜଣାଇଥିଲେ। ଲୁଗା ଦୋକାନ କର୍ମଚାରୀ ସମେତ କଲେକ୍ଟ୍ରୋନିକ୍ସ ଦୋକାନୀ ସମସ୍ତେ ଦୋକାନ ପାଖକୁ ଆସି ଦୋକାନ ଭିତରୁ ଧୂଆଁ ବାହାରୁଥିବା ଦେଖି ଆଳି ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଆଳି ଦମକଳ କେନ୍ଦ୍ରର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ସେମାନେ ନିଆଁର ପ୍ରକୋପ ଦେଖି ରାଜକନିକା ଓ ପଟ୍ଟାମୁଣ୍ଡାଇ ଅଗ୍ନିଶମ ବିଭାଗର ସହଯୋଗ ଲୋଡ଼ିଥିଲେ। ରାଜକନିକା ଓ ପଟ୍ଟାମୁଣ୍ଡାଇରୁ ଦମକଳ ଗାଡି ସହ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଲିଭାଇବାରେ ଲାଗି ପଡିଥିଲେ। ଦୋକାନ ଭିତରେ ଯେହେତୁ ବହୁତ ପରିମାଣର କପଡ଼ା ଥିଲା ତେଣୁ ନିଆଁ ଲିଭିବାରେ ବିଳମ୍ବ ହୋଇଥିଲା। ନିଆଁ ଧୀରେ ଧୀରେ ଦୋକାନ ପଛ ଭାଗରେ ଥିବା ମା' ତାରିଣୀ ଇଲେକ୍ଟ୍ରୋନିକ୍ସର ଷ୍ଟୋର୍ ରୁମ୍‌କୁ ବ୍ୟାପି ଯାଇଥିଲା। ଷ୍ଟୋରରେ ଥିବା ୪୦ଟି ଏଲଇଡି ଟିଭି, ଫର୍ଣ୍ଣିଚର ସାମଗ୍ରୀ ଆଦି ଜଳି ଯାଇଥିଲା। ପ୍ରାୟ ଦିନ ୧୦ଟା ପାଖାପାଖି ଏହି ନିଆଁକୁ ଆୟତ୍ତ କରାଯାଇ ପାରିଥିଲା। ଦୋକାନ ଭିତରୁ କପଡ଼ା ପୋଡ଼ ବାହାରକୁ ଆସୁଥିବା କଳାଧୂଆଁ ସମ୍ପୂର୍ଣ୍ଣ ଆଳି ବଜାରକୁ ଦୀର୍ଘ ୨ ଘଣ୍ଟା କାଳ ଧୂଆଁମୟ କରି ଦେଇଥିଲା। ଏହି ଅଗ୍ନିକାଣ୍ଡରେ ରଞ୍ଜିତଙ୍କ ଦୋକାନର ପ୍ରାୟ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ସମ୍ପତ୍ତି ଜଳି ଯାଇଛି। ସେହିପରି ଇଲେକ୍ଟ୍ରୋନିକ୍ସ ଦୋକାନର ଷ୍ଟୋର ରୁମରୁ ପ୍ରାୟ ୨୦ ଲକ୍ଷ ଟଙ୍କାର ସାମଗ୍ରୀ ଜଳି ଯାଇଥିବା ନେଇ ମାଲିକ ଚିନ୍ମୟ ସୂଚନା ଦେଇଛନ୍ତି। ଏହି ଅଗ୍ନିକାଣ୍ଡର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି। ଏହି ଘଟଣା ସମ୍ପର୍କରେ ଆଳି ପୋଲିସ ତଦନ୍ତ ଆରମ୍ଭ କରିଥିବା ଆଇଆଇସି ଦିଲୀପ ସାହୁ ସୂଚନା ଦେଇଛନ୍ତି।



# ଏମ୍‌ବିକେ, ସିଆର୍‌ପି ଓ ବ୍ୟାଙ୍କ୍ ମିତ୍ର ଚୟନରେ ଲାଞ୍ଚ କାରବାର

**ଚଣ୍ଡିଖୋଲ,୨୪।୫(ଡି.ଏନ୍.ଏ.)**

## ଭିଡିଓ ଭାଇରାଲ ପରେ ତଦନ୍ତ ଆରମ୍ଭ

ଯାଜପୁର ଜିଲା ବଡ଼ଚଣା ବ୍ଲକର ବିଭିନ୍ନ ପଞ୍ଚାୟତରେ ନିଯୁକ୍ତି ପାଇବାକୁ ଥିବା ଏମ୍‌ବିକେ, ସିଆର୍‌ପି ଓ ବ୍ୟାଙ୍କମିତ୍ର ଚୟନ ପ୍ରକ୍ରିୟାରେ ଅନିୟମିତତା ହେଉଥିବା ଜଣାପଡ଼ିଛି। ମିଶନ ଶକ୍ତିର ଜଣେ ସଭାନେତ୍ରୀ ପ୍ରାର୍ଥୀଙ୍କଠାରୁ ଲାଞ୍ଚ ନେଉଥିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ଏହାର ତଦନ୍ତ ଆରମ୍ଭ ହୋଇଛି। ଭିଡିଓକୁ କେତେଜଣ ବ୍ୟକ୍ତି ନେଇ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଏହାକୁ ଦେଖିବା ପରେ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏଇଓ ରଶ୍ମିରେଖା ପ୍ରଧାନଙ୍କ ନେତୃତ୍ୱରେ ଡିପିସି ସେଫାଳୀ ନାୟକ, ଡିପିଏମ୍ ପ୍ରଶନ୍ନ ପାଢ଼ୀ ପ୍ରମୁଖ ବଡ଼ଚଣା ବ୍ଲକ କାର୍ଯ୍ୟାଳୟକୁ ଆସି ବୁଧବାର ତଦନ୍ତ କରିଛନ୍ତି। ତଦନ୍ତ ସମୟରେ ସେମାନେ ଗଣମାଧ୍ୟମ ଆଗରେ କୌଣସି କଥା ପ୍ରକାଶ କରିବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି। କେବଳ ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରିବେ ବୋଲି ସୂଚନା ଦେଇଛନ୍ତି। ମିଶନ ଶକ୍ତିର ସମ୍ପୃକ୍ତ ସଭାନେତ୍ରୀଙ୍କୁ ବ୍ଲକ ପରିସରର ଏକ ଗୁପ୍ତ କୋଠରିରେ ଅଧିକାରୀମାନେ ଦୀର୍ଘ ସମୟ ଧରି ଜେରା କରିଥିଲେ। ପରେ ମିଶନ ଶକ୍ତିର ଅନ୍ୟ କେତେଜଣ ଅଧିକାରୀଙ୍କୁ ଡାକି ତଥ୍ୟ ସଂଗ୍ରହ କରିଥିଲେ। ତେବେ ଏହି ଘଟଣା ବ୍ଲକ ପରିସରରେ ଚାଲିଥିଲାବେଳେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସେଠାକୁ ଛଡ଼ା ଯାଇ ନ ଥିଲା କି କୌଣସି ପ୍ରତି ଉତ୍ତର ମିଳି ନ ଥିଲା।

କିଛି ଦିନ ତଳେ ମିଶନ ଶକ୍ତି ସଭାନେତ୍ରୀ ତାଙ୍କ ବାସଗୃହରେ ଜଣେ ପ୍ରାର୍ଥୀଙ୍କ ନିକଟରୁ ୫ ହଜାର ଟଙ୍କା ନେବା ସହ ଏଥିରେ ସରକାରୀ ବାବୁମାନେ ଏହି ଟଙ୍କା ନେବେ ବୋଲି କହୁଥିବା ଦେଖାଯାଇଥିଲା। ଶାସକ ଦଳର ସହଯୋଗରେ ସେ ସବୁ କରିପାରୁଛନ୍ତି ବୋଲି କହୁଥିବା ଜଣାପଡ଼ିଥିଲା। ୫ ମିନିଟ୍‌ର ଏହି ଭିଡିଓରେ ସେ କିପରି ଏହି ନିଯୁକ୍ତି ଟଙ୍କା ଲାଞ୍ଚ ଦେଇ କରିହେବ କହୁଥିବା ଜଣାଯାଇଥିଲା।

ଏହାର କିଛି ଦିନ ପୂର୍ବରୁ ଶଳାପଡ଼ା ପଞ୍ଚାୟତର ମହିଳାମାନେ ଏହି ନିଯୁକ୍ତିରେ ଅନିୟମିତତା ହେଉଥିବାନେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେମାନେ ଅଭିଯୋଗ କରିଥିଲେ, ଏମ୍‌ବିକେ, ସିଆରପି ଓ ବ୍ୟାଙ୍କ ମିତ୍ର ଚୟନରେ ପ୍ରକୃତ ପ୍ରାର୍ଥୀଙ୍କୁ ନ ଦିଆଯାଇ ଶାସକ ଦଳ ସମର୍ଥିତ ପ୍ରାର୍ଥୀଙ୍କୁ ଚୟନ କରାଯାଇଛି। ତେଣୁ ତୁରନ୍ତ ଏହାକୁ ବାତିଲ କରିବାକୁ ଦାବି କରି ସେମାନେ ଧାରଣା ଦେଇଥିଲେ। ଏବେ ସମ୍ପୃକ୍ତ ସଭାନେତ୍ରୀଙ୍କ ଭିଡିଓ ଭାଇରାଲ ହେବାପରେ ଶାସକ ଓ ବିରୋଧ ଦଳ ମଧ୍ୟରେ କାଦୁଅ ଫିଙ୍ଗା ଆରମ୍ଭ ହୋଇଛି। ବିରୋଧୀ ଦଳ ପକ୍ଷରୁ ସମସ୍ତ ବେଆଇନ ଚୟନକୁ ବାତିଲ କରି ଠିକ୍‌ରୂପେ ଚୟନ କରିବାକୁ ଦାବି କରାଯାଇଛି।



## ଖଣି ମାଟି ଡମ୍ପରେ ଅହିରାଜ

**କାଳିଆପାଣି,୨୪।୫(ଡି.ଏନ.ଏ.):** ଯାଜପୁର ଜିଲା କାଳିଆପାଣି ଥାନା ଅନ୍ତର୍ଗତ ଓଡ଼ିଶା ଖଣି ନିଗମର ଦକ୍ଷିଣ କାଳିଆପାଣି ଖଣି ମାଟି ଡମ୍ପରେ ବୁଧବାର ଏକ ଅହିରାଜ ସାପ ଦେଖିବାକୁ ମିଳିଛି। ଦିନ ଦ୍ୱିପ୍ରହରରେ ୮ଫୁଟ ଲମ୍ବର ଏହି ବିରାଟ ସାପକୁ ଦେଖି ରାସ୍ତା ଦେଇ ଯାଉଥିବା ଗାଡ଼ି ଡ୍ରାଇଭରମାନେ ଅଟକି ରହିଥିଲେ। ଫଳରେ ସେଠାରେ ଗହଳି ହୋଇଥିଲା। ଏହାପରେ ସାପଟି ଡମ୍ପ କଡରେ ଥିବା ଜଙ୍ଗଲକୁ ଚାଲିଯାଇଥିଲା। ଅଞ୍ଚଳରେ ଲୋକେ ଆଗରୁ ଏତେ ବଡ଼ ସାପ ଦେଖି ନ ଥିବାରୁ ଏହାକୁ ଦେଖି ଆତଙ୍କିତ ହୋଇ ପଡ଼ିଥିଲେ।

# ଟାଟା ଷ୍ଟିଲ୍‌ର ବହୁମୁଖୀ ଦକ୍ଷତା ବିକାଶ କେନ୍ଦ୍ର ଉଦ୍‌ଘାଟିତ

**କାଳିଆପାଣି,୨୪।୫(ଡି.ଏନ.ଏ.)**



ବହୁମୁଖୀ ଦକ୍ଷତା ବିକାଶ କେନ୍ଦ୍ର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟମାନେ।

ଯାଜପୁର ଜିଲାର ସୁକିନ୍ଦା କ୍ରୋମଜୋନ୍ ଅଞ୍ଚଳରେ କାର୍ଯ୍ୟରତ ଟାଟାଷ୍ଟିଲ ମାଇନିଂ ପକ୍ଷରୁ ସରୁଆବିଲ ଖଣି କାର୍ଯ୍ୟାଳୟଠାରେ ଏକ ବହୁମୁଖୀ ଦକ୍ଷତା ବିକାଶ କେନ୍ଦ୍ର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଠାରେ ଖଣି ପ୍ରଭାବିତ ଅଞ୍ଚଳ ପିଲାଙ୍କ ଦକ୍ଷତା ବିକାଶ କରାଯାଇ ଆବଶ୍ୟକ ଅନୁସାରେ ଖଣି ଉତ୍ତୋଳନ ଓ କାରଖାନା କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ପ୍ରଥମ ପର୍ଯ୍ୟାୟରେ ଅଟୋ ମେକାନିକ ପାଇଁ ସ୍ଥାନୀୟ ଅଞ୍ଚଳର ୪୮ ଯୁବକଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିବା ସହ କମ୍ପାନୀର ବହୁମୁଖୀ ଦକ୍ଷତା ବିକାଶ କେନ୍ଦ୍ର ଏ ଅଞ୍ଚଳ ପାଇଁ ଉପଯୋଗୀ ହେବ ବୋଲି ପ୍ରକାଶ କରିଥିଲେ।

ଟାଟାଷ୍ଟିଲ୍ ଫାଉଣ୍ଡେଶନର ସିଇଓ ସୌରଭ ରଏ ଯୋଗଦେଇ କହିଥିଲେ, ଓଡ଼ିଶାରେ ପ୍ରଥମ କରି (ମଲ୍ଟି ସ୍କିଲ୍ ଡେଭଲପମେଣ୍ଟ ସେଣ୍ଟର) ଖୋଲାଯାଇଛି। ଏହା ଆଗାମୀ ଦିନରେ ବ୍ୟାପକ ହେବ। ଟାଟାଷ୍ଟିଲ ମାଇନିଂ ଲିମିଟେଡ୍‌ର ବରିଷ୍ଠ ପରିଚାଳକ ଏମ୍‌ଡି ନନ୍ଦ ଯୋଗଦେଇ ଦକ୍ଷତା ବିକାଶ କେନ୍ଦ୍ର ସୁଦୂର ପ୍ରସାରୀ ହେବ ବୋଲି କହିବା ସହ ତା'ର ସୁଯୋଗ ଅଞ୍ଚଳବାସୀ ନେବା ଆବଶ୍ୟକ ରହିଛି ବୋଲି ପ୍ରକାଶ କରିଥିଲେ। ଦକ୍ଷତା ବିକାଶ ପ୍ରଶିକ୍ଷଣ କେନ୍ଦ୍ରର ମୁଖ୍ୟ କ୍ୟାପଟେନ ଅମିତାଭ ଯୋଗଦେଇ ଉକ୍ତ କେନ୍ଦ୍ର ସମ୍ବନ୍ଧୀୟ ସୂଚନା ଓ ଆଗାମୀ ଦିନରେ ଏହାର ଲାଭ ଅଞ୍ଚଳରେ ମିଳିବ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ସୁକିନ୍ଦା ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଜିଲା ପରିଷଦ ସଭ୍ୟ ଜେମା ଚାଖି, କଅଁସ ସରପଞ୍ଚ ରାଜାରାଣୀ ଦେହୁରି, ସରୁଆବିଲ ମାଇନିଂର ବରିଷ୍ଠ ପରିଚାଳକ ନବୀନ ଶ୍ରୀବାସ୍ତବ ଓ ସହପ୍ରଶାସନିକ ମୁଖ୍ୟ ସଞ୍ଜୀବ ସାହୁଙ୍କ ସମେତ ବହୁ ଅଧିକାରୀ ଯୋଗ ଦେଇଥିଲେ।

# ମହାନଦୀରୁ ଦୁର୍ଗା ମୂର୍ତ୍ତି ଉଦ୍ଧାର

## କାହା ପାଖରେ ରହିବ, ମୂର୍ତ୍ତି ଦେଖି ତହସିଲଦାର ଫେରିଲେ

**ତିର୍ତ୍ତୋଲ, ୨୪।୫(ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସରଣୀଛକ ନିକଟ ମୁଣ୍ଡାସାହିର ଜଣେ ଯୁବକ ମହାନଦୀରୁ ଏକ ଅଷ୍ଟଧାତୁରେ ନିର୍ମିତ ଦଶଭୁଜା ମା' ଦୁର୍ଗାଙ୍କ ମୂର୍ତ୍ତି ପାଇଛନ୍ତି। ଏହା କାହା ପାଖରେ ରହିବ ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ମୂର୍ତ୍ତିକୁ ବୁଧବାର ତହସିଲଦାର ଅମୂଲ୍ୟ କୁମାର ସାହୁ ଦେଖିବା ପରେ ଏହାକୁ କାହା ପାଖରେ ରଖାଯିବ ତାହା ସ୍ପଷ୍ଟ କରିନାହାନ୍ତି। ଫଳରେ ଏହି ମୂର୍ତ୍ତିକୁ ମହାନଦୀରୁ ପାଇଥିବା ମୁଣ୍ଡାସାହିର ରତା ମୁର୍ମୁ ତାଙ୍କ ପାଖରୁ ଏହି ମୂର୍ତ୍ତିକୁ ପ୍ରଶାସନ ନେଇଯିବାକୁ ଅନୁରୋଧ କରିଛନ୍ତି। ଏହି ଦଶଭୁଜା ମା' ଦୁର୍ଗା ମୂର୍ତ୍ତି ଅଷ୍ଟଧାତୁରେ ତିଆରି ହୋଇଥିବା ଅନୁମାନ କରାଯାଉଛି। ମୂର୍ତ୍ତି କିପରି ମହାନଦୀକୁ ଆସିଲା ସେ ଦିଗରେ ସୂଚନାପ୍ରାପ୍ତି ଲାଗି ପ୍ରଶାସନ ଉଦ୍ୟମ ଆରମ୍ଭ କରିଛି। ମୁର୍ମୁ ମାଛ ଧରିବାକୁ ମହାନଦୀକୁ ଯାଇଥିବା ବେଳେ ଏହି ମୂର୍ତ୍ତି ପାଇଥିଲେ। ଏହା ଏକ ଦୁର୍ଲଭ ଏବଂ ଦୁର୍ମୂଲ୍ୟ ମୂର୍ତ୍ତି ହୋଇଥିବାରୁ ଏହାକୁ ସେ ପାଖରେ ରଖିବାକୁ ଭୟ କରିଥିଲେ। ଅନ୍ୟମାନଙ୍କ ଆଗରେ ଏହା କହିବା ପରେ ପଡ଼ୋଶୀଙ୍କ ପରାମର୍ଶକ୍ରମେ ସେ ଏ ସମ୍ପର୍କରେ ତହସିଲଦାରଙ୍କୁ ଅବଗତ କରାଇଥିଲେ। ତହସିଲଦାର ତାଙ୍କ ଘରକୁ ଯାଇ ଏହି ମୂର୍ତ୍ତି ଦେଖି ଏ ସମ୍ପର୍କରେ ସୂଚନା ସଂଗ୍ରହ କରି ଫେରିଛନ୍ତି। ଏ ସମ୍ପର୍କରେ ଜିଲା ପ୍ରଶାସନ ଓ ପ୍ରତ୍ନତତ୍ତ୍ୱ ବିଭାଗ ସହ ପରାମର୍ଶ ହୋଇଛି। ସେମାନଙ୍କଠାରୁ ସୂଚନା ଆସିବା ପରେ ମୂର୍ତ୍ତି ସେଠାରୁ ଉଦ୍ଧାର ହୋଇ ସରକାରୀ ଅଧିକାରୀଙ୍କୁ ହସ୍ତାନ୍ତର କରାଯିବ ବୋଲି ତହସିଲଦାର ସାହୁ ସୂଚନା ଦେଇଛନ୍ତି।



# ଆଇନ ପରେ ବି ବଦଳୁ ନାହିଁ ଶ୍ରମିକଙ୍କ ଭାଗ୍ୟ

ନୟାଗଡ଼ ଅଫିସ,୨୪।୫

ଶୋଷଣରୁ ରକ୍ଷା କରିବାକୁ ଆଇନ ରହିଥିଲେ ହେଁ ଶ୍ରମିକମାନେ ବିଭିନ୍ନ କ୍ଷେତ୍ରରେ ନିର୍ଯାତନା ସହି ଚାଲିଛନ୍ତି। ଶିକ୍ଷାର ଅଭାବ ତଥା ଅଭିଯୋଗ କରିବାର ସାହାସ ନ ଥିବାରୁ ନୀରିହ ଶ୍ରମିକମାନେ ଅଭିଶପ୍ତ ଜୀବନଯାପନ କରୁଛି। କେଉଁଠି ଶାରୀରିକ ନିର୍ଯାତନା ଦିଆଯାଉଛି ତ ଆଉ କେଉଁଠି ବିନା ପାରିଶ୍ରମିକରେ ଗୋଟି ଖଟୁଛନ୍ତି। ଶ୍ରମିକଙ୍କୁ ସେମାନଙ୍କ ଉଚିତ୍ ପ୍ରାପ୍ୟ ଦେବା ଓ ଶୋଷଣରୁ ମୁକ୍ତ କରିବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଇନ ବାଟବଣା ହୋଇ ଯାଇଛି। ଶ୍ରମିକ ନିର୍ଯାତନା ବଢୁଛି ସିନା ହ୍ରାସ ପାଇବାର କୌଣସି ସଙ୍କେତ ମିଳୁନାହିଁ। ସରକାରୀ ଯୋଜନା ଅପହଞ୍ଚ ହେଉଥିବାରୁ ଶ୍ରମିକ ଅସୁରକ୍ଷିତ ହୋଇ ପଡୁଥିବା ଅଭିଯୋଗ ରହିଛି।

**ପ୍ରତିବାଦ କଲେ ଛଟେଇ**

ଜିଲାର ବିଭିନ୍ନ ଦୋକାନ, ଗୋଦାମ, ନର୍ସିଂହୋମ, ସୋରୁମ୍ ଆଦି ବାଣିଜ୍ୟିକ ପ୍ରତିଷ୍ଠାନରେ ନିୟୋଜିତ ଶ୍ରମିକମାନେ ସର୍ବନିମ୍ନ ମଜୁରୀ ଆଇନ ଅନୁଯାୟୀ ପାଉ ନାହାନ୍ତି। ଅଣକୁଶଳୀ ଶ୍ରମିକ ୩୪୫, ଅର୍ଦ୍ଧକୁଶଳୀ ଶ୍ରମିକ ୩୮୫, କୁଶଳୀ ଶ୍ରମିକ ୪୩୫, ଅତିକୁଶଳୀ ଶ୍ରମିକ ୪୯୫ ଟଙ୍କା ପାଇବା ପାଇଁ ସରକାରୀ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ୨୦୨୩ ଏପ୍ରିଲ ୧ରୁ ରାଜ୍ୟ ସରକାର ଏହି ଶ୍ରମିକ ମଜୁରୀ ଘୋଷଣା କରିଥିବା ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ତେବେ ଏହି ମଜୁରୀ ସବୁ ଶ୍ରମିକମାନେ ପାଉ ନ ଥିବା ଅଭିଯୋଗ ରହିଛି। ଅନ୍ୟପକ୍ଷେ ମାସକୁ ୪ଟି ସାପ୍ତାହିକ ଛୁଟି ଓ ବର୍ଷକୁ ଅଗଷ୍ଟ ୧୫, ଜାନୁୟାରୀ ୨୬, ଶ୍ରମିକ ଦିବସ ଓ ଗାନ୍ଧୀ ଜୟନ୍ତୀ ପରି ୪ଟି ଜାତୀୟ ଛୁଟି ବି ଦିଆଯାଉନି। ଦୈନିକ ୮ଘଣ୍ଟା କାମ କରିବାର ନିୟମ ଥିବାବେଳେ ୧୦ରୁ ୧୨ ଘଣ୍ଟା ଖଟା ଯାଉଛି। ଓଭରଟାଇମ ମଜୁରୀ ୨ ଗୁଣ ପାଇବାକୁ ନିୟମ ଥିବାବେଳେ ସେ ବ୍ୟବସ୍ଥାକୁ କେହି ଗ୍ରହଣ କରୁ ନାହାନ୍ତି। ଜଣେ ଶ୍ରମିକ/କର୍ମଚାରୀ ବର୍ଷକୁ ଅତି କମରେ ୮.୩୩ ପ୍ରତିଶତ ବୋନସ ପାଇବାର ନିୟମ ରହିଛି। ଦଶହରା ଦୀପାବଳି ସମୟରେ କର୍ମଚାରୀଙ୍କୁ ବୋନସ ଦେବାର ନିୟମ ଥିବାବେଳେ ମାଲିକମାନେ ଗୋଟିଏ ଟଙ୍କା ବି ଦେଉନାହାନ୍ତି। ପ୍ରତିବାଦ କଲେ ଚାକିରି ଛାଡିବାକୁ ମିଳୁଛି। ଏପରି କି କେତେକଙ୍କୁ ଚାକିରିରୁ ଛଟେଇ କରି ଦଆଯାଉଛି। ଆଉ କେତେକ ବାଧ ହୋଇ ଚାକିରି ଛାଡୁଛନ୍ତି।

**ନିର୍ଯାତନା ବଢୁଛି, କାର୍ଯ୍ୟାନୁଷ୍ଠାନ ଶୂନ**

**ମିଳୁନି ପେନଶନ**

ନୟାଗଡ଼ ଜିଲାର ଶ୍ରମିକମାନଙ୍କ ନାମ ଭବିଷ୍ୟନିଧି ପାଣ୍ଠିରେ ପଞ୍ଜିକୃତ କରାଯାଉନି। ଫଳରେ ଶ୍ରମିକମାନେ ବାର୍ଦ୍ଧକ୍ୟ ସମୟରେ ପେନଶନ ପାଇବାରୁ ବଞ୍ଚିତ ହେଉଛନ୍ତି। ଭବିଷ୍ୟନିଧି ପାଣ୍ଠିର ବିଭାଗୀୟ ନିରୀକ୍ଷକଙ୍କ ଅଣଦେଖା ଯୋଗୁ ନୟାଗଡ଼ର ଶ୍ରମିକମାନେ ଅଭିଶପ୍ତ ଜୀବନଯାପନ କରୁଛନ୍ତି। ଲାଭରେ ମାଲିକ ଅଥବା ପରିଚାଳନା ଗତ ସଂସ୍ଥା ରହୁଛନ୍ତି। ଭବିଷ୍ୟନିଧି ପାଣ୍ଠି କାର୍ଯ୍ୟାଳୟ ପକ୍ଷରୁ ଏହାର ଯାଞ୍ଚ କରାଯାଅନ୍ତା ତେବେ ଅନେକ ଶ୍ରମିକ ଲାଭବାନ ହୁଅନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

**ବିନା ବୀମାରେ ଶ୍ରମିକ କରୁଛନ୍ତି କାମ**

ଅଧିକାଂଶ ଶ୍ରମିକ ବିପଦସଙ୍କୁଳ ଭାବେ କାମ କରୁଛନ୍ତି। ହେଲେ ସେମାନଙ୍କୁ ବୀମା ଭୁକ୍ତ କରାଯାଉନି। ଫଳରେ କିଛି ଘଟଣା, ଅଘଟଣ ଘଟିଲେ ସେମାନଙ୍କ ପରିବାର ବୀମାରାଶି ପାଇ ପାରୁ ନାହାନ୍ତି। ଆହତ ହେଲେ ବୀମା ବାବଦକୁ ଚିକିତ୍ସା ସହାୟତା ମିଳୁନି। ଏପରିକି ଉକ୍ତ ଶ୍ରମିକ କାମ କରୁ ନ ଥିବାରୁ ସଫେଇ ଦିଆଯାଉଛି। ବୀମା ସୁବିଧାରୁ ଶ୍ରମିକମାନଙ୍କୁ ବଞ୍ଚିତ କରାଯାଉଥିଲେ ମଧ୍ୟ ଜିଲା ଶ୍ରମ ଦପ୍ତର ଏ ଦିଗରେ ପଦକ୍ଷେପ ନେଉନି। ମାଲିକ ଅଥବା ପରିଚାଳନା ଗତ ସଂସ୍ଥା ଉପରେ ଶ୍ରମ ବିଭାଗର କାର୍ଯ୍ୟାନୁଷ୍ଠାନ ଜାରି ରହିଲେ ଶ୍ରମିକମାନେ ଉପେକ୍ଷିତ ହୁଅନ୍ତେ ନାହିଁ ବୋଲି କେତେଜଣ ଶ୍ରମିକ କହିଛନ୍ତି।

## ବିନା ପଞ୍ଜୀକରଣରେ ଦାଦନ

ବର୍ଷ ତମାମ ନୟାଗଡ଼ ଜିଲାରୁ ଶ୍ରମିକମାନେ ରାଜ୍ୟ ଓ ରାଜ୍ୟ ବାହାରକୁ କାମ କରିବାକୁ ଯାଉଛନ୍ତି। ଗତ ୨ବର୍ଷ ଭିତରେ ୧୫ ଶ୍ରମିକଙ୍କ ମୃତଦେହ ଗାଁକୁ ଫେରିଛି। ଜିଲାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍) କାମ କରୁଥିଲେ ହେଁ ଶ୍ରମିକମାନେ କାହିଁକି ରାଜ୍ୟ ବାହାରକୁ କାମ କରିବାକୁ ଯାଉଛନ୍ତି ତା'ର କାରଣ ଖୋଜା ଯାଉନି। ଜିଲାର ବିଭିନ୍ନ ସଂସ୍ଥାରେ ନିୟୋଜିତ କର୍ମଚାରୀ ଅଥବା ଶ୍ରମିକମାନେ ନିର୍ଯାତିତ ହେବା ପରେ ଅଧିକ ପାରିଶ୍ରମିକ ଆଶାରେ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ପଳାଇଛନ୍ତି। ହେଲେ ନୟାଗଡ଼ ଜିଲାରୁ କେତେ ଶ୍ରମିକ ଦାଦନ ଯାଉଛନ୍ତି ତା'ର ହିସାବ ଶ୍ରମ ବିଭାଗ ପାଖରେ ନାହିଁ। ଜିଲା ଶ୍ରମ ବିଭାଗକୁ ଯୋଗାଯୋଗ କଲେ ଉତ୍ତର ମିଳୁଛି ଆମ ପାଖରେ କେହି ନିଜର ନାମ ପଞ୍ଜୀକୃତ କରି ଦାଦନ ଖଟିବାକୁ ବାହାରକୁ ଯାଉ ନାହାନ୍ତି। ଏଣୁ ସେମାନଙ୍କ ତଥ୍ୟ ଆମ ପାଖରେ ଉପଲବ୍ଧ ହେଉ ନାହିଁ।

# ବୁଢ଼ାବୁଢ଼ିଆଣି ପାଣି ପଞ୍ଚାୟତ କାର୍ଯ୍ୟାଳୟ ଏବେ ଭୂତକୋଠି

ଓଡ଼ଗାଁ,୨୪।୫(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଓ ତହସିଲ ଅଧୀନ ଆରେଡା ଠାରେ ଥିବା ବୁଢାବୁଢିଆଣି ପାଣି ପଞ୍ଚାୟତ କାର୍ଯ୍ୟାଳୟ ଏବେ ଭୁତକୋଠିରେ ପରିଣତ ହୋଇଛି। ୧୯୯୮ରେ ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଦୁଇ ମହଲା ବିଶିଷ୍ଟ ଏହି କାର୍ଯ୍ୟାଳୟ ପାଣି ପଞ୍ଚାୟତ ନିମନ୍ତେ ଆପେକ୍ସ କମିଟିକୁ ୨୦୦୬ରେ ହସ୍ତାନ୍ତର କରାଯାଇଥିଲା। ହେଲେ ସେଦିନଠାରୁ ଉକ୍ତ କାର୍ଯ୍ୟାଳୟ କେବେ ଖୋଲି ଥିବା କେହି ଦେଖିନାହାନ୍ତି। କେବଳ କାଗଜପତ୍ରରେ ପାଣି ପଞ୍ଚାୟତ କମିଟି ନିର୍ବାଚନ ହେଉଥିବା ବେଳେ ଉକ୍ତ କାର୍ଯ୍ୟାଳୟ କାହା କାମରେ ଆସୁନାହିଁ। ଏଥିସହିତ ଚାଷୀଙ୍କ ନିମନ୍ତେ ଆସିଥିବା ଟ୍ରାକ୍ଟର ଅବ୍ୟବହୃତ ହୋଇ ପଡିଥିଲା। ଟ୍ୟାକ୍ସ ଖିଲାପି ହେବାରୁ ପରିବହନ ବିଭାଗ ଟ୍ରାକ୍ଟରକୁ ଜବତ କରି ନେଇଛି। ଏପରିକି ୨ ବର୍ଷ ପୂର୍ବେ କମିଟି ମରାମତି କରିଥିବା ଟଙ୍କା ଏ ଯାବତ୍ ଆଡଜେଷ୍ଟ ହୋଇ ପାରିନାହିଁ ବୋଲି ଅଧ୍ୟକ୍ଷ ସୁଧାକର ଷଡଙ୍ଗୀ କହିଛନ୍ତି। ଅନ୍ୟପକ୍ଷେ ଲକ୍ଷାଧିକ ଟଙ୍କା ବ୍ୟୟରେ କାର୍ଯ୍ୟାଳୟ ମରାମତି କରିବା ସହିତ ରଙ୍ଗ କରିଥିବା ପାଣି ପଞ୍ଚାୟତ ଅଧ୍ୟକ୍ଷ କହୁଥିଲେ ମଧ୍ୟ ଉକ୍ତ କାର୍ଯ୍ୟାଳୟକୁ ସେ ଦିନକ ପାଇଁ ବ୍ୟବହାର କରିନାହାନ୍ତି। ଏପରି କି କାର୍ଯ୍ୟାଳୟ ଚତୁଃପାର୍ଶ୍ୱରେ ଅନାବନା ଲଟାବୁଦା ମାଡ଼ି ଗଲାଣି। ଏଥିପାଇଁ ସେଠାରେ ଅସାମାଜିକ ଯୁବକମାନେ ଆଡ୍ଡା ଜମାଉଥିବା ସ୍ଥାନୀୟ ଲୋକେ କହୁଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଦାମୋଦର ପ୍ରଧାନ କହିଛନ୍ତି, ପାଣିପଞ୍ଚାୟତ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଆପେକ୍ସ କମିଟି ନିୟନ୍ତ୍ରଣାଧୀନ ହୋଇଥିବା ବେଳେ ଏନେଇ କୌଣସି ଅନୁଦାନ ଆସୁ ନାହିଁ। ବରଂ ପାଣି ପଞ୍ଚାୟତ ନିଜସ୍ୱ ଉଦ୍ୟମରେ ଏନେଇ ଫଣ୍ଡ ଯୋଗାଡ କରିବା ନେଇ ସେ ପରାମର୍ଶ ଦେଇଛନ୍ତି। ଏନେଇ ବ୍ଲକ କଂଗ୍ରେସ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ କହିଛନ୍ତି, ତୁରନ୍ତ ଏହି କାର୍ଯ୍ୟାଳୟକୁ କାର୍ଯ୍ୟକ୍ଷମ କରାଯାଉ। ଯଦି ଏଥିରେ ବିଳମ୍ବ ହୁଏ ଆମେ ଆନ୍ଦୋଳନ କରିବାକୁ ପଛାଇବୁ ନାହିଁ ବୋଲି ସେ ଚେତାବନୀ ଦେଇଛନ୍ତି।



ପରିତ୍ୟକ୍ତ ଅବସ୍ଥାରେ ବୁଢ଼ାବୁଢ଼ିଆଣି ପାଣି ପଞ୍ଚାୟତ କାର୍ଯ୍ୟାଳୟ।

# ପୂର୍ବତନ ବିଡିଓ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀଙ୍କ ନାମରେ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ

ଭାପୁର,୨୪।୫(ଡି.ଏନ.ଏ.)

ଭାପୁର ବ୍ଲକ୍ ଫତେଗଡ ଗ୍ରାମ ପଞ୍ଚାୟତରେ ମିଶନ ଗୃହ ନିର୍ମାଣ ନ କରି ଅର୍ଥ ଆତ୍ମସାତ୍ କରିବା ଘଟଣାରେ ହସ୍ତକ୍ଷେପ କରିଛନ୍ତି ଲୋକାୟୁକ୍ତ। ଏ ନେଇ ଅଭିଯୋଗ ହୋଇଥିବା ବ୍ୟକ୍ତିଙ୍କ ବିରୋଧରେ ଏତଲା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ଲୋକାୟୁକ୍ତ ଅଧ୍ୟକ୍ଷ। ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ପରେ ଫତେଗଡ଼ ଥାନାରେ ଏତଲା ଦେଇଛନ୍ତି ବିଡିଓ ରଞ୍ଜିତ କୁମାର ମଲ୍ଲିକ। ଘଟଣାର ତଦନ୍ତ କରି ଦୋଷୀଙ୍କୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ନିମନ୍ତେ ଥାନାରେ ଅଭିଯୋଗ କରିଛି ବ୍ଲକ ପ୍ରଶାସନ। ଉକ୍ତ ଘଟଣାରେ ସମ୍ପୃକ୍ତ ତତ୍କାଳୀନ ବିଡିଓ ସତ୍ୟସୁନ୍ଦର ରାଉତ, ସହକାରୀ ନିର୍ବାହୀ ଯନ୍ତ୍ରୀ ବୃନ୍ଦାବନ ବରିହା ଏବଂ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ସେଠୀଙ୍କ ବିରୋଧରେ ଏତଲା ଦିଆଯାଇଥିବା ନେଇ ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ଫତେଗଡ ପଞ୍ଚାୟତର ମା'କାଳିକା ସ୍ୱୟଂ ସହାୟକ ଗୋଷ୍ଠୀ, ମା'ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ ,ସାଇ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଭଗବତୀ ସ୍ୱୟଂ ସହାୟକ ଗୋଷ୍ଠୀ ରାଜ୍ୟ ମିଶନ ଶକ୍ତି ନିର୍ଦ୍ଦେଶିକା ସୁଜାତା ଆର୍ କାର୍ତ୍ତିକେୟନ ପାଣ୍ଡିଆନଙ୍କ ପାଖରେ ୨୦୨୧ ଅଗଷ୍ଟ ୨୩ରେ ମିଶନ ଶକ୍ତି ଗୃହ ନିର୍ମାଣ ନାଁରେ ଅର୍ଥ ଆତ୍ମସାତ ହୋଇଥିବା ଅଭିଯୋଗ କରିଥିଲେ। ପଞ୍ଚାୟତ ପରିସରରେ ମିଶନ ଶକ୍ତି ଗୃହ ନିର୍ମାଣ ବାବଦରେ ଆସିଥିବା ୪ ଲକ୍ଷ ଟଙ୍କାରେ ମିଶନ ଶକ୍ତି ଗୃହ ନିର୍ମାଣ ନ କରି ବ୍ଲକ୍‌ର କେତେଜଣ ଅସାଧୁ ଅଧିକାରୀ ଓ ତତ୍କାଳୀନ ସରପଞ୍ଚ ତୋଫାନ ପ୍ରଧାନ, ଭାପୁର ବ୍ଲକ ଉପାଧ୍ୟକ୍ଷ ଗୟାଧର ପରିଡ଼ା ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ଉକ୍ତ ଅଧିକାରୀ ମାନେ ଭିଏଲଡବ୍ଲୁଙ୍କ କାର୍ଟସିକୁ ଅତ୍ୟନ୍ତ ତରବରିଆ ଭାବେ ମିଶନଶକ୍ତି ଗୃହ ଦେଖାଇ ସଫେଇ ଦେବାକୁ ଚେଷ୍ଟା କରିଥିଲେ। ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ ମଧ ଘଟଣାର ତଦନ୍ତ କରି ଅର୍ଥ ଆତ୍ମସାତ ହୋଇଥିବା ନେଇ ଜିଲାପାଳଙ୍କୁ ରିପୋର୍ଟ କରିଥିଲେ। ମାତ୍ର ରିପୋର୍ଟ ପରେ ତତ୍କାଳୀନ ଜିଲାପାଳ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କରିବାରୁ ମୁଖ୍ୟମନ୍ତ୍ରୀ, ମିଶନ ଶକ୍ତି ନିର୍ଦ୍ଦେଶିକା ଓ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ ସ୍ଥାନୀୟ ବାସିନ୍ଦା। ଏ ସମ୍ପର୍କରେ ବର୍ତ୍ତମାନର ବିଡ଼ିଓ ରଞ୍ଜିତ କୁମାର ମଲ୍ଲିକ କୁହନ୍ତି, ଆତ୍ମସାତ୍ ହୋଇଥିବା ଅର୍ଥ ରାଶି ୪ ଲକ୍ଷ ଟଙ୍କା ଅସୁଲ ହୋଇ ସାରିଛି, ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ଅଭିଯୋଗ କରାଯାଇଛି।

## ଶୀତଳଷଷ୍ଠୀ ପାଇଁ ମର୍ଦ୍ଦରାଜପୁର ଚଳଚଞ୍ଚଳ

ଖଣ୍ଡପଡ଼ା,୨୪।୫(ସ୍ୱ.ପ୍ର.)

ଶୀତଳଷଷ୍ଠୀ ତଥା ଶିବ ବିବାହ ଉତ୍ସବ ପାଇଁ ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି, ମର୍ଦ୍ଦରାଜପୁର, ବୋଦଶା ଆଦି ଅଞ୍ଚଳ ଚଳଚଞ୍ଚଳ ହୋଇ ଉଠିଛି। ମର୍ଦ୍ଦରାଜପୁରରେ ଏହି ଯାତ୍ରା ପାଇଁ ସ୍ୱତନ୍ତ୍ରତା ରହିଛି। ଗ୍ରାମର ଆରାଧ୍ୟ ଠାକୁର ମୁକ୍ତି କ୍ଷେତ୍ର ମୁଣ୍ଡିଆ ହନୁମାନଙ୍କ ପ୍ରାଙ୍ଗଣରେ ପ୍ରଭୁ ଶିବ ଏବଂ ମା' ପାର୍ବତୀଙ୍କ ବିବାହ ବୁଧବାର ସଂପନ୍ନ ହୋଇଯାଇଛି। ଏହି ଉତ୍ସବରେ ବରପକ୍ଷ ଓ କନ୍ୟାପକ୍ଷଙ୍କ ଦ୍ୱାରା ନିରାଡମ୍ବର ଭାବେ ବିବାହ ଆୟୋଜନ କରାଯାଇଥିଲା। ପୁରୋହିତ ସରୋଜ ନନ୍ଦ ବିବାହ କର୍ମ ସଂପାଦନା କରିଥିବା ବେଳେ କନ୍ୟା ପିତା ଭାବେ ରମାକାନ୍ତ ବେହେରା ଏବଂ ବର ପିତା ଚନ୍ଦନ ନାୟକ ବିବାହ କାର୍ଯ୍ୟ ପରିଚାଳନା କରିଥିଲେ। ମନ୍ଦିର ଘଣ୍ଟି ଘଣ୍ଟା ଧ୍ୱନୀ ମଧ୍ୟରେ ପୁଜକ ଆଜ୍ଞାମାଳ ଆଣି ଉଭୟଙ୍କୁ ଆମନ୍ତ୍ରଣ କରି ସନ୍ଧ୍ୟା ୬ଟାରେ ବିବାହ କାର୍ଯ୍ୟ ସଂପନ୍ନ କରିଥିଲେ। ସେହିପରି ଖଣ୍ଡପଡ଼ା ସହରାଞ୍ଚଳରେ ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ଦେବ, ଶ୍ରୀଲୋକନାଥ ଦେବ, ଶ୍ରୀ ବାଲୁଙ୍କେଶ୍ୱର ଦେବ ଓ ଶ୍ରୀ ସୁବର୍ଣ୍ଣେଶ୍ୱର ଦେବ ଏବଂ ଖଳିସାହିସ୍ଥିତ ନୀଳକଣ୍ଠେଶ୍ୱର ଦେବ, ବୋଦଶାର ବାଲୁଙ୍କେଶ୍ୱର ମହାଦେବଙ୍କ ବିବାହ କାର୍ଯ୍ୟ ପାରମ୍ପରିକ ରୀତିରେ ଶେଷ ହୋଇଛି। ଗୁରୁବାର ଦେବଦମ୍ପତି ବରଯାତ୍ରୀ ସହ ଗ୍ରାମ ପରିକ୍ରମା କରିବେ।

# ପାଣି ପାଇଁ ହାହାକାର

- **ଗୋଟିଏ ପୋଖରୀ ଉପରେ ନିର୍ଭର କରୁଛନ୍ତି ପଶୁ, ପକ୍ଷୀ**
- **ପ୍ରଜାଙ୍କ ଦଖଲରେ ରାଜ ରାଜୁଡ଼ା ଅମଳର ବନ୍ଧ**

ଖଣ୍ଡପଡ଼ା,୨୪।୫(ସ୍ୱ.ପ୍ର.)

ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବଢ଼ି ଚାଲିଛି। କେତେକ ସ୍ଥାନରେ ତାପମାତ୍ର ୪୨ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରହୁଛି। ଏଥିଯୋଗୁ ଭୂତଳ ଜଳସ୍ତର ହ୍ରାସ ପାଇଛି। ନଦୀ, ନାଳ, ପୋଖରୀ,କୂଅ ଶୁଖିବାରେ ଲାଗିଛି। ଗ୍ରାମାଞ୍ଚଳରେ ଲୋକେ ପାଣି ପାଇଁ ତ୍ରାହି ବିକଳ ହେଉଛନ୍ତି। ଗୃହପାଳିତ ପଶୁମାନଙ୍କ ସହିତ ବାହାରେ ବୁଲୁଥିବା ପଶୁ ପକ୍ଷୀମାନେ ବି ପାଣି ଟୋପାଏ ପାଇଁ ଉହଳବିକଳ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ ବଡ଼ବାଣପୁର ପଞ୍ଚାୟତ ଚୈତନ୍ୟପୁର ବାସିନ୍ଦାଙ୍କ ଜଳକଷ୍ଟ ଚରମସୀମାରେ ପହଞ୍ଚିଛି। ଗ୍ରାମାଞ୍ଚଳର ଗହୀର ଚାଷଜମିକୁ ଆବଶ୍ୟକ ସମୟରେ ପାଣି ଯୋଗାଇବା ଲକ୍ଷ୍ୟରେ ରାଜରାଜୁଡା ଅମଳରେ ପ୍ରଜାମାନଙ୍କୁ ବେଠି ଖଟାଇ ଖନନ କରାଯାଇଥିବା ବନ୍ଧ(ପୋଖରୀ) ଏବେ ପ୍ରଜା ଓ ପଞ୍ଚାୟତ ଦଖଲରେ ରହିଛି। ଫଳରେ ଜମିକୁ ପାଣି ମାଡୁ ନ ଥିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ପାଣିର ଅଭାବ ଯୋଗୁ ଗ୍ରାମର ଗାଈଗୋରୁ ଓ ସ୍ଥାନୀୟ ବାସିନ୍ଦା ଗୋଟିଏ ପୋଖରୀରେ ସ୍ନାନ ଶୌଚାଦି କରୁଥିବା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ,ବାଣପୁର ପଞ୍ଚାୟତ ଅଧୀନ ୧୯ନଂ. ୱାର୍ଡରେ ଚୈତନ୍ୟପୁର ମୌଜା ଗହୀରରେ ୩ ଶହ ଏକରରୁ ଊର୍ଦ୍ଧ୍ୱ ଚାଷ ଜମି ରହିଛି। ଦିନଥିଲା ସେହି ଚାଷ ଜମିକୁ ଆବଶ୍ୟକ ଅନୁଯାୟୀ ପାଣି ଯୋଗାଇବା ପାଇଁ କୌଣସି ସୁବିଧା ନ ଥିଲା। ଚାଷୀମାନେ କେବଳ ବର୍ଷା ଉପରେ ନିର୍ଭର କରି ଖରିଫ ଧାନ ଫସଲ କରୁଥିଲେ। ବର୍ଷର ଅନ୍ୟ ସମୟରେ ଜମି ପଡ଼ିଆ ପଡୁଥିଲା। ରବି ଋତୁରେ ରବି ଫସଲ, ପନିପରିବା ଓ ଅଧିକ ଅମଳକ୍ଷମ ଧାନଚାଷ ହେଉଥିଲା। କୃଷକମାନଙ୍କ ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ୧୯୩୦ ପୂର୍ବରୁ ତତ୍କାଳୀନ ଖଣ୍ଡପଡ଼ା ରାଜାଙ୍କ ଶାସନ ଅମଳରେ ଏକ ବଡ଼ ଯୋଜନା ପ୍ରସ୍ତୁତ କରାଯାଇଥିଲା। ସେତେବେଳେ ସମ୍ପୃକ୍ତ ଅଞ୍ଚଳର ପ୍ରଜାମାନଙ୍କୁ ବେଠି ଖଟାଇ ଚୈତନ୍ୟପୁର ମୌଜା ଗହୀରରେ ୨ ଏକର ୪ ଡେସିମିଲି ପରିମିତ କନିଅର ବନ୍ଧ, ୨ ଏକର ପରିମିତ ମାଟିଆ ବନ୍ଧ ଓ ୪ ଏକର ୩୦ ଡେସିମିଲ ପରିମିତ ବଡ଼ବନ୍ଧ(ପୋଖରୀ) ଖନନ କରାଯାଇଥିଲା। ଉପରୋକ୍ତ ବନ୍ଧରେ ସ୍ଥାନୀୟ ଲୋକମାନେ ଗାଈଗୋରୁ ଗାଧୋଉଥିଲେ। ଏହାଛଡା ଆବଶ୍ୟକ ସମୟରେ ଏହି ବନ୍ଧର ହୁଡାକାଟି ଜମିକୁ ପାଣି ମଡାଯାଉଥିଲା। ଫଳରେ ବର୍ଷା ଅଭାବରେ ମଧ ଏହି ବନ୍ଧର ପାଣିକୁ ବ୍ୟବହାର କରାଯାଇ ଜମିରୁ ଫସଲ ଉତ୍ପାଦନ ହୋଇ ପାରୁଥିଲା। କାଳକ୍ରମେ ୨ ବନ୍ଧକୁ ବାଣପୁର ପଞ୍ଚାୟତ ଅଧୀନକୁ ଆଣି ମାଛ ଚାଷ ଉଦ୍ଦେଶ୍ୟରେ ପ୍ରତିବର୍ଷ ନିଲାମ କରାଯାଉଥିବା ବେଳେ ଗତ ୨ରୁ ୩ ବର୍ଷ ହେଲା ଏହି ବନ୍ଧ ଗୁଡିକରେ ପାଣି ନ ଥିବାରୁ ପଞ୍ଚାୟତ ପକ୍ଷରୁ ନିଲାମ କରାଯାଉ ନାହିଁ। ସମ୍ପୃକ୍ତ ଅଞ୍ଚଳରେ ପାଣିର ଅଭାବ ଯୋଗୁ ପଙ୍କ କାଦୁଅ ତଥା ଆବଶ୍ୟକତାନୁସାରେ ପାଣି ନ ଥିଲେ ସୁଦ୍ଧା ଲୋକେ ବାଧ୍ୟ ହୋଇ ଅଳ୍ପ ପାଣି ଥିବା ମାଟିଆ ବନ୍ଧ(ପୋଖରୀ) ଉପରେ ସ୍ନାନ ଶୌଚାଦି ପାଇଁ ନିର୍ଭର କରୁଛନ୍ତି। ତା'ଛଡା ଗ୍ରାମର ଆଖପାଖରେ ଗୃହପାଳିତ ପଶୁ ଗାଈଗୋରୁ, ପଣ୍ଡା ଆଦି ଗାଧୋଇବା ପାଇଁ କୌଣସି ସୁବିଧା ନ ଥିବାରୁ ସେହି ପୋଖରୀରେ ଲୋକମାନଙ୍କ ସହ ଗାଈଗୋରୁମାନେ ଗାଧୋଉଥିବା ଦେଖିବାକୁ ମିଳୁଛି। ସ୍ନାନ ଶୌଚାଦି ପାଇଁ ପାଣିର ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଆମେ ଓ ଗାଈଗୋରୁ ଆଦି ସେହି ପ୍ରଦୂଷିତ ପୋଖରୀରେ ବାଧହୋଇ ସ୍ନାନ ଶୌଚାଦି କରୁଛୁ ବୋଲି ଗ୍ରାମର କେଶବ ନାୟକ, ଚନ୍ଦ୍ରମଣି ନାୟକ ଓ ଅବସରପ୍ରାପ୍ତ ଅଧ୍ୟକ୍ଷ ରବିନ୍ଦ୍ର କୁମାର ମିଶ୍ର ପ୍ରମୁଖ କହିଛନ୍ତି। ପାନୀୟ ଜଳ ସମସ୍ୟା ଏହି ଗାଁର ଉତ୍କଟ ରୂପ ଧାରଣ କରିଛି। ପଞ୍ଚାୟତ ପକ୍ଷରୁ ସେଥିପାଇଁ ବ୍ୟବସ୍ଥା ହେବା ଦରକାର ବୋଲି ଗ୍ରାମବାସୀ କହିଛନ୍ତି।

ଅପରପକ୍ଷେ ୩ଶହରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଚୈତନ୍ୟପୁର ଅଞ୍ଚଳବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟରେ ୨୦୧୮ରେ ୩୦ ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ସେହି ପ୍ରକଳ୍ପରୁ ନିକଟସ୍ଥ ୪ଶହରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ସାନବାଣପୁରବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଅନ୍ୟ ସମୟରେ ପାଣିର ସେପରି ଅଭାବ ଜଣାପଡୁନାହିଁ। ହେଲେ ଗ୍ରୀଷ୍ମ ପ୍ରବାହ ସମୟରେ ଗାଁକୁ ଆବଶ୍ୟକ ଅନୁଯାୟୀ ପାନୀୟ ଜଳ ଯୋଗାଣରେ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ବାଣପୁର ସରପଞ୍ଚ ପ୍ରତିମା ପ୍ରଧାନଙ୍କ ସହ ଯୋଗାଯୋଗ କରିବାରେ ଅଞ୍ଚଳବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମ୍ପ୍ରତି କନିଅରବନ୍ଧ କାମ ଚାଲୁ ରହିଛି। ଏହାଛଡା ମାଟିଆ ବନ୍ଧ ପୋଖରୀର ପୁନରୁଦ୍ଧାର ପାଇଁ ପ୍ରସ୍ତାବ ରହିଛି। ଫଳରେ ଆସନ୍ତା ବର୍ଷଠାରୁ ପାଣିର ସମସ୍ୟାରେ ସୁଧାର ଆସିବ ବୋଲି ସେ କହିଛନ୍ତି।



ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଆଦର୍ଶ



@ ରାଜାରାମ



@ ଫିଲମାନ



@ ବିଶ୍ୱଭୂଷଣ



@ ଶୁଭାଶିଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଝିଅ ପରେ ଆଖି ବୁଜିଲେ ମା'

**କାଳ ବୈଶାଖୀରେ ଡାଳ ପଡ଼ି ଆହତ ହୋଇଥିଲେ**

**ଖଣ୍ଡପଡ଼ା,୨୪।୫(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି-କୋସ୍‌କା ରାସ୍ତାରେ ଗତ ୧୬ ତାରିଖ ଅପରାହ୍ଣରେ କାଳବୈଶାଖୀ ପ୍ରଭାବରେ ଏକ ଯାତ୍ରୀବାହୀ ଅଟୋରିକ୍ସା ଉପରେ ଏକ ଗଛର ଡ଼ାଳ ଭାଙ୍ଗି ପଡ଼ିଥିଲା। ଏଥିରେ ରଶ୍ମିତା ନାଏକ (୨୫)ର ମୃତ୍ୟୁ ଘଟିଥିଲା। ଏଥିରେ ଅଟୋରିକ୍ସାରେ ଥିବା ରଶ୍ମିତାଙ୍କ ମାଆ ଭମା ନାଏକ, ଅଟୋ ଚାଳକଙ୍କ ସମେତ ଆଉ ୨ଜଣ ଗୁରୁତର ହୋଇଥିଲେ। ଆହତମାନେ ଏବେ ଭୁବନେଶ୍ୱରସ୍ଥିତ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଚିକିତ୍ସାଧୀନ ଅବସ୍ଥାରେ ରଶ୍ମିତାଙ୍କ ମା'ଭମା ନାଏକ (୫୨)ଙ୍କ ମଙ୍ଗଳବାର ରାତିରେ ମୃତ୍ୟୁ ଘଟିଛି ବୋଲି ପରିବାର ଲୋକେ କହିଛନ୍ତି। ୩ ଆହତଙ୍କ ଚିକିତ୍ସା ପାଇଁ ସେମାନଙ୍କୁ ରେଡ଼କ୍ରସ ପାଣ୍ଠିରୁ ଅଧିକ ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ସାଧାରଣରେ ଦାବି ହେଉଛି।

# ବନ୍ଦ ହେଲା ମୁଣ୍ଡଳୀ ଟୋଲ୍ ଗେଟ୍



ମୁଣ୍ଡଳୀ ଟୋଲ୍ ଗେଟ୍।



ପ୍ରଶାସନ ପକ୍ଷରୁ ବସ୍ ଯୋଗେ ଆହତଙ୍କୁ ଛତିଶଗଡ଼ ପଠାଯାଇଛି।

**ଛତିଶଗଡ଼ ତୀର୍ଥଯାତ୍ରୀଙ୍କୁ ମାଡ଼ ମାରିବା ଘଟଣା**

- ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ
- ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବସ୍ ଯୋଗେ ଯାତ୍ରୀଙ୍କୁ ପଠାଗଲା
- ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା

**ଆଠଗଡ଼,୨୪।୫(ସ୍ୱ.ପ୍ର.)**

କଟକ ଜିଲା ଆଠଗଡ଼ ଥାନା ମହାନଦୀ ପୋଲ ନିକଟସ୍ଥ ଓଡ଼ିଶା ବ୍ରିଜ କନ୍‌ଷ୍ଟ୍ରକ୍ସନ କର୍ପୋରେଶନର ମୁଣ୍ଡଳୀ ଟୋଲ୍ ଗେଟ୍ ଦେଇ ମଙ୍ଗଳବାର ପୁରୀରୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସାରି ଛତିଶଗଡ଼ର ଶକ୍ତି ଜିଲା ମାଲଦା ଅଞ୍ଚଳର ତୀର୍ଥଯାତ୍ରୀ ୨ଟି ବସ୍ ଯୋଗେ ଫେରୁଥିଲେ। ଏହି ସମୟରେ ଗେଟ୍‌ରେ ଟୋଲ୍ ଫି ଆଦାୟକୁ ନେଇ ଗେଟ୍ କର୍ମଚାରୀ ଓ ବସ୍ କର୍ମଚାରୀଙ୍କ ମଧ୍ୟରେ ପାଟିତୁଣ୍ଡରୁ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଗେଟ୍ କର୍ମଚାରୀ ବସ୍‌କୁ ଭାଙ୍ଗିବା ସହ କର୍ମଚାରୀ ଓ ତୀର୍ଥଯାତ୍ରୀଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫକରି ବୁଧବାର କୋର୍ଟ ଚାଲାଣ କରିଛି। ସିସିଟିଭି ଫୁଟେଜର ଆଧାରରେ ଟୋଲ ଗେଟ୍ କର୍ମଚାରୀଙ୍କୁ ଚିହ୍ନଟ କରାଯିବା ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଆଠଗଡ଼ ଥାନା ପାଟେଣୀଗାଁ ଗ୍ରାମର ଦୀପକ ପ୍ରଧାନ(୨୩), ଦୀପକ ପ୍ରଧାନ ଓରଫ ବୁବୁ (୩୫), କଦମପାଟଣା ଗ୍ରାମର ରାଜୁ ବାରିକ(୨୨), ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ କାମଧେନୁକାଟ ଗାଁର ମନୋରଞ୍ଜନ ବେହେରା(୨୩)। ପୋଲିସ ନିଜ ଆତ୍ତୁ ନଂ. ୧୧୩/୨୩ରେ ମାମଲା ରୁଜୁ କରିଛି। ବିଭିନ୍ନ ମହଲରୁ ଗଣ୍ଡଗୋଳ ଓ ତୀର୍ଥଯାତ୍ରୀଙ୍କୁ ମାଡ଼ ଘଟଣାକୁ ନିନ୍ଦା କରାଯିବା ସହ ଟୋଲ ଗେଟ୍‌କୁ ବନ୍ଦ ପାଇଁ ଦାବି କରାଯାଇଥିଲା। ଜନସାଧରଣଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଟୋଲ୍ ଗେଟ୍‌କୁ ଅନିର୍ଦ୍ଦିଷ୍ଟକାଳ ପାଇଁ ବନ୍ଦ ରଖିଛନ୍ତି।

ଘଟଣା ଘଟିବା ପରେ ଆଠଗଡ଼ ପ୍ରଶାସନ ପକ୍ଷରୁ ଆହତମାନଙ୍କୁ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସିତ କରାଇବା ପରେ ଯାତ୍ରୀମାନଙ୍କୁ ଏନ୍‌ଏସି ଅବସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ରଖାଯାଇ ରାତିରେ ଖାଦ୍ୟ ଯୋଗାଇ ଦିଆଯାଇଥିଲା। ପରେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡା. ବିଜୟ କୁମାର ମିଶ୍ରଙ୍କ ନେତୃତ୍ୱରେ ୩ ଜଣ ଡାକ୍ତରୀ ଦଳ ସେଠାରେ ମହିଳା, ଶିଶୁ ଓ ଅନ୍ୟ ଆହତମାନଙ୍କର ଚିକିତ୍ସା କରିଥିଲେ। ସକାଳୁ ପ୍ରଶାସନ ପକ୍ଷରୁ ସେମାନଙ୍କ ସହ କଥାବାର୍ତ୍ତା କରି ୨ଟି ବସ୍ ଯୋଗେ ଗ୍ରାମକୁ ପଠାଇ ଦିଆଯାଇଥିଲା। କର୍ମଚାରୀମାନେ ଭାଙ୍ଗିଥିବା ବସ୍‌ର ମରାମତି ଲାଗି ପ୍ରଶାସନ ପକ୍ଷରୁ ୭୦ ହଜାର ଟଙ୍କା ଯୋଗାଇ ଦିଆଯାଇଛି। ଆଠଗଡ଼ ଏନ୍‌ଏସି ଅଧ୍ୟକ୍ଷ ସସ୍ମିତା ରାଉତ ପକ୍ଷରୁ ଆହତମାନଙ୍କୁ ମଧ୍ୟାହ୍ନଭୋଜନ ଯୋଗାଇ ଦିଆଯାଇଥିଲା। ଆଠଗଡ଼ ଉପଜିଲାପାଳ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତହସିଲଦାର ପ୍ରିୟବ୍ରତ ଦାସ, ଆଇଆଇସି ଯଶୋବନ୍ତ ବାରିକ, ସାମାଜିକ କର୍ମୀ ଶିବନାରାୟଣ ପଟ୍ଟନାୟକ, ରତି ରଞ୍ଜନ ପାଇକରାୟ, ପୁତୁନ ଦାସ ପ୍ରମୁଖ ସମସ୍ତ ବ୍ୟବସ୍ଥା ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଓଡ଼ିଶା ପୂର୍ତ୍ତ ବିଭାଗ ଅଧିକୃତ ଓଡ଼ିଶା ବ୍ରିଜ୍ କନ୍‌ଷ୍ଟ୍ରକ୍ସନ କର୍ପୋରେଶନ ପକ୍ଷରୁ ଚଳିତବର୍ଷ ପୁରୀ ଅଞ୍ଚଳର ଅରୁଣ କୁମାର ସାହୁ ୧ କୋଟି ୧୫ଲକ୍ଷ ଟଙ୍କା ଟେଣ୍ଡରରେ ନେଇଛନ୍ତି। ସେ ସ୍ଥାନୀୟ ଅଞ୍ଚଳର ଯୁବକମାନଙ୍କ ଦ୍ୱାରା ଟୋଲ୍ ଗେଟରୁ ଫି ଆଦାୟ କରୁଛନ୍ତି। ବସ୍ କର୍ମଚାରୀ ଓ ତୀର୍ଥଯାତ୍ରୀଙ୍କୁ ମାଡ଼ ଘଟଣାକୁ ନେଇ ଭାଜପା ପକ୍ଷରୁ ଟୋଲ୍ ଗେଟ୍‌କୁ ବନ୍ଦ କରିବା ଦାବିରେ ଆଠଗଡ଼ ସହର ଚାନ୍ଦବାଲି ଛକଠାରେ ରାସ୍ତାରୋକ କରାଯାଇଥିଲା। ସେହିପରି କଂଗ୍ରେସ ପକ୍ଷରୁ ଯୁବନେତା ମନୋରଞ୍ଜନ ପଟ୍ଟନାୟକ, ବିକ୍ରମ ରାୟସାମନ୍ତ, ସୌମ୍ୟରଞ୍ଜନ ମହାପାତ୍ର ପ୍ରମୁଖ ଉପଜିଲାପାଳଙ୍କୁ ଟୋଲ୍ ଗେଟ୍‌କୁ ବନ୍ଦ କରିବାକୁ ଦାବିପତ୍ର ପ୍ରଦାନ କରାଯାଇଥିଲା।



ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ମଙ୍ଗଳବାର ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କୁ ମୁଖ୍ୟମନ୍ତ୍ରୀ ଭବନ ପରିଦର୍ଶନ ପାଇଁ ନିମନ୍ତ୍ରଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଧାମି ଏବଂ ଅକ୍ଷୟ କୁମାର ମଧ୍ୟରେ ରାଜ୍ୟର ବିଭିନ୍ନ ବିଷୟରେ ଆଲୋଚନା ସହ ଉତ୍ତରାଖଣ୍ଡକୁ ଏକ ନୂତନ ଚଳଚ୍ଚିତ୍ର ଶିଳ୍ପ ହବ୍ ପାଇଁ ଆବଶ୍ୟକ ବିକାଶ ବିଷୟରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ଏପରିକି ଉତ୍ତରାଖଣ୍ଡର ପ୍ରାକୃତିକ ସୌନ୍ଦର୍ଯ୍ୟ ଚଳଚ୍ଚିତ୍ର ଶିଳ୍ପ ପାଇଁ ସବୁ ବର୍ଗର ଲୋକଙ୍କୁ ଆକର୍ଷିତ କରୁଛି। ଉଲ୍ଲେଖଯୋଗ୍ୟ, ବଲିଉଡ୍ ଅଭିନେତା ଅକ୍ଷୟ କୁମାର ମଙ୍ଗଳବାର ଶ୍ରୀକେଦାରନାଥ ଧାମରେ ବାବା କେଦାର ନାଥଙ୍କୁ ଦେଖିବାର ସୁଯୋଗ ପାଇଛନ୍ତି।

# ତତଲା ତାୱାରେ ଓଡ଼ିଶା

- ନୂଆପଡ଼ାରେ ୪୪ ଡିଗ୍ରୀ
- ୪୦ ଡିଗ୍ରୀ ଉପରେ ୨୫ ସହର

**ଭୁବନେଶ୍ୱର,୨୪।୫(ବ୍ୟୁରୋ)**

ଗତ କିଛିଦିନ ହେବ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପ୍ରଚଣ୍ଡ ଖରା ସାଙ୍ଗକୁ ଗୁଳୁଗୁଳି ପରିବେଶକୁ ଉତ୍ତପ୍ତ କରିଛି। ସକାଳ ୭ଟାରୁ ମାଡ଼ିଆସୁଛି ତାତି। ସନ୍ଧ୍ୟା ଯାଏ ନିସ୍ତାର ନାହିଁ। ବାୟୁ ମଣ୍ଡଳରେ ଆର୍ଦ୍ରତା ବଢ଼ିଯିବାରୁ ଗୁଳୁଗୁଳି ଅସହ୍ୟ କରୁଛି। ଏଭଳି ପାଗ ଆସନ୍ତା ୨୮ ତାରିଖ ଯାଏ ରହିବ। ୨୯ରୁ କାଳବୈଶାଖୀଜନିତ ବର୍ଷା ଯୋଗୁ ରାଜ୍ୟରେ ତାତି ସାମାନ୍ୟ ହ୍ରାସପାଇବ। ପୁଣି ଜୁନ୍ ୧ରୁ ତାତି ଓ ଗୁଳୁଗୁଳି ବଢ଼ିବ।

ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ସେଲ୍‌ସିୟସ ଛୁଇଁଛି। ସେହିପରି ୨୫ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ରୁ ୪୪ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବୁଧବାର ନୂଆପଡ଼ାରେ ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବାବେଳେ ଝାରସୁଗୁଡ଼ା ୪୩.୪, ତାଳଚେର ୪୩.୨, ଅନୁଗୋଳ ୪୩.୧, ସମ୍ବଲପୁର ୪୨.୯, ଭୁବନେଶ୍ୱର ୪୨.୮, ସୋନପୁର ୪୨.୫, ରାଉରକେଲା ୪୨.୪, ଢେଙ୍କାନାଳ ୪୨.୩, ବଲାଙ୍ଗୀର ୪୧.୭, କଟକ ୪୧.୬, ଚାନ୍ଦବାଲି ୪୧.୬, ବରଗଡ ୪୧.୫, ସୁନ୍ଦରଗଡ଼ ୪୧.୪, ଟିଟିଲାଗଡ଼ ୪୧.୨, ବୌଦ୍ଧ ୪୧, କେନ୍ଦ୍ରାପଡ଼ା ୪୧, ହୀରାକୁଦ ୪୦.୯, ବାରିପଦା ୪୦.୬, ଭବାନୀପାଟଣା ୪୦.୬, ଖୋର୍ଦ୍ଧା ୪୦.୫, ଯାଜପୁର ୪୦.୫, ଜଗତ୍‌ସିଂହପୁର ୪୦.୨, ନୟାଗଡ଼ ୪୦.୨ ଏବଂ କେନ୍ଦୁଝରରେ ସର୍ବାଧିକ ତାପମାତ୍ରା ୪୦.୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ଉପକୂଳରେ ଦିନତମାମ ପ୍ରଚଣ୍ଡ ଖରା ହେଉଥିବାବେଳେ ଅପରାହ୍ନରେ କେତେକ ସ୍ଥାନରେ ଝଡ଼ବର୍ଷା ଯୋଗୁ ପରିବେଶ ଶୀତଳ ହେଉଛି। ଗରମ ପ୍ରଭାବ ଜାରି ରହିଛି। ଆସନ୍ତା ସପ୍ତାହେ ଯାଏ ପାଗରେ ସେପରି କିଛି ପରିବର୍ତ୍ତନର ସମ୍ଭାବନା ନାହିଁ। ତେବେ ଆସନ୍ତା ୨୯ ତାରିଖ ଯାଏ ରାଜ୍ୟର ଅନେକ ଜିଲାରେ ଝଡ଼ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ ଏବଂ କେନ୍ଦୁଝର ଜିଲାରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି।

## ସଂକ୍ଷେପରେ

### ବଜ୍ରପାତରେ ୨ ମୃତ, ଦୁଇ ବଖରା ଜଳିଗଲା

**ତିହିଡ଼ି/ଚାନ୍ଦବାଲି, ୨୪।୫(ଡି.ଏନ୍.ଏ.):** ଭଦ୍ରକ ଜିଲାରେ ବୁଧବାର ଅପରାହ୍ନରେ ବଜ୍ରପାତ ହୋଇ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ତିହିଡ଼ି ବ୍ଲକ ଗୋବିନ୍ଦପୁର ପଞ୍ଚାୟତ କୁଆଁରପେଟର ଗ୍ରାମର ବିଜେଡିର ବରିଷ୍ଠ କର୍ମୀ ଦାମୋଦର ମହାନ୍ତି (୬୭) ଓ ଚାନ୍ଦବାଲି ବ୍ଲକ୍ ଜଳେଶ୍ୱରପୁର ପଞ୍ଚାୟତ ନୂଆଁଗାଁ ଇଚ୍ଛାପୁର ଗ୍ରାମର ଅଜୟ ମହାନ୍ତି(୩୧)। ସୂଚନା ଅନୁଯାୟୀ, ଦାମୋଦର ବିଲକୁ ଯାଇଥିବା ସମୟରେ ବଜ୍ରପାତର ଶିକାର ହୋଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ତିହିଡ଼ି ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଭଦ୍ରକ ଡାକ୍ତରଖାନାକୁ ପଠାଇଛି। ତାଙ୍କ ବିୟୋଗରେ ଦଳର ନେତା ଓ କର୍ମୀମାନେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସେହିପରି ଅଜୟ ବିଲରୁ ଚାଷ କାର୍ଯ୍ୟ ସାରି ଘରକୁ ଫେରୁଥିବା ବେଳେ ବଜ୍ରପାତର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି। ଚାନ୍ଦବାଲି ପୋଲିସ ଶବ ବ୍ୟଚ୍ଛେଦ କରିବା ପାଇଁ ଚାନ୍ଦବାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ରଖିଥିବା ସୂଚନା ଦେଇଛି। ନୂଆଁଗାଁ ଇଚ୍ଛାପୁରର ପାର୍ବତୀ ଦାସଙ୍କ ଘରେ ବଜ୍ରପାତରେ ନିଆଁ ଲାଗିଯାଇଥିଲା। ଚାନ୍ଦବାଲି ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ଦୁଇ ବଖରା ସହ ଆସବାବପତ୍ର ସମ୍ପୂର୍ଣ୍ଣ ଜଳିଯାଇଥିଲା।

### ଦୁର୍ଘଟଣାରେ ଛତିଶଗଡ଼ ଯୁବକ ମୃତ

**ଅଧା ରହିଗଲା ଜଗାଦର୍ଶନ**

**ଢେଙ୍କାନାଳ ଅଫିସ, ୨୪।୫:** ଜଗାଦର୍ଶନ ପାଇଁ ସୁଦୂର ଛତିଶଗଡ଼ରୁ ବାଇକ୍‌ରେ ଶ୍ରୀକ୍ଷେତ୍ର ଆସୁଥିଲେ ଦୁଇବନ୍ଧୁ। ଉଭୟେ ଘରୁ ଉତ୍ସାହରେ ବାହାରିଥିବା ବେଳେ ମଉଳିଯାଇଛି ଦିଅଁଦର୍ଶନ ଆଶା। ଏକ ଟ୍ରେଲର ଡ୍ରାଇଭରଙ୍କ ବେପରୁଆ ଗାଡ଼ିଚାଳନା କାରଣରୁ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଢେଙ୍କାନାଳ ଜିଲା ୫୫ନଂ. ଜାତୀୟ ରାଜପଥର ମହିଷାପାଟ ନିକଟରେ ବୁଧବାର ଅପରାହ୍ନ ୨ଟାରେ ଘଟିଛି ଏଭଳି ଏକ ଦୁଃଖଦ ଘଟଣା। ମୃତକ ହେଲେ ବିବେକ ପାଇକରା। ଗୁରତର ରାଜେଶ ଯାଦବଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଶ୍ରୀକ୍ଷେତ୍ରରେ କଳାଠାକୁରଙ୍କ ଦର୍ଶନ ପାଇଁ ଦୁଇବନ୍ଧୁ ଏକ ବାଇକ୍‌ରେ ବାହାରିଥିଲେ। ଢେଙ୍କାନାଳ ସହର ଉପକଣ୍ଠ ୫୫ନଂ. ଜାତୀୟ ରାଜପଥ ଦେଇ ପୁରୀ ଅଭିମୁଖେ ଯାଉଥିବାବେଳେ ମହିଷାପାଟ ନିକଟରେ ଏକ ଟ୍ରେଲର ବାଇକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବିବେକଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ସହାୟତାରେ ରାଜେଶଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରେଲରକୁ ପୋଲିସ ଜବତ କରିଥିବାବେଳେ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ମୃତ ବିବେକଙ୍କ ଘର ଛତିଶଗଡ ମକଡ଼ି ଥାନା ୧୭୨-ନାଗିପାରା ଅଞ୍ଚଳରେ ଓ ଆହତ ରାକେଶ ବୋରା ଥାନା ବସ୍ତି ଅଞ୍ଚଳର ବୋଲି ଜଣାପଡ଼ିଛି। ଉଭୟଙ୍କ ପରିବାର ସଦସ୍ୟ ପହଞ୍ଚି ନ ଥିବାରୁ ମାମଲା ରୁଜୁ ହୋଇ ନାହିଁ।

# ଶୀତଳଷଷ୍ଠୀ ଯାତ୍ରା ଦେଖି ଫେରୁଥିବା ଯୁବକଙ୍କୁ ହତ୍ୟା

**ବଲାଙ୍ଗୀର ଅଫିସ, ୨୪।୫**

ବଲାଙ୍ଗୀର ସହର ନୃସିଂହ ମନ୍ଦିର ନିକଟ ଗଳିରେ ଥିବା ଏକ ଚା ଦୋକାନ ସମ୍ମୁଖରେ ବୁଧବାର ଭୋର ପ୍ରାୟ ୪ଟାରେ ଛୁରା ମାଡ ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ଗୋଟେସରୋବରପଡାର ସରୋଜ ପାଣିଗ୍ରାହୀ(୨୫)। ଗୁରୁତର ଆହତ କଳପାଲିପଡାର ପ୍ରେମ ସାହୁଙ୍କୁ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ପୋଲିସ ସୂଚନା ମୁତାବକ ମଙ୍ଗଳବାର ଶୀତଳ ଷଷ୍ଠୀ ଯାତ୍ରା ଦେଖିବା ପାଇଁ ସରୋଜ ଓ ତାଙ୍କ ସାଙ୍ଗ ପ୍ରେମ ସହରର ବିଭିନ୍ନ ପୂଜା କମିଟିର ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖୁଥିଲେ। ରାତି ପ୍ରାୟ ସାଢ଼େ ୩ଟାରୁ ୪ଟା ମଧ୍ୟରେ ଉଭୟେ ସରକାରୀ ବସ୍‌ଷ୍ଟାଣ୍ଡ ନିକଟ ନୃସିଂହ ମନ୍ଦିର ଗଳିରେ ଥିବା ଏକ ଚା ଦୋକାନକୁ ଚା ପିଇବା ପାଇଁ ଯାଇଥିଲେ। ଏହି ସମୟରେ ସେଠାରେ ୩/୪ ଜଣ ଯୁବକ ପହଞ୍ଚିଥିଲେ। ଏହାପରେ ସେମାନଙ୍କ ମଧ୍ୟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ଏବଂ ଠେଲାପେଲା ଆରମ୍ଭ ହୋଇଥିଲା। ଏତିକିବେଳେ ପ୍ରତିପକ୍ଷ ଗୋଷ୍ଠୀର ଜଣେ ଯୁବକ ଏକ ଛୁରିରେ ସରୋଜ ଏବଂ ପ୍ରେମଙ୍କୁ ଆକ୍ରମଣ କରିଥିଲେ। ସରୋଜଙ୍କ ଛାତିରେ ଛୁରାମାଡ ହେବାରୁ ସେ ଘଟଣାସ୍ଥଳରେ ଟଳିପଡିଥିଲେ। ପ୍ରେମଙ୍କ ଛାତିରେ ଛୁରାମାଡ ହେବାରୁ ସେ ଗୁରୁତର ଆହତ ହୋଇଥିଲା। ଟାଉନ୍ ଥାନା ପୋଲିସ ସେଠାରେ ପହଞ୍ଚି ସରୋଜ ଓ ପ୍ରେମଙ୍କୁ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ନେଇଥିଲେ। ହେଲେ ସେଠାରେ ଡାକ୍ତର ସରୋଜଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ସକାଳେ ଏହି ଖବର ପ୍ରଚାରିତ ହେବା ପରେ ସହରରେ ଭୟର ବାତାବରଣ ଦେଖାଯାଇଛି। ସହରରେ ଶୀତଳଷଷ୍ଠୀ ଭିଡ ପରିଲକ୍ଷିତ ହେଉଥିବାବେଳେ ଟାଉନ୍ ଥାନା ନିକଟସ୍ଥ ସରକାରୀ ବସ୍‌ଷ୍ଟାଣ୍ଡ ପାଖରେ ଏଭଳି ଏକ ହତ୍ୟାକାଣ୍ଡ ପୁଣି ଥରେ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ ପ୍ରଶ୍ନ ଘେରରେ ରଖିଛି। ମୃତ ସରୋଜଙ୍କ ଜଣେ କାକା କହିଛନ୍ତି ଯେ, ମେ ୧ ତାରିଖରେ ସରୋଜ ମ୍ୟୁନିସିପାଲିଟି କର୍ମଚାରୀ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ମାତ୍ର ଆଜିର ଘଟଣା ସବୁକିଛି ଓଲଟ ପାଲଟ କରି ଦେଇଛି। ସହରରେ ଅବାଧ ନିଶା କାରବାର ଏବଂ କଫ୍ ସିରପ ବେପାର ଏଭଳି ଅପରାଧର ମୁଖ୍ୟ କାରଣ ବୋଲି ସେ କହିଛନ୍ତି। ଆହତ ପ୍ରେମ ସାହୁ କହିଛନ୍ତି ଯେ, ଶୀତଳଷଷ୍ଠୀ ଯାତ୍ରା ଦେଖିବା ପରେ ସେମାନେ ଚା ଦୋକାନ ସାମ୍ନାରେ ଠିଆ ହୋଇଥିବାବେଳେ ବରପାଲିପଡାର କେତେକ ପିଲା ତାଙ୍କ ସହ ଯୁକ୍ତିତର୍କ କରି ଛୁରା ମାଡ କରିଥିଲେ। ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି, ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଅପରାଧିଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତ ଧରାପଡିବେ ବୋଲି ସେ କହିଛନ୍ତି।

# ଅଙ୍ଗନୱାଡ଼ି କେନ୍ଦ୍ର ଛୁଟି ଘୋଷଣା କରାଯାଉ

**ହାଇକୋର୍ଟରେ ଜନସ୍ୱାର୍ଥ ମାମଲା**

**କଟକ ଅଫିସ,୨୪।୫**

ଗ୍ରୀଷ୍ମପ୍ରବାହ ଯୋଗୁ ଜନଜୀବନ ଏବେ ଅଥୟ ହୋଇପଡ଼ିଛି। ହେଲେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ପୂର୍ବବତ୍ ଚାଲିଛି। ଛୋଟ ପିଲା ଖରାରେ ଯିବାଆସିବା କରିବା ଅତ୍ୟନ୍ତ କଷ୍ଟସାଧ୍ୟ। ଏହାକୁ ଦୃଷ୍ଟି ଦେଇ ରାଜ୍ୟରେ ସ୍କୁଲ ଓ କଲେଜ ଭଳି ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ଛୁଟି ଘୋଷଣା କରାଯିବା ପାଇଁ ନିର୍ଦ୍ଦେଶ ଦେବାକୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଛି। ଭାରତୀୟ ବିକାଶ ପରିଷଦ ପକ୍ଷରୁ ଦାଏର ଏହି ମାମଲାରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଓ ନୟାଗଡ଼ ଜିଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି। ପ୍ରକାଶ ଯେ, ଭାରତୀୟ ବିକାଶ ପରିଷଦ ନୟାଗଡ଼ ଜିଲା ଶାଖା ପକ୍ଷରୁ ଗତ ଏପ୍ରିଲ ୨୦ରେ ମୁଖ୍ୟ ଶାସନ ସଚିବ, ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ ନୟାଗଡ଼ ଜିଲାପାଳଙ୍କୁ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ନିମନ୍ତେ ଘୋଷଣା କରିବାକୁ ଦାବି କରାଯାଇଥିଲା। ପ୍ରବଳ ଉତ୍ତାପ ଯୋଗୁ ସକାଳ ୮ଟାରୁ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡ଼ିଶାର ସମସ୍ତ ସ୍କୁଲ ଓ କଲେଜକୁ ଛୁଟି ଘୋଷଣା କରିଛନ୍ତି। ହେଲେ କୋମଳମତି ଶିଶୁମାନେ ଟାଣଖରାରେ ସକାଳ ୮ଟାରୁ ୧୨ଟା ମଧ୍ୟରେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯିବାଆସିବା କରିବା କଷ୍ଟସାଧ ବ୍ୟାପାର ହୋଇଥିବାବେଳେ ରାଜ୍ୟ ସରକାର ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ଗ୍ରୀଷ୍ମଛୁଟି ଘୋଷଣା କରୁ ନାହାନ୍ତି।

# ୩୧ ଓଏଏସ୍ ଅଧିକାରୀଙ୍କୁ ନିର୍ବାଚନ ସମ୍ପର୍କିତ ତାଲିମ

**ଭୁବନେଶ୍ୱର,୨୪।୫(ବ୍ୟୁରୋ)**

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଗୋପବନ୍ଧୁ ଏକାଡେମୀ ଅଫ୍ ଆଡ୍‌ମିନିଷ୍ଟ୍ରେଶନର ମିଳିତ ଆନୁକୂଲ୍ୟରେ ନୂତନ ଭାବେ ନିଯୁକ୍ତି ପାଇ ଏକାଡେମୀରେ ତାଲିମ ନେଉଥିବା ୨୦୧୯ ବ୍ୟାଚ୍‌ର ୩୧ ଜଣ ଓଏଏସ୍ ଅଧିକାରୀଙ୍କୁ ନିର୍ବାଚନ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ବୁଧବାର ଆରମ୍ଭ ହୋଇଯାଇଛି। ଏଥିପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ବାଚନ ସମ୍ପର୍କରେ ଯୁବ ଓଏଏସ୍ ଅଧିକାରୀଙ୍କୁ ବିସ୍ତୃତ ଭାବେ ଅବଗତ କରାଇଛନ୍ତି। ଏହି ଅଧିକାରୀମାନେ ରାଜ୍ୟର ବିଭିନ୍ନ ଜିଲାରେ ଅବସ୍ଥାପିତ ହୋଇ ଆଗାମୀ ଦିନରେ ହେବାକୁ ଥିବା ନିର୍ବାଚନ କାର୍ଯ୍ୟକୁ ପରିଚାଳନା କରିବେ। ଏହି ତାଲିମ କାର୍ଯ୍ୟକ୍ରମ ୨ ଦିନ ଧରିଚାଲିବ। ପ୍ରଥମ ଦିନରେ ଯୁବ ଓଏଏସ୍ ଅଧିକାରୀଙ୍କୁ ପ୍ରାଥମିକ ଭାବେ ଭୋଟର ତାଲିକାରେ ନାମ ପଞ୍ଜୀକରଣ, ଭୋଟ ପଞ୍ଜୀକରଣ ଅଧିକାରୀ (ଇଆର୍‌ଓ), ଆସିଷ୍ଟାଣ୍ଟ ଭୋଟ ପଞ୍ଜୀକରଣ ଅଧିକାରୀ (ଆସିଷ୍ଟାଣ୍ଟ ଇଆର୍‌ଓ) ଏବଂ ବୁଥ୍ ଲେଭଲ ଅଧିକାରୀ (ବିଏଲ୍‌ଓ)ଙ୍କ କାର୍ଯ୍ୟ ଏବଂ ଭୋଟର ତାଲିକାର ରୂପରେଖ ସମ୍ପର୍କରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ତାଲିମ ପ୍ରଦାନ କରିଥିବାବେଳେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସଂଘମିତ୍ରା ଶତପଥୀ ନିର୍ବାଚନର ଆଦର୍ଶ ଆଚରଣ ବିଧି, ଅବାଧ, ସ୍ୱଚ୍ଛ ଓ ମୁକ୍ତ ନିର୍ବାଚନ ପରିଚାଳନା ଏବଂ ନିର୍ବାଚନ ବେଳେ ଗଣମାଧ୍ୟମ ପରିଚାଳନା ସମ୍ପର୍କରେ ତାଲିମ ପ୍ରଦାନ କରିଛନ୍ତି। ସେହିପରି ଉପମୁଖ୍ୟ ନିର୍ବାଚନ ଅଧିକାରୀ ପଦ୍ମଜା ଦାଶ ନିର୍ବାଚନବେଳେ ବୈଷୟିକ ଜ୍ଞାନକୌଶଳର ଉପଯୋଗ ଏବଂ ଭୋଟରଙ୍କୁ ନିର୍ବାଚନର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସଚେତନ କରାଇବା ସହ (ଏସ୍‌ଭିଇଇପି) ସୁଇପ୍ କାର୍ଯ୍ୟକ୍ରମ ସମ୍ପର୍କରେ ଅଧିକାରୀଙ୍କୁ ତାଲିମ ପ୍ରଦାନ କରିଛନ୍ତି।

# ସାନିଟାରି କୂଅ ଭୁଶୁଡ଼ି ମହିଳା ମୃତ

**ଗୋଚ୍ଛାପଡ଼ା, ୨୪।୫**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡ଼ା ଥାନା ସଲାଗୁଡ଼ା ପଞ୍ଚାୟତ ସାଲେଣୀ ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ସାନିଟାରି କୂଅ ଭୁଶୁଡ଼ି ପଡ଼ିବାରୁ ପାଣି ଆଣିବାକୁ ଯାଇଥିବା ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସିଗ୍ରେ କହଁର(୫୬)।

ସକାଳ ପ୍ରାୟ ୮ଟାରେ ସିଗ୍ରେ କୂଅକୁ ପାଣି ଆଣିବାକୁ ଯାଇଥିଲେ। କୂଅ ଛାତ ଉପରେ ଚଢ଼ି ନଳକୂପ ହ୍ୟାଣ୍ଡେଲ ମାରୁଥିବା ବେଳେ ହଠାତ କୂଅର ଛାତ ଭୁଶୁଡ଼ି ପଡ଼ିଥିଲା। ଫଳରେ ସିଗ୍ରେ କୂଅ ଭିତରକୁ ଖସିପଡ଼ିଥିଲେ। ଉପରେ କଂକ୍ରିଟ୍ ରହି ଯିବାରୁ ସେ ବାହାରକୁ ବାହାରିବାକୁ ପ୍ରୟାସ କରି ବିଫଳ ହୋଇଥିଲେ। କୂଅରେ ପ୍ରାୟ ୧୦/୧୨ ଫୁଟ ପାଣିଥିବାରୁ ସିଗ୍ରେଙ୍କର ମୃତ୍ୟୁ ଘଟିଥିଲା। ସିଗ୍ରେ ଘରକୁ ନ ଫେରିବାରୁ ତାଙ୍କ ପୁଅ ବହୁ ଖୋଜାଖୋଜି କରି କୂଅ ପାଖରେ ପହଞ୍ଚି ଥିଲେ। ମା’ ଭିତରେ ପଡ଼ିଥିବା ଦେଖି ଅନ୍ୟମାନଙ୍କୁ ଖବର ଦେଇଥିଲେ। ଖବରପାଇ ସଲାଗୁଡା ସରପଞ୍ଚ ରୋହିତ କହଁର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ସରୋଜ କୁମାର ମହାପାତ୍ର, ବିଜୟାନନ୍ଦ ଭୋଳ, ଭୀମ ପାତ୍ର, ଲକ୍ଷ୍ମୀଧର ସାହୁ ସେଠାରେ ପହଞ୍ଚି ସିଗ୍ରେଙ୍କୁ କୂଅରୁ ବାହାର କରିଥିଲେ। ସେତବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା।

ଅନ୍ୟପଟେ ଗ୍ରାମକୁ ରାସ୍ତା ନ ଥିବାରୁ ମୃତଦେହ ଆଣିବାରେ ବିଳମ୍ବ ହୋଇଥିଲା। ପରିବାର ଲୋକେ ଏବଂ ଗ୍ରାମବାସୀ ଖଟିଆରେ ବୋହି ପ୍ରାୟ ୧ କିମି ଆସିବା ପରେ ଏକ ଅଟୋରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ମେଡିକାଲ ଅଣାଯାଇଥିଲା। ଏ ସମ୍ପର୍କରେ ଆରଡବ୍ଲ୍ୟୁଏସ୍‌ଏସ୍ ଏସ୍‌ଡିଓ ଦେବହରି ପ୍ରଧାନଙ୍କୁ ପଚାରିବାରୁ ଏହି କୂଅ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି। ସରପଞ୍ଚ ଏହାର ମରାମତି କରିବା କଥା। ଆମର ଯାହା ନିୟମ ରହିଛି ସେହି ଅନୁସାରେ କୂଅର କାର୍ଯ୍ୟ ହେବ ବୋଲି କହିଛନ୍ତି। ସିଗ୍ରେଙ୍କ ସ୍ୱାମୀ ଗଜେନ୍ଦ୍ର କହଁରଙ୍କ ଏତଲା କ୍ରମେ ଗୋଚ୍ଛାପଡ଼ା ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଏ ନେଇ ନଂ.୬/୨୩ରେ ମାମଲା ରୁଜୁ ହୋଇଛି। ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ସହାୟତା ଯୋଜନାରେ ୩ ହଜାର ଟଙ୍କା ପ୍ରଦାନ କରାଯାଇଛି।



କୂଅରୁ ମୃତଦେହ ବାହାର କରାଯାଉଛି।

# ଯବାନ-ମାଓବାଦୀ ଗୁଳିବିନିମୟ

**ସିନ୍ଧିପଙ୍ଖାଲ ଜଙ୍ଗଲରୁ ମାଓବାଦୀ ସାମଗ୍ରୀ ଜବତ**

**ଫୁଲବାଣୀ ଅଫିସ/ତୁମୁଡ଼ିବନ୍ଧ/ବାଲିଗୁଡ଼ା, ୨୪।୫(ଡି.ଏନ୍.ଏ)**

ଗତ କିଛି ଦିନ ତଳେ କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ସୁମରବନ୍ଧ ପଞ୍ଚାୟତର ପ୍ରଥମ ସରପଞ୍ଚ ସୁବଳ କହଁରଙ୍କୁ ମାଓବାଦୀମାନେ ହତ୍ୟା କରିବା ପରେ କମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ବୁଧବାର ତୁମୁଡ଼ିବନ୍ଧ ଥାନା ଅନ୍ତର୍ଗତ କୁରୁକୁଡୁପା ପଞ୍ଚାୟତର ସିନ୍ଧିପଙ୍ଖାଲ ସଂରକ୍ଷିତ ଜଙ୍ଗଲ ସେନିଙ୍ଗଗାଡା ଝରଣା ପାଖରେ ଯବାନ-ମାଓବାଦୀଙ୍କ ମଧ୍ୟରେ ବିପୁଳ ପରିମାଣର ଗୁଳି ବିନିମୟ ହୋଇଛି। ଏଥିରେ କାହାର ମୃତ୍ୟୁ ଘଟି ନ ଥିବା ବେଳେ ସୁରକ୍ଷାକର୍ମୀଙ୍କ ଗୁଳିରେ କିଛି ମାଓବାଦୀ ଆହତ ହୋଇଥିବା ଜଣାପଡ଼ିଛି। ସର୍ଚ୍ଚ ଅପରେଶନ ବେଳେ ସେଠାରେ ଏକ ମାଓବାଦୀ କ୍ୟାମ୍ପ ଥିବା ଠାବ କରାଯାଇଛି।

ପ୍ରକାଶ ଯେ, ମାଓବାଦୀଙ୍କ ଗତିବିଧି ସେଠାରେ ଥିବା ନେଇ ଯବାନଙ୍କୁ ଖବର ମିଳିଥିଲା। ଗୋଇନ୍ଦା ସୂଚନା ଆଧାରରେ ସମ୍ପୃକ୍ତ ଅଞ୍ଚଳରେ ଏସ୍‌ଓଜି ଯବାନମାନେ କମ୍ବିଂ ଅପରେଶନ୍ ଚଳାଇଥିଲେ। ସକାଳ ପ୍ରାୟ ୫ଟା ୪୦ ମିନିଟ୍‌ରେ ସିନ୍ଧିପଙ୍ଖାଲ ଜଙ୍ଗଲର ସେନିଙ୍ଗଗାଡା ନାଳରେ ସୁରକ୍ଷାକର୍ମୀ ଓ ମାଓବାଦୀ ମୁହାଁମୁହିଁ ହୋଇଥିଲେ। କିଛି ସମୟ ଧରି ଉଭୟଙ୍କ ମଧ୍ୟରେ ଗୁଳିବିନିମୟ ଘଟିବା ପରେ ମାଓବାଦୀମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ଏହା ପରେ ସର୍ଚ୍ଚ ଅପରେଶନ କରାଯାଇଥିଲା। ଘଟଣାସ୍ଥଳରୁ ବିଭିନ୍ନ ମାଓବାଦୀ ସାମଗ୍ରୀ ଜବତ ହୋଇଥିଲା। ଏହି ଗୁଳିବିନିମୟ ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମନରେ ଭୟ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ଗତ ୧୩ ତାରିଖରେ କନ୍ଧମାଳ ଜିଲା ଗସ୍ତରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ସୁନୀଲ ବଂଶଲ ଆସି ବିଭିନ୍ନ ସ୍ଥାନ ବୁଲିବା ସହ ମାଓବାଦୀଙ୍କ ଗତିବିଧି ଉପରେ ସମୀକ୍ଷା କରିଥିଲେ। ମାଓବାଦୀଙ୍କ ଗତିବିଧି ଉପରେ ୬ଟି କ୍ୱାଲିଟି ଡ୍ରୋନ୍ ନଜର ରଖିବ ବୋଲି ଡିଜିପି ବଂଶଲ କହିଥିଲେ।



ଜବତ ସାମଗ୍ରୀ।

# ଡରାଇ ଧମକାଇ କଳାପଥର ଲୁଟ୍‌

**ଧର୍ମଶାଳା ତହସିଲରେ କଳାପଥର ଖାଦାନ ପ୍ରସଙ୍ଗ**

- ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ଅଞ୍ଚଳବାସୀ
- ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚାପରେ ପ୍ରଶାସନ ଚେପା

**ଯାଜପୁର ଅଫିସ,୨୪।୫**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ଏବେ ବି ସରକାରଙ୍କ ବହୁ ମୂଲ୍ୟବାନ କଳାପଥର ତଥା ଗ୍ରାନାଇଟ ପଥର ମହଜୁଦ ରହିଛି। ଲିଜ୍‌ଧାରୀମାନେ ୫ ବର୍ଷର ଅନୁମତି ପରିମାଣକୁ ୯ ମାସରେ ଉତ୍ତୋଳନ କରି କୋଟିପତି ସାଜୁଛନ୍ତି। ଏଥିରେ ତହସିଲ ଓ ପୋଲିସ ପ୍ରଶାସନ ଏକ ପ୍ରକାର ସହଯୋଗୀ ହୋଇଛନ୍ତି। ତେବେ ଜିଲାପାଳ ବେଆଇନ ଉତ୍ତୋଳନ ଉପରେ ମାପଚୁପ କରି ଜରିମାନା ସହ ଖାଦାନ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। କିନ୍ତୁ କେତେକ ପଦପଦବୀରେ ଥିବା ପ୍ରଭାବଶାଳୀ ଲିଜ୍‌ଧାରୀମାନେ ପ୍ରଶାସନର ଉକ୍ତ ନିର୍ଦ୍ଦେଶକୁ ଖାତିର କରୁନାହାନ୍ତି। ବରଂ ବିନା ୱାଇ ଫର୍ମରେ ଭୟଙ୍କର ବ୍ଲାଷ୍ଟିଂ କରି ବେଧଡକ ଭାବେ ଖାଦାନ ପରିଚାଳନା କରୁଛନ୍ତି। ଏଥିରେ ଅଞ୍ଚଳବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ସହ ଘରଗୁଡିକ ଫାଟି ଯାଉଛି। ଏହିକ୍ରମରେ ଆରୁହାର ୩୪/୨୦୨୧-୨୨ ନମ୍ବର ବେଆଇନ ଖାଦାନକୁ ବନ୍ଦ କରିବାକୁ ଅନୁରୋଧ କରିବାରୁ ଲିଜ୍‌ଧାରୀଙ୍କ ସମ୍ପର୍କୀୟମାନେ ପ୍ରଭାବିତ ଅଞ୍ଚଳବାସୀଙ୍କୁ ମାରଣାସ୍ତ୍ର ଧରି ମାରିଦେବାକୁ ଗୋଡାଇଛନ୍ତି। ପୁନର୍ବାର କଳାପଥର ଆଡକୁ ଆସିଲେ ବନ୍ଧୁକ କଥା କହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଧର୍ମଶାଳା ତହସିଲଦାରଙ୍କ ଜରିଆରେ ଅଞ୍ଚଳବାସୀ ବୁଧବାର ରାଜସ୍ୱ ସଚିବ, ଯାଜପୁର ଜିଲାପାଳ, କେନ୍ଦ୍ରାଞ୍ଚଳର ଆରଡିସି, ଯାଜପୁର ଆରକ୍ଷୀ ଅଧୀକ୍ଷକ ଓ ଏସ୍‌ଡିପିଓ, ଡେପୁଟୀ ଡାଇରେକ୍ଟର ଅଫ୍ ମାଇନ୍ସ(ଡିଡିଏମ) ଓ ଧର୍ମଶାଳା ଆଇଆଇସିଙ୍କୁ ଲିଖିତ ଭାବେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜିଲାପାଳଙ୍କ ମତ ଅନୁସାରେ ସରକାରଙ୍କ ଲଘୁ ଖଣିଜ ସମ୍ପଦ ଚୋରି ସଂକ୍ରାନ୍ତରେ ସ୍ଥାନୀୟ ଲୋକ ଅଭିଯୋଗ କଲେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏବେ ସ୍ଥାନୀୟ ଲୋକ ଅଭିଯୋଗ କରିଥିବାବେଳେ ସଂପୃକ୍ତ ପ୍ରଭାବଶାଳୀ ରାଜନେତାଙ୍କ ଛତ୍ରଛାୟା ତଳେ ଥିବା ଲିଜ୍‌ଧାରୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ସେନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଯାଜପୁର ଜିଲାର ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ବିପୁଳ ପରିମାଣର କଳାପଥର ଲୁଟ ହୋଇଥିବା ନେଇ ହାଇକୋର୍ଟଙ୍କଠାରୁ ଆରମ୍ଭ କରି ଲୋକାୟୁକ୍ତ, ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି) ଓ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ମାମଲା ବିଚାରାଧୀନ ରହିଛି। ଏହିସବୁ ଲୁଟ କାରବାରରେ ତତ୍କାଳୀନ ଏକାଧିକ ରାଜସ୍ୱ ନୀରିକ୍ଷକ, ତହସିଲଦାର, ଉପଜିଲାପାଳ ଓ ଜିଲାପାଳଙ୍କୁ ଦାୟୀ କରି ଅଭିଯୁକ୍ତ ଦର୍ଶାଯାଇଛି। ତଥାପି କଳାପଥର ଲୁଟ୍ କାରବାର ନିୟନ୍ତ୍ରଣ ହେବାର ନାଁ ଧରୁନାହିଁ। ଅନୁମତିଠାରୁ ଅଧିକ ପରିମାଣର କଳାପଥର ଉତ୍ତୋଳନ ହୋଇଥିବା ମାପଚୁପରେ ପ୍ରମାଣ ମିଳିବା ପରେ ପ୍ରଶାସନ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ୨୨ ଜଣ ଲିଜ୍‌ଧାରୀଙ୍କୁ ୩୨୦ କୋଟି ଟଙ୍କା ଜରିମାନା ନିର୍ଦ୍ଦେଶ ହୋଇଛି। କିନ୍ତୁ କେତେକ ଲିଜ୍‌ଧାରୀ ଏହା ବିରୋଧରେ ଆଇନର ଆଶ୍ରୟ ନେଇଛନ୍ତି। ଅନ୍ୟପକ୍ଷେ କେତେକ ଲିଜ୍‌ଧାରୀ ଜରିମାନା ଦାଖଲ କରିବାକୁ ମନସ୍ଥ କରି ପ୍ରଶାସନର ବନ୍ଦ ନିର୍ଦ୍ଦେଶ ସତ୍ତ୍ୱେ ବେଆଇନ ଉତ୍ତୋଳନକୁ ବହୁଗୁଣରେ ବୃଦ୍ଧି କରିଛନ୍ତି। ଆରୁହା, ଲୁଣିବର, ବରଡା, ଅଞ୍ଜିରା ଆଦି ପାହାଡ଼ରେ ଏଭଳି ଦାଦାଗିରି ଦେଖିବାକୁ ମିଳିଛି। ଏପରିକି ମାଲଗୋଡା ପାହାଡରେ ବିନା ଲିଜ୍‌ରେ ବିପୁଳ ପରିମାଣର କଳାପଥର ଲୁଟ୍ ହେଉଛି। ସଂପୃକ୍ତ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ସବୁ ଜାଣି ହାତବାନ୍ଧି ବସିଛନ୍ତି। ପ୍ରଭାବଶାଳୀ ରାଜନେତାଙ୍କ ପ୍ରଭାବରେ ପ୍ରଶାସନ ଏଠାରେ ନିଷ୍କ୍ରିୟ ହୋଇଯାଇଥିବା ମନେ ହେଉଛି। ଏହି କ୍ରମରେ ଅଞ୍ଚଳବାସୀ ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନଙ୍କୁ କରିଥିବା ଲିଖିତ ଅଭିଯୋଗରେ ଆରୁହା ଖାଦାନର ଲିଜ୍‌ଧାରୀ ମନୋଜ ସାମଲ ଅଧିକ କଳାପଥର ଲୁଟ କରୁଥିବା ଦର୍ଶାଇଛନ୍ତି। ଅଭିଯୋଗରେ ଆହୁରି ଦର୍ଶାଇଛନ୍ତି, ସରକାରଙ୍କ ଚୁକ୍ତିନାମା ଠାରୁ ଅଧିକ କଳାପଥର ଉତ୍ତୋଳନ କରିଥିବାରୁ ୧୦।୫।୨୦୨୩ରେ ସରକାର ୮ କୋଟି ୬୩ ଲକ୍ଷ ୩୩ ହଜାର ୯୧୯ ଟଙ୍କା ଜରିମାନା କରିଛନ୍ତି। ଏହା ସତ୍ତ୍ୱେ ଲିଜ୍‌ଧାରୀ ୧୧।୩।୨୦୨୩ରେ ଖାଦାନ ମାପଚୁପ ସରିଥିବାବେଳେ ସେହି ଦିନଠାରୁ ଦୈନିକ ୪ଟି ହିଟାଚି ମେଶିନ, ୬/୭ ଟି କମ୍ପ୍ରେସର, ୩୦/୪୦ଟି ହାଇୱା ଗାଡି ଲଗାଇ କଳାପଥର ଲୁଟ ଜାରି ରଖିଛନ୍ତି। ଏଥିରେ ୱାଇ ଫର୍ମ ବ୍ୟବହାର ହେଉ ନ ଥିବାବେଳେ ପ୍ରଶାସନ କେମିତି ଛାଡି ଦେଉଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତି ସିଂ ରାଠୋରଙ୍କୁ ପଚାରିବାରୁ ସେ କହିଛନ୍ତି, ବିଭିନ୍ନ ସମୟରେ ବେଆଇନ ଖାଦାନ ଉପରେ ଚଢାଉ ଜାରି ରହିଛି। ଅଭିଯୋଗ ହୋଇଥିବା ଖାଦାନ ଉପରେ ମଧ୍ୟ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ଆରୁହା କଳାପଥର ଖାଦାନ।

## ସଂକ୍ଷେପରେ

### ଗଞ୍ଜେଇକୁ ନିଷିଦ୍ଧ, ମଦ ବ୍ୟବସାୟ ଉପରେ କଟକଣା ନାହିଁ

ଯାଜପୁର ଅଫିସ,୨୪।୫ : ମନ୍ଦିର ବିଶେଷକରି ଶିବାଳୟରେ ଗଞ୍ଜେଇ ଭୋଗ ଓ ସେବନକୁ ନିଷିଦ୍ଧ କରାଯାଇଛି। ଓଡିଶା ସରକାରଙ୍କ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଏନେଇ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଆଖଣ୍ଡଳମଣୀ, ଭଦ୍ରକ, ଲିଙ୍ଗରାଜ ମନ୍ଦିର ପ୍ରାୟ ସବୁ ଶିବାଳୟରେ ଘର୍ଷଣ ଭୋଗରେ ଅଳ୍ପ ଗଞ୍ଜେଇ ପଡିଥାଏ। ଏ ସଂସ୍କୃତି ଯୁଗଯୁଗର। ଅବଶ୍ୟ ଆମେ ଆଧୁନିକ ଯୁଗରେ ପହଞ୍ଚି ଗଲେଣି। କିନ୍ତୁ ଅନ୍ଧବିଶ୍ୱାସ ଆମଠାରୁ ଯାଉନାହିଁ। ଏବେ ରାସ୍ତାଘାଟ, ଦୋକାନ ବଜାର, ଘରେ, ରେଷ୍ଟୁରାଷ୍ଟରେ, ବଡବଡ ହୋଟେଲରେ ଯୁବତୀଯୁବକ ଏପରି କି ବୟସ୍କମାନେ ବିଦେଶୀମଦ ପିଉଛନ୍ତି। ଏହାଦ୍ୱାରା ସାମାଜିକ ବିଶୃଙ୍ଖଳା ଘଟୁଛି। ତେଣୁ କେବେ ମଦକୁ ମଧ ନିଷିଦ୍ଧ କରାଯିବ ବୋଲି ବିଶିଷ୍ଟ ଶ୍ରମିକ ନେତା ମାୟାଧର ନାୟକ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଏକ ପ୍ରେସ ବିଜ୍ଞପ୍ତିରେ ସେ ଆହୁରି ଦର୍ଶାଇଛନ୍ତି, ଗାଁଗହଳିରେ ଦେଶୀମଦ ପିଇ ଲୋକେ ଗଣ୍ଡଗୋଳ କରୁଛନ୍ତି। ଆଜିକାଲି ସବୁ ଚୋରାରେ ଚାଲିଛି। ଗଞ୍ଜେଇ ଖାଇବା ଲୋକେ ଲୁଚିଛପି ଖାଉଛନ୍ତି। ଅବକାରୀ ଓ ପୁଲିସ ବିଭାଗ ଗଞ୍ଜେଇ ଗଛକୁ ହାଣି ପୋଡି ଦେଉଛନ୍ତି। ଗାଁର ମହିଳାମାନେ ମଦଭାଟି, ଦେଶୀ ମଦଦୋକାନକୁ ଭାଙ୍ଗି ଦେଉଛନ୍ତି। କିନ୍ତୁ ବିଦେଶୀ ମଦଦୋକାନକୁ କେହି ଛୁଇଁ ପାରୁନାହାଁନ୍ତି। ବିଦେଶୀ ମଦ ଦୋକାନୀମାନେ ସରକାରଙ୍କଠାରୁ ଲାଇସେନସ ପାଇଛନ୍ତି। ମୋଟା ଅଙ୍କରେ ଟିକସ ମଧ ଦେଉଛନ୍ତି। ସରକାରଙ୍କ ଅବକାରୀ ବିଭାଗର ଯୁକ୍ତି ଏବର୍ଷ ମଦରୁ ଆୟ ଏତେ କୋଟି ଟଙ୍କା ରାଜକୋଷକୁ ଆସିଲା। ମଦ, ହିରୋଇନ, ଚରସ, ବ୍ରାଉନସୁଗାର ଯେତେ ଦାମିକା ହେଲେବି ଦଳେ ସେବନ କରି ନାନାପ୍ରକାର ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଏ ବଡବଡିଆଙ୍କ ନିଶାସେବନକୁ କେବେ ବନ୍ଦ କରାଯିବ ବୋଲି ନାୟକ ପ୍ରଶ୍ନ କରିଛନ୍ତି।

### ଡିଭାଇଡରରେ ପିଟିହୋଇ ବାଇକ ଆରୋହୀ ଗୁରୁତର



ପାଣିକୋଇଲି,୨୪।୫(ଡି.ଏନ.ଏ.): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସଠିପୁର ଓଭରବ୍ରିଜ ଉପରେ ଡିଭାଇଡରରେ ପିଟିହୋଇ ଜଣେ ବାଇକ ଚାଳକ ଗୁରୁତର ହୋଇଥିବା ଜଣାପଡ଼ିଛି। ସେ ହେଲେ ବଡ଼ଚଣା ଥାନା ଅନ୍ତର୍ଗତ ସୁଙ୍ଗୁଡ଼ା ଗ୍ରାମର ସନ୍ଦୀପ ଜେନା (୩୫)। ସନ୍ଦୀପ ବାଇକ ଯୋଗେ ଭଦ୍ରକ ଯାଉଥିବା ସମୟରେ ସଠିପୁରଠାରେ ଭାରସାମ୍ୟ ହରାଇ ଡିଭାଇଡରେ ପିଟି ହୋଇଥିଲେ। ଫଳରେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ଏନ୍‌ଏଚ୍ ପାଟ୍ରୋଲିଂ ପୋଲିସ ତାଙ୍କୁ ଉଦ୍ଧାର କରି ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ସେଠାରେ ସେ ଚିକିତ୍ସାଧୀନ ଥିବା ସୂଚନା ମିଳିଛି।

## ଈଶାଣେଶ୍ୱରଙ୍କ ବିବାହ ଉତ୍ସବ

**ପାଣିକୋଇଲି,୨୪।୫(ଡି.ଏନ.ଏ.)**

କୋରେଇ ବ୍ଲକ୍ ଅନ୍ତର୍ଗତ ଗୋଲେଇପୁର ପଞ୍ଚାୟତ ସୋତି ଗ୍ରାମର ଆରାଧ୍ୟ ଦେବତା ଈଶାଣେଶ୍ୱର ମହାଦେବଙ୍କ ୨୫ତମ ବିବାହ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରାତଃକାଳରୁ ସୂର୍ଯ୍ୟପୂଜା ଓ ଷୋଡ଼ଶ ଉପଚାର ପୂଜା ପରେ ଦିଅଁ ମଙ୍ଗୁଳା, ବାଟବରଣୀ ଆଦି ପୂଜା ଅନୁଷ୍ଠିତ ହୋଇଥିଲା। ବର ପିତାମାତା ଭାବେ ଦାମୋଦର ପଣ୍ଡା ଓ ତାଙ୍କ ସହଧର୍ମିଣୀ ବାସନ୍ତୀ ପଣ୍ଡା ଏବଂ କନ୍ୟା ପିତାମାତା ଭାବେ ଅଦ୍ୱୈତ୍ୟ ଚରଣ ଦାଶ ଓ ତାଙ୍କ ସହଧର୍ମିଣୀ ପଦ୍ମାବତୀ ଦାଶ ଏବଂ ପୂଜକ ପଣ୍ଡିତ ନୀଳମଣୀ ପଣ୍ଡା, ପ୍ରସନ୍ନ ପଣ୍ଡା, ବିଶ୍ୱନାଥ ପଣ୍ଡା, କୃଷ୍ଣଚନ୍ଦ୍ର ଦାଶ, ମଧୁସୂଦନ ଦାଶ, ଗଦାଧର ଦାଶ ପ୍ରମୁଖ ଉକ୍ତ ବିବାହ ଉତ୍ସବକୁ ସମାପନ କରିଥିଲେ। ଗ୍ରାମର ସର୍ବଶ୍ରୀ ଉମାକାନ୍ତ ଖଣ୍ଡାଇ, ଶାନ୍ତନୁ ପଣ୍ଡା, ବଟକୃଷ୍ଣ, ମହାପାତ୍ର, ଅନାମ ମହାପାତ୍ର, ସୂର୍ଯ୍ୟମଣୀ ସାହୁ, ସରପଞ୍ଚଙ୍କ ପ୍ରତିନିଧି ପ୍ରଫୁଲ୍ଲ ମାଝି, ସମିତି ସଭ୍ୟାଙ୍କ ପ୍ରତିନିଧି ଶଶିକାନ୍ତ ମାଝି, ପ୍ରତିମା ମହାପାତ୍ର, ଗୋପାଳ ଦାଶ, ବିନୋଦ ବିହାରୀ ଦଲେଇ, କାଳନ୍ଦୀ ସ୍ୱାଇଁ ଓ ଅଇଁଠୁ ନାୟକ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ସାହାପୁରସ୍ଥିତ ବାବା ଖାଙ୍କେଡ଼େଶ୍ୱର ମହାଦେବଙ୍କ ପୀଠରେ ଶିବପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବର ପିତାଭାବେ ସୁଦାମ ସାହୁ, କନ୍ୟାପିତା ଭାବେ ତ୍ରିଲୋଚନ ନାୟକ ଓ ପୂଜକ ଅନୀଲ ପଣ୍ଡା ଏବଂ ଅମିତ ପଣ୍ଡା ବିବାହ କାର୍ଯ୍ୟ ସମାପନ କରାଇଥିଲେ। ପରେ ଗ୍ରାମବାସୀଙ୍କ ତରଫରୁ ଏକ ସୁସଜ୍ଜିତ ପାଲିଙ୍କିରେ ବରକନ୍ୟାଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା।

## ଆବାସ ପାଇବାରୁ ବଞ୍ଚିତ ଦିବ୍ୟାଙ୍ଗ ପରିବାର

**ଧର୍ମଶାଳା,୨୪।୫(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ୍ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବଣ୍ଟନରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏଠାରେ ଯୋଗ୍ୟ ହିତାଧିକାରୀ ବାଦ୍ ପଡୁଥିବାବେଳେ ଅଯୋଗ୍ୟଙ୍କୁ ଦିଆଯାଉଛି ଗୃହ। ପିସି ଦେଉ ନ ଥିବା ଓ ଶାସକ ଦଳର ସମର୍ଥକ ହୋଇ ନ ଥିବାରୁ ଅନେକ ଯୋଗ୍ୟ ହିତାଧିକାରୀ ଯୋଜନାରୁ ବାଦ ପଡୁଛନ୍ତି। ଏହାର ଉଦାହରଣ ଦେଖିବାକୁ ମିଳିଛି ବ୍ଲକ୍ ଅଧୀନ ନେଉଳପୁର ପଞ୍ଚାୟତ ନେଉଳପୁର ଗ୍ରାମର ଦିବ୍ୟାଙ୍ଗ ମହିଳା କମରୁନ ବିବିଙ୍କ ପରିବାର କ୍ଷେତ୍ରରେ। ପଞ୍ଚାୟତ ଜନପ୍ରତିନିଧି ଓ ବ୍ଲକ ପ୍ରଶାସନର ଅବହେଳା ଯୋଗୁ ତାଙ୍କ ପରିବାର ଆବାସ ଯୋଜନାରେ ଘର ପାଇବାରୁ ବଞ୍ଚିତ ହୋଇଛନ୍ତି। କମରୁନ ବିବିଙ୍କ ୨ ଝିଅ ଓ ଗୋଟିଏ ପୁଅ ଜନ୍ମରୁ ଦିବ୍ୟାଙ୍ଗ। ସେମାନେ ପରଘରେ ପାଇଟି କରି ପରିବାର ପ୍ରତିପୋଷଣ କରିଥାନ୍ତି। ଝାଟିମାଟି ଘରେ ରହୁଥିବା ଏହି ପରିବାର ପାଇଁ ଆବାସ ଗୃହ ଯୋଗାଇ ଦେବା ଲାଗି କମରୁନଙ୍କ ବଡ଼ଝିଅ ତମନ୍ନା ପରବିନ ଆବେଦନ କରିଥିଲେ। ଗୃହ ମିଳିବ ବୋଲି ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହା ମଧ୍ୟରେ ୫ ବର୍ଷ ବିତିଯାଇଥିଲେ ମଧ୍ୟ ତମନ୍ନାଙ୍କୁ ଆବାସ ଗୃହ ପ୍ରଦାନ କରାଯାଇ ପାରିନାହିଁ। ଏନେଇ ବୁଧବାର ତମନ୍ନା ତାଙ୍କ ଭାଇ ଓ ଭଉଣୀଙ୍କୁ ସାଙ୍ଗରେ ନେଇ ଧର୍ମଶାଳା ବିଡିଓଙ୍କୁ ଭେଟି ପକ୍କାଘରଟିଏ ପାଇଁ ନିବେଦନ କରିଛନ୍ତି। ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଏସମ୍ପର୍କରେ ଅବଗତ ହେବା ପରେ ୨ରୁ ୩ ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି। ତେବେ ଦେଖିବାକୁ ଅପେକ୍ଷା କେବେ ଏହି ସମସ୍ୟାର ସମାଧନ ହେଉଛି।


ଆବାସରୁ ବଞ୍ଚିତ କମରୁନ ବିବିଙ୍କ ପରିବାର।

## ସପ୍ତଶତୀ ଚଣ୍ଡୀ ମହାଯଜ୍ଞ

**ଧର୍ମଶାଳା,୨୪।୫(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚୋରମୁହାଁ ପଞ୍ଚାୟତ ବଡ଼ମଙ୍ଗଳପୁର ଗ୍ରାମର ଗ୍ରାମଦେବତୀ ମା'କରଞ୍ଜେଇଙ୍କ ମନ୍ଦିର ପ୍ରାଙ୍ଗଣରେ ଏକଦିବସୀୟ ସପ୍ତଶତୀ ଚଣ୍ଡୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରେ ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ଜଳ ଅଣାଯାଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। କଳସ ଯାତ୍ରା ସମୟରେ ଗ୍ରାମବାସୀ ରାସ୍ତାରେ ନୂତନ ଶାଢ଼ି ବିଛାଇ ଶୋଭାଯାତ୍ରାକୁ ସ୍ୱାଗତ କରିବା ବେଶ୍ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା। ପରେ ଘଟ ସ୍ଥାପନ କରାଯାଇ ସୂର୍ଯ୍ୟପୂଜା, ଗୋପୂଜା ଓ ଯଜ୍ଞାରମ୍ଭ କରାଯାଇଥିଲା। ପଣ୍ଡିତ ବିଜୟ କୁମାର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯଜ୍ଞକାର୍ଯ୍ୟରେ ବ୍ରାହ୍ମଣ, ପଣ୍ଡିତ ଉପସ୍ଥିତ ରହି ସହଯୋଗ କରିଥିଲେ। କର୍ତ୍ତାଭାବେ ଅବିନେଶ୍ୱର ଶତପଥୀ, ରାଜୀବ ରଞ୍ଜନ ପଣ୍ଡା ଏବଂ କର୍ତ୍ତିଭାବେ ବନ୍ଦିତା ପଣ୍ଡା ଓ ଦେବସ୍ମିତା ପଣ୍ଡା ସାମିଲ ହୋଇଥିଲେ। ଏହି ଅବସରରେ ମା'ଙ୍କ ମହାସ୍ନାନ ସହ ଷୋଡ଼ଶ ଉପଚାରରେ ପୂଜା କରାଯାଇଥିଲା। ମା'ଙ୍କୁ ଦର୍ଶନ କରିବା ପାଇଁ ବଡ଼ମଙ୍ଗଳପୁର ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳରୁ ହଜାରହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପରେ ଯଥା ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା କରାଯିବା ସହ ଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବଡ଼ମଙ୍ଗଳପୁର ଗ୍ରାମର ଆବାଳ ବୃଦ୍ଧ ବନିତା ସାମିଲ ହୋଇଥିବାବେଳେ ଗ୍ରାମବାସୀ ଏହାକୁ ପରିଚାଳନା କରିଥିଲେ।

## ଜାରକା ରୋଟାରି କ୍ଲବ କାର୍ଯ୍ୟକୁ ପ୍ରଶଂସା



ରୋଟାରୀ କ୍ଲବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଧର୍ମଶାଳା,୨୪।୫(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ ଜାରାକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମଠାରେ ଜାରକା ରୋଟାରି କ୍ଲବର ଏକ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ପ୍ରମୋଦ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ରୋଟାରି କ୍ଲବ ସଭାପତି ପ୍ରଭୁଦତ୍ତ ସୁବୁଦ୍ଧି ଓ ଅତିଥି ଭାବେ ମଞ୍ଜୁଷା ସୁବୁଦ୍ଧି, ଏଜି ରଶ୍ମିରଞ୍ଜନ ମହାନ୍ତି, ଜୋନାଲ ଚେୟାରପର୍ସନ ଅତିସ ବେହେରା ଯୋଗଦେଇ କ୍ଲବର କାର୍ଯ୍ୟ ଉପରେ ଆଲୋକପାତ କରିବା ସହ କ୍ଲବର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି କ୍ଲବରେ ଅଧିକ ସଂଖ୍ୟକ ସଭ୍ୟଙ୍କୁ ସାମିଲ କରିବାକୁ ଗଭର୍ନର ପରାମର୍ଶ ଦେଇଥିଲେ। କ୍ଲବ ସମ୍ପାଦକ ଇଂ. ସୁକାନ୍ତ ସ୍ୱାଇଁ ବିବରଣୀ ପାଠ କରିଥିବାବେଳେ ରୋଟାରିଆନ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ଧର୍ମଶାଳା ବ୍ଲକରେ ସିବିଏସ୍‌ସି ପରୀକ୍ଷାରେ ଟପ୍ପର ହୋଇଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ରୂପାଲୀ ଆଚାର୍ଯ୍ୟ, ସାମାଜିକ କର୍ମୀ ସନ୍ତୋଷ ଓଝା, ବ୍ଲକରେ ମାଟ୍ରିକ ପରୀକ୍ଷାରେ ପ୍ରଥମ ହୋଇଥିବା ସ୍ମିତିରଞ୍ଜନ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରୋଟାରିଆନ ଡ. ବିଜୟ ଶତପଥୀ, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ବିନୋଦ ପରିଡ଼ା, ଅମୂଲ୍ୟ ମହାରଣା, ବିପିନ ଷଡ଼ଙ୍ଗୀ, ଚକ୍ରଧର ଲେଙ୍କା, ଦୀପକ ଜେନା, ଜୟପ୍ରକାଶ ତ୍ରିପାଠୀ, ନିରଞ୍ଜନ ପାଣିଗ୍ରାହୀ, ଜୟଗୁରୁ ପାତ୍ର, ନିହାର ପଣ୍ଡା, ରାଜେନ୍ଦ୍ର ପଲେଇ, ସତ୍ୟାନନ୍ଦ ବରାଳ, ଇନରହୁଇଲ କ୍ଲବ ସଦସ୍ୟା କଳ୍ପନା ପରିଡ଼ା, ଅର୍ଚ୍ଚନା ସ୍ୱାଇଁ, ରଶ୍ମିତା ନାୟକ, ଇନ୍ଦୁପ୍ରଭା ସାମଲ, କଳ୍ପନା ଖୁଣ୍ଟିଆ ଓ ସରୋଜିନୀ ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରୋଟାରିଆନ ଅଜାମ୍ବର ସାହୁ ଧନ୍ୟବାଦ ଦେଇଥିଲେ।

## ବିଦ୍ୟୁତ୍ ଆଘାତରେ ଷଣ୍ଢର ମୃତ୍ୟୁ

**ଯାଜପୁରଟାଉନ,୨୪।୫(ଡି.ଏନ.ଏ.)**

ଯାଜପୁର ସହରର ମେଡିକାଲ ଛକରେ ବିଦ୍ୟୁତ୍ ଆଘାତରେ ଏକ ଷଣ୍ଢର ମୃତ୍ୟୁ ହୋଇଛି। ବୁଧବାର ଅପରାହ୍ନରେ କାଳବୈଶାଖୀ ବର୍ଷା ସମୟରେ ବଜ୍ରପାତ ହୋଇଥିଲା। ଏହି ସମୟରେ ସେଠାରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟର ତାର ଛିଡ଼ିଯିବାରୁ ଖୁଣ୍ଟ ଚାର୍ଜ ହୋଇ ଯାଇଥିଲା। ଫଳରେ ବିଜୁଳି ଖୁଣ୍ଟକୁ ଲାଗି ଛିଡ଼ା ହୋଇଥିବା ଷଣ୍ଢ ଗୁରୁତର ହୋଇଥିଲା। ଏହାପରେ ତା'ର ମୃତ୍ୟୁ ହୋଇ ଯାଇଥିଲା।



## କୃତୀ ମାଟ୍ରିକ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ



ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅତିଥି।

**ବରୀ,୨୪।୫(ଡି.ଏନ.ଏ.)**

ଚଳିତ ମାଟ୍ରିକ ପରୀକ୍ଷାରେ ରାଜ୍ୟରେ ପ୍ରଥମ ହୋଇଥିବା ବରୀ ବ୍ଲକ୍ ଅଞ୍ଚଳର ଶ୍ରେୟାଶ୍ରୀ ଜେନାଙ୍କ ସମେତ ବ୍ଲକ୍‌ରେ ଏ-୧ ଗ୍ରେଡ୍‌ରେ ପାସ୍ କରିଥିବା ମୋଟ୍ ୧୫୩ ଛାତ୍ରୀଛାତ୍ରଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏନେଇ ବ୍ଲକ୍ ଅଧୀନ ଧାରପୁର ପଞ୍ଚାୟତର ନାଥପୁର ମହାପୁରୁଷ କ୍ଲବ୍ ଆନୁକୂଲ୍ୟରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ପରିସରରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ସରପଞ୍ଚ ବିଜୟାନନ୍ଦ ଜେନା ସଭାପତିତ୍ୱ କରିଥିବାବେଳେ ୨୧ ନଂ. ଜିଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ ମଞ୍ଚ ପରିଚାଳନା କରିଥିଲେ।

ମୁଖ୍ୟଅତିଥି ଭାବେ ଯାଜପୁର ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ସମ୍ମାନିତ ଅତିଥି ଭାବେ ବରୀ ତହସିଲଦାର ତିଲୋତମା ପୃଷ୍ଟି, ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ନମିତା ବାରିକ, ଜିଲା ପରିଷଦ ସଭ୍ୟ ବିନୋଦ ମାଝି ଓ ଭାରତୀ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ କ୍ଲବ୍ ପକ୍ଷରୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଛ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନଶିକ୍ଷକ ରବିନ୍ଦ୍ର ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ବସନ୍ତ ଭୂୟାଁ ଧନ୍ୟବାଦ ଦେଇଥିଲେ। ସେହିପରି ଓଡ଼ିଶା କୃଷକ ମୋର୍ଚ୍ଚାର ସଭ୍ୟ ଭୁବନାନନ୍ଦ ସାମଲ ଏବଂ ଶହୀଦ ଚାରିଟେବୁଲ ଟ୍ରଷ୍ଟର ଆବାହକ ଶୁକଦେବ ପରିଡ଼ା ମଧ୍ୟ କୃତୀ ଛାତ୍ରୀ ଶ୍ରେୟାଶ୍ରୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

## କାର୍ଯ୍ୟକ୍ଷମ ହେଉନି ବ୍ରହ୍ମବରଦା ବିଦ୍ୟୁତ୍ ଷ୍ଟ୍ରକ୍‌ଚର

- ଲୋ-ଭୋଲ୍‌ଟେଜର ଶିକାର ହେଉଛନ୍ତି ଉପଭୋକ୍ତା
- ଦିନକୁ ୫ରୁ ୧୦ ଥର ହେଉଛି ଅଘୋଷିତ ବିଦ୍ୟୁତ୍ କାଟ୍

**ବ୍ରହ୍ମବରଦା,୨୪।୫(ଡି.ଏନ.ଏ.)**

ରସୁଲପୁର ବ୍ଲକ୍ ତଥା କୁଆଖିଆ ବିଦ୍ୟୁତ୍ ଉପଖଣ୍ଡ ଅଧୀନ ବ୍ରହ୍ମବରଦାଠାରେ ନବନିର୍ମିତ ବିଦ୍ୟୁତ୍ ଷ୍ଟ୍ରକ୍‌ଚର ଅଚଳ ଅବସ୍ଥାରେ ପଡ଼ିରହିଛି। ଫଳରେ ଏହି ଅଞ୍ଚଳର ଉପଭୋକ୍ତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ରହ୍ମବରଦା ଅଞ୍ଚଳର ଲୋକସଂଖ୍ୟାକୁ ଦୃଷ୍ଟିରେ ରଖି ଏକ ବିଦ୍ୟୁତ୍ ଷ୍ଟ୍ରକ୍‌ଚର ନିର୍ମାଣ ପାଇଁ ଦାବି ହୋଇଥିଲା। ଲୋକେ ଏନେଇ ବରୀର ପୂର୍ବତନ ବିଧାୟକ ଦେବାଶିଷ ନାୟକଙ୍କ ନିକଟରେ ଦାବି କରିବା ପରେ ୨୦୧୮ରେ ବ୍ରହ୍ମବରଦା ପଞ୍ଚାୟତସ୍ଥିତ ବ୍ରହ୍ମବରଦା କଲେଜ ନିକଟରେ ବିଦ୍ୟୁତ୍ ଷ୍ଟ୍ରକଚର ପାଇଁ ଶିଳାନ୍ୟାସ କରାଯାଇଥିଲା। ପୂର୍ବତନ ବିଧାୟକ ନାୟକ ଏହାର ଶିଳାନ୍ୟାସ କରିଥିଲେ। ଏବେ ଏକ ବର୍ଷ ହେବା ଷ୍ଟ୍ରକଚର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଫାଇନାଲ ଚେକିଂ ମଧ୍ୟ କରାଯାଇଛି। କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ଏ ପର୍ଯ୍ୟନ୍ତ ଷ୍ଟ୍ରକ୍‌ଚର କାର୍ଯ୍ୟକ୍ଷମ ହୋଇ ପାରୁନାହିଁ।

ଟାଟା କମ୍ପାନୀ ବିଦ୍ୟୁତ୍ ବିତରଣ ଦାୟିତ୍ୱ ନେବାପରେ ବିଦ୍ୟୁତ୍ ସମସ୍ୟା କିଛି ମାତ୍ରାରେ ଦୂର ହୋଇଛି। ହେଲେ ବ୍ରହ୍ମବରଦା ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ ବଢ଼ିବାରେ ଲାଗିଛି। ଏବେ ଖରାଦିନ ହୋଇଥିବାରୁ ଉପଭୋକ୍ତା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦିନକୁ ପ୍ରାୟ ୫ରୁ ୧୦ ଥର ଅଘୋଷିତ ବିଦ୍ୟୁତ୍ କାଟ୍ ହେଉଛି। ତତ୍‌ସହିତ ଲୋକେ ଲୋଭୋଲ୍‌ଟେଜ୍ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ରହ୍ମବରଦା ଅଞ୍ଚଳରେ ୧୨ରୁ୧୫ ହଜାର ବିଦ୍ୟୁତ୍ ଉପଭୋକ୍ତା ରହିଛନ୍ତି। ଏମାନେ ୧୫କି.ମି. ଦୂରରେ ଥିବା ସୁଜନପୁର ବିଦ୍ୟୁତ୍ ଷ୍ଟ୍ରକଚର ଉପରେ ନିର୍ଭର କରୁଛନ୍ତି। ମାତ୍ର ଅନେକ ସମୟରେ ସାମାନ୍ୟ ବର୍ଷା ପବନ ହେଲେ ବିଦ୍ୟୁତ୍ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଉଛି। ଦିନକୁଦିନ ବ୍ରହ୍ମବରଦା ଓ ଏହାର ଆଖପାଖ ଅଞ୍ଚଳରେ ଲୋକ ସଂଖ୍ୟା ବୃଦ୍ଧି ପାଉଛି। ସେହି ଅନୁପାତରେ ବିଦ୍ୟୁତ୍ ଉପଭୋକ୍ତାଙ୍କ ସଂଖ୍ୟା ମଧ୍ୟ ବଢୁଛି। ଫଳରେ ଓଭର ଲୋଡିଂ ହେତୁ ବିଦ୍ୟୁତ୍ କଟିଯାଉଥିବା ବିଭାଗୀୟ ଅଧିକାରୀ ମତ ରଖୁଛନ୍ତି। ହେଲେ ନବନିର୍ମିତ ବିଦ୍ୟୁତ୍ ଷ୍ଟ୍ରକଚର କାର୍ଯ୍ୟକ୍ଷମ ନ ହୋଇ ପଡ଼ିରହିଥିବା ହେତୁ ଲୋକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଶୀଘ୍ର ଏହାକୁ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି। ନଚେତ୍ ଲୋକେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ମତାମତ ମିଳିପାରିନାହିଁ।


ବିଦ୍ୟୁତ୍ ଷ୍ଟ୍ରକ୍‌ଚର

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୫ ମେ, ୨୦୨୩



## ସଂକ୍ଷେପରେ

### ବିଷ ପିଇ ବୃଦ୍ଧଙ୍କ ଆତ୍ମହତ୍ୟା

**ଡେରାବିଶ,୨୪।୫(ସ୍ୱ.ପ୍ର.):** ଡେରାବିଶ ଥାନା ଅଧୀନ ଗୋଲରାହାଟ ପଞ୍ଚାୟତ ନରୁଆ ଗ୍ରାମର ରାମଚନ୍ଦ୍ର ମାହାଳି(୬୨) ମଙ୍ଗଳବାର ରାତିରେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି । ଆତ୍ମହତ୍ୟାର କାରଣ ଜଣାପଡିନାହିଁ । ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବାପରେ ବୁଧବାର ସକାଳେ ରାମଚନ୍ଦ୍ରଙ୍କ ମୃତଦେହକୁ ପୋଲିସ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଛି । ପୋଲିସ ସୂଚନା ଅନୁଯାୟୀ, ରାମଚନ୍ଦ୍ର ମଙ୍ଗଳବାର ରାତିରେ ବିଷ ପିଇଥିଲେ । ପରିବାର ଲୋକ ଏକ କଥା ଜାଣିଲା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୫/୨୩) ରୁଜୁ ହେବା ସହ ଘଟଣାର ତଦନ୍ତ ଜାରି ରହିଛି । ରାମଚନ୍ଦ୍ର ଗୋଲରାହାଟ ପ୍ରାଥମିକ କୃଷି ସମବାୟ ସମିତିର ପରିଚାଳନା କମିଟିରେ ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଥିଲେ । ସେ ଉକ୍ତ ପଞ୍ଚାୟତରେ ନାଏବ ସରପଞ୍ଚ ନିର୍ବାଚିତ ହୋଇ ପୂର୍ବରୁ କାର୍ଯ୍ୟ କରିଥିଲେ । ଜଣେ ରାମଲୀଳା କଳାକାର ଭାବେ ସେ ପରିଚିତ ଥିଲେ ।

### ଜଳିଗଲା ଦୁଇ ବଖରା

**ଆଳି,୨୪।୫(ଡି.ଏନ.ଏ.):** କେନ୍ଦ୍ରାପଡ଼ା ଜିଲା ଆଳି ତହସିଲ ଗୋବିନ୍ଦପୁରଠାରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଜଳିଯାଇଛି । ସୂଚନା ଅନୁଯାୟୀ ଗୋବିନ୍ଦପୁର ଗ୍ରାମର ରଞ୍ଜିତ ମଳିକଙ୍କ ଘରେ ବୁଧବାର କୌଣସି କାରଣରୁ ନିଆଁ ଲାଗି ଯାଇଥିଲା । ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରିବା ସହିତ ବିଞ୍ଝାରପୁର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ବିଂଝାରପୁର ଦମକଳ ବାହିନୀ ଆସି ନିଆଁକୁ ଆୟତ କରିଥିଲେ । ଏଥିରେ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ଯାଇଛି । ଗୋବିନ୍ଦପୁର ସରପଞ୍ଚଙ୍କ ପ୍ରତିନିଧି ପ୍ରମୋଦ ମଳିକ କ୍ଷତିଗ୍ରସ୍ତ ପରିବାରକୁ ସହାୟତାର ହାତ ବଢ଼ାଇଛନ୍ତି ।

### କୋଲକାତା ଚାଲାଣ ବେଳେ ୬୦କେଜି କଙ୍କଡ଼ା ଜବତ

**ରାଜନଗର,୨୪।୫(ଡି.ଏନ.ଏ.):** ବୁଧବାର ସନ୍ଧ୍ୟାରେ ରାଜନଗର ବସ୍‌ଷ୍ଟାଣ୍ଡରୁ କୋଲକାତା ଯାଉଥିବା ଏକ ଡଲଫିନ୍ ବସ୍‌ରୁ ବନ କର୍ମଚାରୀମାନେ ୬୦କେଜି କଙ୍କଡ଼ା ଜବତ କରିଛନ୍ତି । ୨ଟି ବ୍ୟାଗ୍‌ରେ ଥିବା ଏହି କଙ୍କଡ଼ା କୋଲକତା ଯାଉଥିଲା । ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀମାନେ ସୂଚନା ପାଇବା ପରେ ଉକ୍ତ ବସ୍ ଉପରେ ଚଢ଼ାଉ କରିବାକୁ ବନ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ପ୍ରଦୂଷଣ ବଳୟରେ ଜାତୀୟ ଉଦ୍ୟାନ

**କେନ୍ଦ୍ରାପଡ଼ା ଅଫିସ, ୨୪।୫**

ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ମୃତ ଜେଲି ଫିସ୍‌ଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଏପରି କି ନିକଟସ୍ଥ ନଦୀ ନାଳରେ ଜେଲି ଫିସ୍‌ର ଅଂଶ ବିଶେଷ ଦେଖିବାକୁ ମିଳୁଛି । ଏହାର କାରଣ ବିଶ୍ୱତାପନ ଓ ଜଳ ପ୍ରଦୂଷଣ ବୋଲି ସ୍ଥାନୀୟ ପରିବେଶବିତ୍‌ମାନେ ଆଶଙ୍କା ପ୍ରକଟ କରିଛନ୍ତି ।

ଏ ସମ୍ପର୍କରେ ପରିବେଶବିତ୍ ହେମନ୍ତ କୁମାର ରାଉତ, ବାପି ଗୋଚ୍ଛାୟତ, ଆଶୋକ ସ୍ୱାଇଁ, ଦୋଳଗୋବିନ୍ଦ ଜେନା ପ୍ରମୁଖ କହିଛନ୍ତି, ବିବିଧ ସମ୍ପଦରେ ଭରପୁର ଭିତରକନିକା । ରଙ୍ଗବେରଙ୍ଗର ପକ୍ଷୀ, ବିରଳ ସାମୁଦ୍ରିକ କଇଁଛ, ଡଲ୍‌ଫିନ, ବଉଳା କୁମ୍ଭୀର ସମେତ ଗବେଷକ ଓ ପର୍ଯ୍ୟଟକଙ୍କୁ ଏହା ମଧ୍ୟରେ ଥିବା ଲୁଣା ଜଙ୍ଗଲ, ଔଷଧୀୟ ଗୁଳ୍ମ ଓ ସାମୁଦ୍ରିକ ପ୍ରାଣୀ ସର୍ବଦା ଆକୃଷ୍ଟ କରିଛି । ବ୍ରାହ୍ମଣୀ, ବୈତରଣୀ, ମହାନଦୀ ଓ ସମୁଦ୍ର ତଟାଞ୍ଚଳରେ ସୃଷ୍ଟି ହୋଇଥିବା ଏହି ଜାତୀୟ ଉଦ୍ୟାନ ପ୍ରାକୃତିକ ପରିବେଶ ଓ ଜୈବ ବିବିଧତା ପାଇଁ ପ୍ରସିଦ୍ଧ । ଏଠାରେ ୬୭ ପ୍ରକାର ହେନ୍ତାଳ ଗଛ ଥିବାବେଳେ ୨୧୫ ପ୍ରକାର ଜୀବଜନ୍ତୁ ବାସ କରୁଛନ୍ତି । ୨୦୧୬ରେ ଭିତରକନିକାକୁ ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ଦେବା ପାଇଁ ୟୁନେସ୍କୋ ପକ୍ଷରୁ ଏକ ସର୍ଭେ ହୋଇଥିଲା । ତେବେ ଭିତରକନିକା ସୀମା ସରହଦରେ ବାଂଲାଦେଶୀ ଶରଣାର୍ଥୀଙ୍କ ବସବାସ, ହେନ୍ତାଳ ବଣ ନଷ୍ଟ କରାଯାଇ ଚିଙ୍ଗୁଡ଼ି ଚାଷ କରାଯିବା ଆଦି କାରଣ ପାଇଁ ଏହି ତାଲିକାରୁ ଏହି ଜାତୀୟ ଉଦ୍ୟାନ ବାଦ୍ ପଡିଲା । ଏବେ ଜଳ ପ୍ରଦୂଷଣ ଜଙ୍ଗଲ ପରିବେଶ ନଷ୍ଟ କରିବା ସହିତ ସାମୁଦ୍ରିକ ଜୀବ ପ୍ରତି ବିପଦ ସୃଷ୍ଟି କରିଛି । ନଦୀ ନାଳ ଜଳରେ କ୍ଲୋରାଇଡ, ଫ୍ଲୋରାଇଡ, ନାଇଟ୍ରେଟ, ଆଇରନ ଅଂଶ ମାତ୍ରାଧିକ ହୋଇ କୁମ୍ଭୀର, ଡଲ୍‌ଫିନ, ଅଲିଭ ରିଡଲେ ଆଦି ସଂରକ୍ଷିତ ସାମୁଦ୍ରିକ ଜୀବ ସହିତ ବନ୍ୟପ୍ରାଣୀଙ୍କ ବିପଦର କାରଣ ହୋଇଛି । ଫଳରେ ବିଭିନ୍ନ ସମୟରେ ହୋଇଥିବା ସର୍ଭେ ରିପୋର୍ଟରେ ପ୍ରଦୂଷଣ ରୋକିବାକୁ ପରାମର୍ଶ ଦିଆଯାଇଛି । ରାଜ୍ୟ ସରକାରଙ୍କ ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ ୨୦୨୧ରେ ଏକ ସର୍ଭେ କରିଥିଲେ । ଏଠାରେ ଭୂତଳ ଜଳରେ ନାଇଟ୍ରେଟ, ଆଇରନ ଓ ଫ୍ଲୋରାଇଡ ପରିମାଣ ସାଧାରଣ ଜଳଠାରୁ ଢ଼େର ଅଧିକ ରହିଛି , ଯାହା ଭିତରକନିକାର ଜୈବ ବିବିଧତାକୁ ନଷ୍ଟ କରିବା ପାଇଁ ଯଥେଷ୍ଟ । ଭୂତଳ ଜଳକୁ ରିଚାର୍ଜ ପାଇଁ ନଦୀ, ଶାଖା ନଦୀ ଓ ଅନ୍ୟ ଜଳଉତ୍ସକୁ ବ୍ୟବହାର ପାଇଁ ଏହି ସର୍ଭେ ରିପୋର୍ଟରେ ଉଲ୍ଲେଖ ଅଛି ।


ଗହୀରମଥାରେ ଡଲଫିନ୍ ।

- ପାଣିରେ କ୍ଲୋରାଇଡ,ଫସ୍‌ଫେଟ୍‌ର ପରିମାଣ ବଢ଼ୁଛି
- ଅନିୟନ୍ତ୍ରିତ ବର୍ଜ୍ୟବସ୍ତୁ ପରିଚାଳନା ଏହାର କାରଣ
- ବିପଦରେ ହେନ୍ତାଳ ବଣ, ବଉଳା କୁମ୍ଭୀର, ଡଲ୍‌ଫିନ

୨୦୧୪ରେ ବାରିପଦାସ୍ଥିତ ଉତ୍ତରଓଡ଼ିଶା ବିଶ୍ୱବିଦ୍ୟାଳୟ ବାୟୋ ଟେକ୍ନୋଲୋଜି ବିଭାଗର ପ୍ରଫେସର ବି.ସି. ବେହେରା, ଭୁବନେଶ୍ୱର ଏମ୍‌ଆଇଟିଏସ୍ ସ୍କୁଲ ଅଫ୍ ବାୟୋ ଟେକ୍ନୋଲୋଜିର ପ୍ରଫେସର ଆର.ଆର.ମିଶ୍ର, କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ପ୍ରଫେସର ଏଚ୍.ଏନ୍. ଥାଟୋଇ, ବାଙ୍ଗାଲୋରସ୍ଥିତ ଆଇଆର୍‌ଏସ୍‌ର ପ୍ରଫେସର ଏସ୍.କେ. ଦତ୍ତା, ରାଉରକେଲାର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ପ୍ରଫେସର ଜେ.କେ.ପାତ୍ର ପ୍ରମୁଖ ଭିତରକନିକାର ମହାନଦୀ ଡେଲଟା ଅଞ୍ଚଳ ଓ ଭିତରକନିକାକୁ ସର୍ବେକ୍ଷଣ କରିଥିଲେ । ସେମାନଙ୍କ ରିପୋର୍ଟ ଅନୁଯାୟୀ ଏହି ଅଞ୍ଚଳର ଜଳ ପରୀକ୍ଷା ସମୟରେ ବିଭିନ୍ନ ରାସାୟନିକ ଦ୍ରବ୍ୟ ପରିମାଣ ବୃଦ୍ଧି ପାଇ ଏକ ପ୍ରକାର ଜହର ପାଲଟିଛି । ସାଧାରଣ ପିଇବା ପାଣିରେ ଲିଟର ପ୍ରତି ୨୫୦ରୁ ୧୦୦୦ ମିଲିଗ୍ରାମ କ୍ଲୋରାଇଡ ରହିବା କଥା । ତେବେ ଏହି ଅଞ୍ଚଳ ପାଣିରେ ୪,୩୮୯ରୁ ୧୨,୫୭୫ ମିଲିଗ୍ରାମ ପରିମାଣର କ୍ଲୋରାଇଡ ରହୁଛି । ସେହିପରି ଫସ୍‌ଫେଟ ପରିମାଣ ଅହେତୁକ ବୃଦ୍ଧି ପାଇଛି । କ୍ୟାଲସିୟମ ପରିମାଣ ବିଭିନ୍ନ ସ୍ଥାନରେ ବଦଳୁଛି । ଶିଳ୍ପରୁ ନିର୍ଗତ ବର୍ଜ୍ୟବସ୍ତୁ ନଦୀଜଳକୁ ବିଷାକ୍ତ କରୁଥିବା ସେମାନେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି । ଏହି ଜଳ ଜାତୀୟ ଉଦ୍ୟାନର ଜୈବ ବିବିଧତା ପ୍ରତି ବିପଦ ସୃଷ୍ଟି କରିଥିବା ବେଳେ ବନ୍ୟ ଓ ସାମୁଦ୍ରିକ ପ୍ରାଣୀ ପ୍ରଦୂଷଣ ପାଇଁ ମୃତ୍ୟୁମୁଖରେ ପଡୁଛନ୍ତି ।

ଏସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲ କୁହନ୍ତି, ଜଳ ପ୍ରଦୂଷଣକୁ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ଏନେଇ ଅନୁଧ୍ୟାନ ପରେ ଏହାର ସମାଧାନ ପ୍ରତି ଦୃଷ୍ଟି ଦିଆଯିବ ।

# ଗ୍ରାମବାସୀଙ୍କ ଲୋକପାଳଙ୍କୁ ଅଭିଯୋଗ ପରେ ତଦନ୍ତ

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଗଳଦାରୀରେ ମେଶିନ୍ ଖୋଳୁଛି ପୋଖରୀ

**ନାଉଗାଁ,୨୪।୫(ସ୍ୱ.ପ୍ର)**

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଗଳଦାରୀ ପଞ୍ଚାୟତରେ ଗଳଦାରୀ ଗାଁରେ ଥିବା ଶ୍ରୀପୋଖରୀକୁ ଅମୃତ ସରୋବର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାମ ମେଶିନ ଦ୍ୱାରା କରାଯାଉଛି । ଏହାକୁ ବିରୋଧ କରି ଗ୍ରାମବାସୀ ଲୋକପାଳ, ଜଗତ୍‌ସିଂହପୁରଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗ ଗାଁର ମିହିର ରଞ୍ଜନ ନାୟକ, ସଂଗ୍ରାମ କେଶରୀ ନାୟକ, ଶରତ ଚନ୍ଦ୍ର ନାୟକ ପ୍ରମୁଖ କରିଛନ୍ତି । ଏହାର ତଦନ୍ତ ବୁଧବାର ଲୋକପାଳ କରିଛନ୍ତି ।

ଅଭିଯୋଗ ମୁତାବକ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକଙ୍କ ବଦଳରେ ମେଶିନ ଦ୍ୱାରା କାମ କରାଯାଉଛି । ପ୍ରଥମେ କାମ କରି ପରେ ମଷ୍ଟର ରୋଲ ବାହାର କରିବା ସହ ବିଲ୍ କରୁଥିବା ଅଭିଯୋଗରେ ଦର୍ଶାଯାଇଛି । ଫଳରେ ସରକାରୀ ଅର୍ଥ ବହୁଳ ଭାବେ ବାଟ ମାରଣା ହେଉଛି । ତେଣୁ ଏହାର ଠିକ୍ ତଦନ୍ତ କରିବାକୁ ସେମାନେ ଅଭିଯୋଗରେ ଦର୍ଶାଇଥିଲେ । ଅଭିଯୋଗ ପାଇବା ପରେ ଲୋକପାଳ ଜଗତ୍‌ସିଂହପୁରଙ୍କ କାର୍ଯ୍ୟାଳୟ ଚିଠି ନଂ. ୭୨୮/୨୩।୨୦୨୩ରେ ଏହାର ତଦନ୍ତ କରାଯିବାକୁ ଅଭିଯୋଗ କରିଥିବା ଅଭିଯୋଗକାରୀ ମିହିର ନାୟକ, ବିଡିଓ ନାଉଗାଁ, ସରପଞ୍ଚ ଗଳଦାରୀ ଆଦିଙ୍କୁ ଅବଗତ କରାଯାଇଥିଲା । ବୁଧବାର ଲୋକପାଳ ରମେଶ ବେହେରା ଉକ୍ତ କାମକୁ ତଦନ୍ତ କରିବାକୁ ଆସିଥିଲେ । ତଦନ୍ତ ସମୟରେ ଶ୍ରମିକମାନେ ପୋଖରୀ କାମ କରୁଥିବା ଜଣାଯାଇଥିଲା । ଏ ସମ୍ପର୍କରେ ଲୋକପାଳ ବେହେରାଙ୍କୁ ପଚାରିବାରେ ମେଶିନ କାମ କରୁଥିବା ଅଭିଯୋଗ ଉପରେ ତଦନ୍ତ କରାଯାଇଥିଲା । ସ୍ଥାନୀୟ ସରପଞ୍ଚଙ୍କ କହିବା ମୁତାବକ ଉକ୍ତ ପୋଖରୀରେ ଦଳ ରହିଥିବା ଯୋଗୁ ମେଶିନ ମାଧ୍ୟମରେ ପ୍ରଥମେ ସଫା କରାଯାଇଥିଲା । ବୁଧବାରଠାରୁ ମଷ୍ଟର ରୋଲ ବାହାର କରାଯାଇ ଶ୍ରମିକମାନଙ୍କ ଦ୍ୱାରା କାମ କରାଯାଉଛି । ଉକ୍ତ ତଦନ୍ତ ଉପରେ ଅଭିଯୋଗକାରୀ ମିହିର ଓ ଅନ୍ୟମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । କେବଳ ଗଳଦାରୀ ନୁହେଁ, ଉକ୍ତ ପଞ୍ଚାୟତ ଏରେଡ଼ାରେ ମଧ୍ୟ ଅମୃତ ସରୋବର ଯୋଜନାରେ ଏକ ପୋଖରୀ ମେଶିନରେ ଖୋଳାଯାଇଛି । ଗଳଦାରୀ ପୋଖରୀ ମଧ୍ୟ ମେଶିନ ମାଧ୍ୟମରେ ଖୋଳା ଯାଇଛି । ଅଭିଯୋଗ ପରେ ତଦନ୍ତ ହେବା ଜାଣି ଶ୍ରମିକମାନଙ୍କୁ ଏକଜୁଟ କରି ପୋଖରୀ ଖୋଳିଥିବା ନାୟକ ପ୍ରକାଶ କରିଛନ୍ତି ।

# ଦେଶୀମଦ ଜବତ, ଜଣେ ଗିରଫ

**ବାଲିକୁଦା, ୨୪।୫(ସ୍ୱ.ପ୍ର.)**

ବାଲିକୁଦା ଥାନା ଅନ୍ତର୍ଗତ କଳିକଣ୍ଠା ସନ୍ତୋ ଛକ ନିକଟରୁ ପୋଲିସ ମଙ୍ଗଳବାର ରାତିରେ ଚୋରା ଦେଶୀ ମଦ ୫ ଲିଟର ଜବତ କରିବା ସହ ଅଭିଯୁକ୍ତ ବଂଶୀଧର ମଲ୍ଲିକଙ୍କୁ ଗିରଫ କରିଛି । ଖବରରୁ ଜଣାପଡ଼ିଛି, ବାଲିକୁଦା ଥାନା ଏସ୍‌ଆଇ ଦୀପ୍ତିରଞ୍ଜନ ଓଝା ରାତିରେ ପାଟ୍ରୋଲିଂ କରିବା ସମୟରେ ବିଶେଷ ସୂତ୍ରରୁ ସନ୍ତୋ ବଜାରରେ ଚୋରା ମଦ ବିକ୍ରି ହେଉଥିବା ଖବର ପାଇଥିଲେ । ଘଟଣାସ୍ଥଳରେ ପହଞ୍ଚି ସନ୍ତୋ ଗାଁର ବଂଶୀଧର ଏକ ଜରି ବ୍ୟାଗ ଧରିଥିବା ବେଳେ ତାଙ୍କ ପାଖରେ ଲୋକଙ୍କ ଗହଳି ଥିବା ଦେଖିବାକୁ ପାଇଥିଲେ । ଗହଳି ଭିତରୁ ବଂଶୀଧରଙ୍କୁ ମାଡ଼ି ବସିଥିଲେ । ତାଙ୍କ ପାଖରେ ଥିବା ୨୫ ବୋତଲ ଦେଶୀ ଆସ୍କା ଫର୍ଟି ଜବତ କରିଥିଲେ । ଚୋରା ମଦ ବିକ୍ରି କରିବା ଅଭିଯୋଗରେ ନଂ. ୨୩୭/୨୩ରେ ମାମଲା ରୁଜୁ ସହ ବଂଶୀଧରଙ୍କୁ ଗିରଫ କରାଯାଇଛି ।

# ଆର୍ତ୍ତେଶ୍ୱରଙ୍କ ପୀଠରେ ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ


ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ଚାଲିଛି ।

**ଡେରାବିଶ,୨୪।୫ (ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଧୀନ ନହଙ୍ଗ ପଞ୍ଚାୟତ ଜଗନ୍ନାଥପୁରସ୍ଥିତ ଶ୍ରୀଆର୍ତ୍ତେଶ୍ୱରଙ୍କର ପୀଠରେ ବୁଧବାର ମହାଦେବ ଓ ମା' ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପୂର୍ବାହ୍ନରେ ବୀର ନୀଳକଣ୍ଠପୁରଠାରୁ ଏକ ସୁସଜ୍ଜିତ ବିମାନରେ ମହାଦେବ ବାଣ, ବାଜା ଓ ଘଣ୍ଟ ସଂକୀର୍ତ୍ତନ ସହିତ ପଟୁଆରରେ ଆର୍ତ୍ତେଶ୍ୱରଙ୍କର ପୀଠକୁ ଗମନ କରିଥିଲେ । ପଟୁଆରରେ ଥିଲେ ବରଯାତ୍ରୀ । ବର ବେଶରେ ଆସିଥିଲେ ମହାଦେବ । ପୀଠରେ ପହଞ୍ଚିବା ପରେ ବୈଦିକ ରୀତି ଅନୁସାରେ କନ୍ୟାଘର ପକ୍ଷରୁ ଶ୍ରୀଜୀଉଙ୍କୁ ବରଣୀ କରାଯାଇଥିଲା । ପରେ ଆର୍ତ୍ତେଶ୍ୱରଙ୍କ ବେଢ଼ା ମଧ୍ୟରେ ନିର୍ମିତ ହୋଇଥିବା ସୁସଜ୍ଜିତ ବେଦୀରେ ଦେବ ଦମ୍ପତିଙ୍କ ବିବାହ ଆରମ୍ଭ ହୋଇଥିଲା । ବର ପକ୍ଷରୁ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ କନ୍ୟା ପକ୍ଷରୁ ପଣ୍ଡିତ ରଘୁନାଥ ମିଶ୍ର ପୁରୋଧାଭାବେ ବିବାହ କାର୍ଯ୍ୟ କରିଥିଲେ । ସେମାନଙ୍କ ବେଦ ଧ୍ୱନୀରେ ମନ୍ଦିର ପରିସର ଭକ୍ତିମୟ ହୋଇ ଉଠିଥିଲା । ଏହି ବିବାହ କାର୍ଯ୍ୟରେ ବର ପିତା ଭାବେ ସାରଦା ପ୍ରସାଦ ବାରିକ ଓ ମାତା ଭାରତୀ ବାରିକ । କନ୍ୟା ପିତା ଭାବେ ସନ୍ତୋଷ ରାଉତ, ଶ୍ରୁତି ରାଉତ ଦାୟିତ୍ୱ ବହନ କରିଥିଲେ । ବିବାହ ସମ୍ପନ୍ନ ପରେ କନ୍ୟା ଘର ପକ୍ଷରୁ ଆସିଥିବା ମହିଳାମାନେ ଉଭୟ ବର କନ୍ୟାଙ୍କୁ ସ୍ୱର୍ଣ୍ଣ ଅଳଙ୍କାର ସହ ଅର୍ଥ ପ୍ରଦାନ କରି ବନ୍ଦାପନା କରିଥିଲେ । ଶେଷରେ ଉଭୟ କନ୍ୟା ଓ ବର ପକ୍ଷର ଉପସ୍ଥିତ ଥିବା ଶ୍ରଦ୍ଧାଳୁ ଯାତ୍ରୀ ଭୋଜି ଭାତରେ ଆପାୟିତ ହୋଇଥିଲେ । ଏହି ବିବାହ ଉତ୍ସବକୁ ନାରାୟଣ ଲେଙ୍କା, ଭାଗବତ ସାହୁ, ପ୍ରସନ୍ନ ସାହୁ, ପ୍ରଦୀପ ନାୟକ, ହୃଷିକେଶ ଦାସ, ଅଜୟ ମହାଭୋଇ ଓ ବୀରବର ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

# ଆଇଏଏସ୍ ଶୁଭସ୍ମିତ୍ତା ଡେରାବିଶ ପାଇଁ ଗର୍ବ

**ଡେରାବିଶ,୨୪।୫(ସ୍ୱ.ପ୍ର.)**

ମଙ୍ଗଳବାର ପ୍ରକାଶ ପାଇଛି କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ୨୦୨୨ର ପରୀକ୍ଷା ଫଳ । ଏଥିରେ ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ନରୁଆ ଗ୍ରାମର ଦୈତାରୀ ସେଠୀଙ୍କ ଝିଅ ଶୁଭସ୍ମିତ୍ତା ସେଠୀ ୬୮୦ ର୍‍ୟାଙ୍କ୍‌ରେ ରହି ସଫଳତା ଅର୍ଜନ କରିଛନ୍ତି । ଏହାକୁ ନେଇ ସମଗ୍ର ଡେରାବିଶ ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଛି । ସେ ଡେରାବିଶ୍ ମାଟି ପାଇଁ ଗର୍ବ ଓ ଗୌରବ ବୋଲି ତାଙ୍କ ଶୁଭେଚ୍ଛୁମାନେ ମତବ୍ୟକ୍ତ କରିଛନ୍ତି ।

ଶୁଭସ୍ମିତ୍ତା ୨୦୧୮ ଓଏଏସ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିଲେ । ୨୦୨୦ରେ ଟ୍ରେନିଂ ନେବାପରେ ୨୦୨୧ରୁ ସେ ନୟାଗଡ଼ର ଡେପୁଟି କଲେକ୍ଟର ଭାବେ ଦାୟିତ୍ୱ ଗ୍ରହଣ କରି ସୁଚାରୁ ରୂପେ କାର୍ଯ୍ୟ ତୁଲାଇ ଆସିଛନ୍ତି । ବିଦ୍ୟୁତ୍ ବିଭାଗର ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଦୈତାରୀ ସେଠୀ ଓ ସୁଗୃହିଣୀ ସଂଘମିତ୍ରାଙ୍କ ଏକମାତ୍ର ଝିଅ ଶୁଭସ୍ମିତ୍ତା ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷା ଶେଷ କରିବା ପରେ ଭୁବନେଶ୍ୱର ଡିଏଭି ସ୍କୁଲରେ ନାମ ଲେଖାଇଥିଲେ । ଦଶମ ଶ୍ରେଣୀ ପରୀକ୍ଷାରେ ସେ ଟପ୍ପର ହୋଇଥିବା ବେଳେ ବିଜେବି କଲେଜରୁ ସଫଳତାର ସହ ଯୁକ୍ତ ୨ ବିଜ୍ଞାନ ଶ୍ରେଣୀରେ ପାସ କରିଥିଲେ । ସେହିପରି ଯୁକ୍ତ ୩ କଳାରେ ଇଂଲିଶ ଅନର୍ସ ପରୀକ୍ଷାରେ ଶୁଭସ୍ମିତ୍ତା କୃତୀତ୍ୱର ଉତ୍ତୀର୍ଣ୍ଣ ହୋଇ ଗୋଲ୍ଡ ମେଡାଲ ପାଇଥିଲେ । ଏହାପରେ ସେ ଦିଲ୍ଲୀ ୟୁନିଭରସିଟି ଅଧୀନ ଲେଡି ଶ୍ରୀରାମ କଲେଜରେ ସଫଳତାର ସହ ଇଂଲିଶରେ ସ୍ନାତକ ପାସ କରି ଓଏଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ । ଓଏଏସ୍ ପାଇବା ପରେ ଆଇଏଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତି ହେବା ସହ ଏହି ପରୀକ୍ଷାରେ ମଧ୍ୟ ସଫଳତା ଅର୍ଜନ କରିଛନ୍ତି ।


ଶୁଭସ୍ମିତ୍ତା ସେଠୀ

# ରାଜକନିକାରେ କାଳବୈଶାଖୀର ତାଣ୍ଡବ

**ରାଜକନିକା,୨୪।୫ (ଡି.ଏନ୍.ଏ.)**

ବୁଧବାର ଅପରାହ୍ନରେ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଅଞ୍ଚଳରେ କାଳବୈଶାଖି ତାଣ୍ଡବ ରଚିଛି । ଏଥିପାଇଁ ଥାନା ଛକଠାରୁ ଅଶୋକ ବଜାର ରାସ୍ତାରେ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଛି । ତାଳପତ୍ର ଭାଙ୍ଗି ରାସ୍ତାରେ ପଡ଼ିଛି । ଫଳରେ ସେହି ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଛି । ରାଜକନିକା ଅଗ୍ନିଶମ ବାହିନୀ ଗଛଗୁଡ଼ିକ କାଟି ରାସ୍ତା ସଫା କରୁଛନ୍ତି । ଏଥି ସହିତ ବୁଧବାର ସ୍ଥାନୀୟ ଅଞ୍ଚଳରେ ଏକାଧିକ ବିବାହ ଭୋଜି ଥିଲା । କାଳବୈଶାଖୀ ପ୍ରବାହରେ ସାଜସଜ୍ଜା ଓ ଟେଣ୍ଟଗୁଡ଼ିକ ଭାଙ୍ଗି ପଡ଼ିଛି । ବିଦ୍ୟୁତ୍ ସରବରାହ କିଛି ସମୟ ପାଇଁ ବନ୍ଦ ରହିଥିଲା । ହେଲେ ସନ୍ଧ୍ୟାପରେ ରାଜକନିକା ସଦରରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଛି । ହାଟସାହି ପଞ୍ଚାୟତର ବଟରପଡ଼ା ଗ୍ରାମର ଦିଲୀପ ବେହୁରିଆଙ୍କ ଆଜବେଷ୍ଟସ୍ ଘର ଓ ଶ୍ରୀକାନ୍ତ ବେହୁରିଆଙ୍କ ଚାଳ ଛପର ଘର ଉପରେ ଏକ ବିରାଟ ପିସ୍ତା ବାଦାମ ଗଛ ଭାଙ୍ଗି ପଡିଛି । ଫଳରେ ଆଜବେଷ୍ଟସ୍ ଭାଙ୍ଗିଯିବା ସହ ଚାଳ ଛପର ଘର ମଧ୍ୟ ଭାଙ୍ଗିରୁଜି ଯାଇଛି । ତେବେ ୨ ପରିବାର ଲୋକେ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି । କ୍ଷତିଗ୍ରସ୍ତ ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।


ରାସ୍ତାରେ ଭାଙ୍ଗିପଡ଼ିଥିବା ଗଛକୁ ଅଗ୍ନିଶମ କର୍ମଚାରୀମାନେ କାଟି ସଫା କରୁଛନ୍ତି ।

# ପାନୀୟ ଜଳ ସମସ୍ୟା ନେଇ ଉଦ୍‌ବେଗ

**ମାର୍ଶାଘାଇ,୨୪।୫(ଡି.ଏନ୍.ଏ.)**

ବୁଧବାର ମାର୍ଶାଘାଇ ପଞ୍ଚାୟତ ସମିତିର ଦ୍ୱିତୀୟ ବୈଠକ ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ମଧୁସ୍ମିତା ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମହାକାଳପଡ଼ା ବିଧାୟକ ତଥା ଖାଦ୍ୟ ଯୋଗାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଡିଓ ଉମାଶଙ୍କର ବେହେରା, ତହସିଲଦାର ଭାନୁମତୀ ମାଝି, ଜିଲା ପରିଷଦ ସଭ୍ୟ ପ୍ରମୋଦ ରଥ, ପ୍ରତାପ ମଲ୍ଲିକ, ଦୁର୍ଗାବତୀ ପ୍ରଧାନ, ଉପାଧକ୍ଷା ଉର୍ମିଳା ମହାନ୍ତି, ଜିପିଓ ରମେଶ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ ପୂର୍ବ ବୈଠକର ବିବରଣୀ ପାଠ ଓ ଦୃଢ଼ୀକରଣ ପରେ ସରପଞ୍ଚ, ସଭ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପାନୀୟଜଳ ଯୋଗାଣ ସମ୍ପର୍କରେ ଅନ୍ତେଇ, ବଟିରା, ବେରୁହାଁ ମାର୍ଶାଘାଇ ପଞ୍ଚାୟତର ସରପଞ୍ଚ, ସଭ୍ୟାସଭ୍ୟ ଓ କରିଲୋପାଟଣା ସରପଞ୍ଚ ମେହେନ୍ଦିନଗର ସଭ୍ୟ ଉଦ୍‌ବେଗ ପ୍ରକାଶ କରିଥିଲେ । ମନ୍ତ୍ରୀ ନାୟକ ଏଥିପ୍ରତି ତୁରନ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । କୃଷି ବିଭାଗ ମୁଗ, ଧାନ ବିହନ ଯୋଗାଣରେ ଅହେତୁକ ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା । ବିଭାଗ ପକ୍ଷରୁ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଜନପ୍ରତିନିଧିଙ୍କୁ ଅବଗତ କରାଯାଉ ନ ଥିବାରୁ ହିନ୍ଦୁଳିଆ ସଭ୍ୟ ବିପିନ ବିହାରୀ ସ୍ୱାଇଁ ଓ ବେରୁହାଁ ସଭ୍ୟ ରଞ୍ଜିତ ପ୍ରଧାନ ଅଭିଯୋଗ କରିଥିଲେ । ବିଭିନ୍ନ ପଞ୍ଚାୟତର ସଭ୍ୟମାନେ ବ୍ଲକରେ ସେମାନଙ୍କ ପାଇଁ ବସା ଉଠା ପାଇଁ ଏକ ପକ୍କା ଘର ନିର୍ମାଣ ପାଇଁ ଦାବି କରିଥିଲେ । ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ କରିଥିବା ଶ୍ରମିକମାନେ ବିଲ ପାଇ ନ ଥିବାରୁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା । ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ଓ ଷ୍ଟାଫ୍ କ୍ୱାର୍ଟର୍ସର ଜରାଜୀର୍ଣ୍ଣ ଅବସ୍ଥା ନେଇ ସମିତି ସଭ୍ୟ ପ୍ରସନ୍ନ ସାହୁ ପ୍ରଶ୍ନ କରିଥିଲେ । ମତ୍ସ୍ୟ ଓ ପଶୁ ସମ୍ପଦ ଉପରେ ବିଭାଗୀୟ ଅଧିକାରିଣୀ ଉନ୍ନତ ମତ୍ସ୍ୟ ଚାଷ ଉପରେ ସରପଞ୍ଚ ଓ ସଭ୍ୟମାନଙ୍କୁ ଅବଗତି କରିଥିଲେ । ମିଶନ ଶକ୍ତି ପକ୍ଷରୁ ନିଆ ଯାଇଥିବା କାର୍ଯ୍ୟକ୍ରମ ଉପର ବୈଠକରେ ଆଲୋଚନା କରାଯାଇଥିଲା । ବଟିରା ସମିତି ସଭ୍ୟ ସୁନତି ସାହୁ ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ପାଇଁ ଦାବି କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ମନୋଜ ବେହେରା, ବାବାଜୀ ସ୍ୱାଇଁ, ସଞ୍ଜୟ ସେଠୀ, ରମେଶ ଲେଙ୍କା, ନମିତାବାଳା ରଥ, ସଭ୍ୟ ବିପିନ ବିହାରୀ ସ୍ୱାଇଁ, ଶରତ ପ୍ରଧାନ, ଅଭିଷେକ ବେହେରା, ସୁନତି ସାହୁ, ଭାରତୀ କାନୁନଗୋ, ପ୍ରସନ୍ନ ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଜଳ ପରିମଳ ସହକାରୀ ଯନ୍ତ୍ରୀ ବସନ୍ତ ସେଠୀ, ବ୍ଲକ ସହକାରୀ ଯନ୍ତ୍ରୀ ଶ୍ରେୟାଂଶୁ କର, ସହକାରୀ ମତ୍ସ୍ୟ ଅଧିକାରିଣୀ ସୁଶ୍ରୀ ସଂଗୀତା ଦେ, ଅତିରିକ୍ତ କୃଷି ଅଧିକାରୀ ପ୍ରଦୀପ୍ତ ଘୋଷ, ମିଶନ ଶକ୍ତି ସଂଯୋଜକ ବିକାଶ ମହାନ୍ତିଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଉପାଧକ୍ଷା ଉର୍ମିଳା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।



ମାର୍ଶାଘାଇ ପଞ୍ଚାୟତ ସମିତି ଅଧିବେଶନରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ସହ ଅନ୍ୟ ଜନପ୍ରତିନିଧି ।

## ୧୧ ମାସ ପରେ ବସିଲା ମାର୍ଶାଘାଇ ପଞ୍ଚାୟତ ସମିତି ଅଧିବେଶନ

## ସଂକ୍ଷେପରେ

### ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ ପରିଚୟ ପତ୍ର ନ ଥିବାରୁ ମିଳିପାରିଲାନି ସହାୟତା

ବେଲଗୁଣ୍ଠା,୨୪।୫: ଆର୍ଥିକ ଅନଟନ ଯୋଗୁଁ ଗୋବରା ପଞ୍ଚାୟତ ବାସୁଦେବପୁର ଗ୍ରାମର ଜଣେ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ ହେବା ଘଟଣା ଗୋବରା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ମୃତ ନିର୍ମାଣ ଶ୍ରମିକ ଜଣଙ୍କ ହେଉଛନ୍ତି ବାସୁଦେବପୁରର ଅନନ୍ତ ଗୌଡ଼ (୬୫)। ଅନନ୍ତ ଜଣେ ରାଜମିସ୍ତ୍ରୀ ଭାବେ କାମ କରି ନିଜ ପରିବାରର ମେଣ୍ଟାଉଥିଲେ। ସେ ଟ୍ୟୁମର୍ ରୋଗରେ ପୀଡ଼ିତ ହୋଇ ଦୁଇ ବର୍ଷ ତଳେ ଅସ୍ତ୍ରୋପଚାର କରିଥିଲେ। ପୁଣି ଥରେ ତାଙ୍କର ଟ୍ୟୁମର ଜନିତ ସମସ୍ୟା ଦେଖାଯାଇଥିଲା। ସେ ଜଣେ ରାଜମିସ୍ତ୍ରୀ ହୋଇଥିବା ସତ୍ତ୍ୱେ ତାଙ୍କ ପାଖରେ ନିର୍ମାଣ ଶ୍ରମିକ ପରିଚୟ ପତ୍ର ନଥିବାରୁ ସେ ନିର୍ମାଣ ଶ୍ରମିକ ସ୍ୱାସ୍ଥ୍ୟ ବୀମାରୁ ବଞ୍ଚିତ ହୋଇଥିଲେ। ଫଳରେ ଚିକିତ୍ସା ପାଇଁ ଅର୍ଥ ଯୋଗାଡ଼ କରିବାରେ ଅସମର୍ଥ ହୋଇପଡ଼ିଥିଲେ। ବୁଧବାର ସକାଳେ ସେ ଆଖି ବୁଜିଥିଲେ। ବିଶେଷ ଖବର ପ୍ରକାରେ ସେ ନିର୍ମାଣ ଶ୍ରମିକ ପରିଚୟ ପତ୍ର ପାଇଁ ବାରମ୍ବାର ଲେବର୍ ଅଫିସ୍‌କୁ ଦୌଡିଥିଲେ ମଧ୍ୟ ତାଙ୍କ କଥା କେହି ଶୁଣିନଥିଲେ। ବେସାହାରା ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଦାବି ହୋଇଛି।

### ୨ .୭୦ କୁଇଣ୍ଟାଲ ଗଞ୍ଜେଇ ଜବତ, ବ୍ୟବସାୟୀ ଫେରାର

ଆର.ଉଦୟଗିରି,୨୪।୫(ଡି.ଏନ.ଏ.)– ଆର.ଉଦୟଗିରି ପୋଲିସ ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଘଞ୍ଚ ଜଙ୍ଗଲ ମଧ୍ୟରୁ ୨ କୁଇଣ୍ଟାଲ ୭୦ କିଲୋ ଗଞ୍ଜେଇ ଜବତ କରିଛି। ଆର.ଉଦୟଗିରି ସବ୍‌ଇନ୍ସପେକ୍ଟର ରାମକୃଷ୍ଣ ଦାସ ଓ କର୍ମଚାରୀ ମିଳିତଭାବେ ଏହି ଥାନା ଅନ୍ତର୍ଗତ ଅନୁଗୁରୁ ଗ୍ରାମାଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ କରି ଫେରୁଥିବା ସମୟରେ ୱୟମା ଗ୍ରାମ ନିକଟ ଜଙ୍ଗଲରେ ଗଞ୍ଜେଇ ରଖାଯାଇଥିବା ଥାନା ଅଧିକାରୀଙ୍କଠାରୁ ଖବର ପାଇ ଉକ୍ତ ସ୍ଥାନରେ ଚଢ଼ାଉ କରି ଗଞ୍ଜେଇ ଜବତ କରିଥିଲା। ପୋଲିସ ଆସୁଥିବାର ଖବର ପାଇ ବ୍ୟବସାୟୀମାନେ ସ୍ଥାନ ଛାଡି ଚମ୍ପଟ ମାରିଥିଲେ।

### ଗଞ୍ଜେଇ ଜବତ, ଜଣେ ଗିରଫ

ଗୋପାଳପୁର,୨୪।୫(ଡି.ଏନ.ଏ.): ବେଆଇନ ଗଞ୍ଜେଇ ବିକ୍ରି ଓ ଚାଲାଣ କରିବା ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ବୁଧବାର ଚାନ୍ଦପୁର ଗ୍ରାମର ଡି. ଦୁର୍ଯ୍ୟୋଧନଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି। ଦୁର୍ଯ୍ୟୋଧନ ଚୋରା ଗଞ୍ଜେଇ ଘରେ ରଖି ବ୍ୟବସାୟ କରୁଥିଲେ। ବୁଧବାର ସକାଳେ ପୋଲିସ ଚଡାଉ କରି ୪୮ କେଜି ୫୫୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ତାଙ୍କୁ କାବୁ କରିଥିଲା। ଏ ନେଇ ଥାନା କେଶ ୨୪୨/୨୩ରେ ମାମଲା ରୁଜୁ କରିଛି। ଗୁରୁବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

# ଲଡୁବାବାଙ୍କ ପୀଠରେ ଦେବଦମ୍ପତିଙ୍କ ବିବାହ





ଦେବଦମ୍ପତିଙ୍କ ବିବାହ ପୂର୍ବରୁ ବରପକ୍ଷ ଓ କନ୍ୟାପକ୍ଷ ମଧ୍ୟରେ ଗୀତ ମାଧ୍ୟମରେ ବାକ୍ ବିନିମୟ ହେଉଛି।

■ ଇଙ୍ଗୀତ ସହ୍ୟ ନ କରି ଫେରିଲେ ବରଯାତ୍ରୀ
■ ପୁନଃ ଆମନ୍ତ୍ରଣ କରାଇ ଫେରାଇ ଆଣିଲେ କନ୍ୟାପକ୍ଷ

ନୟାଗଡ଼ ଅଫିସ/ଶରଣକୂଳ (ଡି.ଏନ.ଏ.)୨୪।୫

ପ୍ରସିଦ୍ଧ ଶୀତଳଷଷ୍ଠୀ ଓ ଶିବବିବାହ ସମ୍ବଲପୁର ପରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବକ୍ଷେତ୍ର ନୟାଗଡ଼ ଜିଲାର ଶରଣକୁଳଠାରେ ବିଜେ ଲଡୁବାବାଙ୍କ ପୀଠରେ ବୁଧବାର ରାତିରେ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ବର ଓ କନ୍ୟାଯାତ୍ରୀଙ୍କ ମଧ୍ୟରେ ଗୀତ ମାଧ୍ୟମରେ ବାକ୍ ବିନିମୟ ସମୟରେ ଲଡୁବାବାଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଇଙ୍ଗୀତ ସହ୍ୟ କରିନପାରିକ୍ଷୁବ୍ଧ ହୋଇ ବରଯାତ୍ରୀଙ୍କୁ ନେଇ ଫେରି ଯାଇଥିଲେ। ପରେ କନ୍ୟାପକ୍ଷ ଦୋଷ ସ୍ୱୀକାର କରି କ୍ଷମାପ୍ରାର୍ଥନା ପୂର୍ବକ ପୁନଃ ଆମନ୍ତ୍ରଣ କରାଇ ବିବାହ ବେଦୀକୁ ପାଛୋଟି ଆଣିଥିଲେ। ତେବେ ଗୀତ ମାଧ୍ୟମରେ ଏହି ବାକ୍ ବିନିମୟର ଦୃଶ୍ୟକୁ ଶ୍ରଦ୍ଧାଳୁମାନେ ଉପଭୋଗ କରିଥିଲେ।

ବୁଧବାର ସନ୍ଧ୍ୟାରେ ଲଡୁବାବାଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖରଙ୍କୁ ସୁବାସିତ ଜଳରେ ସ୍ନାନ କରାଯାଇ ଅଙ୍ଗବସ୍ତ୍ର ଓ ଅଳଙ୍କାର ପରିଧାନ କରାଯାଇଥିଲା। ପରେ ଷୋଡଶ ଉପଚାରରେ ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ କରାଯାଇଥିଲା। ଏହାପରେ ସୁସଜ୍ଜିତ ବିମାନର ନିଜ ଗ୍ରାମ ଭିକାରୀପଡା ରଘୁନାଥପୁର ବ୍ରାହ୍ମଣ ଶାସନର ଭୋଗ ମଣ୍ଡପରେ ଅବସ୍ଥାନ କରିଥିଲେ। ମଧ୍ୟସ୍ଥତା କରୁଥିବା ପାର୍ଶ୍ୱଦେବତା ଗୋପୀନାଥ ବ୍ୟାଘ୍ରବାହାନ ବିମାନରେ ଉପବେଶନ କରି ପାର୍ବତୀଙ୍କ ସହ ଦୁର୍ଗାବଜାରର ଚାଳି ମଣ୍ଡପକୁ ବିଜେ କରିଥିଲେ। ଏଠାରେ ଗୋପୀନାଥ ଓ ପାର୍ବତୀଙ୍କ ଆଳତୀ ଏବଂ ଭୋଗ ସମାପନ କରାଯିବା ପରେ ଉଭୟଙ୍କୁ ଭିକାରୀପଡା ରଘୁନାଥପୁର ବ୍ରାହ୍ମଣ ଶାସନର ଭୋଗମଣ୍ଡପକୁ ନିଆଯାଇଥିଲା। ସେଠାରେ ଗୋପୀନାଥ ବର ଧରିବା ପାଇଁ ପ୍ରସ୍ତୁତି ହୋଇଥିଲେ। ଏହି ଭୋଗମଣ୍ଡପରେ ଚନ୍ଦ୍ରଶେଖର ଓ ମା'ପାର୍ବତୀଙ୍କୁ ଷୋଡଶ ଉପଚାରରେ ପୂଜାର୍ଚ୍ଚନା କରାଯିବା ସହିତ ମହାଆଳତି କରାଯାଇ ବନ୍ଦାପନା କରାଯାଇଥିଲା। ଏହାପରେ ପ୍ରଭୁ ଚନ୍ଦ୍ରଶେଖର ଭିକାରୀପଡା ରଘୁନାଥପୁର ଶାସନର ବ୍ରାହ୍ମଣମାନଙ୍କୁ ବରଯାତ୍ରୀ ରୂପେ ନେଇ ବାହାରି ଥିଲେ। ସେହିପରି କନ୍ୟାଘର ପକ୍ଷରୁ ଗୋପୀନାଥ ଲଡୁବାବାଙ୍କ ସେବାକାରୀମାନଙ୍କ ସହ ମା'ପାର୍ବତୀଙ୍କୁ ନେଇ ବିବାହମଣ୍ଡପ ଅଭିମୁଖେ ବାହାରିଥିଲେ। ତେବେ ବିବାହମଣ୍ଡପରୁ ୫୦ ଫୁଟ ଦୂରରେ ବର ଓ କନ୍ୟାଯାତ୍ରୀ ଅଟକି ରହିଥିଲେ। ଏଠାରେ ଉଭୟଙ୍କ ମଧ୍ୟରେ ଗୀତ ମାଧ୍ୟମରେ ୧ଘଣ୍ଟା ଧରି ବାକ୍ ବିନିମୟ ହୋଇଥିଲା। ଉଭୟ ପକ୍ଷ ନିଜ ନିଜର ଗୁଣଗାନ କରିବା ସହିତ ଅନ୍ୟ ପକ୍ଷର ନିନ୍ଦାଗାନ କରିଥିଲେ। ତେବେ ଚନ୍ଦ୍ରଶେଖର ବାକ୍ ବିନିମୟ ସମୟରେ ଇଙ୍ଗୀତ ସହ୍ୟ କରି ନ ପାରି କ୍ଷୁବ୍ଧ ହୋଇ ନିଜକୁ ଅପମାନ ବୋଧକରି ବରଯାତ୍ରୀଙ୍କୁ ନେଇ ଫେରି ଯାଇଥିଲେ। ପରିସ୍ଥିତି ବିଗିଡି ଯାଇଥିବା ଦେଖି କନ୍ୟାପକ୍ଷ ସେମାନଙ୍କ ଦୋଷ ସ୍ୱୀକାର କରି କ୍ଷମାପ୍ରାର୍ଥନା ପୂର୍ବକ ପୁନଃ ଆମନ୍ତ୍ରଣ କରାଇ ବିବାହବେଦୀକୁ ବରଯାତ୍ରୀଙ୍କୁ ପାଛୋଟି ଆଣିଥିଲେ। ବାକ୍ ବିନିମୟ ସମୟରେ କନ୍ୟାଯାତ୍ରୀଙ୍କ ପକ୍ଷରୁ ସୀମାଞ୍ଚଳ ପୁଷ୍ପପାଳକ ଓ ବରଯାତ୍ରୀଙ୍କ ପକ୍ଷରୁ ସୁନିଲ ବଡପଣ୍ଡା ଗୀତ ଆବୃତ୍ତି କରିଥିଲେ। ବିଳମ୍ବିତ ରାତ୍ରୀରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ମନ୍ଦିର ପରିସ୍ରା ତୋଷବନ୍ତ କର ବିବାହ କାର୍ଯ୍ୟ ସମାପନ କରିଥିଲେ। ସଞ୍ଜୟ ମହାପାତ୍ର ଓ କଲ୍ୟାଣୀ ପ୍ରତିହାରୀ ହାତଗଣ୍ଠି ଫିଟାଇ ମନ୍ଦିର ସୁପରଭାଇଜର ସୁବାସ ଚନ୍ଦ୍ର ବରାଡଙ୍କ ଠାରୁ ୨୦୦୧ଟଙ୍କା ପାଇଥିଲେ। ସେହିପରି ଗୁରୁବାର ରାତ୍ରିରେ ୧୬ଶମ୍ଭୁ ମେଳଣ ହେବାର ରହିଛି।

# ଅମଲାଙ୍କ କଳାବ୍ୟାଜ୍ ପରିଧାନ

ପୋଲସରା/ଆର.ଉଦୟଗିର,୨୪।୫

ପୋଲସରା ତହସିଲ ଓ ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ଅମଲାମାନେ ଜିଲା ମିଳିତ ଅମଲା ମଞ୍ଚ ଆହ୍ୱାନକ୍ରମେ କଳାବ୍ୟାଜ୍ ପରିଧାନ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ କରିବେ। ସ୍ନାତକ ଯୋଗ୍ୟତା ସହ କମ୍ପ୍ୟୁଟର ଜ୍ଞାନରେ ଅଭିଜ୍ଞ ଥିଲେ ମଧ୍ୟ ରାଜ୍ୟ ସରକାର ୨୦୧୭ଠାରୁ ବେତନରେ କୌଣସି ଅଭିବୃଦ୍ଧି କରିନାହାନ୍ତି, ବରିଷ୍ଠ ସହାୟକମାନଙ୍କ ୪୨୦୦ ଟଙ୍କା ଗ୍ରେଡ୍‌ପେ ଦେବା ପାଇଁ ଅମଲାମାନେ ଦୀର୍ଘ ଦିନ ହେଲା ଦାବି କରିଆସୁଛନ୍ତି। ଦାବି ପୂରଣ ନ ହେଲେ ଆସନ୍ତା ୧ ତାରିଖଠାରୁ ଅନିର୍ଦ୍ଦିଷ୍ଟକାଳ ଯାଏ ସମୂହ ଛୁଟି ନେବା ପାଇଁ ନିଷ୍ପତ୍ତି ହୋଇଛି। ବୁଧବାର ପୋଲସରା ତହସିଲ ପକ୍ଷରୁ ତହସିଲଦାର ଭାସ୍କର ଚନ୍ଦ୍ର ସାହୁଙ୍କୁ ଦାବିପତ୍ର ପ୍ରଦାନ କରିବା ବେଳେ ଶରତ କୁମାର ପାଗଡ଼, ଗିରିଜା ଶଙ୍କର ମିଶ୍ର, ରବି ନାରାୟଣ ସେଠୀ, ରାମ ଶଙ୍କର ସେଠୀ, ଇଶ୍ରେସ ବାରିକ, ଅଜିତ କୁମାର ବେହେରା, ଜିତେନ୍ଦ୍ର ସାହୁ, ବ୍ଲକ ପକ୍ଷରୁ ଅତିରିକ୍ତ ବିଡିଓ ଧର୍ମରାଜ ପରିଡାଙ୍କୁ ଦାବିପତ୍ର ଦେବା ମଧ୍ୟରେ ଜି. ଆନନ୍ଦ ରେଡ୍ଡୀ, ଶ୍ରୀଧର ଶବର, ଅମୂଲ୍ୟ ରତ୍ନ ବେହେରା, ସୁବାସ ଚନ୍ଦ୍ର ଜାନୀ, ଆଇସିଡିଏସର ଅମ୍ରିତା ଗମାଙ୍ଗ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଆର.ଉଦୟଗିରି, ମୋହନା ଓ ନୂଆଗଡ ବ୍ଲକ ଅମଲାମାନେ କଳାବ୍ୟାଜ ପରିଧାନ କରି ଅଫିସ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ପ୍ରକାଶ ଥାଉକି ବ୍ଲକସ୍ତରୀୟ ମିଳିତ ଅମଲା ମଞ୍ଚ ତରଫରୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗତ ମାସ ୨୧ ତାରିଖରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

## ଦିବ୍ୟାଙ୍ଗଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ

ଦାରିଙ୍ଗବାଡି,୨୪।୫(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ ରିସର୍ସ ସେଣ୍ଟରର ପରିସରରେ ବୁଧବାର ତାଲୁକା ଆଇନ ପ୍ରାଧିକରଣ ପକ୍ଷରୁ ଦିବ୍ୟାଙ୍ଗ ମାନଙ୍କ ପାଇଁ ସାପ୍ତାହିକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ପ୍ରଶାନ୍ତ ସାହୁ ସଭା ପରିଚାଳନା କରୁଥିବା ବେଳେ ମୁଖ୍ୟଅତିଥି ଭାବେ ଦାରିଙ୍ଗବାଡି ବିଡିଓ ଗଦାଧର ପାତ୍ର ଯୋଗ ଦେଇଥିଲେ। ତାଲୁକ ଆଇନ ସେବା ପ୍ରାଧିକରଣର ସମ୍ପାଦିକା ପୁଷ୍ପାଞ୍ଜଳି ଜେନା କାର୍ଯ୍ୟକ୍ରମର ତଦାରଖ କରିଥିଲେ। ଦାରିଙ୍ଗବାଡି ବିଇଓ ରସାନନ୍ଦ କର, ଅତିରିକ୍ତ ସରକାରୀ ଓକିଲ ଉମେଶ କର, ଏବିଇଓ ଗୋକୁଳ ଚନ୍ଦ୍ର ନାୟକ, ସରପଞ୍ଚ ଚନ୍ଦ୍ରିକା ମଲିକ, ପ୍ରମୁଖ ଯୋଗ ଦେଇଥିଲେ। ଗୋଷ୍ଠି ସମ୍ବଳ ଶିକ୍ଷକ ମାନସ କୁମାର ଷଡ଼ଙ୍ଗୀ, ଶିକ୍ଷୟତ୍ରୀ ରଶ୍ମିତା ସେନାପତି, ଓକିଲ ପ୍ରବୀର ସାହୁ, ଶିକ୍ଷକ ଶ୍ୟାମ ସୁନ୍ଦର ଦିଗାଲ ପ୍ରମୁଖ ପରିଚାଳନା କରିଥିଲେ।

## ପଞ୍ଚ ମହାଯଜ୍ଞ ପାଇଁ କଳସ ଯାତ୍ରା

ଜି.ଉଦୟଗିରି,୨୪।୫(ଡି.ଏନ.ଏ.): ଜି.ଉଦୟଗିରି ଏନଏସିର ୧୨ ନମ୍ବର ୱାର୍ଡ଼ କନବାଗିରି ଗ୍ରାମ ରାବାନାଜୁଠାରେ ବିଶ୍ୱଶାନ୍ତି ପଞ୍ଚ ମହାଯଜ୍ଞ ନିମନ୍ତେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମଙ୍ଗଳବାର ଦିନଗଙ୍ଗା ନିମନ୍ତ୍ରଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଯଜ୍ଞ କମିଟି ସଭାପତି ସୁଭଜ୍ଞାନ ପ୍ରଧାନଙ୍କ ନେତୃତ୍ୱ ତଥା ଉପସଭାପତି ଗୋପାଳକୃଷ୍ଣ ପ୍ରଧାନ, ସମ୍ପାଦକ ଅନ୍ତର୍ଯ୍ୟାମୀ ପ୍ରଧାନ, କୋଷାଧ୍ୟକ୍ଷ କୈଳାଶ ନାୟକ, ପୂର୍ବତନ କାଉନସିଲର ଜିତେନ୍ଦ୍ର ପ୍ରଧାନ ଓ ରାବା ନାଜୁ ସାହି ବାସିନ୍ଦାଙ୍କ ସହଯୋଗରେ ଏକ ବିଶାଳ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୁଧବାର ଠାରୁ ଏହି ମହାଯଜ୍ଞରେ ବିଭିନ୍ନ ଗ୍ରାମରୁ ପ୍ରାୟ ୨୦ଟି ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗ ଦେବେ। ୨୬ ତାରିଖ ଦିନ ପୂର୍ଣ୍ଣାହୁତି ସହ ଯଜ୍ଞ ଶେଷ ହେବ।

# ବିଜେଡିର ଜିଲା କମିଟି ଘୋଷଣା

■ ଦଶପଲ୍ଲା ବିଧାୟକ ପୁଣି ସଭାପତି
■ ୨ ଅବସରପ୍ରାପ୍ତ ପିଇଓଙ୍କୁ ସଙ୍ଗଠନ ଦାୟିତ୍ୱ

ନୟାଗଡ଼ ଅଫିସ,୨୪।୫

ନୟାଗଡ଼ ଜିଲା ବିଜୁ ଜନତା ଦଳ(ବିଜେଡି)ର ଜିଲା କମିଟିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଘୋଷଣା କରିଛନ୍ତି। ଜିଲା ସଭାପତି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ପୁନଃ ନିଯୁକ୍ତି ପାଇଛନ୍ତି। ଅନ୍ୟପକ୍ଷେ ପ୍ରସନ୍ନ ପ୍ରଧାନ, ପଦ୍ମ ଉଦୟ ଭାନୁ, ନିତ୍ୟାନନ୍ଦ ପ୍ରଧାନ, ସୂର୍ଯ୍ୟମଣି ଦାସ, ଶେଷଦେବ ସ୍ୱାଇଁ, ଦିଲୀପ କୁମାର ଦଳବେହେରା, ଗୟାଧର ପରିଡ଼ା, କିଶୋର ଚନ୍ଦ୍ର ଦାସ, ହୁଲାସ ନାୟକ, ଗିରିଜାକାନ୍ତ ମହାପାତ୍ର ଓ ପାଣ୍ଡବ ସେଠୀ ପ୍ରମୁଖ ୧୨ ଜଣ ଉପସଭାପତି ଦାୟିତ୍ୱ ମିଳିଛି। ସେହିଭଳି ଜିଲାର ୬୦ ଜଣଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ତେବେ ଏହି ୨୦ ତାଲିକାରେ ଦୁଇ ଅବସର ପ୍ରାପ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ଙ୍କୁ ଦଳୀୟ ସଙ୍ଗଠନ ଦାୟିତ୍ୱ ମିଳିଛି। ଅବସରପ୍ରାପ୍ତ ପିଇଓ ଗଗନ ବିହାରୀ ମିଶ୍ର ଓ ପ୍ରକାଶ କୁମାର ଦାଶଙ୍କୁ ଜିଲା ବିଜେଡିର ସମ୍ପାଦକ ଦାୟିତ୍ୱରେ ରଖାଯାଇଛି। ସେହିପରି ୨୦ ଜଣଙ୍କୁ ସାଧାରଣ ସମ୍ପାଦକ, ୧୨ ଜଣ ସୋସିଆଲ ମିଡିଆ କୋଡିନେଟର, ନୟାଗଡ଼ ସମେତ ଖଣ୍ଡପଡା, ରଣପୁର, ଓଡଗାଁ, ଦଶପଲ୍ଲା ସହରାଞ୍ଚଳ ପାଇଁ ୫ ଜଣଙ୍କୁ ସଭାପତି ରଖାଯାଇଛି।

## ଲାଇବ୍ରେରୀ କମିଟିର ୩୧ ବିଧାୟକ ନୟାଗଡ଼ ଆସିବେ

ନୟାଗଡ଼ ଅଫିସ,୨୪।୫

ଗୁରୁବାର ନୟାଗଡ଼ ଗସ୍ତରେ ଆସିବେ ବିଧାନସଭା ଲାଇବ୍ରେରୀ କମିଟିର ୩୧ ବିଧାୟକ । କମିଟିର ଚେୟାରମ୍ୟାନ୍ ପ୍ରଫୁଲ ସାମଲଙ୍କ ନେତୃତ୍ୱରେ ଏହି ୩୧ ବିଧାୟକ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଲାଇବ୍ରେରୀ, ଜିଲା ଲାଇବ୍ରେରୀ, ଦାଶିଆ ଅଜା ଲାଇବ୍ରେରୀ ପରିଦର୍ଶନ କରିବାର ରହିଛି । ପୁଣି କୁଆଁରିଆ ଡ୍ୟାମ୍‌କୁ ବୁଲି ଯିବାର କାର୍ଯ୍ୟକ୍ରମ ରହିଛି ।

# ଜାଗାମିଶନ ଉପଦେଷ୍ଟାଙ୍କ ସମୀକ୍ଷା



ବସ୍ତି ଅଞ୍ଚଳରେ ଜାଗା ମିଶନ ସମ୍ପର୍କରେ ସମୀକ୍ଷା କରୁଛନ୍ତି ଉପଦେଷ୍ଟା।

ପୁରୁଷୋତ୍ତମପୁର,୨୪।୫(ଡି.ଏନ.ଏ.)

ରାଜ୍ୟ ଜାଗା ମିଶନର ଉପଦେଷ୍ଟା ସାଶ୍ୱତି ମିଶ୍ର ବୁଧବାର ପୁରୁଷୋତ୍ତମପୁର ଏନ୍‌ଏସି ଗସ୍ତରେ ଆସି କନକା ଓ କପିଳେଶ୍ୱର ବସ୍ତିକୁ ପରିଦର୍ଶନ କରି ଲୋକମାନେ କିପରି ରହୁଛନ୍ତି ତାହାର ସମୀକ୍ଷା କରିଛନ୍ତି। ରାଜ୍ୟ ସରକାର ଏନ୍‌ଏସିର ପ୍ରାୟ ୧୨୫ ଜଣ ଭୂମିହୀନଙ୍କୁ ଘରବାରି ପଟ୍ଟା ପ୍ରଦାନ କରିଛନ୍ତି। ଏହା ସହ ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ପାନୀୟ ଜଳ, ରାସ୍ତା, ଆଲୋକର ସୁବିଧା ଆଦି ଯୋଗାଇ ଦେଇଛନ୍ତି। ଏହାକୁ କିଭଳି କାର୍ଯ୍ୟକାରୀ ହୋଇଛି ସେଥିନେଇ ବୁଲି ଦେଖିବା ସହ ସରକାର ଯୋଜନା ମାନ ସମ୍ପର୍କରେ ସଚେତନତା କରିଥିଲେ। ଏହି ସମୟରେ ବହୁ ବ୍ୟକ୍ତି ପଟ୍ଟା ମିଳୁନଥିବାରୁ ବିଭିନ୍ନ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଥିଲେ। ଏହି ସମୟରେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଏନ୍‌ଏସି ଅଧକ୍ଷା ପ୍ରିୟଙ୍କା ଗୌଡ଼, ଉପାଧକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡା, ନଗର ବିଜେଡି ସଭାପତି ପ୍ରଭାତ କୁମାର ପଟ୍ଟନାୟକ, ଏମ୍‌ପି ପ୍ରତିନିଧି ପ୍ରେମାନନ୍ଦ ସାହୁ ଓ କାଉନସିଲର ଅଶୋକ କୁମାର ମହାଙ୍କୁଡ, ଭାସ୍କର ବେହେରା, ଗିରିଜା ବେହେରା, ଭବାନୀଶଙ୍କର ନାୟକ ଉପସ୍ଥିତ ଥିଲେ।

## ରାଜନୈତିକ ଶୋଭାଯାତ୍ରାରେ ସରକାରୀ କର୍ମଚାରୀ

ନୟାଗଡ଼ ଅଫିସ,୨୪।୫

ନୟାଗଡ଼ ଜିଲାର ଶାସକ ଦଳର ରାଲିରେ ଅନେକ ସରକାରୀ କର୍ମଚାରୀ ବୁଲୁଥିବା ନଜରକୁ ଆସୁଛି । ଏଭଳି ଘଟଣା ଥରେ ନୁହେଁ ଅନେକ ଥର ଘଟିବାରେ ଲାଗିଛି । ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଏନେଇ ସମାଲୋଚନା କଲେ କିଛି ସୁଫଳ ମିଳୁନି । କେତେଜଣ ସରକାରୀ କର୍ମଚାରୀ ଅଫିସକୁ ନ ଆସି ସଙ୍ଗଠନକୁ ବଢ଼ାଇବାରେ ଲାଗି ପଡିଛନ୍ତି । ଓଡଗାଁରେ ଶାସକ ଦଳର ରାଲିରେ ଓଡଗାଁ କଲେଜର ଜଣେ କର୍ମଚାରୀ ଦଳୀୟ ଉତ୍ତରୀୟ ପକାଇ ବୁଲିବା ପରେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି ।

# ୩୫୦ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି

## ଗୋପବନ୍ଧୁ ଆଇଟିଆଇ ମେଗା ନିଯୁକ୍ତି ମେଳା




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

କବିସୂର୍ଯ୍ୟନଗର,୨୪।୫(ଡି.ଏନ.ଏ.)

କବିସୂର୍ଯ୍ୟନଗର ନିକଟ ସିନ୍ଦୁରିଆପଡ଼ାସ୍ଥିତ ଗୋପବନ୍ଧୁ ଆଇଟିଆଇ ମେଗା ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଯୋଗ ଦେଇ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ କବିସୂର୍ଯ୍ୟନଗର ବ୍ଲକ ଅଧକ୍ଷା ଜ୍ୟୋର୍ତିମୟୀ ସ୍ୱାଇଁ, ସମ୍ମାନିତ ଅତିଥି ଲାୟନ୍ସ କ୍ଲବ ସଭାପତି ଇ. ମାହେଶ୍ୱରୀ ଦୋରା, ପ୍ରାକ୍ତନ କବିସୂର୍ଯ୍ୟନଗର ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମହାପାତ୍ର, ପରମାନନ୍ଦ ଖଣ୍ଡୁଆଳ ଯୋଗ ଦେଇଥିଲେ। ମଡେଲ କ୍ୟାରିଅର କାଉନସିଲର ସଞ୍ଜୀବ ମହାନ୍ତି ଓ ଜିତେନ୍ଦ୍ର ଉପାଧ୍ୟାୟ, ଫେନେଷ୍ଟା କମ୍ପାନୀର ରବିଶଙ୍କର, ଜିମେଟିକ୍ସ କମ୍ପାନୀର ଦାଦବ ବଗୁଇ, ମଦରସନ କମ୍ପାନୀର ବଳରାମ ପ୍ରଧାନ, ହୋଣ୍ଡା କମ୍ପାନୀର ସୁନୀଲ କୁମାର, ଜିଲ୍ଲୋସ୍କାର କମ୍ପାନୀର ଗୁରୁରାଜ, ଆପଲ୍ ମୋବାଇଲ କମ୍ପାନୀର ଅଭିଜିତ ବିଶ୍ୱାଳ ଆଦି ୧୦ଟି କମ୍ପାନୀର ଅଧିକାରୀ, ପ୍ରତିନିଧିଗଣ ଯୋଗଦେଇ ଛାତ୍ରୀଛାତ୍ରଙ୍କ ପରୀକ୍ଷା ନେଇଥିଲେ। ମୋଟ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ମଧ୍ୟରୁ ୩୫୦ଜଣଙ୍କୁ ମନୋନୀତ କରି ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ଏହାକୁ ସୁପରିଚାଳନା କରିଥିଲେ ଗୋପବନ୍ଧୁ ଆଇଟିଆଇର ପ୍ରତିଷ୍ଠାତା ତଥା ଅଧକ୍ଷ ଇଂ. ଦିଲ୍ଲୀପ କୁମାର ଖଣ୍ଡୁଆଳ। ଗଞ୍ଜାମ ଜିଲାର ବହୁ କୋଣଅନୁକୋଣରୁ ନିଯୁକ୍ତି ଲାଗି ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷାରେ ଭାଗ ନେଇଥିଲେ।

# ତାଳପାଟଣା ରାସ୍ତା ନିର୍ମାଣ ଦାବି

## ବିଭାଗୀୟ ଅଧିକାରୀଙ୍କ ଉତ୍ତରରେ ତାଳମେଳ ନାହିଁ



ଶୋଚନୀୟ ରାସ୍ତା।

ଧରାକୋଟ,୨୪।୫ (ଡି.ଏନ୍.ଏ):

ଧରାକୋଟ ଥାନା ଛକଠାରୁ ଜାତୀୟ ରାଜପଥ ୫୯ର ତାଳପାଟଣା ଛକକୁ ସଂଯୋଗ କରୁଥିବା ୧ କିମି ରାସ୍ତା ଦୀର୍ଘ ଦିନ ପୂର୍ବରୁ ଅବହେଳିତ ହୋଇରହିଛି। ସମ୍ପ୍ରତି ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ କିମ୍ବା ବ୍ଲକ ପ୍ରଶାସନ କେହି ମଧ୍ୟ ଏହି ରାସ୍ତା ନିର୍ମାଣ ପାଇଁ ଆଗଭର ହେଉନାହାନ୍ତି। ଧରାକୋଟ–ଜାନବିଲି ପୂର୍ତ୍ତ ବିଭାଗ ରାସ୍ତାର ଥାନା ଛକ ଠାରୁ ଜାତୀୟ ରାଜପଥ ୫୯ ର ତାଳପାଟଣା ଛକକୁ ସଂଯୋଗ କରୁଥିବା ୧ କିମି ରାସ୍ତା ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା । ଏହି ରାସ୍ତା ଦେଇ ଋଷିକୁଲ୍ୟା ନଦୀର ଉତ୍ତର ପାର୍ଶ୍ୱରେ ରହିଥିବା ଜାହାଡା, ଜଗମୋହନ, ସିଙ୍ଗିପୁର, ଝରପାରି ଓ ଝାଡ଼ବନ୍ଧ ପଞ୍ଚାୟତକୁ ସିଧା ସଂଯୋଗ ରହିଛି। ଅପରାଧ ନିୟନ୍ତ୍ରଣ, ଅଗ୍ନୀ ନିରାପତ୍ତା, ଉନ୍ନୟନ କାର୍ଯ୍ୟ ତଦାରଖ, ଖାଦ୍ୟ ସୁରକ୍ଷା ସାମଗ୍ରୀ ବଣ୍ଟନ, କୃଷି ଉତ୍ପାଦିତ ସାମଗ୍ରୀର ବିକ୍ରୀ ପାଇଁ ମଧ୍ୟ ଏହି ରାସ୍ତାର ଗୁରୁତ୍ୱ ରହିଛି। ଦଶ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ଏହି ରାସ୍ତାରେ ବ୍ଲକ ତରଫରୁ ମାଟି ମୁଠେ ପକାଯାଇ ନ ଥିବା ବେଳେ ଆବାସ କଲୋନୀ ନିକଟରେ ସୁରକ୍ଷା ପାଚେରି ନିର୍ମାଣ କରାଯାଇଛି। ଏଠାରେ ପ୍ରଶ୍ନ ରାସ୍ତା ନିର୍ମାଣ ପାଇଁ ବ୍ଲକ ପ୍ରଶାସନ ଆଗଭର ହେଉନଥିବା ବେଳେ ସୁରକ୍ଷା ପାଚେରି ନିର୍ମାଣ କଲା କାହିଁକି? ପୂର୍ତ୍ତ ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ ବେଳେ ଆମକୁ ରାସ୍ତା ହସ୍ତାନ୍ତର କଲେ ଆମେ ନିର୍ମାଣ କାର୍ଯ୍ୟ କରିବୁ ବୋଲି ପ୍ରକାଶ କରିଛନ୍ତି। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ ବେଳେ ସେତୁର ବଳକା ଅର୍ଥରେ ରାସ୍ତା ନିର୍ମାଣ ହୋଇଥିଲା ,କିନ୍ତୁ ଏହା ଆମର ରାସ୍ତା ନୁହଁ କିମ୍ବା ଆମକୁ ହସ୍ତାନ୍ତର ହୋଇନାହିଁ। ବ୍ଲକ ଅଧିକାରୀଙ୍କ ସହ ଯୋଗାଯୋଗ ବେଳେ ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ନିର୍ମାଣ ହୋଇଛି,ଏଣୁ ସେମାନେ ଏହାର ନିର୍ମାଣ କରିବା କଥା, କାରଣ ବ୍ଲକ ପାଖରେ ଏହି ରାସ୍ତା ନିର୍ମାଣ ପାଇଁ ଅନୁଦାନ ନାହିଁ ବୋଲି ପ୍ରକାଶ କରିଛନ୍ତି।

# ଶାଙ୍କୁଳାଇ ପୀଠରେ ଭାଜପାର ମିଶ୍ରଣ ପର୍ବ




ମିଶ୍ରଣ ପର୍ବରେ ଉପସ୍ଥିତ ନେତା ଓ କର୍ମୀ।

ବୁଗୁଡ଼ା,୨୪।୫(ଡି.ଏନ.ଏ.):

ବୁଗୁଡା ବ୍ଲକ ଅନ୍ତର୍ଗତ ଶାଙ୍କୁଳାଇ ପୀଠରେ ଭାଜପା ପକ୍ଷରୁ ବୁଧବାର ବାଲିପଦର ମଣ୍ଡଳସ୍ତରୀୟ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଘୁମୁସର ସାଙ୍ଗଠନିକ ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଲ୍ଲିକଙ୍କ ପୌରହିତ୍ୟରେ ମିଶ୍ରଣ ପର୍ବରେ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ମହେଶ ମହାନ୍ତି, ଜିଲା ସାଧାରଣ ସମ୍ପାଦକ ନୀଳମାଧବ ପାତ୍ର, ଯୁବମୋର୍ଚ୍ଚା ସଭାପତି ଦୀପକ କୁମାର ପ୍ରଧାନ, ଉପସଭାପତି ଅଯୋଧ୍ୟା ମହାପାତ୍ର, ବିନାୟକ ତ୍ରିପାଠୀ, ଭାବଗ୍ରାହୀ ମହାନ୍ତି, ସରପଞ୍ଚ ଦିଲ୍ଲୀପ ପ୍ରଧାନ, ସଂଯୋଜକ ହରିକୃଷ୍ଣ ସାହୁ, ସସ୍ମିତା ପାତ୍ର, ଭଗବାନ ଜେନା, ନଟବର ଜେନା, ହରପ୍ରସାଦ ଦାଶ, ସୂର୍ଯ୍ୟନାରାୟଣ ମହାନ୍ତି, କୃଷ୍ଣ ଚନ୍ଦ୍ର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପ୍ରାକ୍ତନ ଅନ୍ତରପଡା ସରପଞ୍ଚ ସନ୍ତୋଷ ଭୋଳ ଓ ଶାନ୍ତନୁ କୁମାର ନାୟକ, ପ୍ରାକ୍ତନ ଜିଲା ପରିଷଦ ସଦସ୍ୟ ଅଶୋକ କୁମାର ସେଠୀ ଓ ରାଜଲକ୍ଷ୍ମୀ ଭୋଳ, ପୂର୍ବତନ ସମିତି ସଭ୍ୟ ମହେନ୍ଦ୍ର ପଣ୍ଡା, ବିଜୟ ପ୍ରଧାନ ଓ ଉତ୍ତମ ଭୂୟାଁ, ପ୍ରାକ୍ତନ ନାଏବ ସରପଞ୍ଚ ଅଭିମନ୍ୟୁ ରାଉତ ଓ ସମବାୟ ସମିତି ସଭାପତି ରାମଚନ୍ଦ୍ର ଗୌଡ ପ୍ରମୁଖ ସମର୍ଥକମାନଙ୍କ ସହ ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଥିଲେ।

# ବିଦ୍ୟୁତ୍ କାଟ୍ ପ୍ରତିବାଦରେ ହେମେନ୍ଦ୍ର ସେନାର ବିକ୍ଷୋଭ

**ନୟାଗଡ଼ ଅଫିସ,୨୪।୫**

ପ୍ରଚଣ୍ଡ ରୌଦ୍ରତାପ ସମୟରେ ନୟାଗଡ଼ ଜିଲ୍ଲା ସଦର ମହକୁମା ସମେତ ଜିଲାରେ ଅଘୋଷିତ ବିଦ୍ୟୁତ୍ କାଟର ପ୍ରତିବାଦ କରିଛି ନୟାଗଡ଼ର ହେମେନ୍ଦ୍ର ସେନା। ଅଘୋଷିତ ବିଦ୍ୟୁତ୍ କାଟ ସମେତ ୭ ଦଫା ଦାବି ପୂରଣ ପାଇଁ ହେମେନ୍ଦ୍ର ସେନା ଟିପିସିଓଡିଏଲର ନୟାଗଡ଼ ନିର୍ବାହୀଯନ୍ତ୍ରୀଙ୍କୁ ଘେରି ୭ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରି ଏହାର ସମାଧାନ ପାଇଁ ଦାବି କରିଛି। ଏହି ଅବସରରେ ନୟାଗଡ଼ ରାଜବାଟି ଠାରୁ ଏକ ଶୋଭାଯାତ୍ରା ନୟାଗଡ଼ ସହର ପରିକ୍ରମା କରି ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲା। ଏଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ହେମେନ୍ଦ୍ର ସେନାର ସଭାପତି ସୌମ୍ୟ ରଞ୍ଜନ ପ୍ରଧାନ, ସମ୍ପାଦକ ଶେଖ ଅବଦୁଲ ଆହାଦ, ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, କୃଷକ ନେତା ସନ୍ତୋଷ ପ୍ରଧାନ, ହେମେନ୍ଦ୍ର ସେନାର ପ୍ରତିଷ୍ଠାତା ରାଜକୁମାର ଆର୍ଯ୍ୟରାଜ କିଶୋର ସିଂ ପ୍ରମୁଖ ଯୋଗ ଦେଇ ସରକାରଙ୍କୁ ସମାଲୋଚନା କରିଥିଲେ। ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ କରିବା, ଡିଜିଟାଲ ମିଟର ବସାଇବା ଆଳରେ ଉପଭୋକ୍ତାଙ୍କୁ ହଇରାଣ ନ କରିବା, ଭୂତଳ ବିଦ୍ୟୁତ୍ କେବୁଲ ନୟାଗଡ଼ ସହରରେ ଲଗାଇବା ଦାବି କରିଥିଲେ।ସେହିପରି ଜିଲାର ବିଦ୍ୟୁତ୍ ଉପଭୋକ୍ତା ଅଭିଯୋଗ କରିବା ପାଇଁ ସ୍ୱତନ୍ତ୍ର ଟେଲିଫୋନ ବ୍ୟବସ୍ଥା, ନୟାଗଡରେ ଆଉ ଏକ ଗ୍ରୀଡ ସ୍ଥାପନ, ସହରାଞ୍ଚଳ ନିମନ୍ତେ ସ୍ୱତନ୍ତ୍ର ସବ୍‌ଷ୍ଟେଶନର ସୁବିଧା, ମନଇଚ୍ଛା ବିଦ୍ୟୁତ୍ ଚାର୍ଜ ବନ୍ଦ କରିବା ସହ ଫାଇନ ଆଳରେ ଉପଭୋକ୍ତାଙ୍କୁ ହଇରାଣ ନ କରିବା ପାଇଁ ଅନୁରୂପ ଦାବି କରାଯାଇଥିଲା।



ହେମେନ୍ଦ୍ର ସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ପିଇଓଙ୍କ ବିରୋଧରେ ବିଡିଓଙ୍କୁ ଦାବିପତ୍ର



ବିଡିଓଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ୱାର୍ଡ ମେମ୍ବର।

**ଦଶପଲ୍ଲା,୨୪।୫(ଡି.ଏନ୍.ଏ.)**

ଆର୍ଥିକ ଅନିୟମିତତା ଏବଂ ଅନ୍ୟାନ୍ୟ ସମସ୍ୟା ନେଇ ଦଶପଲ୍ଲା ବ୍ଲକ ଚଡେୟାପଲ୍ଲୀ ଗ୍ରାମ ପଞ୍ଚାୟତର କେତେଜଣ ୱାର୍ଡ ମେମ୍ବର ବୁଧବାର ଦଶପଲ୍ଲା ଆସି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ବିଡିଓଙ୍କ ଅନୁପସ୍ଥିତିରେ ସେମାନେ ତାଙ୍କର ଏକ ଦାବିପତ୍ର ଏବିଡିଓଙ୍କୁ ପ୍ରଦାନ କରିବା ସହ ଯଦି ବ୍ଲକ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ଜିଲାପାଳ ଏବଂ ୫-ଟି ସଚିବଙ୍କ ନିକଟକୁ ଯିବେ ବୋଲି କଡା ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ , ଚଡେୟାପଲ୍ଲୀ ଗ୍ରାମ ପଞ୍ଚାୟତରେ କାର୍ଯ୍ୟରତ ଗ୍ରାମପଞ୍ଚାୟତ ଅଧିକାରୀ ସମ୍ପୃକ୍ତ ୱାର୍ଡ ମେମ୍ବରମାନଙ୍କୁ ନ ଜଣାଇ ବିଭିନ୍ନ କାମ କରୁଛନ୍ତି। ଏପରି କି ଗ୍ରାମସଭାକୁ ଆଶା, ଅଙ୍ଗନୱାଡି କର୍ମୀ, ୱାର୍ଡ ମେମ୍ବରମାନଙ୍କୁ ନ ଡାକି କୋରମ ନ ଥାଇ ମିଟିଂ କରି ବିଭିନ୍ନ କାମ କରୁଛନ୍ତି। ତେଣୁ ତାଙ୍କର ବଦଳି ଦାବି କରାଯାଇଛି। ଏତଦବ୍ୟତୀତ ୨୦୧୭ରୁ ୨୦୨୧ମଧ୍ୟରେ କେତେଟଙ୍କା ଅନୁଦାନ ଆସିଛି ଏବଂ କିଭଳି ଖର୍ଚ୍ଚ ହୋଇଛି ସେ ସମ୍ପର୍କରେ ମଧ୍ୟ ଅବଗତ କରାଯାଉ ନାହିଁ। ଏବିଡିଓ ଏ ସବୁ ବିଷୟ ଅନୁଧ୍ୟାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ରଶ୍ମିତା ପରିଛା, ରବିନ୍ଦ୍ର ମଳିକ, ସୁରେନ୍ଦ୍ର ମଳିକ, ଅମିତା ଜାନୀ ପ୍ରମୁଖ ୱାର୍ଡ ମେମ୍ବର ଗଣମାଧ୍ୟମକୁ ଜଣାଇଛନ୍ତି।

## ସୁଭଦ୍ରାଙ୍କ ଦାରୁ ସ୍ଥଳରେ ବିଶ୍ୱଶାନ୍ତି ମହାଯଜ୍ଞ

**ଖଣ୍ଡପଡ଼ା,୨୪।୫(ସ୍ୱ.ପ୍ର.)**

ବୁଧବାର ନୀଳମାଧବଙ୍କ ପାର୍ଶ୍ୱ ଠାକୁର ଶ୍ରୀଜଗନ୍ନାଥଙ୍କ ଦାରୁପୀଠ ବଳରାମ ପ୍ରସାଦଠାରେ ୮ମ ବାର୍ଷିକ ଉତ୍ସବ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇ ଯାଇଛି। ବଳରାମପ୍ରସାଦ ସଡ଼କ ନୂଆସାହି ଆନୁକୂଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଙ୍ଗଳବାର ଅଧିବାସ ଅନୁଷ୍ଠିତ ହୋଇଥିଲା। ସେହିପରି ନୀଳମାଧବଙ୍କ ପାର୍ଶ୍ୱ ଠାକୁର ମା'ସୁଭଦ୍ରାଙ୍କ ଦାରୁ ସ୍ଥଳ ବେଣାଗାଡିଆଠାରେ ୮ମ ବାର୍ଷିକ ଉତ୍ସବ ରବିବାର, ସୋମବାର ପାଳିତ ହୋଇଯାଇଛି। ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ବିଶ୍ୱଶାନ୍ତି ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। କୁଆଁରିଆ ନଦୀରୁ ମହିଳା,ପୁରୁଷ କଳସ ଶୋଭାଯାତ୍ରାରେ ଜଳ ଆଣି ଯଜ୍ଞସ୍ଥଳରେ ସ୍ଥାପନ ପରେ ସୂର୍ଯ୍ୟପୂଜା, ମଣ୍ଡଳ ପୂଜା ଅନୁଷ୍ଠିତ ହୋଇ ଯଜ୍ଞ ଆରମ୍ଭ ହୋଇଥିଲା। ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ଦୁଷ୍ମନ୍ତ କୁମାର ସ୍ୱାଇଁ ସପତ୍ନୀକ କାର୍ଯ୍ୟ ସମ୍ପାଦନ କରିଥିଲେ। ପୁରୋଧା ଭାବେ ପ୍ରଶାନ୍ତ ପଣ୍ଡା ହୋମ କାର୍ଯ୍ୟ ପରିଚାଳନା କରିଥିଲେ। ଏ ଅବସରରେ ଭୁବନେଶ୍ୱରର ସୌରଭ ନାୟକ ଓ ତାଙ୍କ ସାଥିଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା।

# ଭାପୁରରେ ଖୋଲିବ ଉପ-ନିବନ୍ଧକ କାର୍ଯ୍ୟାଳୟ

**ଭାପୁର,୨୪।୫(ଡି.ଏନ.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ ସଦରମହକୁମାରେ ଉପ-ନିବନ୍ଧକ କାର୍ଯ୍ୟାଳୟ ଖୋଲିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଏହି କାର୍ଯ୍ୟାଳୟ ଭାପୁର ତହସିଲ ଅଫିସ ପରିସରରେ ଖୋଲାଯିବ ଏବଂ ଏହାର ଯୁଗ୍ମ ଦାୟିତ୍ୱ ତହସିଲଦାର ଲଗ୍ନଜିତ୍ ବେହେରା ନିର୍ବାହ କରିବେ ବୋଲି ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେଶନ ଜ୍ୟୋତି ପ୍ରକାଶ ଦାଶ, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ନୟାଗଡ଼ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପତ୍ର ସଂଖ୍ୟା ୨୧୪୯ରେ ଅବଗତ କରାଯାଇଛି। ଏହି ଉପ-ନିବନ୍ଧକ କାର୍ଯ୍ୟାଳୟ ଅଧୀନରେ ୧୧୯ଟି ରାଜସ୍ୱ ଗ୍ରାମ ରହିବ। ସମ୍ପୃକ୍ତ ଗ୍ରାମର ଜନସାଧାରଣ ଏହିଠାରେ ଜମି କିଣାବିକା କରିପାରିବେ। ପୂର୍ବରୁ ଭାପୁର ବ୍ଲକର ଜନସାଧାରଣ ଖଣ୍ଡପଡ଼ାଠାରେ ଥିବା ଉପ-ନିବନ୍ଧକ କାର୍ଯ୍ୟାଳୟକୁ ଜମି କବଲା ପାଇଁ ଯାଉଥିଲେ। ଫଳରେ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଭାପୁର ବ୍ଲକର ଲକ୍ଷାଧିକ ଜନସାଧାରଣଙ୍କ ସମସ୍ୟାକୁ ଅନୁଧ୍ୟାନ କରି ରାଜ୍ୟ ସରକାର ଭାପୁରଠାରେ କାର୍ଯ୍ୟାଳୟ ଖୋଲିବା ପାଇଁ ନିଷ୍ପତ୍ତି ନେଇଥିଲେ। ପରବର୍ତ୍ତୀ ସମୟରେ ଭାପୁର ବ୍ଲକରେ ଉପ-ନିବନ୍ଧକ କାର୍ଯ୍ୟାଳୟ ହୋଇ ନ ଥିଲା। ଏହାକୁ କେନ୍ଦ୍ର କରି ଭାପୁର କ୍ରିୟାନୁଷ୍ଠାନ କମିଟି ତଥା ବିଭିନ୍ନ ଗଣମାଧ୍ୟମ ଏହାର ତ୍ରୀବ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏନେଇ ସ୍ଥାନୀୟ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଓ ରାଜ୍ୟ ବରିଷ୍ଠ ନାଗରିକ ସଂଘ ସାଧାରଣ ସମ୍ପାଦକ ଯୁଗଳ କିଶୋର ସାହୁ ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେଶନ ଏବଂ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଏ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଶେଷରେ ଜନସାଧାରଣଙ୍କ ସମୂହ ସମର୍ଥକୁ ଗୁରୁତ୍ୱ ଦେଇ ରାଜସ୍ୱ ବିଭାଗ ଭାପୁରଠାରେ କାର୍ଯ୍ୟାଳୟ ଖୋଲିବା ପାଇଁ ଆନୁସଙ୍ଗିକ ପଦକ୍ଷେପ ଗ୍ରହଣ କରିଥିବାରୁ ଭାପୁର ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

## ୪ ତୋରଣ ଉଦ୍‌ଘାଟିତ,ଏନ୍‌ଏସି କାର୍ଯ୍ୟାଳୟର ଶିଳାନ୍ୟାସ

**ଖଣ୍ଡପଡ଼ା,୨୪।୫(ସ୍ୱ.ପ୍ର.):** ଖଣ୍ଡପଡ଼ା ଏନ୍‌ଏସି ପକ୍ଷରୁ ସହରର ୪ ପ୍ରବେଶ ପଥରେ ନିର୍ମାଣ ହୋଇଥିବା ନୂତନ ତୋରଣର ଉଦ୍‌ଘାଟନ ଉତ୍ସବ ସହିତ ପୂର୍ତ୍ତବିଭାଗ ପରିଦର୍ଶନ ବଙ୍ଗଳା ସମ୍ମୁଖରେ ଏନ୍‌ଏସି କାର୍ଯ୍ୟାଳୟର ନୂତନ କୋଠା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ନୂତନ କୋଠା ନିର୍ମାଣ ପାଇଁ ୩.୫ କୋଟି ଟଙ୍କାର ଅନୁଦାନ ରାଶି ମଞ୍ଜୁର ହୋଇଛି। ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷା ଆରତୀ ପ୍ରଧାନ, ନୟାଗଡ଼ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଏନ୍‌ଏସିର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ତହସିଲଦାର ଲକ୍ଷ୍ମୀକାନ୍ତ ମଲ୍ଲିକ ଓ କାଉନ୍‌ସିଲରମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆସନ୍ତା ୧ବର୍ଷ ମଧ୍ୟରେ କୋଠା ନିର୍ମାଣ କାମ ଶେଷ ହେବ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ବିଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ବିଧାନ ଚନ୍ଦ୍ର ପ୍ରଧାନ ସଂଯୋଜନା କରିଥିଲେ।

**PARADIP PORT AUTHORITY**
**e-TENDER CALL NOTICE**
No.: CE/HW-II-W-23/22/117 Date: 22.05.2023
**Name of the Work:** Repair and renovation of drain and retaining wall inside the harbour area. Estimated cost: **Rs. 1,25,57,640.26.** Last Date & time of submission: **12.06.2023 upto 17:15 Hrs.**
Refer our Website for details: eprocure.gov.in/eprocure/app
Sd/-Executive Engineer
Harbour Works Division No.-II
Paradip Port Authority
PPA/PR/15/2023-24 dtd.24.05.2023

# କେକ୍ କାଟି ଶୁଭସ୍ମିତ୍ରାଙ୍କୁ ଶୁଭେଚ୍ଛା ଜଣାଇଲେ ଜିଲାପାଳ



**ନୟାଗଡ଼ ଅଫିସ,୨୪।୫:** ନୟାଗଡ଼ର ଡେପୁଟି କଲେକ୍ଟର ଶୁଭସ୍ମିତ୍ରା ସେଠୀ ଆଇଏଏସ ପାଇବା ପରେ ଶୁଭେଚ୍ଛାର ସୁଅ ଛୁଟିଛି। ଜିଲାପାଳ ରବୀନ୍ଦ୍ର ନାଥ ସାହୁ ବୁଧବାର କେକ୍ କାଟି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଜିଲାର ସମସ୍ତ ତହସିଲଦାର, ନୟାଗଡ଼ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସ୍ୱାତି ମିଶ୍ର ପ୍ରମୁଖ ଯୋଗ ଦେଇ ଅନୁରୂପ ଭାବେ ଅଭିନନ୍ଦନ ଜଣାଇଥିଲେ। ସୂଚନାଯୋଗ୍ୟ, ନୟାଗଡ଼ର ଡେପୁଟି କଲେକ୍ଟର ଶୁଭସ୍ମିତ୍ରାଙ୍କ ଘର କେନ୍ଦ୍ରାପଡ଼ା ଜିଲାର ଡେରାବିଶରେ ହୋଇଥିବାବେଳେ ସେ ଭୁବନେଶ୍ୱରରେ ରହୁଛନ୍ତି। ୨୦୧୮ରେ ସେ ଓଏଏସ୍ ପାଇବା ପରେ ୨୦୨୦ରେ ଟ୍ରେନିଂ ନେଇ ୨୦୨୧ରେ ପ୍ରଥମେ ନୟାଗଡ଼ ଡେପୁଟି କଲେକ୍ଟର ଭାବେ ନିଯୁକ୍ତି ପାଇଥିଲେ। ଏବେ ସୁଦ୍ଧା ସେ ନିଜ ଦାୟିତ୍ୱରେ ଅଛନ୍ତି।

# ପୋଖରୀରୁ ପାଣି କଟାଗଲା, କାମ ହେଲାନାହିଁ

**ଦଶପଲ୍ଲା,୨୪।୫(ଡି.ଏନ୍.ଏ.)**

## ପାଣି ପାଇଁ ହାହାକାର

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ତେଣ୍ଡାବାଡି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବରସାହି ଗ୍ରାମ ପୋଖରୀରେ ପାଣି ନାହିଁ। ଫଳରେ ସ୍ଥାନୀୟ ଲୋକେ ଓ ଗୃହପାଳିତ ପଶୁ ପାଣି ଟେପାଏ ପାଇଁ ହଇରାଣ ହେଉଛନ୍ତି। ଗତ ଦୁଇବର୍ଷ ତଳେ ଉକ୍ତ ପୋଖରୀର ଖନନ ଓ ଉନ୍ନତିକରଣ ନିମନ୍ତେ ପାଣି କଟା ଯାଇଥିଲା। ହେଲେ ଅଦ୍ୟାବଧି ପୋଖରୀ କାମ ନ ହେବାରୁ ବରସାହି ଗ୍ରାମର ପ୍ରାୟ ୩୫ ଆଦିବାସୀ ପରିବାରର ପ୍ରାୟ ୨ ସଦସ୍ୟ ଦୁର୍ଦ୍ଦଶା ଭୋଗୁଛନ୍ତି। ସେହିପରି ଶତାଧିକ ଗୃହପାଳିତ ପଶୁ ପାଣି ଟେପାଏ ପାଉ ନାହାନ୍ତି। ଗ୍ରାମରେ ପାନୀୟ ଜଳ ସକାଶେ କୌଣସି ନଳକୂପ ନାହିଁ। ଗ୍ରାମବାସୀ ମୁଦାଏ ପାନୀୟ ଜଳ ପାଇଁ ପାଖ ଗାଁକୁ ଯାଉଛନ୍ତି। ଏହି ସମସ୍ୟା ବିଷୟରେ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ଗ୍ରାମରେ ଥିବା ଶତାଧିକ ଗୃହପାଳିତ ପଶୁ ପାଣି ପାଇଁ ପ୍ରାୟ ୨ କିଲୋମିଟର ଦୂର ଜଡାକଣ ଜଙ୍ଗଲ ନାଳକୁ ଯାଉଛନ୍ତି। ବ୍ଲକ କର୍ତ୍ତୃପକ୍ଷ ଏ ସଂକ୍ରାନ୍ତରେ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଶୁଖିଲା ପୋଖରୀ।

**idco** Your power to grow ISO 9001 & 14001 Corporation | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C), IDCO**
**IDCO TOWERS, JANPATH, BHUBANESWAR-751022**
Tender Call Notice No.IDCO/H.O./P&C/EST/E-2312/01/2023/
No.CAD-692: 16027, Dated: 22.05.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**
1. Name of the Work: Comprehensive up-gradation of Khapuria Industrial Estate,Cuttack, Odisha.
2. Estimated Cost: Rs.670.46 Lakhs.
3. Period of Completion : 04 (Four) Calendar Months.
4. Other details:

| Procurement Officer | Bid ID/Tender Reference No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/ Tender Reference No. P&C/EST/E-29/ 2023-24 | 30.05.2023 at 17.00 Hrs. | 16.06.2023 upto 17.00 Hrs. |

Further details can be seen from the e-procurement portal www.tendersodisha.gov.in. and Corrigendum if any will not be published in newspapers and can only be seen in the e-procurement portal www.tendersodisha.gov.in and www.idco.in.
Sd./- Chief General Manager (P&C),IDCO, Bhubaneswar
OIPR-14003/11/0053/2324

**ODISHA STATE AGRICULTURAL MARKETING BOARD**
Plot No.1800 (P), Baramunda, Post-Khandagiri, Near Indian Oil Petrol Pump, Bhubaneswar
Ph. No.0674-2952416, Fax: 0674-2952410,
Email: osamboard99@yahoo.com, Website: osamboard.org

**EXPRESSION OF INTEREST**
**No. 04 / Engg. – 67 / 2022** **Dated 23.05.2023**
No. CAD-693: Expression of Interest (EoI) in sealed covers are invited for "Empanelment of Agencies for Establishment and Management of Integrated Pack Houses". The detailed terms and conditions can be obtained from **https://osamb.odisha.gov.in** from **25.05.2023 to 16.06.2023. The cost of the EoI document is Rs.10, 000.00 + 18 % GST**. The EoI Documents / Tender Papers can be downloaded from the website as mentioned above. The applications duly filled in the appropriate format along with the Demand Draft for **Rs.10,000.00 + 18% GST** drawn in favour of the **OSAM Board, Bhubaneswar** and payable at any Nationalized Bank in Bhubaneswar should reach the Office of the undersigned on or before **5.00 P.M. of 16.06.2023**. The EoI Documents / Tender Papers can be submitted by Registered Post / through Courier or in person. Bids received after the due time will be rejected. The cost of the bid documents is non refundable.
The bid documents will be opened on **17.06.2023 at 11:00 A.M.** in presence of the bidders or their authorized representatives. The undersigned reserves the right to reject any or all the tenders without assigning any reason thereof.
Sd./- General Manager
OSAM Board, Bhubaneswar
OIPR-01444/11/0004/2324

**झारखण्ड स्टेट फॉरेस्ट डेवलपमेंट कॉरपोरेशन लिमिटेड**
(झारखण्ड सरकार का उपक्रम)
का0: अपर प्रधान मुख्य वन संरक्षक–सह–प्रबन्ध निदेशक,
झारखण्ड राज्य वन विकास निगम लि0,455/A, रोड नं0–5, अशोक नगर, राँची
E-mail – md_jsfdc@yahoo.co.in / mdjsfdc@gmail.com Mob. No. – 7033594477 / 9304727852

ई–निविदा सूचना संख्या ल0 व0 प0 प0 (के0 प0)–06 / 2023
वर्ष 2023 मौसम में झारखण्ड राज्य में संग्रहित होनेवाली केन्दू पत्ती की अग्रिम बिक्री हेतु ई–निविदा
अतिअल्पकालीन ई–निविदा सूचना

विगत वर्ष की भांति वर्ष 2023 मौसम में झारखण्ड में संग्रहित होने वाली केन्दू पत्ती की प्रचयवार "शुद्ध एक मुश्त राशि" के आधार पर अग्रिम बिक्री हेतु ऑनलाईन ई–निविदायें आमंत्रित की जाती हैं। निविदायें वेब पोर्टल www.jharkhandtenders.gov.in पर ऑनलाईन निम्न विवरण के अनुसार प्राप्त की जायेंगी।

| निविदा चक्र (निविदा रेफरेन्स सं0) | समय | निविदा अभिलेख डाउनलोड एवं समर्पण की तिथि | निविदा खोलने की तिथि |
|---|---|---|---|
| सोलहवाँ चक्र (KL/16/2023) | प्रारम्भ 11.00 बजे पूर्वा0 अन्त 5.00 बजे अप0 | 29.05.2023 30.05.2023 | 31.05.2023 |

क्रेता पंजीकरण पत्र, निविदा शुल्क, सत्यंकर राशि, निविदाकार का करारनामा, आयकर विभाग द्वारा निर्गत PAN की अभिप्रमाणित प्रति, पिछले तीन लेखा वर्षो के आयकर रिटर्न की अभिप्रमाणित प्रतियाँ, GST निबंधन संख्या के प्रमाण–पत्र की अभिप्रमाणित प्रति, विगत् लेखा वर्ष के GST रिटर्न की प्रति तथा अपलोड किये गये अन्य दस्तावेजों की एक–एक प्रति निविदादाता निविदा खुलने की तिथि के एक दिन पूर्व (11.00 बजे पूर्वाहन्) तक प्रमण्डलीय प्रबन्धक के कार्यालय में जमा करेंगे। समस्त इच्छुक निविदाकारों को ऑनलाईन निविदा भरने हेतु Digital Signature Certificate प्राप्त करना अनिवार्य है।
विस्तृत जानकारी यथा निविदा प्रपत्र, लॉट सूची, निविदाकार का करारनामा, निविदा से संबंधित शर्तें एवं बंधेज आदि वेब साईट www.jharkhandtenders.gov.in पर देखा जा सकता है। ऑनलाईन निविदा समर्पित करने के पूर्व निविदा प्रक्रिया की पूर्ण जानकारी प्राप्त कर लें। अधिक जानकारी के लिये वन निगम के प्रमण्डलीय/अंचलीय कार्यालयों से तथा वन निगम मुख्यालय के निम्न पदाधिकारी/कर्मी से भी सम्पर्क कर सकते हैं :–
(1) उप निदेशक (मुख्यालय), राँची, 8789362839
(2) श्री प्रसून कुमार, FPI, राँची, 7909091131
(3) श्री ब्रायन माईल्स, राँची, 9153989368
ह0/–
अपर प्रधान मुख्य वन संरक्षक–सह–प्रबन्ध निदेशक,
झारखण्ड राज्य वन विकास निगम लि0,राँची
PR 298219 Jharkhand State Forest Development Corp Ltd(23-24).D

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ – ୮, ଭୁବନେଶ୍ୱର – ୭୫୧୦୧୨
ସଂଖ୍ୟା: ୮୨୨୩ IND-II-PH-1155 ତାରିଖ: ୨୪।୦୫।୨୦୨୩

**ବିଜ୍ଞାପନ**

No. CAD-703: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ ଓଡ଼ିଶାର ଅନୁଗୁଳ ଜିଲ୍ଲା, ତାଳଚେର ସଦର ତହସିଲ ଅନ୍ତର୍ଗତ ନକେଇପସି, ନୀଳାଦ୍ରିପୁର, ସତ୍ୟବାଦୀପୁର, କିଶୋରଚନ୍ଦ୍ରପୁର, ସରାଙ୍ଗ, ତିଳେଇପସି, ଖଜୁରିଆ, ପ୍ରସନ୍ନନଗର, ସୋଲଡ଼ା, ଉଆଁରା, ବିଦ୍ୟମାନ, ନକେଇପସି, ଲଛମନପୁର, ପଦ୍ମାବତୀପୁର, ଦଶରଥିପୁର, ଅନନ୍ତବେରାଣୀ, ବୈଦେଶ୍ୱର, ଜମ୍ବୁବାହାଲି ଗ୍ରାମରେ ସ୍ଥିତ ଭରତପୁର ଖୋଲା କୋଇଲା ଖଣି ଲିଜ୍ ଅଞ୍ଚଳକୁ ଅତିରିକ୍ତ ୯୨୭.୪୨ ହେକ୍ଟରରୁ ୧୫୫୬.୯୪ ହେକ୍ଟରକୁ ସମ୍ପ୍ରସାରିତ କରି ବିଦ୍ୟମାନ ବାର୍ଷିକ ଉତ୍ପାଦନ କ୍ଷମତା ୨୦ ମିଲିୟନ ଟନ୍‌ର ବୃଦ୍ଧି କରିବା ନିମନ୍ତେ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC, Govt. of India) ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।
ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:
(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ-ପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।
ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୨୮।୦୬।୨୦୨୩ରିଖ ଦିବା ୧୧.୦୦ ଘଟିକା ସମୟରେ ଅନୁଗୁଳ ଜିଲ୍ଲା, ଦକ୍ଷିଣ ବଳନ୍ଦା ତାଳଚେର, ଜଗନ୍ନାଥ କଲୋନୀସ୍ଥିତ ଜଗନ୍ନାଥ କଳାକେନ୍ଦ୍ରଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ।
ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।
୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୁଳ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ଅନୁଗୁଳ।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ଅନୁଗୁଳ।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର – ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଅନୁଗୁଳ।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।
ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ **www.ospcboard.org**ରୁ ମଧ ମିଳିପାରିବ।
ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ଅନୁଗୁଳସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।
ସ୍ୱା./– ସଦସ୍ୟ ସଚିବ
OSPCB-PH-MISC-0044-2023/3/2023
OIPR-08012/11/0024/2324



ମେକ୍ସିକୋର ପୁଏବ୍ଲାସ୍ଥିତ ପୋପୋକାଟେପେଟଲ ଆଗ୍ନେୟଗିରିରୁ ଲାଭା ଉଦ୍‌ଗିରଣର ଦୃଶ୍ୟ।



ଶ୍ରୀନଗର ଡାଲ୍ ହ୍ରଦ କୂଳସ୍ଥିତ ନିଶାତ୍ ଗାର୍ଡେନରେ ଫଟୋ ପାଇଁ ପୋଜ୍ ଦେଉଛନ୍ତି ଜଣେ ଜି୨୦ ପ୍ରତିନିଧି।

## ସଂକ୍ଷେପରେ

### ମଣିପୁରରେ ସାନି ହିଂସା: ମୃତ୍ୟୁସଂଖ୍ୟା ୭୧

**ଗୁଆହାଟୀ,୨୪।୫:** ମଣିପୁରରେ ମେଇତି ସମ୍ପ୍ରଦାୟକୁ ତଫସିଲଭୁକ୍ତ ଜାତି (ଏସ୍‌ସି) ବର୍ଗରେ ସାମିଲ କରାଯିବା ନେଇ ହାଇକୋର୍ଟଙ୍କ ରାୟ ଆସିବା ପରଠୁ ଏହି ଉତ୍ତରପୂର୍ବ ରାଜ୍ୟରେ ହିଂସା ଥମିବାର ନାଁ ନେଉନାହିଁ। ମେ’ ୩ରୁ ଚାଲିଥିବା ସଂଘର୍ଷରେ ଅଦ୍ୟାବଧି ୭୧ ଜଣଙ୍କ ମୃତ୍ୟୁ ଘଟିଲାଣି। ବୁଧବାର ପାର୍ବତ୍ୟ ଜିଲା ଚୂରଚନ୍ଦନପୁର ସଂଲଗ୍ନ ବିଶେନପୁରରେ ପୁଣି ହିଂସା ଘଟିଛି। ସେନା ଓ ଅର୍ଦ୍ଧସାମରିକ ବଳ ଯବାନମାନେ କୁକି ଉଗ୍ରପନ୍ଥୀଙ୍କୁ ଦମନ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଦର୍ଶାଇ ଉପଦ୍ରବୀମାନେ କେତେଜଣଙ୍କ ଘରେ ନିଆଁ ଲଗାଇଦେଇଛନ୍ତି। ମୋଇରାଙ୍ଗ ରିଲିଫ୍ କ୍ୟାମ୍ପରେ ରହୁଥିବା ତୋଇଜାମ ଚନ୍ଦ୍ରମଣି ଗୁଳିମାଡ଼ର ଶିକାରହୋଇ ପ୍ରାଣ ହରାଇଛନ୍ତି। ସମ୍ପ୍ରଦାୟ ନେତାମାନଙ୍କୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୈଠକ ଡାକନ୍ତୁ ବୋଲି କଂଗ୍ରେସ ପକ୍ଷରୁ ଦାବି କରାଯାଇଛି।

### ହୃଦ୍‌ଘାତରେ ଅଭିନେତା ନୀତେଶଙ୍କ ପରଲୋକ

**ନୂଆଦିଲ୍ଲୀ,୨୪।୫:** ଜଣାଶୁଣା ଟେଲିଭିଜନ ଅଭିନେତା ନୀତେଶ ପାଣ୍ଡେ(୫୧)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଧାରାବାହିକ ‘ଅନୁପମା’ରେ ଧୀରଜ କପୁର



ଚରିତ୍ରରେ ଅଭିନୟ କରୁଥିଲେ। ରିପୋର୍ଟ ମୁତାବକ ମହାରାଷ୍ଟ୍ର ନାଶିକ୍‌ର ଇଗାଟପୁରୀର ଏକ ହୋଟେଲରେ ତାଙ୍କର ମୃତ୍ୟୁ ଘଟିଛି। ସ୍ଥାନୀୟ ପୋଲିସ ସେଠାରେ ପହଞ୍ଚି ନୀତେଶଙ୍କ ମୃତଦେହ ଜବତ କରିବା ସହ ହୋଟେଲ କର୍ମଚାରୀଙ୍କୁ ପଚରାଉଚରା କରିଛି। ତେବେ ନୀତେଶ ଟେଲିଭିଜନ ଦୁନିଆରେ ବେଶ୍ ପ୍ରସିଦ୍ଧ କଳାକାର ଥିଲେ। ସେ ୯୦ ଦଶକରେ ଥିଏଟର ଅଭିନେତା ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ପରେ ‘ମନ୍‌ଜିଲେ ଅପ୍‌ନି ଅପ୍‌ନି’, ‘ଶାୟା’, ‘ଦୁର୍ଗେଶ ନନ୍ଦିନୀ’ ଭଳି ଟିଭି ଶୋ’ରେ ଅଭିନୟ କରିଥିଲେ।

### ଦୁର୍ଘଟଣାରେ ଅଭିନେତ୍ରୀ ବୈଭବୀଙ୍କ ମୃତ୍ୟୁ



**ନୂଆଦିଲ୍ଲୀ,୨୪।୫:** ଟେଲିଭିଜନର ସିରିଜ୍ ‘ସାରାଭାଇ ଭର୍ସେସ ସାରାଭାଇ’ରେ ଜୈସ୍ମିନ ଭୂମିକାରେ ଅଭିନୟ କରୁଥିବା ବେଶ ଜଣାଶୁଣା ଅଭିନେତ୍ରୀ ବୈଭବୀ ଉପାଧ୍ୟାୟ(୩୨)ଙ୍କ ମଙ୍ଗଳବାର ହିମାଚଳ ପ୍ରଦେଶରେ ଏକ କାର୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଚଣ୍ଡିଗଡ଼ରେ ରହୁଥିବା ତାଙ୍କ ପରିବାର ବୈଭବୀଙ୍କ ମୃତଦେହକୁ ମୁମ୍ବାଇ ଆଣିବା ପରେ ବୁଧବାର ସକାଳେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସାରାଭାଇ ଟେକ୍- ୨ରେ ବୈଭବୀଙ୍କ ସହ କାମ କରିଥିବା ଅଭିନେତା ତଥା ନିର୍ମାତା ଜେଡି ମାଜେଠିଆଙ୍କ ସହ ଅଭିନେତ୍ରୀଙ୍କ ଭାଇ ଏହି ଖବର ନେଇ ସ୍ପଷ୍ଟ କରିଛନ୍ତି। ବୈଭବୀ ପୂର୍ବରୁ ଅନେକ ଟିଭି ଶୋ’ରେ କାମ କରିଥିବାବେଳେ ମୁଭି ‘ଚପକ୍’ରେ ମଧ୍ୟ ନଜରକୁ ଆସିଥିଲେ।

# ରିକଭରି ଏଜେଣ୍ଟ ଗାଡ଼ି ଛଡ଼ାଇନେବା ବେଆଇନ

## ପାଟନା ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ





ପାଟନା,୨୪।୫

କେହି ଋଣ ଖିଲାପ କଲେ ରିକଭରି ଏଜେଣ୍ଟମାନେ ବାହୁବଳୀଙ୍କ ଜରିଆରେ ତାଙ୍କଠାରୁ ବଳପୂର୍ବକ ଗାଡ଼ି ଛଡ଼ାଇ ନେଇପାରିବେ ନାହିଁ। ଏଭଳି ଜବରଦସ୍ତ ଗାଡ଼ି ଛଡ଼ାଇନେବା ସମ୍ବିଧାନ ପ୍ରଦତ୍ତ ଜୀବନ ଧାରଣ ଓ ଜୀବିକା ଉପାର୍ଜନ ସମ୍ପର୍କିତ ମୌଳିକ ଅଧିକାରର ଖୋଲା ଉଲ୍ଲଂଘନ ବୋଲି ପାଟନା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କୌଣସି ରିକଭରି ଏଜେଣ୍ଟ ଏପରି କଲେ ତାଙ୍କ ବିରୋଧରେ ଏଫ୍‌ଆଇଆର୍ ଦିଆଯାଇପାରିବ ବୋଲି ହାଇକୋର୍ଟ କହିଛନ୍ତି।

ଜଷ୍ଟିସ୍ ରାଜୀବ ରଞ୍ଜନ ପ୍ରସାଦଙ୍କ ଜଣିକିଆ ଖଣ୍ଡପୀଠ ଏକାଧିକ ରିଟ୍ ପିଟିଶନର ଶୁଣାଣି କରି ଲୋକଙ୍କଠାରୁ ରିକଭରି ଏଜେଣ୍ଟ ଜରିଆରେ ଜବରଦସ୍ତ (ଏପରି କି ବନ୍ଧୁକ ଦେଖାଇ) ଗାଡ଼ି ଛଡ଼ାଇନେଉଥିବା ବ୍ୟାଙ୍କ ଓ ଅର୍ଥ ଲଗାଣକାରୀ ସଂସ୍ଥାଗୁଡ଼ିକୁ ଭର୍ତ୍ସନା କରିଛନ୍ତି। ଜଷ୍ଟିସ୍ ପ୍ରସାଦ କହିଛନ୍ତି ଯେ, ଅନାଦାୟ ଋଣ ଅସୁଲ ପାଇଁ ଗ୍ରହୀତା ବନ୍ଧକ ଦେଉଥିବା ସମ୍ପତ୍ତିକୁ ଜିଲା ପ୍ରଶାସନ ସହାୟତାରେ ଅଧିଗ୍ରହଣ କରି ନିଲାମ କରାଯିବା ଭଳି ବ୍ୟାଙ୍କ ଓ ଆର୍ଥିକ ସଂସ୍ଥାଗୁଡ଼ିକୁ କ୍ଷମତା ପ୍ରଦାନକାରୀ ସିକ୍ୟୁରିଟାଇଜେଶନ୍ (ପ୍ରତିଭୂତୀକରଣ)ର ନିୟମ ଅନୁସାରେ ଗାଡ଼ି ଋଣ ବାବଦ ଟଙ୍କା ଆଦାୟ କରାଯିବା ଉଚିତ। ରିକଭରି ଏଜେଣ୍ଟମାନେ ଯେପରି କୌଣସି ଯାନବାହନ ବଳପୂର୍ବକ ଛଡ଼ାଇ ନ ନିଅନ୍ତି ତାହା ସୁନିଶ୍ଚିତ କରିବା ପାଇଁ ଖଣ୍ଡପୀଠ ବିହାରସ୍ଥିତ ସବୁ ଜିଲାର ଆରକ୍ଷୀ ଅଧୀକ୍ଷକ(ଏସ୍‌ପି)ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରିକଭରି ଏଜେଣ୍ଟଙ୍କ ଦ୍ୱାରା ଗାଡ଼ି ଛଡ଼ାଇନିଆଯିବା ନେଇ ୫ଟି ମାମଲାର ଫଇସଲା କରି ହାଇକୋର୍ଟ ମେ’ ୧୯ରେ ଏହି ରାୟ ଦେଇଛନ୍ତି। ଏଥିସହ ସମ୍ପୃକ୍ତ ବ୍ୟାଙ୍କ/ଅର୍ଥ ଲଗାଣକାରୀ କମ୍ପାନୀକୁ ୫୦,୦୦୦ ଟଙ୍କା ଲେଖାଏ ଜରିମାନା ଆଦେଶ ଦେଇଛନ୍ତି। ୫୩ ପୃଷ୍ଠା ସମ୍ବଳିତ ରାୟରେ ଜଷ୍ଟିସ୍ ପ୍ରସାଦ ସୁପ୍ରିମକୋର୍ଟଙ୍କ ଏଭଳି ୨୫ ନିଷ୍ପତ୍ତିର ଅବତାରଣା କରିଛନ୍ତି। ଦକ୍ଷିଣ ଆଫ୍ରିକାର ସୁପ୍ରିମକୋର୍ଟ ଦେଇଥିବା ଏକ ରାୟକୁ ମଧ୍ୟ ଅନୁଧ୍ୟାନ କରିଛନ୍ତି। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୧ ଅଧୀନରେ ସରକାରଙ୍କ ନାକ ତଳେ ଜଣେ ବ୍ୟକ୍ତି ଜୀବନ ଧାରଣ ଓ ଜୀବିକା ଉପାର୍ଜନ ସମ୍ପର୍କିତ ନିଜ ମୌଳିକ ଅଧିକାରଗୁଡ଼ିକରୁ ବଞ୍ଚିତ ହେଉଥିଲେ ହାଇକୋର୍ଟ କୌଣସି ‘ପ୍ରାଇଭେଟ ଆକ୍ଟର’ଙ୍କ ବିରୋଧରେ ରିଟ୍ ପିଟିଶନର ଶୁଣାଣି କରିପାରିବେ ବୋଲି ଜଷ୍ଟିସ୍ ପ୍ରସାଦଙ୍କ ଜଣିକିଆ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

# ବାଇଡେନ୍‌ଙ୍କୁ ମାରି କ୍ଷମତା ହାତେଇବି



ବରଶିଷ୍ଟ କନ୍ଦୁଲା





ହ୍ୱାଇଟ୍‌ହାଉସ ପ୍ରାଚୀକୁ ଧକ୍କା ଦେଇଥିବା ଟ୍ରକ୍।

ୱାଶିଂଟନ୍,୨୪।୫

## ଭାରତୀୟ ବଂଶୋଦ୍ଭବ ଗିରଫ

ଜଣେ ୧୯ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ଏକ ୟୁ-ହଉଲ ଟ୍ରକ୍‌ରେ ଜାଣିଶୁଣି ହ୍ୱାଇଟ୍ ହାଉସ୍ ପ୍ରାଚୀରକୁ ଧକ୍କା ଦେଉଥିଲେ। ସେ ରାଷ୍ଟ୍ରପତି ଭବନକୁ ପ୍ରବେଶ କରି ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ହତ୍ୟା କରିବା ସହ ତାଙ୍କ କ୍ଷମତା ଛଡ଼ାଇନେବାକୁ ଚାହୁଁଥିଲେ। ସୋମାର ରାତି ୧୦ଟାରେ ହ୍ୱାଇଟ୍‌ହାଉସ୍‌ର ଲାଫାୟେଟେ ପାର୍କ ଉତ୍ତର ପାର୍ଶ୍ୱରେ ଥିବା ସୁରକ୍ଷା ପ୍ରାଚୀରକୁ ଟ୍ରକ୍‌ରେ ବାରମ୍ବାର ଧକ୍କା ଦେବାପରେ ଭାରତୀୟ ବଂଶୋଦ୍ଭବ ବରଶିଷ୍ଟ କନ୍ଦୁଲାଙ୍କୁ ଆମେରିକା ପାର୍କ ପୋଲିସ ଗିରଫ କରିଛି। ରାତିରେ ଏହି ଦୃଶ୍ୟ ଦେଖି ଅନେକ ପଥଚାରୀ ସେଠାରୁ ଦୌଡ଼ି ପଳାଇଥିଲେ। ମିସୋରିର ଚେଷ୍ଟରଫିଲ୍ଡ ବାସିନ୍ଦା ବରଶିଷ୍ଟ ସେଣ୍ଟ ଲୁଇସ୍‌ରୁ ଡୁଲେସ୍ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟକୁ ଆସିବା ପରେ ଏହି ଟ୍ରକ୍‌କୁ ଭଡ଼ାରେ ନେଇଥିଲେ। ଟ୍ରକ୍‌କୁ ରିଭର୍ସ ଗିଅରରେ ଧକ୍କା ଦେଉଥିବାବେଳେ ପୋଲିସ ଅଧିକାରୀମାନେ ତାଙ୍କୁ ହାଜତକୁ ନେଇଥିଲେ। ସେ ଫେରିବା ପାଇଁ କୌଣସି ଟିକେଟ କରି ନ ଥିଲେ ବୋଲି ଜଣେ ସିକ୍ରେଟ୍ ସର୍ଭିସ ଏଜେଣ୍ଟ ୱାଶିଂଟନ୍ ଫେଡେରାଲ୍ ଡିଷ୍ଟ୍ରିକ୍ଟ କୋର୍ଟରେ ନିଜ ବୟାନ ରେକର୍ଡ କରାଇଛନ୍ତି। ବରଶିଷ୍ଟ ରାଷ୍ଟ୍ରପତି ବାଇଡେନ୍‌ଙ୍କୁ ହତ୍ୟା କରିବା ପାଇଁ ୬ ମାସ ହେଲା ଯୋଜନା କରିଥିଲେ। ତାଙ୍କ ଉଦ୍ଦେଶ୍ୟ ଥିଲା, ହ୍ୱାଇଟ୍ ହାଉସ୍‌କୁ ପ୍ରବେଶ କରି ରାଷ୍ଟ୍ରପତିଙ୍କ କ୍ଷମତା ଛଡ଼ାଇନେବା।

# କେନ୍ଦ୍ର ଅଧ୍ୟାଦେଶକୁ ବିରୋଧ

ମୁମ୍ବାଇ,୨୪।୫



## ଉଦ୍ଧବଙ୍କୁ ଭେଟିଲେ କେଜ୍‌ରିୱାଲ

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲ ବୁଧବାର ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ମୁମ୍ବାଇରେ ଭେଟିଛନ୍ତି। ଦିଲ୍ଲୀର ଅମଲାତନ୍ତ୍ରୀମାନଙ୍କ ଉପରେ ନିୟନ୍ତ୍ରଣ ଛଡ଼ାଇନେବା ପାଇଁ କେନ୍ଦ୍ର ସରକାର ଆଣିଥିବା ଅଧ୍ୟାଦେଶକୁ ବିରୋଧ କରିବା ଲାଗି କେଜ୍‌ରିୱାଲ ଉଦ୍ଧବଙ୍କ ସହଯୋଗ ଲୋଡ଼ିଥିଲେ। ଉଦ୍ଧବଙ୍କ ମାତୋଶ୍ରୀ ବାସଭବନରେ ଦୁଇନେତାଙ୍କ ମଧ୍ୟରେ ସାକ୍ଷାତ ବେଳେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍, ଏଏପିର ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ ଏବଂ ରାଘବ ଚଡ଼ାଙ୍କ ସମେତ ଦିଲ୍ଲୀ ମନ୍ତ୍ରୀ ଆତିଶି ଉପସ୍ଥିତ ଥିଲେ। କେଜ୍‌ରିୱାଲ କହିଛନ୍ତି, ଉଦ୍ଧବ ଆମକୁ ଦୁଇଟି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଥମଟି ହେଲା କେନ୍ଦ୍ର ଆଣିଥିବା ଅଧ୍ୟାଦେଶକୁ ପାର୍ଲାମେଣ୍ଟରେ ଗୃହୀତ କରାଇ ଦିଆଯିବ ନାହିଁ। ଦ୍ୱିତୀୟରେ ମୋଦି ସରକାରଙ୍କୁ ପୁଣି କ୍ଷମତାକୁ ଆସିବାକୁ ଦିଆଯିବ ନାହିଁ। ଉଦ୍ଧବ କହିଛନ୍ତି, ଦେଶ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଆମେ ସମସ୍ତେ ଏକାଠି ହୋଇଛୁ। ଆମକୁ ବିରୋଧୀ ଦଳ କୁହାଯିବା ଅନୁଚିତ। ପ୍ରକୃତରେ କେନ୍ଦ୍ରକୁ ବିରୋଧୀ କୁହାଯିବା କଥା। କାରଣ ସେମାନେ ଗଣତନ୍ତ୍ର ଓ ସମ୍ବିଧାନକୁ ବିରୋଧ କରୁଛନ୍ତି। ପ୍ରକାଶ ଯେ, ଦିଲ୍ଲୀର ସର୍ଭିସେସ୍ (ସେବା) ଉପରେ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କ କର୍ତ୍ତୃତ୍ୱ ରହିବ ବୋଲି ସୁପ୍ରିମକୋର୍ଟ ରାୟ ଦେବା ପରେ କେନ୍ଦ୍ର ଶୁକ୍ରବାର ଗ୍ରୁପ୍-ଏ ଅଧିକାରୀମାନଙ୍କ ନିଯୁକ୍ତି ଓ ବଦଳି ଲାଗି ଏକ ସଂସ୍ଥା ଗଠନ କରିଛି। ଅଧ୍ୟାଦଶକୁ ବିରୋଧ କରିବା ପାଇଁ ମଙ୍ଗଳବାର କେଜ୍‌ରିୱାଲ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହଯୋଗ ଲୋଡ଼ିଥିଲେ।

# ଆହୁରି ଘାତକ ହୋଇପାରେ ପରବର୍ତ୍ତୀ ମହାମାରୀ

ଜେନେଭା,୨୪।୫

## ସତର୍କ କରାଇଲା ଡବ୍ଲ୍ୟୁଏଚ୍‌ଓ

ଭବିଷ୍ୟତରେ ଆସିବାକୁ ଥିବା ସମ୍ଭାବ୍ୟ ମହାମାରୀର ମୁକାବିଲା ପାଇଁ ବିଶ୍ୱ ଏବେଠୁ ପ୍ରସ୍ତୁତ ହେବା ଉଚିତ। ଏହା କୋଭିଡ୍-୧୯ ମହାମାରୀଠାରୁ ଆହୁରି ଘାତକ ହୋଇପାରେ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ମୁଖ୍ୟ ଟେଡ୍ରୋସ୍ ଅଧନୋମ୍ ଘେବ୍ରେୟେସସ୍ ସତର୍କ କରାଇଛନ୍ତି।

ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା କୋଭିଡ୍-୧୯ ସଂକ୍ରମଣ ମାମଲା ବର୍ତ୍ତମାନ ସ୍ଥିର ହେବାରେ ଲାଗିଥିବାବେଳେ ୱାର୍ଲ୍ଡ ହେଲ୍‌ଥ ଆସେମ୍ବ୍ଲି ବୈଠକରେ ଘେବ୍ରେୟେସସ୍ କହିଛନ୍ତି, ଆଉ ଏକ ଭାରିଆଣ୍ଟର ବିପଦ ଲୋକଙ୍କୁ ରୋଗାକ୍ରାନ୍ତ କରିପାରେ। ଏଥିରୁ ଅନେକ ନୂଆ ରୋଗର ଉତ୍ପତ୍ତି ହୋଇପାରେ, ଯାହାକି କୋଭିଡ୍-୧୯ ତୁଳନାରେ ଅଧିକ ଘାତକ ହେବା ଆଶଙ୍କା କରାଯାଉଛି। ୭୬ତମ ୱାର୍ଲ୍ଡ ହେଲ୍‌ଥ ଆସେମ୍ବ୍ଲିରେ ସେ ନିଜ ରିପୋର୍ଟ ଉପସ୍ଥାପନ ବେଳେ ଆହୁରି କହିଛନ୍ତି, ମହାମାରୀଗୁଡ଼ିକ ଆମେ ସାମ୍ନା କରୁଥିବା ବିପଦଠାରୁ ଆହୁରି ବିପଜ୍ଜନକ। ତେଣୁ ସବୁ ପ୍ରକାର ବିପତ୍ତିର ମୁକାବିଲା ଲାଗି ବୈଶ୍ୱିକ ସ୍ତରରେ ପ୍ରଭାବଶାଳୀ ରଣନୀତି ଆପଣାଯିବା ଜରୁରୀ। ଯେତେବେଳେ ପରବର୍ତ୍ତୀ ମହାମାରୀ ମାଡ଼ିଆସିବ ସେତେବେଳେ ଆମକୁ ଆହୁରି ନିର୍ଣ୍ଣାୟକ, ସାମଗ୍ରିକ ଓ ସମାନ ଭାବେ ଏହାକୁ ଜବାବ ଦେବାକୁ ପଡ଼ିବ। ୨୦୩୦ ଡେଡ୍‌ଲାଇନ୍ ରଖାଯାଇଥିବା ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ଅଧୀନରେ ସ୍ୱାସ୍ଥ୍ୟ ସମ୍ପର୍କିତ ଟାର୍ଗେଟ ଉପରେ କୋଭିଡ୍-୧୯ ବିଶେଷ ପ୍ରଭାବ ପକାଇଛି। ସେହିପରି ୨୦୧୭ ୱାର୍ଲ୍ଡ ହେଲ୍‌ଥ ଆସେମ୍ବ୍ଲିରେ ଘୋଷିତ ଟ୍ରିପଲ୍ ବିଲିୟନ୍ ଟାର୍ଗେଟର ଅଗ୍ରଗତିକୁ ମଧ୍ୟ କରୋନା ମହାମାରୀ ପ୍ରଭାବିତ କରିଛି। କୋଭିଡ୍-୧୯ ଆମକୁ ବଡ଼ ଝଟ୍‌କା ଦେଇଥିଲେ ହେଁ ଏସ୍‌ଡିଜି ଉପରେ ଆମେ କାହିଁକି ଅଧିକ ଗୁରୁତ୍ୱ ଦେବା ଉଚିତ ତାହା ଆମକୁ ଶିଖାଇଛି। ତେଣୁ ପୂର୍ବଭଳି ସତର୍କ ଓ ସଚେତନ ହୋଇ ଦୃଢ଼ତାର ସହ ଆଗାମୀ ମହାମାରୀକୁ ସାମ୍ନା କରିବା ସମସ୍ତଙ୍କ ଧ୍ୟେୟ ହେବା ଉଚିତ ବୋଲି ଡବ୍ଲ୍ୟୁଏଚ୍‌ଓର ସଦ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଫୁରସତ୍



### ଜୁନ୍ ୯ରେ ଶାହିଦଙ୍କ ‘ବ୍ଲଡି ଡାଡି’

**ମୁମ୍ବାଇ:** ବଲିଉଡ୍ ଅଭିନେତା ଶାହିଦ କପୁରଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ ‘ବ୍ଲଡି ଡାଡି’ ଆସନ୍ତା ଜୁନ୍ ୯ରେ ରିଲିଜ୍ ହେବାକୁ ଯାଉଛି। ନିକଟରେ ଚଳଚ୍ଚିତ୍ରର ଟିଜର ରିଲିଜ୍ ହୋଇଥିବାବେଳେ ଦର୍ଶକ ଏହାକୁ ବେଶ ପସନ୍ଦ କରିଛନ୍ତି। ମୁମ୍ବାଇର ଆୟୋଜିତ ଏକ ଇଭେଣ୍ଟରେ ବୁଧବାର ଏହି ଫିଲ୍ମର ଟ୍ରେଲର ରିଲିଜ୍ ହୋଇଛି। ଅଲ୍ଲି ଆବାସ ଜଫରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଡିଆନା ପେଣ୍ଟି, ସଞ୍ଜୟ କପୁର, ରୋନିତ ରୟ ଏବଂ ଅଙ୍କୁର ଭାଟିଆ ପ୍ରମୁଖ ଭୂମିକାରେ ନଜରକୁ ଆସିବେ। ସେମାନେ ମାତ୍ର ୩୬ ଦିନରେ ମୁଭିର ଶୁଟିଂ ଶେଷ କରିଥିବା ଟ୍ରେଲର ରିଲିଜ୍ ସମୟରେ ଶାହିଦ କହିଥିଲେ। ଏଥିରେ ଶାହିଦଙ୍କ ସହ କ୍ରିତି ଶାନନ୍‌ଙ୍କୁ ଏକାଠି ଦେଖିବାକୁ ମିଳିବ। ୧୯୯୭ରେ ପ୍ରଥମ ଫିଲ୍ମ ‘ଦିଲ୍ ତୋ ପାଗଲ ହେ’ ଜରିଆରେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ତା’ପରଠାରୁ ସେ ତାଙ୍କ ଅଭିନୟର ଯାଦୁ ଦେଖାଇ ଆସୁଛନ୍ତି।

### ଲମ୍ବା ନାକ ରେକର୍ଡଧାରୀଙ୍କ ମୃତ୍ୟୁ



**ଅଙ୍କାରା:** ଲମ୍ବା ନାକ ପାଇଁ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ କରିଥିବା ମେହମେତ୍ ଓଜ୍ୟୁରେକ୍ (୭୫)ଙ୍କ ନିକଟରେ ମୃତ୍ୟୁ ହୋଇଛି। ସେ ଏଥିପାଇଁ ୨୦୦୧, ୨୦୧୦ ଏବଂ ତୃତୀୟ ଥର ପାଇଁ ୨୦୨୧ରେ ପୁରସ୍କୃତ ହୋଇଛନ୍ତି। ତାଙ୍କ ନାକର ଲମ୍ବ ୮.୮ ସେଣ୍ଟିମିଟର। ସେ କିଛି ଦିନ ହେବ ଅସୁସ୍ଥ ଥିଲେ। ଆସନ୍ତା ସପ୍ତାହରେ ତାଙ୍କର ହାର୍ଟ ସର୍ଜରି ହୋଇଥାନ୍ତା। ମେହମେତ୍‌ଙ୍କ ନାମ ଭଗବାନଙ୍କ ବରଦାନ ଥିବା ସେ କହିଥିଲେ। ଫଳରେ ସେ ଯେଉଁଠାକୁ ଯାଉଥିଲେ ସାଙ୍ଗେ ସାଙ୍ଗେ ସେଠାର ବାସ୍ନାକୁ ଅନ୍ୟମାନଙ୍କ ଅପେକ୍ଷା ଶୀଘ୍ର ଶୁଙ୍ଘିପାରୁଥିଲେ।

### ବର୍ଷକୁ ୮ କୋଟି ରୋଜଗାର କରୁଛି କୁକୁର

ନୂଆଦିଲ୍ଲୀ



ଲୋକେ ଅଧିକ ଟଙ୍କା ରୋଜଗାର କରି କୋଟିପତି ହେବାକୁ ଚାହୁଁଛନ୍ତି। ହେଲେ ଆଜିକାଲି ଟଙ୍କା ରୋଜଗାର କରିବା ବହୁତ କଷ୍ଟ ହୋଇଗଲାଣି। ଅନେକ ଲୋକ ଘର ଛାଡ଼ି ବାହାରକୁ ଦାଦନ ଖଟିବାକୁ ଗଲେ ମଧ୍ୟ ଭଲରେ ଚଳିପାରୁ ନାହାନ୍ତି। ନିକଟରେ ଜଣେ ମହିଳା ଖୁବ୍ ଚର୍ଚ୍ଚାରେ ଅଛନ୍ତି। ସେ ଏକ କୁକୁର ରଖିଛନ୍ତି, ଯାହା ଭରସାରେ ସେ ବର୍ଷକୁ କୋଟିକୋଟି ଟଙ୍କା ରୋଜଗାର କରୁଛନ୍ତି। କର୍ଟନୀ ବଡ଼ଜିନ୍ ନାମ୍ନୀ ଜଣେ ମହିଳା ଟକ୍କର ଏବଂ ଟୋଡ୍ ନାମକ ୨ଟି କୁକୁରର ମାଲିକାଣୀ ଅଟନ୍ତି। ତାଙ୍କ କୁକୁର ଟକ୍କର ଗୋଲ୍ଡେନ ରେଟ୍ରିଭର ପ୍ରଜାତିର । କର୍ଟନୀ ଜଣେ ସୋସିଆଲ ଇନ୍‌ଫ୍ଲୁଏନସର ହୋଇଥିବାବେଳେ ତାଙ୍କୁ ଇନ୍‌ଷ୍ଟାଗ୍ରାମ୍‌ରେ ୫ ଲକ୍ଷ ଲୋକ ଫଲୋ କରନ୍ତି। କିନ୍ତୁ ଟକ୍କରକୁ ଇନ୍‌ଷ୍ଟାଗ୍ରାମ୍‌ରେ ୩୪ ଲକ୍ଷ ଲୋକ ଫଲୋ କରନ୍ତି। ଟକ୍କରକୁ ଏତେ ଲୋକ ଫଲୋ କରୁଥିବାରୁ କର୍ଟନୀଙ୍କୁ ଏଥିରେ ଫାଇଦା ହୋଇଥାଏ। ନିକଟରେ ସେ ଏକ ସାକ୍ଷାତକାରରେ କହିଛନ୍ତି, ସେ ଆଉ ତାଙ୍କ ସ୍ୱାମୀ ମାଇକ୍ ଟକ୍କର ଜରିଆରେ ବହୁ ଟଙ୍କା ରୋଜଗାର କରୁଛନ୍ତି। ସେ ୟୁଟ୍ୟୁବରେ ଟକ୍କର ଭିଡିଓ ପାଇଁ ୩୩ ଲକ୍ଷରୁ ୪୯ ଲକ୍ଷ ଚାର୍ଜ କରନ୍ତି। ଅନ୍ୟପଟେ ଇନ୍‌ଷ୍ଟାଗ୍ରାମ୍ ପାଇଁ ସେ ୧୬ ଲକ୍ଷ ଟଙ୍କା ଚାର୍ଜ କରିଥାନ୍ତି। ଏହିପରି ତାଙ୍କ ରୋଜଗାର ବର୍ଷକୁ ୮ କୋଟି ହୋଇଯାଏ। ତେବେ କର୍ଟନୀ ପୂର୍ବରୁ ଜଣେ ସଫେଇ କର୍ମଚାରୀ ଏବଂ ମାଇକ୍ ଜଣେ ମେକାନିକାଲ ଇଞ୍ଜିନିୟର ଥିଲେ। ୨୦୧୮ରେ ଟକ୍କରର ଜନ୍ମକୁ ୮ ସପ୍ତାହ ହୋଇଥିବାବେଳେ ସେମାନେ ତାକୁ ନିଜ ସହ ନେଇଯାଇଥିଲେ। ପରେ ସେମାନେ ଟକ୍କରର ଏକ ଇନ୍‌ଷ୍ଟାଗ୍ରାମ ପେଜ କରିଥିଲେ। ଟକ୍କର ୬ ମାସର ହେବା ବେଳକୁ ତା’ର ପ୍ରଥମ ଭିଡିଓ ସେମାନେ ସେହି ପେଜ୍‌ରେ ଛାଡ଼ିଥିଲେ। ଏହାପରେ ଟକ୍କରର ଏକ ଛୁଆ ‘ଟୋଡ୍’ ହେଲା। ଟକ୍କରର ଫଲୋୟର୍ସ ବଢ଼ିବା ସହ ରୋଜଗାର ମଧ୍ୟ ହେଲା। ଏଥିରେ କର୍ଟନୀ ଏବଂ ମାଇକ୍ ନିଜ ନିଜ ଚାକିରି ଛାଡ଼ିଦେଇ ଟକ୍କର ଏବଂ ଟୋଡ୍‌ର ଯତ୍ନ ନେବାକୁ ଲାଗିଲେ।

# ସିଏସ୍ଇ-୨୨ରେ ଅନାକାଡେମିର ବାଜିମାତ୍

ନୂଆଦିଲ୍ଲୀ,୨୪।୫

ୟୁନିୟନ ପବ୍ଲିକ ସର୍ଭିସ କମିଶନ (ୟୁପିଏସ୍ସି) ଦ୍ୱାରା ପରିଚାଳିତ ସିଭିଲ ସର୍ଭିସେସ୍ ଏକ୍ଜାମ(ସିଏସ୍ଇ) ୨୦୨୨ର ଫଳାଫଳ ନିକଟରେ ପ୍ରକାଶ ପାଇଛି। ଉକ୍ତ ଫଳାଫଳ ଅନୁଯାୟୀ ଅନାକାଡେମିର ଶିକ୍ଷାର୍ଥୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଦେଶର ସର୍ବବୃହତ୍ ଲର୍ନିଂ ପ୍ଲାଟ୍ଫର୍ମ ଅନାକାଡେମିର ସିଏସ୍ଇ ଶିକ୍ଷାର୍ଥୀମାନେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ୟୁପିଏସ୍ସି-ସିଏସ୍ଇ ଫଳାଫଳରେ ବାଜିମାତ୍ କରିଛନ୍ତି। ଏପରିକି ଦେଶର ଶ୍ରେଷ୍ଠ-୨୦ ସର୍ବଭାରତୀୟ ର୍ୟାଙ୍କ୍ (ଏଆଇଆର୍) ଧାରୀ ମଧ୍ୟରେ ସ୍ଥାନ ପାଇଥିବା କୃତୀ ଛାତ୍ରୀଛାତ୍ର ମଧ୍ୟରେ ଅନାକାଡେମିର ସ୍ମୃତି ମିଶ୍ର (ଏଆଇଆର୍-୪), କନିକା ଗୋୟଲ (ଏଆଇଆର୍-୯), ରାହୁଲ ଶ୍ରୀବାସ୍ତବ (ଏଆଇଆର୍-୧୦), ଅଭିନାଭ ସିୱାଚ (ଏଆଇଆର୍-୧୨) ଏବଂ ବିଦୁଷୀ ସିଂ (ଏଆଇଆର୍-୧୩) ସ୍ଥାନ ପାଇଛନ୍ତି। ସେହିଭଳି ୩୦୦ରୁ ଅଧିକ ଅନାକାଡେମି ଶିକ୍ଷାର୍ଥୀ ସେମାନଙ୍କର ଉତ୍ସର୍ଗୀକୃତ, ଦୃଢ଼ତା ମନୋବଳ ଏବଂ ଅନାକାଡେମିର ବିସ୍ତୃତ ଶିକ୍ଷା ପ୍ରଣାଳୀ ଓ କାର୍ଯ୍ୟକାରିତା ଉପରେ ଧ୍ୟାନ ପ୍ରଦର୍ଶନ କରି ଶୀର୍ଷ ମାନ୍ୟତା ପାଇଛନ୍ତି। ଅପରପକ୍ଷରେ ଅନାକାଡେମିର ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଅନେକ ର୍ୟାଙ୍କଧାରୀ ଅନ୍ଲାଇନ ପ୍ରୋଗ୍ରାମରୁ ଆସିଥିଲାବେଳେ ଭାରତର ଶ୍ରେଷ୍ଠ ଏଜୁକେଶନ୍ ଦ୍ୱାରା ଦିଆଯାଇଥିବା ସ୍ୱତନ୍ତ୍ର ମାର୍ଗଦର୍ଶନ ଦ୍ୱାରା ବେଶ୍ ଉପକୃତ ହୋଇଛନ୍ତି। ସେହିପରି ଅନେକ ଆଶାୟୀ ଛାତ୍ରୀଛାତ୍ର ଅନାକାଡେମିର ଶେଷ ମାଇଲ ପ୍ରୋଗ୍ରାମର ଏକ ଅଂଶ ଥିଲେ। ଅପରପକ୍ଷରେ ଅବସରପ୍ରାପ୍ତ ଅମଲାତନ୍ତ୍ର, ପୂର୍ବତନ ୟୁପିଏସ୍ସି ସଦସ୍ୟ ଏବଂ ଟପ୍ ଏଜୁକେଟର୍ସଙ୍କ ଦ୍ୱାରା ପରିଚାଳିତ ଶେଷ ମାଇଲ୍ ପ୍ରୋଗ୍ରାମର କଠୋର ମକ୍ ସାକ୍ଷାତକାର ଅଧିବେଶନ ଉକ୍ତ କୃତୀ ଶିକ୍ଷାର୍ଥୀମାନଙ୍କର ସଫଳତା ପଛରେ ପ୍ରମୁଖ ଭୂମିକା ଗ୍ରହଣ କରିଛି।

ସୂଚନାଯୋଗ୍ୟ, ୟୁପିଏସ୍ସି-ସିଏସ୍ଇ ପ୍ରସ୍ତୁତି ପାଇଁ ଅନାକାଡେମି ବର୍ତ୍ତମାନ ଅଗ୍ରଣୀ ଅନ୍ଲାଇନ ଲର୍ନିଂ ପ୍ଲାଟ୍ଫର୍ମ ଭାବେ ଉଭା ହୋଇଛି। ଏପରିକି ଶିକ୍ଷଣ ଉତ୍ସଗୁଡ଼ିକର ଏକ ବିସ୍ତୃତ ଶିକ୍ଷଣ ପ୍ଲାଟ୍ଫର୍ମ ମଧ୍ୟ ପ୍ରଦାନ କରୁଛି। ଉଭୟ ଜେନେରାଲ ଷ୍ଟଡିଜ୍ ଏବଂ ଇଚ୍ଛାଧୀନ ବିଷୟ, ଇଣ୍ଟରାକ୍ଟିଭ୍ ଲାଇଭ୍ ଅଧିବେଶନ, ବ୍ୟକ୍ତିଗତ ମେଣ୍ଟରଶିପ୍, ଉତ୍ସର୍ଗୀକୃତ ସନ୍ଦେହ ସମାଧାନ ଅଧିବେଶନ, ବିସ୍ତୃତ ପରୀକ୍ଷା ସିରିଜ୍ ଏବଂ ପ୍ରବନ୍ଧ ଓ ଉତ୍ତର ଲେଖାର ବିଶେଷଜ୍ଞ ମୂଲ୍ୟାଙ୍କନ ପାଇଁ ଏଥିରେ ଗଠିତ ବ୍ୟାଚ୍ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ରହିଛି।

# ଋଷି ସିଂ ଓଜିବିର ନୂଆ ଚେୟାରମ୍ୟାନ

ଭୁବନେଶ୍ୱର,୨୪।୫



ଋଷି ସିଂ

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ(ଓଜିବି) ର ନୂତନ ଚେୟାରମ୍ୟାନ୍ ଭାବେ ଋଷି ସିଂ ନିକଟରେ ଯୋଗଦେଇଛନ୍ତି। ଓଜିବିରେ ଯୋଗଦାନ କରିବା ପୂର୍ବରୁ ସେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ବାଙ୍ଗାଲୋର କ୍ଷେତ୍ରୀୟ କାର୍ଯ୍ୟାଳୟର ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ ରୂପେ କାର୍ଯ୍ୟ କରୁଥିଲେ। ବିଶେଷକରି ଗ୍ରାମୀଣ ଋଣ ପ୍ରଦାନ, କର୍ପୋରେଟ୍ କ୍ରେଡିଟ୍ ଏବଂ ବୈଦେଶିକ ମୁଦ୍ରା ବିନିମୟରେ ତାଙ୍କର ୨୩ ବର୍ଷର ଦୀର୍ଘ ଅଭିଜ୍ଞତା ରହିଛି। ସେ ବିଭିନ୍ନ ଶାଖା ଏବଂ କ୍ଷେତ୍ରୀୟ କାର୍ଯ୍ୟାଳୟରେ ଭିନ୍ନ ଭିନ୍ନ ପଦ ପଦବୀରେ ରହି ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ସେହିଭଳି ଭାରତର ବିଭିନ୍ନ ପ୍ରାନ୍ତରେ ସେ ସଫଳତାର ସହିତ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଏପରିକି ଗ୍ରାମାଞ୍ଚଳର ବିକାଶ ଏବଂ ଓଜିବି ଟେକ୍ନୋଲୋଜିର ଉନ୍ନତିକୁ ପ୍ରାଧାନ୍ୟ ଦେଇ କାମ କରିବାକୁ ସିଂ ପ୍ରାଥମିକତା ଦେବେ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୨୦୦୦ ମସିହାରେ ସିଂ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କରେ ପ୍ରୋବେସନାରି ଅଫିସର ଭାବେ ଯୋଗଦେଇଥିଲେ।

# ଏସ୍ବିଆଇ ଜେନେରାଲର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୨୪।୫



ଆନନ୍ଦ ପେଜାୱାର

ଦେଶର ପ୍ରମୁଖ ଘରୋଇ ବୀମା କମ୍ପାନୀ ଏସ୍ବିଆଇ ଜେନେରାଲ ଇନ୍ସୁ୍ୟରାନ୍ସ ପକ୍ଷରୁ ଏକ ନୂତନ ଉତ୍ପାଦ 'ଏସ୍ବିଆଇ ଜେନେରାଲ ସିୟୋରିଟି ବଣ୍ଡ୍ ବୀମା (ସର୍ତ୍ତମୂଳକ ଓ ନିଃସର୍ତ୍ତ)' ବୀମା ଉତ୍ପାଦ ପ୍ରଚଳନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବିଡ୍ ଆହ୍ୱାନ ପର୍ଯ୍ୟାୟ ଅଥବା ପ୍ରକଳ୍ପର କାର୍ଯ୍ୟକାରିତା ପର୍ଯ୍ୟାୟରେ ଠିକାଦାରଙ୍କ ଦ୍ୱାରା ସର୍ତ୍ତାବଳୀ ଉଲ୍ଲଂଘନ କ୍ଷେତ୍ରରେ ସୁରକ୍ଷା ଯୋଗାଇଦେବାକୁ ଏହି ଉତ୍ପାଦ ଡିଜାଇନ କରାଯାଇଛି।

ସେହିଭଳି ଏହି ସିୟୋରିଟି ବୀମା ଉତ୍ପାଦରେ ବିଡ୍ ବଣ୍ଡ୍, ଆଡଭାନ୍ସ ପେମେଣ୍ଟ ବଣ୍ଡ୍, ପରଫରମାନ୍ସ ବଣ୍ଡ୍ ଏବଂ ରିଟେନସନ ମନି ବଣ୍ଡ୍ ଭଳି ବହୁବିଧ ବଣ୍ଡ୍ ରହିଛି। ଏଥିସହିତ ଉତ୍ପାଦ ଦୁଇ କିସମରେ ଯଥା- ସର୍ତ୍ତମୂଳକ ଏବଂ ନିଃସର୍ତ୍ତ ହୋଇଥିବା ବେଳେ ସର୍ତ୍ତମୂଳକ ବଣ୍ଡ୍ କ୍ଷେତ୍ରରେ ଦାବି ଉପସ୍ଥାପନ ସମୟରେ ଧାର୍ଯ୍ୟ ସର୍ତ୍ତ ପୂରଣ କ୍ଷେତ୍ରରେ ହିତାଧିକାରୀଙ୍କୁ ଏକ ନିର୍ଦ୍ଧାରିତ ଅର୍ଥ ପରିମାଣ ପ୍ରଦାନ କରାଯାଉଛି।

ଏ ସମ୍ପର୍କରେ ଏସ୍ବିଆଇ ଜେନେରାଲ ଇନ୍ସୁ୍ୟରାନ୍ସର ହୋଲ୍ଟାଇମ ଡାଇରେକ୍ଟର ଆନନ୍ଦ ପେଜାୱାର କହିଛନ୍ତି, ଚଳିତ ବର୍ଷ ଆମେ ଆମ ଗ୍ରାହକଙ୍କୁ ନବୋନ୍ମେଷୀ ଆପଦ ସମାଧାନ ଯୋଗାଇବା କ୍ଷେତ୍ରରେ ଆଗରେ ରହିଛୁ। ଏପରିକି ଏସ୍ବିଆଇ ଜେନେରାଲ ସିୟୋରିଟି ବଣ୍ଡ୍ ବୀମା ଜରିଆରେ ଆମେ ଦୃଢ଼ ନିଶ୍ଚିତ ଯେ ଉକ୍ତ ଉତ୍ପାଦ ଭିତ୍ତିଭୂମି କ୍ଷେତ୍ର ନିମନ୍ତେ ଏକ ପ୍ରଭାବୀ ସାଧନ ଭାବେ କାର୍ଯ୍ୟ କରିବ। ସେହିଭଳି ସିୟୋରଟି ବଣ୍ଡଗୁଡ଼ିକ ଆର୍ଥିକ ନିରାପତ୍ତା, ଆପଦ ପ୍ରଶମନ ଏବଂ ଠିକା ରାଜିନାମାରେ ସମ୍ପୃକ୍ତ ସମସ୍ତ ପକ୍ଷଙ୍କୁ ମାନସିକ ଶାନ୍ତି ପ୍ରଦାନ କରୁଛି।

GOVERNMENT OF ODISHA No. O-158

OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNABEDA

email: serwsbd2003@yahoo.com

e-Procurement Notice for Bridge Work

1. Name of the work : Construction of Bridges as per Annexure (2 Nos.)
2. Class of Contractor : "A" & Special Class of (Odisha PWD) or relevant class of other licensing authority.
3. Estimated Cost : Varies from Rs.350.56 lakhs to Rs.616.16 lakhs (Approximately)
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD - Online - 03/2023-24 | 30.05.2023 at 11.00 A.M. | 19.06.2023 upto 5.30 P.M. | 17.06.2023 upto 2.00 P.M. | 21.06.2023 at 11.00 A.M. | To be intimated separately |

5. The details of works can be seen from the website **https://www.tendersodisha.gov.in**.
6. Any Corrigendum/Addendum will be displayed in the above e-tender website.

OIPR-25182/11/0004/2324 Sd./- Chief Construction Engineer, Rural Works Circle, Sunabeda

GOVERNMENT OF ODISHA

OFFICE OF THE ENGINEER-IN-CHIEF, PUBLIC HEALTH, ODISHA, BHUBANESWAR

NATIONAL COMPETITIVE BIDDING THROUGH e-PROCUREMENT

1st Corrigendum to Invitation for Bids (IFB) Dtd.08.05.2023

No. C-384: The time periods mentioned in the Coloum 6, 7 & 8 below as marked * are modified through this corrigendum to the Bids invited in this office Tender Reference No. EICPH-03/2023-24, EICPH-04/2023-24, EICPH-05/2023-24, EICPH-06/2023-24 & EICPH-07/2023-24.

| S. N. | Name of Work | Tender Reference No. | Estimated Cost (Rs. in Lakh) | Class of Contractor | *Period of Completion of Construction component excluding O&M component | *Availability of Bid Document for online Bidding | |
|---|---|---|---|---|---|---|---|
| | | | | | | From | To |
| 1 | 2 | 3 | 4 | 5 | 6 | 7 | 8 |
| 1 | Improvement of Water Supply to Balimela NAC including O&M for 5 years under AMRUT 2.0 SWAP-I | EICPH-03/ 2023-24 | 1443.40 | 'A' Class & Special Class | 18 (Eighteen) Months | 11.00 hrs. of 23.05.2023 | 17.00 hrs. of 16.06.2023 |
| 2 | Improvement of Water Supply to Khariar NAC including O&M for 5 years under AMRUT 2.0 SWAP-I | EICPH-04/ 2023-24 | 1353.27 | 'A' Class & Special Class | 15 (Fifteen) Months | 11.00 hrs. of 23.05.2023 | 17.00 hrs. of 16.06.2023 |
| 3 | Improvement of Water Supply to Boudhgarh NAC including O&M for 5 years under AMRUT 2.0 SWAP-I | EICPH-05/ 2023-24 | 1923.70 | 'A' Class & Special Class | 18 (Eighteen) Months | 11.00 hrs. of 26.05.2023 | 17.00 hrs. of 21.06.2023 |
| 4 | Improvement of Water Supply to Kotpada NAC including O&M for 5 years under AMRUT 2.0 SWAP-I | EICPH-06/ 2023-24 | 1458.83 | 'A' Class & Special Class | 18 (Eighteen) Months | 11.00 hrs. of 26.05.2023 | 17.00 hrs. of 21.06.2023 |
| 5 | Improvement of Water Supply to Athagarh NAC including O&M for 5 years under AMRUT 2.0 SWAP-I | EICPH-07/ 2023-24 | 4023.33 | Spl. Class & Super Class | 18 (Eighteen) Months | 11.00 hrs. of 26.05.2023 | 17.00 hrs. of 21.06.2023 |

Name & Address of Officer Inviting Bid : **The Engineer-In-Chief (PH), Office of the Engineer-in-Chief, PH 1st Floor, Unnati Bhawan, Satyanagar, Bhubaneswar, Odisha - 751007, Phone: #91-674-2575309 email: eicphodisha@gmail.com**

❖ Further details can be seen from the e-Procurement portal **"https://www.tendersodisha.gov.in"**.
❖ All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

OIPR-13068/11/0007/2324 Sd./- Engineer-in-Chief (PH)

THE ODISHA AGRO INDUSTRIES CORPORATION LIMITED

(A Government of Odisha Undertaking)
95, Satya Nagar, Bhubaneswar - 751007

EXPRESSION OF INTEREST

No. CAD-673: Sealed tender quotation in conformity with technical specification, terms & conditions in bid documents are invited from manufacturers for **"Supply of Polythene/Tarpaulin"**. For detials, please visit website **https://odishaagro.nic.in/** from **Dt.23.05.2023 to 06.06.2023**.

**Sd./- Managing Director**

OIPR-01047/11/0014/2324

ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

Online ମାଧ୍ୟମରେ ଆବେଦନ କରିବାର ଅନ୍ତିମ ତାରିଖ ତା୨୯।୦୬।୨୦୨୩ ପର୍ଯ୍ୟନ୍ତ ବୃଦ୍ଧି

No. PP-12: ତା୧୧।୦୫।୨୦୨୩ରିଖରେ ଦୈନିକ ସମାଜ, ଧରିତ୍ରୀ, ପ୍ରଗତିବାଦୀ, ସମ୍ବାଦ ଓ ପ୍ରମେୟରେ ପ୍ରକାଶିତ ବିଜ୍ଞାପନ ଦ୍ୱାରା ହସ୍ତଶିଳ୍ପ କ୍ଷେତ୍ରରେ ବିଭିନ୍ନ ଯୋଜନା ପାଇଁ Online ମାଧ୍ୟମରେ ଆବେଦନ କରିବାର ଅନ୍ତିମ ତାରିଖ ତା୨୫।୦୫।୨୦୨୩ରିଖରୁ ତା୨୯।୦୬।୨୦୨୩ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଅଛି। ଏଣୁ ହସ୍ତଶିଳ୍ପ କାରିଗରମାନଙ୍କୁ ଅନୁରୋଧ ସେମାନେ ଉପରୋକ୍ତ ବିଜ୍ଞାପନରେ ପ୍ରକାଶିତ ଯୋଜନାଗୁଡ଼ିକର ସହାୟତା ପାଇଁ Online ମାଧ୍ୟମରେ ହସ୍ତଶିଳ୍ପ ନିର୍ଦ୍ଦେଶାଳୟର ୱେବସାଇଟ୍ **https://crafts.odisha.gov.in/**ରେ ପଞ୍ଜୀକରଣ କରି ତା୨୯।୦୬।୨୦୨୩ ସୁଦ୍ଧା ଆବେଦନ କରିପାରିବେ।

OIPR-31042/11/0006/2324 ସ୍ୱା./- ନିର୍ଦ୍ଦେଶିକା, ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

THE ODISHA AGRO INDUSTRIES CORPORATION LTD.

(Govt. of Odisha Undertaking )
Regd, HO :95-Satyanagar, Bhubaneswar-07
Tel : (0674)2570687, Email: oaicho@orissaagro.com
Website:odishaagro.nic.in

EXPRESSION OF INTEREST (EOI)

**No.CAD-672:**Sealed EOI in prescribed format are invited from Electrical contractor having valid HT license issued by ELBO & valid civil license / Joint venture with civil license registered within the State issued by PWD/ PHED/ RWSS/ Irrigation /M.I. Deptt./ Rural works for **"Installation of Cluster Shallow tube well with Engergisation".** For details please visit our website odishaagro.nic.in. The detail tender documents will be available in the office of undersigned from dt.24.05.2023 to dt.07.06.2023 upto 3.00 P.M. on payment of Rs.10,000/- + GST@18% per set or else the documents can also be downloaded from our website and the documents should be enclosed with a DD for Rs.11800/- in favour of The Managing Director, OAIC Ltd. from any Nationalized Bank payable at Bhubaneswar. The last date of submission of quotation document is dt.07.06.2023 upto 5.00 P.M. The undersigned reserves the right to accept/reject any/all application (s) without assigning any reason thereof.

Sd./-
OIPR-01047/11/0015/2324 MANAGING DIRECTOR

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

ବେସରକାରୀ ବିଦ୍ୟାଳୟଗୁଡ଼ିକରେ ନିଃଶୁଳ୍କ ନାମଲେଖା ବିଜ୍ଞାପନ

No. n-69: ଏତଦ୍ୱାରା ଓଡ଼ିଶାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଚଳିତ ବର୍ଷ (୨୦୨୩-୨୪) ଶିକ୍ଷା ଅଧିକାର ୧୨-(୧)-(C) ୨୦୦୯ ଆଇନ ଅନୁଯାୟୀ ଖାଲି ପଡ଼ିଥିବା ସିଟ୍ରେ ତୃତୀୟ ପର୍ଯ୍ୟାୟ ଚୟନ ନିମନ୍ତେ ଓଡ଼ିଆ/ଇଂରାଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ନାମଲେଖା ପାଇଁ **www.rteparadarshi.odisha.gov.in** ପୋର୍ଟାଲରେ ଆବେଦନ ଗ୍ରହଣ କରାଯାଉଛି। ସାମାଜିକ ଓ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନଙ୍କ ପାଇଁ ପ୍ରତ୍ୟେକ ବେସରକାରୀ ବିଦ୍ୟାଳୟରେ ନର୍ସରୀ/ଏଲ୍.କେ.ଜି./କ୍ଲାସ-୧ ପାଇଁ ୨୫% ସ୍ଥାନ ସଂରକ୍ଷିତ ରହିଛି। ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶିକ୍ଷାଗତ ଅନଗ୍ରସର, ଭିନ୍ନକ୍ଷମ, H.I.V. ଆକ୍ରାନ୍ତ ମାତାପିତାଙ୍କ ଶିଶୁ, ଶିଶୁ ଶ୍ରମିକ, ପଥପ୍ରାନ୍ତ ଶିଶୁ ତଥା ନିର୍ମାଣ ଶ୍ରମିକଙ୍କ ଶିଶୁମାନଙ୍କର ବେସରକାରୀ ବିଦ୍ୟାଳୟଗୁଡ଼ିକରେ ନିଃଶୁଳ୍କ ନାମଲେଖା ପାଇଁ ଆବଶ୍ୟକୀୟ ଦସ୍ତାବିଜ ସହିତ, ଆବେଦନ କରିବା ପାଇଁ **www.rteparadarshi.odisha.gov.in** ପୋର୍ଟାଲକୁ ଲଗଇନ୍ କରନ୍ତୁ। ଆବେଦନ କରିବାର ସମୟସୀମା ୧୫।୦୫।୨୦୨୩ରୁ ୩୧।୦୫।୨୦୨୩ ଏବଂ ଆବେଦନପତ୍ର ଯାଞ୍ଚ କରିବା ସମୟସୀମା ୨୦।୦୫।୨୦୨୩ରୁ ୦୫।୦୬।୨୦୨୩ ରଖାଯାଇଅଛି। ଆବେଦନ କରିସାରିବା ପରେ ଯଥାଶୀଘ୍ର ଆବେଦନପତ୍ର ଓ ପରିଚୟପତ୍ରଗୁଡ଼ିକୁ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଦାଖଲ କରନ୍ତୁ।

ହେଲ୍ପଲାଇନ୍ ନମ୍ବର: ୧୮୦୦୩୪୫୬୭୨୨

ସ୍ୱା./- ନିର୍ଦ୍ଦେଶକ
ପ୍ରାଥମିକ ଶିକ୍ଷା, ଓଡ଼ିଶା, ଭୁବନେଶ୍ୱର
OIPR-27068/11/0003/2324

OFFICE OF THE MUNICIPAL COUNCIL BRAJRAJNAGAR

Ph:06645-242075, Fax:06645-242029
Email:brajarajnagarm.hud@ori.nic.in
No.2092/Dt.23.05.23

Notice Inviting Expression of Interest

**No.C-390:**Executive Officer, Brajrajnagar Municipality, Brajrajnagar on behalf of Municipal Council, Brajrajnagar Municipality invites Expression of Interest (EOI), for detailed Survey and Preparation of Detailed Project Report for **"Rejuvenation of different water bodies with in Brajrajnagar Municipal Area"** from Register Experience/ Reputed Consultant Architect.

The detail EOI documents will be available in the district Website of Jharsuguda District **www.jharsuguda.nic.in** from **dt.24.05.2023 to 03.06.2023.**

**Last date of Receipt of EOI dt.03.06.2023 upto 1.00 P.M.**
**Date of Opening of EOI dt.06.06.2023 at 10.00 A.M.**

The authority reserves the right to accept or reject any proposals without assigning any reason thereof.

Sd./- Executive Officer
OIPR-13099/11/0001/2324 Brajrajnagar Municipality

The Odisha Small Industries Corporation Ltd.

(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-675 OSIC GST No. 21AAACO2101M1Z1

TENDER CALL NOTICE

Tender Notice No.2754/MKT/OSIC Dt.22.05.2023

The OSIC Ltd., Cuttack invites sealed bids from the experienced MSMEs having valid GST registration and PAN for empaneled with OSIC for Supply of Empty Cement Bag (HDPE) different Irrigation Divisions of the state for ensuing flood protection work for the Financial Year 2023-24. The Detail schedules, terms and conditions of the tender documents can be downloaded from www.osicltd.in. Any corrigendum/ addendum/ modifications will appear in OSIC Ltd. website only and the responsibility lies with the bidders to download the same before last date of submission of bids. Authority reserves the right to accept or reject any or all tenders without assigning any reasons there of or the tendering process may be cancelled in toto.

Sd/-
OIPR-14073/11/0022/2324 GENERAL MANAGER(O)

ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ

No.g-34: ବିଜ୍ଞପ୍ତି



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ ନିମ୍ନଲିଖିତ ଶିଶୁକନ୍ୟାଟିକୁ ବିଡ଼ାନାସୀସ୍ଥିତ ବସୁନ୍ଧରା ମୁଖ୍ୟ ଫାଟକ କଡରେ ଥିବା "ଶିଶୁ ଝୁଲା"ରୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର କରାଯାଇ ଜିଲ୍ଲା ଶିଶୁ ମଙ୍ଗଳ ସମିତି, କଟକଙ୍କ ନଂ.-୧୩୪/୨୦୨୩ ଅନୁଯାୟୀ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ସଂସ୍ଥା (ସା) ରେ ରଖାଯାଇଅଛି । ଏହି ଶିଶୁକନ୍ୟାଟିର ନାମ "ଦେବାର୍ଥୀ" ରଖାଯାଇଅଛି ଏବଂ ତା'ର ଜନ୍ମ ପ୍ରାୟ ତା.୧୬.୦୫.୨୦୨୩ ରିଖ ବୋଲି ଗ୍ରହଣ କରାଯାଇଅଛି । ତେଣୁ ଉକ୍ତ ଶିଶୁକନ୍ୟାଟିର ମାତା, ପିତା କିମ୍ବା ଯଦି କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ୍ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ, କଟକ-୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରୀ ନଂ.-୫୪, କଲେକ୍ଟୋରିଏଟ୍ ବିଲଡିଂ, କଟକ, ଫୋନ ନଂ.-୦୬୭୧-୨୫୦୯୦୦୯ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ-୭୫୩୦୧୪ କୁ ଯୋଗାଯୋଗ କରନ୍ତୁ । ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁକନ୍ୟାଟିକୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ (ସଂଶୋଧିତ ୨୦୨୧) ଅନୁଯାୟୀ ଆବଶ୍ୟକ ଥଇଥାନ କରାଯିବ ।

ସ୍ୱା./-
ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ

ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ

ବିଜ୍ଞପ୍ତି



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ ନିମ୍ନଲିଖିତ ଶିଶୁପୁତ୍ରଟିକୁ ବିଡ଼ାନାସୀସ୍ଥିତ ବସୁନ୍ଧରା ମୁଖ୍ୟ ଫାଟକ କଡରେ ଥିବା "ଶିଶୁ ଝୁଲା"ରୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର କରାଯାଇ ଜିଲ୍ଲା ଶିଶୁ ମଙ୍ଗଳ ସମିତି, କଟକଙ୍କ ନଂ.-୧୧୨/୨୦୨୩ ଅନୁଯାୟୀ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ସଂସ୍ଥା (ସା) ରେ ରଖାଯାଇଅଛି । ଏହି ଶିଶୁପୁତ୍ରଟିର ନାମ "ଅନୁରାଜ" ରଖାଯାଇଅଛି ଏବଂ ତା'ର ଜନ୍ମ ପ୍ରାୟ ତା.୩୦.୦୪.୨୦୨୩ ରିଖ ବୋଲି ଗ୍ରହଣ କରାଯାଇଅଛି । ତେଣୁ ଉକ୍ତ ଶିଶୁପୁତ୍ରଟିର ମାତା, ପିତା କିମ୍ବା ଯଦି କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ୍ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ, କଟକ-୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରୀ ନଂ.-୫୪, କଲେକ୍ଟୋରିଏଟ୍ ବିଲଡିଂ, କଟକ, ଫୋନ ନଂ.-୦୬୭୧-୨୫୦୯୦୦୯ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ-୭୫୩୦୧୪ କୁ ଯୋଗାଯୋଗ କରନ୍ତୁ । ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁପୁତ୍ରଟିକୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ (ସଂଶୋଧିତ ୨୦୨୧) ଅନୁଯାୟୀ ଆବଶ୍ୟକ ଥଇଥାନ କରାଯିବ ।

ସ୍ୱା./-
ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ
OIPR-33038/11/0002/2324

DIRECTORATE OF MEDICAL EDUCATION & TRAINING, ODISHA

NOTICE

FOR ADMISSION TO BASIC B.Sc. NURSING COURSE FROM THE ACADEMIC SESSION 2023-24

No 7468// Dt 23.05.2023

**No.E-134:**As per the notification issued by INC on dated 06.04.2023, the admission to Basic B.Sc Nursing during the academic session 2023-24 shall be through Common Entrance Examination conducted by State Government Common Entrance Cell/University, instead of NEET(UG).

Accordingly the selection of students for Basic B.Sc Nursing course shall be done through entrance examination, conducted by the State Nursing Selection Committee, Odisha from the academic session 2023-24.The details of the examination will be notified in due time.

This is the information for all concerned.

Sd/- Convener
State Nursing Selection Committee,
OIPR-10211/11/0003/2324 Odisha

OFFICE OF THE ENGINEER-IN-CHIEF (CIVIL), ODISHA

NIRMAN SOUDHA, UNIT - V, BHUBANESWAR
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel. (0674) 2391523

INVITATIONS FOR BIDS (IFB)

File No. B-I-Tourism-04/2022 Lr. No. 20835 / Bhubaneswar, dtd. 16th May, 2023

Invitation for Bids

3rd Corrigendum

**Tender Reference No. OSD C.E. (B) - 64/2022-23**
**Name of the Work: Integrated Development of Bhitarakanika National Park in the District of Kendrapada in Turnkey Basis in the State of Odisha.**

No. B-229: The following changes have been made in Bid Identification No. **OSD C.E. (B) - 64/2022-23**

Bid documents can be seen/downloaded from the Govt. Website i.e. **www.tendersorissa.gov.in**, during the period **Dt.22.06.2023 to 17.30 hours of Dt.13.07.2023** instead of **Dt.16.05.2023 to 17.30 hours of Dt.06.06.2023** for ONLINE BIDDING respectively.

1. A pre-bid meeting shall be held on **Dt.03.07.2023 at 11.00 A.M.** at the Conference Hall of Office of the OSD-Chief Engineer (Buildings), Odisha, Nirman Soudha, Unit-V, Bhubaneswar instead of **Dt.26.05.2023**.
2. **Online** bids shall be received **till 17.30 hours of Dt.13.07.2023** instead of **Dt.06.06.2023**.
3. **Hardcopy shall be received on or before Dt.21.07.2023 upto 17.30 hours** by this office instead of **Dt.13.06.2023**.
4. The technical bids will be opened at **11.30 A.M. of Dt.24.07.2023** instead of **Dt.16.06.2023**.

All other terms and conditions remain unchanged.

Sd./- OSD Chief Engineer (Buildings)
OIPR-34117/11/0017/2324 Odisha, Bhubaneswar

OFFICE OF THE NOTIFIED AREA COUNCIL, KUCHINDA

At/P.O.: Kuchinda, Dist.: Sambalpur, Odisha, PIN - 768222

RFP No. 01/KCDA/2023-24 Dated: 23.05.2023

No. C-386: Notified Area Council, Kuchinda invites sealed request for from Manufacturer/Authorized Dealer/Reputed Supplier for rate quote for **"RFP for Rate Fixation for Supply and Installation of the items for Auditorium Cum Cultural Center, Kuchinda"**.

| | | |
|---|---|---|
| 1 | Name of RFP | RFP for Rate Fixation for Supply and Installation of the items for Auditorium Cum Cultural Center, Kuchinda |
| 2 | Type of RFP | Open Tender |
| 3 | Mode of Tendering | E-Tender |
| 4 | Issue of responses to pre-Bid queries, addendum/ corrigendum, if required | Date: 31 May 2023, Time: 1.00 P.M. |
| 5 | Bid Due Date | Date: 03 June 2023; Time: 5.30 P.M. |
| 6 | Opening of RFP | Date: 05 June 2023; Time: 10.00 A.M. |

The interested bidders should submit their bids only in the e-tender portal **https://tendersodisha.gov.in/**.

OIPR-13121/11/0001/2324

GOVERNMENT OF ODISHA

"e" Procurement Notice

No. B-228

GOVT. OF ODISHA

e-mail: eepwdkeonjhar@yahoo.com

Bid Identification No. PWDK-06/2023-24

No. G2/3902 Dt.15.05.2023

1. No. of the Work : 03 Nos. Building Work and 01 No. Road Work
2. Estimated Cost : Rs.67.18 lakh to Rs.493.50 lakhs
3. Period of Completion : 4 (Four) to 6 (Six) Calendar Months
4. Date and time of availability of Bid document in the portal : From 10.00 hr. 25.05.2023 to 17.00 hr. of 09.06.2023
5. Last date/time for receipt of bids in the portal : 17.00 hr. of 09.06.2023
6. Date of Opening of Bid from portal : 11.30 hr. of 12.06.2023
7. Name and address of the Officer Inviting Bid : Superintending Engineer, Keonjhar (R&B) Division, Keonjhar

Further details can be seen from the e-procurement portal **"http://tendersodisha.gov.in"**.

Sd./- Superintending Engineer
Keonjhar (R&B) Division
OIPR-34004/11/0004/2324

No.G-6

DIRECTORATE OF MINES AND GEOLOGY STEEL AND MINES DEPARTMENT, GOVT. OF ODISHA, BHUBANESWAR

Heads of Department Building, Unit-V, Pin-751001
Tel No.: 0674-2391537, Fax No.: 0674-2391684
Email ID: dirmines_odisha@rediffmail.com
DMO-OEI-ESTT-0016-2023 No./ DoMG, Dt.

NOTICE

To
**Sri Binod Bihari Rout,**
**Junior Mining Officer (Under Suspension)**
**O/o the Deputy Director of Mines, Sambalpur**

You are informed through this notice that you have remained absent from Govt. duty since 28.12.2015 till date and your whereabouts also not known to the office concerned. Due to your continuous unauthorised absence from duty for more than six years, you have been placed under suspension w.e.f. 14.09.2022 and headquarters during suspension has been fixed in O/o the DDM, Sambalpur vide erstwhile Directorate of Mines Office Order No- 7816/DM dt. 14.09.2022. One Departmental Disciplinary Proceedings has been drawn up against you under rule- 15 of O.C.S (C.C & A) Rules, 1962 vide Memorandum No. 1465/DoMG dt. 22.11.2022 with the following charges:-

1. Gross misconduct,
2. Unauthorised absent from duty
3. Negligence in duty
4. Disobedience of orders of Authority

Attempts were taken to serve you the above suspension order and Memorandum in your permanent address through Regd. Post vide D.D.M., Sambalpur letter No.- 1654 dt. 17.09.2022 and No.-2045 dt. 29.11.2022. But you have not yet returned the acknowledgment copy of same in spite of instruction to that effect.

You are hereby informed through this publication of notice to report at your headquarters i.e. O/o the DDM, Sambalpur immediately to receive the above orders of suspension and Memorandum & submit your Written Statement of Defence on the charges within a period of fifteen days from the date of publication of this notice, failing which it will be deemed that the above orders have been served on you & you have nothing to submit the Written Statement of Defence on the charges and accordingly action as deemed proper shall be taken in the matter.

Sd./-
DIRECTOR OF MINES & GEOLOGY (O)
DMO-OEI-ESTT-0016-2023/2/2023
OIPR-30028/11/0007/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାଲେନ୍ସିଆକୁ ୪୦ ଲକ୍ଷ ଜରିମାନା

**ମାଡ୍ରିଡ୍‌,୨୪।୫(ପି.ଟି.)**

ସ୍ପାନିସ୍ ଲିଗ୍ ଫୁଟବଲରେ ବ୍ରାଜିଲର ଫରୱାର୍ଡ ଖେଳାଳି ଭିନିସିୟସ୍ ଜୁନିୟରଙ୍କ ପ୍ରତି ଜାତିଆଣ ଆକ୍ଷେପ ମାମଲାରେ ପୋଲିସ ଆଉ ୩ ଜଣଙ୍କୁ ଗିରଫ କରିଛି। ଏହା ସହିତ ଫୁଟବଲ୍ କ୍ଲବ ଭାଲେନ୍ସିଆ ଉପରେ ୪୫ ହଜାର ୟୁରୋ ବା ଭାରତୀୟ ମୁଦ୍ରାରେ ୪୦ ଲକ୍ଷ ୧୬ ହଜାର ୩୫୮ ଟଙ୍କାର ଜରିମାନା ଲାଗୁ କରାଯାଇଛି।

## ଭିନିସିୟସ ଜାତିଆଣ ଆକ୍ଷେପ ମାମଲା

ସ୍ପାନିଶ୍ ସକ୍କର ଅଫିସିଆଲ୍‌ଙ୍କ ପକ୍ଷରୁ ଏହି ଫାଇନ୍ ଲାଗୁ କରାଯାଇଛି। ଏହାକୁ ମିଶାଇ ସମୁଦାୟ ଗିରଫ ବ୍ୟକ୍ତିଙ୍କ ସଂଖ୍ୟା ୭ରେ ପହଞ୍ଚିଛି। ଏହା ପୂର୍ବରୁ ଜାନୁୟାରୀ ମାସରେ ଭିନିସିୟସଙ୍କ ଏଫିଗି(କଣ୍ଢେଇ ଆକୃତିର ପ୍ରତିମୂର୍ତ୍ତି)କୁ ଫାଶୀ ଦେଇଥିବା ଘଟଣାରେ ମଙ୍ଗଳବାର ପୋଲିସ ୪ ଜଣଙ୍କୁ ଗିରଫ କରିଥିଲା। ରବିବାର ମ୍ୟାଚ୍ ଘଟଣାରେ ପୋଲିସ୍ ଭିଡିଓ ଫୁଟେଜ୍ ତର୍ଜମା କରିବା ପରେ ୩ ଜଣଙ୍କୁ ଗିରଫ କରିଛି। ଭାଲେନ୍ସିଆ ବିପକ୍ଷରେ ରିୟଲ ମାଡ୍ରିଡ୍‌ର ୧-୦ ପରାଜୟରେ ମଷ୍ଟାଲ୍ଲା ଷ୍ଟାଡିୟମରେ ଜାତିଆଣ ଆକ୍ଷେପ ହେବାପରେ ଇନ୍‌ଷ୍ଟାଗ୍ରାମ ଓ ଟୁଇଟରରେ ସେ ଏହାକୁ ନେଇ ଏକ ଭିଡିଓ ମଧ୍ୟ ପୋଷ୍ଟ କରିଥିଲେ। ୪ ବର୍ଷ ମଧ୍ୟରେ ୯ ଥର ତାଙ୍କୁ ଏମିତି ଜାତିଆଣ ଆକ୍ଷେପର ଶିକାର ହେବାକୁ ପଡିଥିବା ନେଇ ସେ କହିଥିଲେ। ଭିନିସିୟସ ଏ ସମ୍ପର୍କରେ ପୋଷ୍ଟ କରିବା ପରେ ତାଙ୍କୁ ସମଗ୍ର ବିଶ୍ୱରୁ ସମର୍ଥନ ମିଳିବା ପରେ ସ୍ପାନିଶ ସକ୍କର ଲିଗ୍ ପକ୍ଷରୁ ଆକ୍ସନ ନିଆଯାଉଛି। ଭାଲେନ୍ସିଆ ଦଳକୁ ୪୫ ହଜାର ୟୁରୋ ଫାଇନ୍ ସହିତ ମଷ୍ଟାଲ୍ଲା ଷ୍ଟାଡିୟମର ଉକ୍ତ ଦର୍ଶକ ଷ୍ଟାଣ୍ଡକୁ ସାମୟିକ ଭାବରେ ବନ୍ଦ କରି ଦିଆଯାଇଛି। ଉକ୍ତ ଷ୍ଟାଣ୍ଡରେ ଭାଲେନ୍ସିଆର ହାର୍ଡକୋର ସମର୍ଥକଙ୍କ ଉପସ୍ଥିତି ଅଧିକ ରହିଥାଏ। ଉଲ୍ଲେଖଯୋଗ୍ୟ ଯେ, ୫ ବର୍ଷ ହେଲାଣି ସ୍ପାନିଶ ଲିଗ୍ ଖେଳୁଥିବା ବ୍ରାଜିଲ ଫରୱାର୍ଡଙ୍କୁ ସବୁବେଳେ ଜାତିଆଣ ଆକ୍ଷେପର ଶିକାର ହେବାକୁ ପଡିଥାଏ। ତେବେ ଚଳିତ ବର୍ଷ ସେ ନିଜ ଗୋଲକୁ ଡ୍ୟାନ୍ସ କରି ସେଲିବ୍ରେଟ୍ କରୁଥିବାରୁ ଏଭଳି ଆକ୍ଷେପ ବଢିବାରେ ଲାଗିଛି। ଉକ୍ତ ମ୍ୟାଚରେ ମଝି ଆଙ୍ଗୁଳି ଦେଖାଇବାକୁ ନେଇ ଭିନିସିୟସଙ୍କୁ ରେଡ୍‌କାର୍ଡ ମିଳିଥିବା ବେଳେ ଏହାକୁ ସେ ସମାଲୋଚନା କରିଛନ୍ତି।

# କୋଚ୍ ନିଯୁକ୍ତ କଲା ଓସିଏ

**ଭୁବନେଶ୍ୱର,୨୪।୫ (ସ୍ପୋର୍ଟସ୍ ବ୍ୟୁରୋ):** ଓଡ଼ିଶା କ୍ରିକେଟ ଆସୋସିଏଶନ୍ (ଓସିଏ) ପକ୍ଷରୁ ଏହାର ପୁରୁଷ ଓ ମହିଳା ଦଳ ପାଇଁ କୋଚଙ୍କ ନାମ ଘୋଷଣା କରାଯାଇଛି। ପୁରୁଷ କ୍ରିକେଟ ଦଳର ମୁଖ୍ୟ କୋଚ୍ ତଥା ନିର୍ଦ୍ଦେଶକ ଦୀନେଶ ମୋଙ୍ଗିଆ ଓ ବୈଷୟିକ ନିର୍ଦ୍ଦେଶକ ଭି. ଭେଙ୍କଟରାମଙ୍କ ନେତୃତ୍ୱରେ ପୁରୁଷ ୱିଙ୍ଗ ପାଇଁ ୧୧ ଜଣ କୋଚ୍‌ଙ୍କ ନାମ ଘୋଷଣା କରାଯାଇଛି। ସେହିପରି ମହିଳା ଦଳର ମୁଖ୍ୟ କୋଚ୍ ରୁମେଲୀ ଧରଙ୍କ ନେତୃତ୍ୱରେ ମହିଳା ୱିଙ୍ଗ ପାଇଁ ୬ ଜଣଙ୍କୁ ନିଯୁକ୍ତ କରାଯାଇଛି।

ପୁରୁଷ କୋଚ୍: ଅବକାଶ ଖଟୁଆ, ଦୀପକ ମଙ୍ଗରାଜ, ସୁରେଶ କୁମାର, ନଟରାଜ ବେହେରା, ବସନ୍ତ ମହାନ୍ତି, କୁଲଦୀପ ଶର୍ମା, ରଶ୍ମି ରଞ୍ଜନ ଦାସ, ଶୋଭନ ଦେବ, ପ୍ରଭାତ ନାୟକ, ପ୍ରୀତମଜିତ୍ ଦାସ, କେ. ଭି. ପ୍ରସାଦ। ମହିଳା କୋଚ୍: ପୁଷ୍ପାଞ୍ଜଳୀ ବାନାର୍ଜୀ, କାଦମ୍ବିନୀ ମହାକୁଡ, ସ୍ୱାଗତିକା ରଥ, ମଧୁସ୍ମିତା ବେହେରା, ଟିକିଲତା ପ୍ରଧାନ ଓ ଇତିଶ୍ରୀ ପଟ୍ଟନାୟକ।

# ନେପାଳକୁ ହରାଇ ଭାରତ ସେମିରେ

**ଭୁବନେଶ୍ୱର, ୨୪।୫ (କ୍ରୀଡ଼ା ପ୍ରତିନିଧି)**

ନେପାଳର କାଠମାଣ୍ଡୁରେ ଚାଲିଥିବା ଏନ୍‌ଏସ୍‌ସି ସେଣ୍ଟ୍ରାଲ ଏସିଆନ ଭଲିବଲ ଆସୋସିଏଶନ (କାଭା) ମହିଳା ଭଲିବଲ ଚ୍ୟାଲେଞ୍ଜ୍ କପ୍‌ର ସେମିଫାଇନାଲରେ ଭାରତ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ପ୍ରିଲିମିନାରି ଲିଗ୍ ମ୍ୟାଚରେ ଆୟୋଜକ ନେପାଳକୁ ୩-୧ (୨୫-୧୨, ୨୬-୨୪, ୨୧-୨୫, ୨୫-୨୧) ସେଟ୍‌ରେ ହରାଇ ଭାରତ ଆଗକୁ ବଢ଼ିଛି। ପୁଲ୍-ଏ ଟେବୁଲରେ

## କାଭା ମହିଳା ଭଲିବଲ ଚ୍ୟାଲେଞ୍ଜ କପ୍

ଭାରତ ଶୀର୍ଷସ୍ଥାନ ଅଧିକାର କରିଛି। ନେପାଳ ବିପକ୍ଷ ମ୍ୟାଚରେ ଭାରତ ବିଜୟରେ ବ୍ଲକର ଅଶ୍ୱିନ ଓ ସୋର୍ଯ୍ୟା, ଆଟାକର ଅନୁଶ୍ରୀ, ଅଲ୍‌ରାଉଣ୍ଡର ଜିନ୍‌ସି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ପରାଜିତ ହେବା ସତ୍ତ୍ୱେ ନେପାଳ ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୨୬ ତାରିଖରେ ପ୍ରଥମ ସେମିଫାଇନାଲରେ ଭାରତ ଓ ଉଜବେକିସ୍ତାନ ମଧ୍ୟରେ ମୁକାବିଲା ହେବ। ସେହିଦିନ ଦ୍ୱିତୀୟ ସେମିରେ ନେପାଳ ଓ କାଜାଖସ୍ତାନ ପରସ୍ପରକୁ ଭେଟିବେ। ଭଲିବଲ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଗତ ୨୨ରୁ ଆରମ୍ଭ ହୋଇଥିବା ପ୍ରତିଯୋଗିତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ।



ଭାରତୀୟ ଖେଳାଳି ବଲ୍ ରିଟର୍ନ କରୁଛନ୍ତି।

# କିଟ୍ ମହିଳା, ପୁରୁଷ ଦଳର ବିଜୟ ଅଭିଯାନ

**ଭୁବନେଶ୍ୱର, ୨୪।୫ (କ୍ରୀଡ଼ା ପ୍ରତିନିଧି)**

## ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

ଉତ୍ତର ପ୍ରଦେଶର ବିଭିନ୍ନ ସହରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ରଗ୍‌ବୀ ବିଭାଗରେ କିଟ୍ ବିଶ୍ୱବିଦ୍ୟାଳୟର ମହିଳା ଓ ପୁରୁଷ ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ସ୍ପୋର୍ଟସ୍ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଓ ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍(ଏଆଇୟୁ)ର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି। ପ୍ରତିଯୋଗିତାର ରଗ୍‌ବୀ ଇଭେଣ୍ଟ ଲକ୍ଷ୍ନୌସ୍ଥିତ ଗୁରୁ ଗୋବିନ୍ଦ ସିଂ ସ୍ପୋର୍ଟସ୍ କଲେଜ ପରିସରରେ ଅନୁଷ୍ଠିତ ହେଉଛି। ପୁରୁଷ ୭ଏସ୍ ଇଭେଣ୍ଟରେ କିଟ୍ ଦଳ ୟୁନିଭର୍ସିଟି ଅଫ୍ ମୁମ୍ବାଇକୁ ୩୧-୦ରେ ପରାସ୍ତ କରିଛି। ପରେ ଦ୍ୱିତୀୟ ମ୍ୟାଚରେ ପଞ୍ଜାବର ଲଭ୍‌ଲି ପ୍ରଫେଶନାଲ ୟୁନିଭର୍ସିଟିକୁ ୨୮-୧୨ରେ ହରାଇ ଦେଇଛି। ସେହିପରି ମହିଳା ୭ଏସ୍ ଇଭେଣ୍ଟରେ କିଟ୍ ଏହାର ପ୍ରଥମ ମ୍ୟାଚରେ ଅମୃତସରର ଗୁରୁ ନାନକ ଦେବ ୟୁନିଭର୍ସିଟିକୁ ୫୧-୫ ଓ ଦ୍ୱିତୀୟ ମ୍ୟାଚରେ ଚଣ୍ଡିଗଡ଼ ୟୁନିଭର୍ସିଟିକୁ ୫୧-୦ରେ ପରାସ୍ତ କରିଛି। ଗୁରୁବାର ଅନ୍ତିମ ଲିଗ୍ ମ୍ୟାଚରେ କିଟ୍‌ର ମହିଳା ଓ ପୁରୁଷ ଦଳ କୋହ୍ଲାପୁରର ଶିବାଜୀ ୟୁନିଭର୍ସିଟିକୁ ଭେଟିବ। ଏଥିରେ ବିଜୟୀ ହେଲେ ପୁଲ୍ ଟପ୍ପର ହେବ। ପୁରୁଷ ଟେନିସ ଇଭେଣ୍ଟରେ କିଟ୍ ଦଳ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟକୁ ୨-୧ରେ ହରାଇ ଅଭିଯାନ ଆରମ୍ଭ କରିଛି। ଉଭୟ ଦଳ ସିଙ୍ଗଲ୍ସରେ ବିଜୟୀ ହୋଇଥିବାବେଳେ ଡବଲ୍ସରୁ ଫଳାଫଳ ନିର୍ଣ୍ଣୟ ହୋଇଥିଲା।



କିଟ୍ ମହିଳା ରଗ୍‌ବୀ ଦଳ।

# ଉତ୍ତର ପ୍ରଦେଶ, ଝାଡ଼ଖଣ୍ଡ ବିଜୟୀ

**ରାଉରକେଲା ଅଫିସ/ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୨୪।୫**

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ପୁରୁଷ ହକିର ବୁଧବାର ଅନୁଷ୍ଠିତ ମ୍ୟାଚରେ ଉତ୍ତର ପ୍ରଦେଶ ଓ ଝାଡ଼ଖଣ୍ଡ ଦଳ ବିଜୟୀ ହୋଇଛି। ଦିବସର ପ୍ରଥମ ମ୍ୟାଚରେ ଉତ୍ତର ପ୍ରଦେଶ ୫-୦ ଗୋଲରେ କର୍ଣ୍ଣାଟକକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସତ୍ୟମ ପାଣ୍ଡେ ୨ୟ ଓ ୧୪ଶ ମିନିଟରେ ୨ଟି ଏବଂ କେତନ କୁଶୱା ୧ମ, ରାହୁଲ ଯାଦବ ୨୧ ଓ ଅଧିନାୟକ ଅଜିତ ଯାଦବ ୫୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦ୍ୱିତୀୟ ମ୍ୟାଚରେ ଝାଡ଼ଖଣ୍ଡ ୬-୧ ଗୋଲରେ ବେଙ୍ଗଲକୁ ହରାଇ ଦେଇଛି। ଝାଡ଼ଖଣ୍ଡ ପକ୍ଷରୁ ଫଗୁୱା ହୋରୋ ୨୦ ଓ ୩୪ ମିନିଟରେ ୨ଟି ଏବଂ ଜୋଲେନ ଟପ୍ପୋ ୫, ବିକ୍ରମ ସୋରେଙ୍ଗ ୧୬, ନିକୋଲାସ ଟପ୍ପୋ ୨୨ ଓ ଅଙ୍କିତ୍ ଏକ୍କା ୪୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବେଙ୍ଗଲ ପକ୍ଷରୁ

## ଜାତୀୟ ସବ୍‌ଜୁନିୟର ପୁରୁଷ ହକି

ବିଷ୍ଣୁ ପାସୱାନ ୫୩ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ।

## ଓଡ଼ିଶାର ଦ୍ୱିତୀୟ ବିଜୟ

ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୧୨-୦ ଗୋଲରେ ଉତ୍ତରାଖଣ୍ଡକୁ ପରାସ୍ତ କରିଥିଲା। ଓଡ଼ିଶାର ଏହା ଦ୍ୱିତୀୟ ବିଜୟ ଥିଲା। ପୁଲ୍ 'ସି'ର ଏହି ମ୍ୟାଚରେ ଦଳ ପକ୍ଷରୁ ଦେଓନାଥ ନାନ୍‌ୱାର ୧୨, ୩୩, ୪୭, ୪୮ ଓ ୫୮ତମ ମିନିଟରେ ଏକାକୀ ୫ଟି ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀପକ ପ୍ରଧାନ ୨୭ ଓ ୩୭ ମିନିଟରେ ୨ଟି ଏବଂ ବିଲକାନ ଓରାମ ୨୧, ଯୋଜିନ ମିଞ୍ଜ୍ ୩୫, ରୋହିତ କୁଲୁ ୪୩, ପ୍ରଦୀପ ମଣ୍ଡଳ ୪୯ ଓ ସୁରେଶ ଶର୍ମା ଅଧିକାରୀମାୟୁମ୍ ୫୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

# କ୍ୱାର୍ଟର ଫାଇନାଲରେ ମୁକ୍ତେଶ୍ୱର

**ଭୁବନେଶ୍ୱର, ୨୪।୫ (କ୍ରୀଡ଼ା ପ୍ରତିନିଧି)**

ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଏହାର ପଡ଼ିଆରେ ଚାଲିଥିବା ୨ୟ ପ୍ରଶାନ୍ତ ମହାପାତ୍ର ସ୍ମାରକୀ ଜୁନିୟର (୧୬ ବର୍ଷରୁ କମ୍) କ୍ରିକେଟ ଟୁର୍ନାମେଣ୍ଟର ୬ଷ୍ଠ ପ୍ରି-କ୍ୱାର୍ଟର ଫାଇନାଲ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହିଦ ସ୍ପୋର୍ଟିଂକୁ ୧୫ ରନରେ ହରାଇ ମୁକ୍ତେଶ୍ୱର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୁକ୍ତେଶ୍ୱର ୩୦ ଓଭରରେ ୮ ଉଇକେଟ ହରାଇ ୧୪୯ ରନ କରିଥିଲା। ଦଳ ପକ୍ଷରୁ ଅର୍ପିତ ନାୟକ ୫୪ ବଲ୍‌ରୁ ସର୍ବାଧିକ ୬୧ ରନ କରିଥିଲେ। ବିପକ୍ଷ ଦଳର ଆଦିତ୍ୟ କୁମାର ପ୍ରଧାନ ୨୩ ରନ ବିନିମୟରେ ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ୧୫୦ ରନ ବିଜୟ ଲକ୍ଷ୍ୟନେଇ ବ୍ୟାଟିଂ କରିଥିବା ସହିଦ ସ୍ପୋର୍ଟିଂ ପୂରା ୩୦ ଓଭର ଖେଳିଥିଲେ ହେଁ ୫ ଉଇକେଟ ହରାଇ ୧୩୪ ରନ କରିବାକୁ ସକ୍ଷମ ହୋଇଥିଲା। ଆଦିତ୍ୟ ପ୍ରଧାନ ୩୪ ଏବଂ ଦେବଜ୍ୟୋତି ପଟ୍ଟନାୟକ ୫୭* ରନ କରିଥିଲେ। ମୁକ୍ତେଶ୍ୱର ବୋଲରଙ୍କ ମଧ୍ୟରେ ଅର୍ପିତ ନାୟକ ୨୬ ରନରେ ୨ଟି ଏବଂ ପୀୟୂଷ ପାତ୍ର ୧୧ ରନରେ ଗୋଟିଏ ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଅର୍ପିତ ନାୟକଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ରଣଜୀ ଟ୍ରଫି ଖେଳାଳି ସନ୍ଦୀପ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଅର୍ପିତଙ୍କୁ ପୁରସ୍କୃତ କରିଥିଲେ। ଗୁରୁବାର ଗ୍ରୀନ୍ସ କ୍ରିକେଟ ଏକାଡେମୀ ଓ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ହେବ।



ପୁରସ୍କାର ଗ୍ରହଣ ଅବସରରେ ଅର୍ପିତ ନାୟକ।

# ଦ୍ୱିତୀୟ ରାଉଣ୍ଡରେ ସିନ୍ଧୁ, ଶ୍ରୀକାନ୍ତ

**କୁଆଲାଲମ୍ପୁର,୨୪।୫(ପି.ଟି.):** ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ପି.ଭି. ସିନ୍ଧୁ ଓ କିଡାମ୍ବି ଶ୍ରୀକାନ୍ତ। ମହିଳା ସିଙ୍ଗଲ୍ସରେ ବୁଧବାର ଷଷ୍ଠ ସିଡେଡ୍ ସିନ୍ଧୁ କଡା ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଡେନ୍‌ମାର୍କର ଲାଇନ୍ କ୍ରିଷ୍ଟୋଫରସେନଙ୍କୁ ପରାସ୍ତ କରିଥିଲେ। ୧ ଘଣ୍ଟା ୨ ମିନିଟ ଧରି ଚାଲିଥିବା ମ୍ୟାଚକୁ ସିନ୍ଧୁ ୨୧-୧୩, ୧୭-୨୧ ଓ ୨୧-୧୮ରେ ଜିତି ନେଇଥିଲେ। ପୁରୁଷ ଭାରତୀୟ ସିଙ୍ଗଲ୍ସ ଖେଳାଳିଙ୍କ ମଧ୍ୟରେ କିଡାମ୍ବି ଶ୍ରୀକାନ୍ତ ୨୧-୧୨ ଓ ୨୧-୧୬ରେ ଟୋମା ଜୁନିୟର ପୋପୋଭଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ ଥାଇଲାଣ୍ଡର କୁନଲାଭୁଟ ଭିଟିଡସାର୍ନଙ୍କୁ ଭେଟିବେ।


# Classified Everyday
0674-2580101, 2549949



REAL ESTATE

SALE

ISO 9001-2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600. D-74851

4BHK Luxurious flat for sale at Unit-3 Kharavelanagar, behind Ram Mandir Construction work going on contact-9438362399. D-0410

କେଶୁରାରେ immediate ଘରକରି ରହିବା ପାଇଁ ଘରବାରି ପଟ୍ଟା ଥିବା ପ୍ଲଟ୍ ମିଳୁଛି। 9692213354. D-74686

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର- 1200sqft. 3,00,000/-, ନଖରା-300/- 6371569855. D-74863

Gharabari plots with boundary wall at Balianta ready to construction for sale. Contact: 9438620034. D-0414

ନଖରାଛକ East Engineering College ପାଖରେ Sqft. 1550/-, Main roadରୁ 500 mtr. sqft.1050/-, 800/- Boundary, ଘରବାରି, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ – 9178704897. D-74865

PURCHASE

ଭୁବନେଶ୍ୱରରେ ଆପଣଙ୍କ ନିଜର 2/3BHK Flat ଏବଂ ଘର ବିକିବାକୁ ଚାହୁଁଛନ୍ତି କି? 7653898752. D-74309




Full Body Massage by Experience Therapist @999 Only-9078484455. (Bhubaneswar). D-0339

Newly open health benefits SPA special offer @799, Master Canteen. 9124527173. D-75107

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74685

Spa full Body Massage only best therapist Gents & ladies @799/- Bhubaneswar. Kajal-9337672475. D-0397

Newly open health benefits Spa special offer @799, Jaydev Vihar, 8018429809. D-75108

AFFIDAVIT

Mishra Madhuri Basant, R/o, Plot No. 64/6950/9617, Saswat Vihar, Chandrasekharpur, Bhubaneswar, Dist. Khurda, Odisha-751021, changed my name as Madhuri Mishra, D/o Late Basant Kumar Mishra. D-0421

LOST

**ପଟ୍ଟା ହଜିଛି**
ମୁଁ ବସନ୍ତ କୁମାର ବେହେରା, ପିତା- ମହେଶ୍ୱର ବେହେରା, ଗ୍ରାମ- ସୁନାଖଳାସାହି, ପୋ.- ରାଜସୁନାଖଳା, ଜିଲ୍ଲା- ନୟାଗଡ଼ । ମୁଁ ବିଜ୍ଞାପନ ଦେବାର କାରଣ ଏହି କି ଯେ ମୋର Original ପଟ୍ଟା, ଖାତା ନଂ.୧୦୫୩, ତା୦୭।୦୫।୨୦୨୩ ରିଖ ଦିନ ଖୋର୍ଦ୍ଧାରୁ ରାଜସୁନାଖଳା ଯିବା ରାସ୍ତାରେ କେଉଁଠାରେ ହଜିଯାଇଥିଲା। ଏଣୁ ଆପଣମାନଙ୍କୁ ବିନୀତ ଅନୁରୋଧ କରୁଅଛି କି ଯଦି କେହି ସହୃଦୟ ବ୍ୟକ୍ତି ଉକ୍ତ ପଟ୍ଟାକୁ ପାଇବେ ନିମ୍ନ ଲିଖିତ ଠିକଣାରେ ଯୋଗାଯୋଗ କରିବେ।
ଓକିଲ- ଦୀପକ କୁମାର ସାହୁ, (ମୋ.- ୯୯୩୭୦୫୮୭୮୫)
ଧ-୦୪୨୮

LEGAL NOTICE

**ସିଭିଲ ଜଜ୍ (ସିନିୟର ଡିଭିଜନ)ଙ୍କ ଅଦାଲତ, ବୌଦ୍ଧ**
F.D.C.S. No.08/2022
**(ସିଭିଲ କେସ୍ ନଂ.-୫୬/୨୦୦୯)**
କୃଷ୍ଣପ୍ରିୟା ମହାପାତ୍ର ... ... ବାଦୀ
ବନାମ
ରାଜ କିଶୋର ମହାପାତ୍ର ... ପ୍ରତିବାଦୀ
ପ୍ରାପ୍ତେଷୁ
କ୍ରମିକ ନଂ. ୪(f), ମିନତି ମହାପାତ୍ର, ବୟସ- ୩୫ ବର୍ଷ, ସ୍ୱାମୀ- ଟୁକୁ ମହାପାତ୍ର, ପିତା- ୰ ସୁରେଶ କୁମାର ମହାପାତ୍ର, ରଥସାହି, ସ୍ଥାନ/ପୋ/ଥାନା- ଆଠମଲ୍ଲିକ, ଜିଲ୍ଲା- ଅନୁଗୁଳ ଏବଂ କ୍ରମିକ ନଂ. ୬, ବବିତା ମହାପାତ୍ର, ବୟସ-୩୮ ବର୍ଷ, ପିତା- ୰ସନ୍ତୋଷ କୁମାର ମହାପାତ୍ର, ସ୍ୱାମୀ- ସତ୍ୟାନନ୍ଦ ନାଏକ, ସ୍ଥାନ- D.I.T. Centre, ସୋନପୁର, ପୋ/ଥାନା- ସୋନପୁର, ଜିଲ୍ଲା- ସୁବର୍ଣ୍ଣପୁର, ଏତଦ୍ୱାରା ଜଣାଇ ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଚାଲିଥିବା F.D.C.S. No.-08/2022 କେସ୍‌ର ପକ୍ଷ ଅଟନ୍ତି। ଉପରୋକ୍ତ ଠିକଣାରେ ଅଦାଲତରୁ ନୋଟିସ ପ୍ରେରଣ କରାଗଲେ ମଧ୍ୟ ତାହା ଗ୍ରହଣ କରୁନାହାନ୍ତି। ଏଣୁ ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆସନ୍ତା ତା୦୬।୦୭।୨୩ରିଖ ଦିନ ଘ୧୦.୩୦ ମି. ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଉପସ୍ଥିତ ରହି ନିଜର ପକ୍ଷ ରଖିବେ, ନଚେତ ଅଦାଲତ ଆପଣଙ୍କର ଅନୁପସ୍ଥିତିରେ ବିଚାର ପ୍ରକ୍ରିୟା ଆରମ୍ଭ କରିବେ ଓ ପରେ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।
**ସ୍ୱାକ୍ଷର**
**ସିଭିଲ୍ ଜଜ୍ (ସିନିୟର ଡିଭିଜନ), ବୌଦ୍ଧ**
ଧ-୦୪୨୬

ପାଠକଙ୍କ ପାଇଁ ସୂଚନା– କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ମନେ ପଡ଼ନ୍ତି

OBITUARY



RABINARAYANJENA
Our remembrance is just like the connection of white light & those 7 colors & we are 3 of them. Thanks for those unique experience, charmful moments. You are the treasure hidden in our hearts & key of our cheerful & happiest smiles. Your blessings & inspiration will always be with our soul. In every path of our sucess/obstacles we feel your presence. We pray before God to keep your soul happy living in heaven.
Your's Shrikirti, Saswati, Devansh and family members, Bhubaneswar
D-0430

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ଡାକ୍ତର ଗଜେନ୍ଦ୍ର କୁମାର ସାମଲ
ପୂର୍ବତନ ଏଡିଏମ୍‌ଓ, ସମରାଇପୁର, ଭଦ୍ରକ
ଆବିର୍ଭାବ: ୦୩।୦୨।୧୯୪୨
ତିରୋଧାନ: ୧୮।୦୬।୨୦୧୮
ବାପା, ଚାହୁଁ ଚାହୁଁ ୫ ବର୍ଷ ବିତିଗଲା। ତୁମ ବିନା ସବୁ ଯେମିତି ନୀରବି ଯାଇଛି । ସବୁ ପୂର୍ଣ୍ଣତା ଭିତରେ ଏକ ବିରାଟ ଶୂନ୍ୟତା। ପ୍ରତି ମୁହୂର୍ତ୍ତରେ ଶୂନ୍ୟ ଘରେ ଆମେ ସମସ୍ତେ ତୁମକୁ ଖୋଜୁଛୁ। ତୁମେ କେବଳ ଜଣେ ସ୍ନେହବତ୍ସଳ ବାପା ଭାବରେ ନୁହେଁ ବରଂ ଦରିଦ୍ରର ସହାୟ ଜଣେ ଡାକ୍ତର ଭାବରେ, ସମାଜର ବିଭିନ୍ନ ହିତ କାର୍ଯ୍ୟରେ ସମାଜସେବୀ ଭାବେ, ସର୍ବୋପରି ଜଣେ ଆଦର୍ଶ ମଣିଷ ରୂପେ ଚିରକାଳ ପାଇଁ ମନେରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ପତ୍ନୀ- ଲିଲି ସାମଲ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ପରିବାରବର୍ଗ, ବନ୍ଧୁ ପରିଜନ ଓ ଆତ୍ମୀୟସ୍ୱଜନ ।
ଧ-୦୪୨୭

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଏକାଦଶାହ ଉପଲକ୍ଷେ



୰ବିଶ୍ୱଜିତ୍ ଜେନା (ଜିତୁ)
ଡି.ଏଲ୍.-୪, ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର
ଆବିର୍ଭାବ- ୨୮।୦୩।୧୯୭୮
ତିରୋଧାନ- ୧୫।୦୫।୨୦୨୩
ଏଗାର ଦିନ ହେଲା ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ହୃଦୟ ବିଦାରକ କଷ୍ଟ ଦେଉଛି। ତୁମର ଉଦାରତା, ଅସୀମ ଧୈର୍ଯ୍ୟ, ନିରଳସ ବ୍ୟକ୍ତିତ୍ୱ, ସଦ୍‌ଚିନ୍ତା, ସହାସ୍ୟ ମୁଖମଣ୍ଡଳ ସର୍ବଦା ଅଭୁଲା ତଥା ଆମ ଜୀବନର ପାଥେୟ ହେଉ। ତୁମ ବିନା ସବୁକିଛି ଯେମିତି ନୀରବ, ନିଶ୍ଚଳ। ସବୁ ପୂର୍ଣ୍ଣତା ଭିତରେ ଶୂନ୍ୟତା । ଶୂନ୍ୟ ଘରେ ସମସ୍ତେ କେବଳ ତୁମକୁ ହିଁ ଖୋଜୁଛୁ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ- ବାପା, ବୋଉ, ସ୍ତ୍ରୀ-ପିଙ୍କି, ଝିଅ-ଖୁସି, ବନ୍ଧୁ ଓ ପରିବାରବର୍ଗ
ଧ-୭୪୬୮୭

# ବଡ଼ ପରଦାରେ ମହେଶ

ଛୋଟ ପରଦା ଆଉ ଜଲିଉଡ୍‌ରେ ନିଜର ନିର୍ଦ୍ଦେଶନାର ସ୍ୱତନ୍ତ୍ରତା ଦେଖାଇବା ପରେ ମହେଶ ହାଜ୍‌ରା ଏବେ ବଡ଼ ପରଦାରେ ନିଜ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ତାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେବାକୁ ଯାଉଛି ଏକ ଭିନ୍ନ ଧରଣର ଓଡ଼ିଆ ସିନେମା 'କାଇଁଚମାଳି-ମାଟିର ଛିଟାରେ ଆମ ମାଟିର ଗପ'। ଓମ୍‌କାର ପ୍ରଡକ୍ସନ ବ୍ୟାନରରେ ଏହାର ପ୍ରଯୋଜନା କରୁଛନ୍ତି ନବାଗତ ପ୍ରଯୋଜକ ସତ୍ୟଜିତ ବଗ୍। ନିଜର ଏହି ସୁଯୋଗ ବିଷୟରେ 'ଦୁର୍ଗା' ଧାରାବାହିକ ଫେମ୍ ମହେଶ କୁହନ୍ତି, 'ବଡ଼ ପରଦାରେ ନିର୍ଦ୍ଦେଶନା ଦେବା ଅଧିକ ରିସ୍କ। କାରଣ ମୁଁ ସବୁବେଳେ ଦର୍ଶକଙ୍କୁ କିଛି ନୂଆ ଦେଖାଇବାକୁ ଚେଷ୍ଟା କରିଥାଏ। ଏହି ଫିଲ୍ମରେ ରହିଛି ଖାଣ୍ଟି ଓଡ଼ିଆ ଘରର କଥା। ଆମ ରାଜ୍ୟର ଚାଲିଚଳଣି, ପରମ୍ପରାର ଝଲକ ଏଥିରେ ଦେଖିବାକୁ ମିଳିବ। ଶୁଟିଂ ସମୟରେ ଯେପରି ପ୍ରତିଟି ବିଷୟକୁ ଧ୍ୟାନ ଦିଆଯିବ ସେ ନେଇ ଶତ ପ୍ରତିଶତ ଚେଷ୍ଟା କରିବି।' ଏହି ଫିଲ୍ମର ନାୟକ ସାଜୁଛନ୍ତି ଶୁଭାଶିଷ ଶର୍ମା ଓରଫ ମଣ୍ଟୁ। ତାଙ୍କ ବ୍ୟତୀତ ଏହି ଫିଲ୍ମରେ ସୁପ୍ରିୟା ନାୟକ, ନମ୍ରତା ଥାପ୍ପା, ଦୁଷ୍ମନ୍ତ ପଣ୍ଡା, ଅଶ୍ରୁମୋଚନ ମହାନ୍ତି, ଅଶୋକ ଦାସ, ମନୀଷା ମିଶ୍ର ଏବଂ ଭୂପତି ତ୍ରିପାଠୀ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। କ୍ୟାମେରା ଦାୟିତ୍ୱ ତୁଲାଇବେ ରବୀନ୍ଦ୍ର ବେହେରା। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଆଗଧାଡ଼ିର ସ୍ୱର ସଂଯୋଜକ ବୈଦ୍ୟନାଥ ଦାଶ। ଏହାବ୍ୟତୀତ ଆସନ୍ତା ଯାତ୍ରା ସିଜନରେ ମହେଶଙ୍କ ନିର୍ଦ୍ଦେଶନାରେ 'ଅଲିଅଳି ରାଜଜେମା', (ଶିବାନୀ), 'ଆସିଛି ଏକା ଯିବି ମୁଁ ଏକା' (ରଙ୍ଗମହଲ) ଏବଂ 'ଜଣେ ଚଷାପୁଅ ପ୍ରେମ କାହାଣୀ' (ଯାତ୍ରା ମୋହିନୀ) ପ୍ରସ୍ତୁତ ହେବାକୁ ଯାଉଛି।


ମହେଶ ହାଜ୍‌ରା


କିଆରା

# ପ୍ରଥମେ..., ଶେଷରେ ନା

ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ହିନ୍ଦୀ ସିନେମା 'ସତ୍ୟ ପ୍ରେମ୍ କି କଥା'। ନିକଟରେ ଏହାର ଶୁଟିଂ ଶେଷ ହୋଇଛି। କିନ୍ତୁ ଏହି ସମୟରେ ଏକ ଘଟଣାକୁ ନେଇ ବଲିଉଡ୍‌ରେ ଚର୍ଚ୍ଚା। କଥା କ'ଣ କି, ଏହି ଫିଲ୍ମର ଏକ ଗୀତର ଶୁଟିଂ ବାକି ଥିଲା। ଏଥିରେ କାର୍ତ୍ତିକ ଆର୍ଯ୍ୟନ ଏବଂ କିଆରା ଆଡ୍‌ୱାନୀ ନାଚିବାକୁ ଫାଇନାଲ ହୋଇଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ଉକ୍ତ ଗୀତଟିର ଦୃଶ୍ୟାୟନ କାର୍ତ୍ତିକଙ୍କୁ ନେଇ କରାଯାଇଛି। ଏଭଳି ନିଷ୍ପତ୍ତିରେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି କିଆରା। ଏ ନେଇ ସେ କହନ୍ତି, 'ପ୍ରଥମେ ନିର୍ଦ୍ଦେଶକ ମୋତେ କହିଥିଲେ ଯେ, ଶେଷଭାଗରେ ଶୁଟିଂ ହେବାକୁ ଥିବା ଗୀତରେ କାର୍ତ୍ତିକଙ୍କ ସହ ମୁଁ ନାଚିବି। ହେଲେ ରାତାରାତି କ'ଣ ହେଲା କେଜାଣି ମୋତେ ଏଥିରୁ ବାଦ୍ ଦିଆଗଲା। ଅବଶ୍ୟ ଏ ନେଇ ମନ ଦୁଃଖ ହେଉଛି, ହେଲେ ପ୍ରଯୋଜନା ସଂସ୍ଥାର କଥା ଆମକୁ ମାନିବାକୁ ପଡ଼ିବ। କାରଣ କ'ଣ ଶୁଟିଂ ହେବ ଏବଂ ଫାଇନାଲ ସିଡ୍ୟୁଲ କ'ଣ ହେବ ତାହା ସେମାନଙ୍କ ଉପରେ ନିର୍ଭର କରେ। ହେଲେ ଏହି ଗୀତଟିରେ ନାଚିବାକୁ ନିଜକୁ ମାନସିକସ୍ତରରେ ପ୍ରସ୍ତୁତ କରିସାରିଥିଲି। ଯେତେବେଳେ ଏଥିରୁ ମୋତେ ବାଦ୍ ଦିଆଯାଇଛି ବୋଲି ଶୁଣିଲି ମନ ତ ନିଶ୍ଚୟ ଦୁଃଖ ହେଲା, ହେଲେ ଏବେ ମୁଁ ନିରୁପାୟ। ଏହି ଫିଲ୍ମଟିର କାହାଣୀରେ ଭିନ୍ନତା ରହିଛି ଏବଂ ତାହା ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ।' 'ସତ୍ୟ ପ୍ରେମ୍ କି କଥା'ର ପ୍ରଯୋଜନା କରିଛନ୍ତି ହିନ୍ଦୀ ସିନେମା ଜଗତର ଅନ୍ୟତମ ଆଗଧାଡ଼ିର ପ୍ରଯୋଜକ ସାଜିଦ ନାଦିଓ୍ୱାଦଓ୍ୱାଲା। ନିର୍ଦ୍ଦେଶନା ଦେଇଛନ୍ତି ସମୀର ବିଦ୍ୱାନ୍। ଚିତ୍ରଟି ଚଳିତ ବର୍ଷ ଜୁନ୍ ୨୯ରେ ରିଲିଜ୍ ହେବାକୁ ଯାଉଛି। ତେବେ ଏହି ଫିଲ୍ମରେ କାର୍ତ୍ତିକ-କିଆରା ଯୋଡ଼ି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବାକୁ ବାକି ରହିଲା।

# ରିଲିଜ୍ ଋତୁ

ଚଳିତ ମାସ ୨୫ ଏବଂ ୨୬ ତାରିଖରେ ତିନୋଟି ଓଡ଼ିଆ ସିନେମା ପରଦା ଉପରକୁ ଆସିବ। ଏହାକୁ ନେଇ ଚଳିତ ବର୍ଷ ରିଲିଜ୍ ହୋଇଥିବା ଓଡ଼ିଆ ସିନେମା ସଂଖ୍ୟା ପହଞ୍ଚିବ ୧୭ରେ। ବିଶେଷ ଭାବରେ ଟ୍ରାନ୍ସଜେଣ୍ଡରଙ୍କ ଉପରେ ଆଧାରିତ କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଟି'। ଚଳିତ ମାସ ୨୫ ତାରିଖରେ ରିଲିଜ୍ ହେଉଥିବା ଏହି ଫିଲ୍ମଟିର ପ୍ରଯୋଜକ-ନିର୍ଦ୍ଦେଶକ ସାଜିଛନ୍ତି ଜିତେଶ୍ କୁମାର ପରିଡ଼ା। ଦେବାଶିଷ ସାହୁ, ଉଷଶୀ ମିଶ୍ର, ହର ରଥ, ରଣବୀର କାଳସି ଏବଂ ପ୍ରସନ୍ନଜିତ ମହାପାତ୍ର ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି। ଅନ୍ୟପକ୍ଷରେ ଏହି ଦିନ ମଧ୍ୟ ଆଉ ଏକ ଓଡ଼ିଆ ସିନେମା 'ପ୍ରୀତି ବନ୍ଧନ' ରିଲିଜ୍ ହେଉଛି। ପ୍ରଶାନ୍ତ କୁମାର ନାୟକ ଓ ନରେନ୍ଦ୍ର ପାତ୍ରଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ରାଶେସ ମହାନ୍ତି (ସିଲୁ)। ସମ୍ବିତ୍, ତମନ୍ନା ଓ ତୃପ୍ତି, ପୁଷ୍ପା ପଣ୍ଡା, ଭୂପତି ତ୍ରିପାଠୀ ଏବଂ ଅନ୍ୟ ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ। ଅନ୍ୟପକ୍ଷରେ ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ 'ଶଳା ବୁଢ଼ାର ବଦଳା' ମେ' ୨୬ରେ ରିଲିଜ୍ ହେବ।


'ଟି' ଫିଲ୍ମର ଏକ ଦୃଶ୍ୟ

ଅପେରା ହାଲ୍‌ଚାଲ୍

# ସ୍ୱର୍ଣ୍ଣମହଲର ସ୍ପେଶାଲ ସଜବାଜ

ଆସନ୍ତା ଯାତ୍ରା ସିଜନ ପାଇଁ ଏବେଠାରୁ ସଜବାଜ ଆରମ୍ଭ ହୋଇଗଲାଣି। ନୂଆ ନାଟକ ପ୍ରସ୍ତୁତି ସାଙ୍ଗକୁ କଳାକାରଙ୍କ ପାର୍ଟି ଅଦଳବଦଳ ପ୍ରାୟ ଶେଷ ପର୍ଯ୍ୟାୟରେ। ଆଉ ଏଥର ଦର୍ଶକଙ୍କୁ ଭରପୂର ତଥା ସ୍ମରଣୀୟ ମନୋରଞ୍ଜନ ଦେବାକୁ ଅଣ୍ଟା ଭିଡ଼ିଛି ଜଲିଉଡ୍‌ର ଅନ୍ୟତମ ଅଗ୍ରଣୀ ଯାତ୍ରାନୁଷ୍ଠାନ ସ୍ୱର୍ଣ୍ଣମହଲ। ''ଆସନ୍ତା ଯାତ୍ରା ସିଜନରେ ଏହି ପାର୍ଟି ଦର୍ଶକଙ୍କ ମନକୁ ଛୁଇଁଲା ଭଳି ନାଟକ ପରବେଷଣ ତ କରିବ, ତା'ସହ ହାଇ-ଫାଇ ମେଲୋଡି, ରେକର୍ଡ ଡ୍ୟାନ୍ସ, ଫ୍ଲୁଲ, ଲେଜର ଲାଇଟ୍ ଏବଂ ଆଖି ଝଲସିଲା ଭଳି ଷ୍ଟେଜ୍‌କୁ ନେଇ ମଇଦାନକୁ ଓହ୍ଲାଇବ। ୨୦୨୩-୨୪ ଲାଗି ଆମେ ଆଗଧାଡ଼ିର ନାଟ୍ୟକାର ତଥା ନିର୍ଦ୍ଦେଶକଙ୍କୁ ନେଇ ନାଟକ ପ୍ରସ୍ତୁତି ଜାରି ରଖିଛୁ। ସ୍ୱର୍ଣ୍ଣମହଲ ଏଥର ଆଉ ଦୁଇପାଦ ଆଗରେ ରହିବ ବୋଲି କୁହନ୍ତି ଏହାର ପ୍ରୋପ୍ରାଇଟର କ୍ଷୀରୋଦ ସ୍ୱାଇଁ।'' ଆସନ୍ତା ସିଜନ ପାଇଁ ନୂଆ ନାଟକଗୁଡ଼ିକ ହେଲା-'ରାତି ସୁନ୍ଦରକୁ ସାଥୀ ସୁନ୍ଦର' (କିଶୋର ଖଣ୍ଡୁଆଳ), 'କେତେ ଦୁଃଖ ଦେବୁରେ କାଳିଆ' (ଇଂ. ଆଶୁତୋଷ ମହାପାତ୍ର), 'ରାଜା ଘର କଥା ମନେ ରଖିଥା' (ଗୁରୁ ପ୍ରସାଦ ମିଶ୍ର) ଏବଂ 'ଏ ଆଖି କାନ୍ଦୁଛି ତୋରି ପାଇଁ' (ପ୍ରଶାନ୍ତ ନାୟକ)। ଆସନ୍ତା ସିଜନ ପାଇଁ ଏହାର ପ୍ରମୁଖ କଳାକାରମାନେ ହେଉଛନ୍ତି ସୁବାସ ବେହେରା, କାବେରୀ ପାଢ଼ୀ, ଅଞ୍ଜୁ-ଆପୁ ଏବଂ ବ୍ୟାଡ୍‌ମ୍ୟାନ୍ ଜ୍ଞାନ।


କାବେରୀ-ସୁବାସ

# ରକି ଔର ରାନୀ କି ପ୍ରେମ କାହାନୀ

ଏଭଳି ଟାଇଟଲରୁ ସ୍ପଷ୍ଟ ଜଣାପଡୁଛି ଯେ ଏହି ଫିଲ୍ମଟି ଏକ ପ୍ରେମ କାହାଣୀକୁ ଆଧାର କରି ପ୍ରସ୍ତୁତ କରାଯାଇଛି। ରକି ଆଉ ରାନୀ ନାମକ ପ୍ରେମୀଯୁଗଳଙ୍କ ପ୍ରେମ କିପରି ଆରମ୍ଭ ହେଉଛି ଆଉ ତାହାର ଶେଷ କେମିତି ହେଉଛି ତାହାକୁ ବେଶ୍ ସୁନ୍ଦର ଭାବରେ ଉପସ୍ଥାପନା କରାଯାଇଛି। ଏହାର କାହାଣୀକୁ ରଚନା କରିଛନ୍ତି ଇଷିତା ମୈତ୍ର, ଶଶାଙ୍କ ଖୈତାନ ଏବଂ ସୁମିତ୍ ରୟ। ହିରୋ ୟଶ୍ ଜୋହର, କରନ ଜୋହର ଏବଂ ଅପୂର୍ବ ମେହେଟ୍ଟାଙ୍କ ଦ୍ୱାରା ପ୍ରଯୋଜିତ ଫିଲ୍ମଟିକୁ ନିର୍ଦ୍ଦେଶନା ଦେଇଛନ୍ତି କରନ୍ ଜୋହର। 'ରକି ଔର ରାନୀ କି ପ୍ରେମ୍ କାହାନୀ'ର ବିଭିନ୍ନ ଭୂମିକାରେ ରଣବୀର ସିଂ, ଆଲିୟା ଭଟ୍ଟ, ଧର୍ମେନ୍ଦ୍ର, ଜୟା ବଚ୍ଚନ ଏବଂ ସବାନା ଆଜ୍‌ମୀ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ମାନୁଷ ନନ୍ଦନ। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଆଗଧାଡ଼ିର ସ୍ୱର ସଂଯୋଜକ ପ୍ରୀତମ୍। ଫିଲ୍ମଟି ଚଳିତ ବର୍ଷ ଜୁଲାଇ ୨୮ରେ ପରଦା ଉପରକୁ ଆସିବ।


ଆଲିୟା

# ରହିଗଲା ଅବସୋସ

ଦିଶା ପଟାନି ବଲିଉଡ୍‌ରେ କ୍ୟାରିୟର ଆରମ୍ଭ କରିବା ପୂର୍ବରୁ ନିଜ ଭବିଷ୍ୟତକୁ ନେଇ ଅନେକ ସ୍ୱପ୍ନ ଦେଖିଥିଲେ। ପାଠ ପଢ଼ିବା ବେଳେ ତାଙ୍କର ଇଚ୍ଛା ଥିଲା ଭାରତୀୟ ବାୟୁସେନାରେ ଜଣେ ପାଇଲଟ୍ ଭାବରେ ଯୋଗଦେବେ। ହେଲେ ସବୁ ଆଶା କ'ଣ ପୂରଣ ହୁଏ ? ଠିକ୍ ସେମିତି ଦିଶାଙ୍କର ଏହି ଅଭିଳାଷ କେବଳ ତାଙ୍କ ମନରେ ହିଁ ରହିଗଲା। ନିଜର ଲକ୍ଷ୍ୟ ବିଷୟରେ ସେ କହନ୍ତି, 'ଯେତେବେଳେ ମୁଁ ଛାତ୍ରୀ ଥିଲି ସେତେବେଳେ ବଡ଼ ହେଲେ ଏୟାରଫୋର୍ସରେ ପାଇଲଟ୍ ହେବି ବୋଲି ଆଶା ରଖିଥିଲି। କିନ୍ତୁ କ'ଣ କରିବି ? ତାହା ପୂରଣ ହୋଇପାରିଲା ନାହିଁ। ଏ କଥା ମୋ ମନରେ ଏକ ଅବସୋସ ହୋଇ ରହିଯାଇଛି କହିଲେ ଭୁଲ ହେବନାହିଁ। ଯେତେବେଳେ ସେ କଥା ମନେପଡେ ସେତେବେଳେ ମନ ଦୁଃଖ ହୁଏ।' ଉତ୍ତର ପ୍ରଦେଶର ବରେଲିରେ ଜନ୍ମିତା ଦିଶାଙ୍କ ପାଠପଢ଼ା ଅଧାରେ ବନ୍ଦ ରଖିବାକୁ ପଡ଼ିଥିଲା। ସେ ବି.ଟେକ୍ କରିବା ସମୟରେ ଷ୍ଟୁଡେଣ୍ଟ କ୍ୟାରିୟରରେ ଡୋରି ବାନ୍ଧିଥିଲେ। ତାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ବିଶ୍ୱର ଅନ୍ୟତମ ଲୋକପ୍ରିୟ କ୍ରିକେଟ ଖେଳାଳି ମହେନ୍ଦ୍ର ସିଂ ଧୋନୀଙ୍କ ବାୟୋପିକ୍ 'ଏମ୍.ଏସ୍.ଧୋନୀ: ଦ ଅନ୍‌ଟୋଲ୍ଡ ଷ୍ଟୋରି'ରୁ। ଏଥିରେ ସେ ଧୋନୀଙ୍କ ପ୍ରେମିକା ପ୍ରିୟଙ୍କା ଝା(ଯିଏ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ) ଭୂମିକାରେ ଅଭିନୟ କରିଥିଲେ। ଏହି ଫିଲ୍ମରେ ତାଙ୍କୁ ନେଇ ଦୃଶ୍ୟାୟିତ ଗୀତ 'କୌନ୍ ତୁଝେ' ବେଶ୍ ଶ୍ରୋତାଦୃତ ହୋଇଥିଲା।


ଦିଶା

# ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ କଳା ପ୍ରଦର୍ଶନ



ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ଶିବପାର୍ବତୀଙ୍କ ବାଲୁକା କଳାକୃତି।

**ସମ୍ବଲପୁର,୨୪।୫(ବ୍ୟୁରୋ)**

ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଉପଲକ୍ଷେ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ଶିବପାର୍ବତୀଙ୍କ ବାଲୁକା କଳା ପ୍ରଦର୍ଶନ କରାଯାଇଛି। ଏହି ବାଲୁକା କଳାକୁ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଳେଇ ଉଦ୍‌ଘାଟନ କରିଛନ୍ତି। ଉଦଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଅନନ୍ୟା ଦାସ, ଏସ୍‌ପି ବି. ଗଙ୍ଗାଧର, ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁ, ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, ସମ୍ବଲପୁର ମହାନଗର ନିଗମ ଡେପୁଟି କମିଶନର ଶଙ୍କର ସାହୁ, ଏନ୍‌ଫୋର୍ସମେଣ୍ଟ ଅଫିସର ଶୁଭଙ୍କର ମହାନ୍ତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝିଙ୍କ ସମେତ ବିଭିନ୍ନ ଶୀତଳଷଷ୍ଠୀ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ସ୍ଥାନୀୟ କଚେରି ଛକ ନିକଟ ରାଜରାସ୍ତା ତଥା ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ସମ୍ମୁଖରେ କରାଯାଇଥିବା ଏହି ବାଲୁକା କଳାକୁ ଶୀତଳଷଷ୍ଠୀ ଦେଖିବାକୁ ଆସୁଥିବା ଲୋକଙ୍କୁ ଆକୃଷ୍ଟ କରିବ। ଯାତ୍ରା ୩ଦିନ ଧରି ଏହି ପ୍ରଦର୍ଶନ ଲାଗିରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



ଲୋକନାଥ ବାବାଙ୍କୁ ତୈଳାଭିଷେକ କରାଯାଉଛି।



ଶିବଙ୍କ ବରଯାତ୍ରାରେ ଆଦିବାସୀ ନୃତ୍ୟ ପରିବେଷଣ କରାଯାଉଛି।



ନନ୍ଦପଡ଼ା ବାଲୁଙ୍କେଶ୍ୱର ବାବା ବରବେଶରେ ସଜ୍ଜିତ ହୋଇଛନ୍ତି।



କନ୍ୟାବେଶରେ ଦେବୀ ପାର୍ବତୀ।



ଶୋଭାଯାତ୍ରାରେ ବାଉଁଶବାଡ଼ି ନୃତ୍ୟ ପରିବେଷଣ।





















# ବିବାହ ବନ୍ଧନରେ ଦେବଦମ୍ପତି


ବାଲିବନ୍ଧା ସୋମନାଥ ବାବାଙ୍କ ବରାତି।

**ସମ୍ବଲପୁର,୨୪।୫(ବ୍ୟୁରୋ)**

ସମ୍ବଲପୁରର ପ୍ରସିଦ୍ଧ ଶୀଳତଷଷ୍ଠୀ ଯାତ୍ରାର ମୁଖ୍ୟ ଲୋକାଚାର ଭାବେ ରୀତିନୀତିରେ ମହାଦେବ ଓ ଜଗଜ୍ଜନନୀ ମାତା ପାର୍ବତୀଙ୍କ ଲୌକିକ ବିବାହ ସମ୍ପନ୍ନ ହୋଇଛି। ଗୁରୁବାର ବ୍ରାହ୍ମମୁହୂର୍ତ୍ତରେ ଦେବଦମ୍ପତି ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ସ୍ୱମନ୍ଦିରରୁ ବୁଧବାର ରାତିରେ ମହାଦେବ ବରଯାତ୍ରୀ ସହ କନ୍ୟାଘରକୁ ଯାଇଥିଲେ। ବରଯାତ୍ରୀରେ ନିୟୁତା ପାଇ ଆସିଥିବା ଦେବଦେବୀ ମଧ୍ୟ ସାମିଲ ହୋଇଥିଲେ। କନ୍ୟାଘରେ ବେଲପତ୍ର, କୁଶରଜ୍ଜୁ ଓ ପଦ୍ମମାଳାରେ ହୋଇଥିବା ହସ୍ତବନ୍ଧନରେ କନ୍ୟା ମାତାପିତା ଜଳଦାନ କରିଥିଲେ। ପଣ୍ଡିତଙ୍କ ମହାମନ୍ତ୍ର ଉଚ୍ଚାରଣରେ ବିବାହ ଉତ୍ସବ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା।

ସହରର ସର୍ବପୁରାତନ ଶୈବପୀଠ ବାଲିବନ୍ଧାସ୍ଥିତ ସୋମନାଥ ବାବା, ନନ୍ଦପଡ଼ା ବମ୍ବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡ଼ା ଲୋକନାଥ ବାବା, ମୁଦିପଡ଼ା ଜାଗେଶ୍ୱର ବାବା ସ୍ୱମନ୍ଦିର ସମ୍ମୁଖରେ ସ୍ୱର୍ଣ୍ଣ, ରୌପ୍ୟ, ଅଳଙ୍କାରରେ ଆଭୂଷଣ ହୋଇ ବରବେଶରେ ସଜ୍ଜିତ ହୋଇଥିଲେ। ପଣ୍ଡିତମାନେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ମହା ଆଳତି କରିଥିଲେ। ହରିବୋଲ ହୁଳହୁଳି ଓ ଶଙ୍ଖନାଦରେ ଶୈବପୀଠ ମୁଖରିତ ହୋଇଥିଲା। ରଙ୍ଗିନ ଆତସବାଜିରେ ମୁକ୍ତାକାଶ ଝଟକୁଥିଲା। ଭକ୍ତମାନେ ବିଭିନ୍ନ ଦେବଦେବୀଙ୍କ ବେଶରେ ସଜ୍ଜିତ ହୋଇ ମହାଦେବଙ୍କ ସହ ସାମିଲ ହୋଇଥିଲେ। ମଧ୍ୟରାତ୍ରିରେ ଭକ୍ତଙ୍କ କାନ୍ଧରେ ମହାଦେବ ବରାତିରେ ବାହାରିଥିଲେ। ଏଥିସହ ଐତିହାସିକ ଶୈବପୀଠ ବୁଢ଼ାରଜା ମହାଦେବ, ବଡ଼ବଜାର ଶୀତଳେଶ୍ୱର ବାବା, ଠାକୁରପଡ଼ା ଗୁପ୍ତେଶ୍ୱର ବାବା, ଦୁର୍ଗାପାଲି ଗୁଡ଼େଶ୍ୱର ବାବା, ସହର ଉପକଣ୍ଠ ମାନେଶ୍ୱର ମାନଧାତା ବାବା, ସିନ୍ଦୂରପଙ୍କ ମହାକାଳେଶ୍ୱର ବାବା ସୁନା ଓ ରୁପା ଅଳଙ୍କାରରେ ସଜେଇହୋଇ ବରାତିରେ ସହର ପରିକ୍ରମା କରିଥିଲେ। ବରାତି ଶୋଭାଯାତ୍ରାରେ ଘଣ୍ଟ, ଶଙ୍ଖ, ଢୋଲକ, ଦୁଲଦୁଲି, ସମ୍ପଦା ଓ ଘୁମୁରା ବାଦ୍ୟରେ ରାଜରାସ୍ତା ପ୍ରକମ୍ପିତ ହୋଇଥିଲା। ସେହିପରି ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା କଳାକାରଙ୍କ ଲୋକନୃତ୍ୟ ଓ ଗୀତରେ ବରାତି ଆକର୍ଷଣୀୟ ହୋଇଥିଲା। ସମ୍ବଲପୁରୀ, ବିହୁ, ମଣିପୁରୀ, ଛତିଶଗଡ଼ୀ ଲୋକନୃତ୍ୟ, ଢେଙ୍କାନାଳ, ଅନୁଗୋଳ, କଟକ, ଦୁର୍ଗ, କୋଲକତା, ୱାଲଟିୟରର ଅଞ୍ଚଳର ଆଧୁନିକ ନୃତ୍ୟ, ପୁରୀ, ଗଞ୍ଜାମ ଅଞ୍ଚଳର କଳାକାରଙ୍କ ମେଢ଼ ନୃତ୍ୟ ମହାଦେବଙ୍କ ବରାତିକୁ ଦ୍ୱିଗୁଣିତ କରିଥିଲା। ଅପରପକ୍ଷେ କନ୍ୟାପକ୍ଷ ମହିଳାମାନେ ପୂର୍ଣ୍ଣ କଳସ ଓ ୧୦୮ ଦୀପ ସ୍ଥାପନକରି ମହାଦେବଙ୍କ ବରାତି ଆସିବା ବାଟକୁ ଚାହିଁ ବସିଥିଲେ। ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ସଜେଇହୋଇ ଜଗଜ୍ଜନନୀ ମାତା ପାର୍ବତୀ କନ୍ୟା ମାତାପିତାଙ୍କ ଅସ୍ଥାୟୀ ବାସଭବନରେ କନ୍ୟାବେଶରେ ଚାହିଁ ବସିଥିଲେ। ମଧ୍ୟରାତ୍ରି ଶେଷ ଭାଗରେ ମହାଦେବଙ୍କୁ ବାଟବରଣ କରିଥିଲେ।


ଗୁଡ଼େଶ୍ୱର ବାବାଙ୍କୁ ରୌପ୍ୟ ଅଳଙ୍କାର ପ୍ରଦାନ କରାଯାଉଛି।

ହୁଳହୁଳି, ହରିବୋଲ, ଘଣ୍ଟ, ଶଙ୍ଖନାଦରେ ଗୁଞ୍ଜରିତ ହେଉଥିଲା ବିବାହ ମଣ୍ଡପ। ରଙ୍ଗିନ ଆଲୋକମାଳାରେ ଝଟକୁଥିଲା ପାର୍ବତୀଙ୍କ ବାସଭବନ। ବାଜା, ରୋଶଣି, ରଙ୍ଗିନ ଆତସବାଜିରେ ପ୍ରକମ୍ପିତ ହେଉଥିଲା ରାଜରାସ୍ତା ଓ ଆକାଶ ମାର୍ଗ। ମହିଳାମାନେ ଦୂବ, ଅରୁଆ ଚାଉଳ, ବେଲପତ୍ରରେ ବନ୍ଦାଣ କରିବା ପରେ ମହାଦେବଙ୍କୁ ବିବାହ ମଣ୍ଡପକୁ ପାଛୋଟି ନେଇଥିଲେ। ଉଭୟ ପକ୍ଷ ପଣ୍ଡିତଙ୍କ ମନ୍ତ୍ର ଉଚ୍ଚାରଣରେ ବିବାହ ମଣ୍ଡପ ପ୍ରକମ୍ପିତ ହେଉଥିଲା। ମଧ୍ୟାହ୍ନରେ ପ୍ରସାଦ ସେବନ ସହ ଗୋଧୂଳି ଲଗ୍ନରେ କନ୍ୟା ବିଦାୟ କାର୍ଯ୍ୟକ୍ରମ ରହିଛି।







## ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ

**ସୁବର୍ଣ୍ଣପୁର ଶୀତଳ ଷଷ୍ଠୀ ଯାତ୍ରା**

**ସୋନପୁର,୨୪।୫(ନି.ପ୍ର.):** ସୁବର୍ଣ୍ଣପୁରରେ ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ଅବସରରେ ବୁଧବାର ରାତି ମାହେନ୍ଦ୍ର ବେଳାରେ ଶିବ ପାର୍ବତୀଙ୍କ ବିବାହ ବୈଦିକ ରୀତିରେ ସମ୍ପନ୍ନ ହୋଇଛି। ସୁବର୍ଣ୍ଣମେରୁ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖରଙ୍କ ଶୁଭ ବିବାହ ମାତା ପାର୍ବତୀଙ୍କ ସହିତ ପ୍ରତିନିଧି ସ୍ୱରୂପେଣ କନ୍ୟା ପିତାଙ୍କ ବାସଗୃହ ହିମାଦ୍ରୀ ନଗର(ବଡବଜାର) ଠାରେ ଅନୁଷ୍ଠିତ ହୋଇଥିଲା। ଆଡମ୍ବର ଭାବେ ଏହି ବିବାହ ଉତ୍ସବ ଆୟୋଜିତ ହୋଇଛି। ଦେବଦମ୍ପତିଙ୍କ ଏହି ଲୌକିକ ଲୀଳା ଦେଖିବା ପାଇଁ ଭକ୍ତଙ୍କ ଭିଡ ଜମିଥିଲା। ମଙ୍ଗଳବାର ଅଳଙ୍କାର ଧାରଣ ପାଇଁ ବର ଘର ପକ୍ଷରୁ କନ୍ୟାପିତା ବଡବଜାର ଅଞ୍ଚଳର ଶ୍ୟାମ ସୁନ୍ଦର ଶର୍ମାଙ୍କ ବାସଗୃହରେ



ପହଞ୍ଚିବା ପରେ ମାତା ପାର୍ବତୀଙ୍କ ଅଳଙ୍କାର ଧାରଣ ଓ ମହିଳାଙ୍କ ଦ୍ୱାରା ମଙ୍ଗଳନ ପର୍ବ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ କନ୍ୟା ଘର ରାୟଗୁରୁପଡସ୍ଥିତ ବର ପିତା ମନୋଜ ମିଶ୍ରଙ୍କ ଘରକୁ ମହାଦେବଙ୍କୁ ବର ଭାବେ ନିମନ୍ତ୍ରଣ ପାଇଁ ଯାଇଥିଲେ। ପାରମ୍ପରିକ ପୂଜାର୍ଚ୍ଚନା ପରେ ଇଷ୍ଟଦେବତା ସୁବର୍ଣ୍ଣମେରୁ ମହାଦେବଙ୍କୁ ବିବାହ ଉତ୍ସବରେ ବାହାରିବା ପାଇଁ ସନ୍ଧ୍ୟାରେ ଥନାପତିପଡାରେ ଥିବା ଚନ୍ଦ୍ରଶେଖର ମନ୍ଦିରକୁ ନିଆଯାଇଥିଲା। ସେଠାରୁ ମହାଦେବ ବାବା ୧୦୮ ଭରି ସୁନାର ଚନ୍ଦ୍ରଶେଖରଙ୍କ ସହ ଅଷ୍ଟ ଶମ୍ଭୁ ଓ ଅଷ୍ଟ ବିଷ୍ଣୁଙ୍କୁ ସାଙ୍ଗରେ ଧରି ବିବାହ ପାଇଁ ରାତିରେ ଶୋଭାଯାତ୍ରାରେ ବାହାରି ଥିଲେ। ଯାତ୍ରାର ଏହା ହିଁ ମୁଖ୍ୟ ଆକର୍ଷଣ ଥିଲା। ଇଷ୍ଟ ଦେବତା ସୁବର୍ଣ୍ଣମେରୁଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ବାବାଙ୍କ ସହିତ ଦେବୀ ପାର୍ବତୀଙ୍କ ବିବାହ ହୋଇଥିଲା। ବଡବଜାରର ରୁକ୍ମଣୀ ଓ ଶ୍ୟାମ ସୁନ୍ଦର ଶର୍ମା କନ୍ୟାଦାନ କରିଥିଲେ। ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ତୁଲାଇ ନିଜକୁ ଧନ୍ୟ ମଣିଛନ୍ତି କନ୍ୟା ଓ ବର ମାତାପିତା। ଏଠାରେ ପାଳିତ ହେଉଥିବା ଅନ୍ୟ ଯାନିଯାତ୍ରା ଭଳି ଲୋକସଂସ୍କୃତି ଓ ଅଧ୍ୟାତ୍ମିକ ପର୍ବ ଶୀତଳ ଷଷ୍ଠୀ ଅନ୍ୟତମ। ରାଜା ରାଜୁଡା ଅମଳରୁ ଏହି ପରମ୍ପରା ଚାଲି ଆସୁଛି।

## ବହଲି, ସିକୁଆଁରେ ଶୀତଳ ଷଷ୍ଠୀ ଯାତ୍ରା

**ଦେଓଗାଁ, ୨୪।୫(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ବହଲି ଓ ଦେଓଗାଁରେ ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଛି। ଦେଓଗାଁ ଯୋଗେଶ୍ୱର ବାବା ମନ୍ଦିରଠାରେ ମଧ୍ୟ ଶୀତଳଷଷ୍ଠୀ ଉତ୍ସବ ଆଡମ୍ବର ସହକାରେ ପାଳିତ ହୋଇଛି। ଏଥିରେ ବରପିତା ଭାବେ ଗୋବର୍ଦ୍ଧନ ଦଲାଇ ଓ ସ୍ୱର୍ଣ୍ଣକାନ୍ତି ଦଲାଇ, କନ୍ୟାପିତା ଭାବେ ଆଜେନ୍ଦ୍ର ସାହୁ ଓ କନକ ମଞ୍ଜରୀ ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ସେପରି ବହଲି ଶୀତଳଷଷ୍ଠୀ ମନ୍ଦିରଠାରେ ଶିବ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାଦେବଙ୍କ କର୍ତ୍ତା ଭାବେ ନିରାକାର ମହାକୁର ଓ କନ୍ୟାପିତା ଭାବେ ବଶିଷ୍ଠ ପଧାନ ଦାୟିତ୍ୱ ତୁଲାଉଛନ୍ତି। ସିକୁଆଁ ସିଦ୍ଧେଶ୍ୱର ବାବା ମନ୍ଦିରରେ କମିଟି ସଭାପତି ଦିଜନ ସାମଲଙ୍କ ନେତୃତ୍ୱରେ ଅନୁଷ୍ଠିତ ଯାତ୍ରାରେ ବର କର୍ତ୍ତାଭାବେ ଶମ୍ଭୁ ସାହୁ ଓ କନ୍ୟାକର୍ତ୍ତା ଭାବେ ବିଜାରୁ ଭୁଏ ଦାୟିତ୍ୱ ତୁଲାଉଛନ୍ତି।












ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ମେ ୨୫/୨୦୨୩ Bhubaneswar, Thursday, May 25/ 2023

# ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଏଲିମିନେଟ୍





ଶଟ୍ ଖେଳିବା ଅବସରରେ କାମେରନ ଗ୍ରୀନ୍। ଉଇକେଟ ନେବା ପରେ ଭିନ୍ନ ଢଙ୍ଗରେ ଖୁସି ମନାଉଛନ୍ତି ନବୀନ-ଉଲ୍-ହକ୍।

**ଚେନ୍ନାଇ, ୨୪।୫**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସକୁ ଏଲିମିନେଟ୍ କରିଛି ୫ ଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ। ବୁଧବାର ଅନୁଷ୍ଠିତ ଏଲିମିନେଟର ମ୍ୟାଚରେ ମୁମ୍ବାଇ ୮୧ ରନରେ ଲକ୍ଷ୍ନୌକୁ ପରାସ୍ତ କରିଛି। କୌଣସି ଖେଳାଳି ଅର୍ଦ୍ଧଶତକ ହାସଲ କରି ନ ଥିଲେ ମଧ୍ୟ ମୁମ୍ବାଇ ୨୦ ଓଭରରେ ୮ ଉଇକେଟ ହରାଇ ୧୮୨ ରନ କରିଥିଲା। ଜବାବରେ ଲକ୍ଷ୍ନୌ ଦଳ ଦାୟିତ୍ୱହୀନ ବ୍ୟାଟିଂ କରି ୧୬.୩ ଓଭରରେ ୧୦୧ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ବିଜେତା ମୁମ୍ବାଇ ଇଣ୍ଡିଆନ୍ସ ଆସନ୍ତା ୨୬ ତାରିଖରେ ଗୁଜରାଟ ଟାଇଟନ୍ସ ବିପକ୍ଷରେ କ୍ୱାଲିଫାୟର-୨ ଖେଳିବ। କ୍ୱାଲିଫାୟର-୧ରେ ଗୁଜରାଟ ପ୍ରତିପକ୍ଷ ଚେନ୍ନାଇ ସୁପର କିଙ୍ଗ୍ସ ନିକଟରୁ ହାରି ଯାଇଥିଲା। କ୍ୱାଲିଫାୟର-୨ର ବିଜେତା ରବିବାର ଫାଇନାଲରେ ଚେନ୍ନାଇ ସୁପର କିଙ୍ଗ୍ସକୁ ଭେଟିବ।

## ମୁମ୍ବାଇ-ଗୁଜରାଟ କ୍ୱାଲିଫାୟର-୨

ଚେନ୍ନାଇର ସ୍ଲୋ ଟ୍ରାକ୍‌କୁ ଲକ୍ଷ୍ୟରେ ରଖି ମୁମ୍ବାଇ ଅଧିନାୟକ ରୋହିତ ଶର୍ମା ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଓପନିଂ ଯୋଡ଼ିରେ ୨୦ ବଲ୍‌ରୁ ୩୦ ରନ ସଂଗ୍ରହ ପରେ ରୋହିତ ବ୍ୟକ୍ତିଗତ ୧୧ ରନକରି ଆଉଟ ହୋଇଥିଲେ। ଏହାର ପରବର୍ତ୍ତୀ ଓଭରରେ ଇଶାନ କିଶନ (୧୫ ରନ) ଆଉଟ ହେବାରୁ ମୁମ୍ବାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ କାମେରନ ଗ୍ରୀନ୍ ଓ ସୂର୍ଯ୍ୟକୁମାର ଯାଦବ ତୃତୀୟ ଉଇକେଟରେ ୩୮ ବଲ୍‌ରୁ ଦ୍ରୁତ ୬୬ ରନ ସଂଗ୍ରହ କରି ଇନିଂସ ସମ୍ଭାଳି ନେଇଥିଲେ। ଲକ୍ଷ୍ନୌ ଦ୍ରୁତ ବୋଲର ନବୀନ-ଉଲ୍-ହକ୍ ଅତ୍ୟନ୍ତ ପ୍ରଭାବୀ ରହିଥିଲେ। ରୋହିତଙ୍କୁ ପ୍ୟାଭିଲିୟନ ପଥ ଦେଖାଇଥିବା ନବୀନ ୧୧ତମ ଓଭରରେ ଦୁଇ ସେଟ୍ ବ୍ୟାଟର ସୂର୍ଯ୍ୟକୁମାର ଓ ଗ୍ରୀନ୍‌ଙ୍କୁ ଆଉଟ କରି ମୁମ୍ବାଇକୁ ଡବଲ୍ ଝଟ୍‌କା ଦେଇଥିଲେ। ସୂର୍ଯ୍ୟକୁମାର ୨୦ ବଲ୍‌ରୁ ୩୩ (୨ ଚୌକା, ୨ ଛକା) ଓ ଗ୍ରୀନ୍ ୨୩ ବଲ୍‌ରୁ ସର୍ବାଧିକ ୪୧ (୬ ଚୌକା, ୧ ଛକା) ରନ ସ୍କୋର କରିଥିଲେ। ଟିମ୍ ଡାଭିଡ ମାତ୍ର ୧୩ ରନରେ ଆଉଟ ହେବାରୁ ମୁମ୍ବାଇ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟଭାବେ ସୂର୍ଯ୍ୟକୁମାର ଯାଦବଙ୍କ ସ୍ଥାନରେ ନେହାଲ ୱାଧେରାଙ୍କୁ ଖେଳାଇଥିଲା। ଅଧିନାୟକଙ୍କୁ ନିରାଶ ନ କରି ୱାଧେରା ୧୨ ବଲ୍‌ରୁ ୨୩ (୨ ଚୌକା, ୨ ଛକା) ରନ କରି ଶେଷ ବଲ୍‌ରେ ଆଉଟ ହୋଇଥିଲେ। ସମ୍ପୂର୍ଣ୍ଣ ସୁସ୍ଥ ନ ଥିଲେ ମଧ୍ୟ ତିଳକ ବର୍ମା ୨୨ ବଲ୍‌ରୁ ୨୬ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଲକ୍ଷ୍ନୌ ବୋଲରଙ୍କ ମଧ୍ୟରେ ନବୀନ-ଉଲ-ହକ୍ ୩ଟି, ୟାଶ୍ ଠାକୁର ୩ଟି ଏବଂ ମହସିନ ଖାଁ ଗୋଟିଏ ଉଇକେଟ ନେଇଥିଲେ।

## ଲଢ଼େଇ କରିପାରିଲାନି ଲକ୍ଷ୍ନୌ

ବିଜୟ ଲକ୍ଷ୍ୟ ସେମିତି ବଡ଼ ନ ଥିଲେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଯେମିତି ଲଢୁଆ ମନୋବୃତ୍ତି ଦେଖାଇବାକଥା ଲକ୍ଷ୍ନୌ କ୍ଷେତ୍ରରେ ତାହା ଦେଖିବାକୁ ମିଳି ନ ଥିଲା। କେବଳ ଜଣେ ବ୍ୟାଟର (ମାର୍କସ ଷ୍ଟୋଇନିସ) ୨୦ରୁ ଊର୍ଦ୍ଧ୍ୱ ରନ କରିବାକୁ ସକ୍ଷମ ହୋଇଥିଲେ। ଏହା ଦଳପାଇଁ ମହଙ୍ଗା ପଡ଼ିଲା। ଏହାଛଡ଼ା ବୁଝାମଣାର ଅଭାବ ଯୋଗୁ ଟପ୍ ସ୍କୋରର ଷ୍ଟୋଇନିସଙ୍କ ସମେତ ୩ ଜଣ ବ୍ୟାଟର ରନ୍‌ଆଉଟ ହୋଇଥିଲେ। ମୁମ୍ବାଇର ଆକାଶ ମାଧୱାଲ ଘାତକ ବୋଲିଂ କରି ୧୦ମ ଓଭରର ୪ର୍ଥ ଓ ୫ମ ବଲ୍‌ରେ ଆୟୁଷ ବଦୋନୀ (୧) ଓ ନିକୋଲସ ପୁରନ (୦)ଙ୍କୁ ଆଉଟ କରି ହ୍ୟାଟ୍ରିକ ସୁଯୋଗ ସୃଷ୍ଟି କରିବାସହ ଲକ୍ଷ୍ନୌକୁ ପରାଜୟ ମୁହଁକୁ ଠେଲି ଦେଇଥିଲେ। ଷ୍ଟୋଇନିସ ସର୍ବାଧିକ ୪୦ (୨୭ ବଲ, ୫ ଚୌକା, ୧ ଛକା) ରନ କରିଥିଲେ। ଚମତ୍କାର ବୋଲିଂ କରିଥିଲେ ଆକାଶ ମାଧୱାଲ। ସେ ନିଜର ୩.୩ ଓଭର ସ୍ପେଲ୍‌ରେ ମାତ୍ର ୫ ରନଦେଇ ୫ ଉଇକେଟ ସଫଳତା ପାଇଥିଲେ। ଆଇପିଏଲ୍ ପ୍ଲେ-ଅଫ୍‌ରେ ଏହାଥିଲା ସବୁଠାରୁ ଶ୍ରେଷ୍ଠ ବୋଲିଂ। କ୍ରିସ୍ ଜୋର୍ଡାନ ଓ ପୀୟୂଷ ଚାୱଲା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୮୨/୮ (କାମେରନ ଗ୍ରୀନ୍-୪୧, ସୂର୍ଯ୍ୟକୁମାର ଯାଦବ-୩୩, ତିଳକ ବର୍ମା-୨୬, ନେହାଲ ୱାଧେରା-୨୩, ନବୀନ ଉଲ୍ ହକ୍-୪/୩୮, ୟାଶ୍ ଠାକୁର-୩/୩୪, ମହସିନ ଖାଁ-୧/୨୪)। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୧୬.୩ ଓଭରରେ ୧୦୧/ଅଲ୍‌ଆଉଟ (ମାର୍କସ ଷ୍ଟୋଇନିସ-୪୦, ଆକାଶ ମାଧୱାଲ-୫/୫, କ୍ରିସ୍ ଜୋର୍ଡାନ-୧/୭, ପୀୟୂଷ ଚାୱଲା-୧/୨୮)।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ